
ଦ୍ୱିତୀୟଥର ପାଇଁ ହିମନ୍ତ ମୁଖ୍ୟମନ୍ତ୍ରୀ
ପୃଷ୍ଠା ୫

# ସଂଚାର
THE SANCHAR

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 34 | ISSUE 51 ଭାଗ ୩୪ | ସଂଖ୍ୟା ୫୧ | Wednesday 13 May 2026 | Page 8 Rs. 5.00 | ଭୁବନେଶ୍ୱର ବୁଧବାର ୧୩ ମେ ୨୦୨୬ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା


### ନିଟ୍ ପରୀକ୍ଷା ପେପର ଲିକ୍: ସୁରକ୍ଷିତ ହେବ ପରୀକ୍ଷାର୍ଥୀଙ୍କ ଭବିଷ୍ୟତ

# ଖୋଳତାଡ଼ କରିବ ସିବିଆଇ



**୭ରୁ ୧୦ ଦିନରେ ହେବ ପୁନଃପରୀକ୍ଷା**

**ପରୀକ୍ଷା ବ୍ୟବସ୍ଥାରେ ସୁଧାର ପାଇଁ ଉଦ୍ୟମ**

**ପୁନଃ ପଞ୍ଜିକରଣର ଆବଶ୍ୟକତା ପଡ଼ିବନି**

**ସରକାରୀ ୱେବ୍‌ସାଇଟ୍‌କୁ ବିଶ୍ୱାସ କରିବାକୁ ଅପିଲ**

ନୂଆଦିଲ୍ଲୀ,୧୨।୫(ସଂଚାର ବ୍ୟୁରୋ): ବାତିଲ ହେଲା ନିଟ (ୟୁଜି) ୨୦୨୬ ପରୀକ୍ଷା। ପେପର ଲିକ୍ ନେଇ ବିବାଦ ପରେ ଏଭଳି ପଦକ୍ଷେପ ନେଇଛି ନ୍ୟାସନାଲ ଟେଷ୍ଟିଂ ଏଜେନ୍ସି (ଏନଟିଏ)। ଏହି ପରୀକ୍ଷା ଗତ ୩ ତାରିଖରେ ଅନୁଷ୍ଠିତ ହୋଇଥିଲା। ଏହାପରେ ଏନଟିଏ ପରୀକ୍ଷା ବାତିଲ କରିବାକୁ ନିଷ୍ପତ୍ତି ନିଆଯାଇଛି। ମଙ୍ଗଳବାର ଜାରି ଏକ ବିବୃତ୍ତିରେ ଏଜେନ୍ସି ପକ୍ଷରୁ କୁହାଯାଇଛି ଯେ ଗତ ୩ରେ ଅନୁଷ୍ଠିତ ହୋଇଥିବା ନିଟ ୟୁଜି ପରୀକ୍ଷାକୁ ଏବେ ପୁନଃନିର୍ଦ୍ଧାରିତ କରାଯିବ। ନୂଆ ପରୀକ୍ଷା ତାରିଖ ଖୁବ୍‌ଶୀଘ୍ର ଘୋଷଣା କରାଯିବ।

ଏନଟିଏ କହିଛି ଯେ ଗତ ୮ରେ ପରୀକ୍ଷା ସମ୍ବନ୍ଧୀୟ ବିଷୟଗୁଡ଼ିକୁ ସ୍ୱାଧୀନ ତଦନ୍ତ ଓ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ପାଇଁ କେନ୍ଦ୍ରୀୟ ଏଜେନ୍ସିଗୁଡ଼ିକୁ ପଠାଯାଇଥିଲା। ପରବର୍ତ୍ତୀ ସମୟରେ କେନ୍ଦ୍ରୀୟ ତଦନ୍ତକାରୀ ଏଜେନ୍ସି ଓ ଆଇନ ପ୍ରବର୍ତ୍ତନ ଏଜେନ୍ସିଗୁଡ଼ିକଠାରୁ ପ୍ରାପ୍ତ ଇନପୁଟ୍ ଓ ତଦନ୍ତ ରିପୋର୍ଟର ସମୀକ୍ଷା କରାଯାଇଥିଲା। ପେପର ଲିକ୍ ସମ୍ପର୍କରେ ସିବିଆଇ ତଦନ୍ତ ପାଇଁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି।

ଏଜେନ୍ସି କହିଛି ଯେ ପରୀକ୍ଷା ବ୍ୟବସ୍ଥାରେ ସ୍ୱଚ୍ଛତା ବଜାୟ ରଖିବା ଓ ଏକ ନିରପେକ୍ଷ ଏବଂ ବିଶ୍ୱସନୀୟ ପରୀକ୍ଷା ସୁନିଶ୍ଚିତ କରିବା ପାଇଁ ଏହି ପଦକ୍ଷେପ ନିଆଯାଇଛି। ଏନଟିଏ ଅନୁଯାୟୀ, ନିଟ ୟୁଜି ୨୦୨୫ ପରୀକ୍ଷା ପାଇଁ ନୂଆ ପରୀକ୍ଷା ତାରିଖ, ପ୍ରବେଶପତ୍ର ପ୍ରକାଶନ ସୂଚୀ ଓ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ସୂଚନା ଏଜେନ୍ସିର ସରକାରୀ ୱେବସାଇଟ୍ ଏବଂ ଅନ୍ୟାନ୍ୟ ସରକାରୀ ଚ୍ୟାନେଲ୍‌ରେ ଖୁବ୍‌ଶୀଘ୍ର ପ୍ରକାଶ କରାଯିବ। କେବଳ ସରକାରୀ ସୂଚନା ଉପରେ ➩ପୃଷ୍ଠା-୬

## ନାସିକରୁ ଜଣେ ଗିରଫ



**ଲୁକ୍ ବଦଳାଇଥିଲା ଅଭିଯୁକ୍ତ**

ନିଟ ୟୁଜି ପେପର ଲିକ୍ ମାମଲାରେ ଜଣେ ଅଭିଯୁକ୍ତକୁ ପୁଲିସ ଗିରଫ କରିଛି। ରାଜସ୍ଥାନ ପୁଲିସ ନାସିକରୁ ଅଭିଯୁକ୍ତକୁ ଗିରଫ କରିଥିବା ଜଣାପଡ଼ିଛି। ନାସିକର ଡିସିପି କିରଣ କୁମାର ଚୌହାନ ଏନେଇ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ଆଜି ସକାଳେ ରାଜସ୍ଥାନ ପୁଲିସ ସହଯୋଗ ପାଇଁ ତାଙ୍କୁ ଫୋନ କରିଥିଲା। ରାଜସ୍ଥାନ ପୁଲିସ ନିକଟରୁ ସୂଚନା ପାଇବା ପରେ ନାସିକ କ୍ରାଇମବ୍ରାଞ୍ଚ ଅଭିଯୁକ୍ତକୁ ଧରିଛି। ଡିସିପି କିରଣ କୁମାର ଚୌହାନ ଏନେଇ କହିଛନ୍ତି ଯେ ଧରାପଡ଼ିଥିବା ଅଭିଯୁକ୍ତ ଶୁଭମ ଖୈରନାର ନିଟ୍ ପ୍ରଶ୍ନପତ୍ର ଲିକ୍ ମାମଲା ସହ ଜଡ଼ିତ। ପରିଚୟ ଲୁଚାଇବା ସକାଶେ ଶୁଭମ ନିଜର ଲୁକ୍ ପରିବର୍ତ୍ତନ କରିଥିଲା। ହେୟାର ଷ୍ଟାଇଲ୍‌ଠାରୁ ଆରମ୍ଭ କରି ସେ ନିଜର ବେଶଭୁଷା ଆଦି ବଦଳାଇ ଦେଇଥିଲା। ପୁଲିସକୁ ଚକ୍‌ମା ଦେବାକୁ ସବୁ ଯୋଜନା କରିଥିଲା ଅଭିଯୁକ୍ତ ଶୁଭମ୍। କିନ୍ତୁ ପୁଲିସ ପ୍ରଯୁକ୍ତିବିଦ୍ୟାର ଉପଯୋଗ କ୍ରମେ ତାକୁ ଗିରଫ କରିବାରେ ସକ୍ଷମ ହୋଇଛି। ରାଜସ୍ଥାନ ପୁଲିସ ନାସିକରେ ପହଞ୍ଚିବା ପରେ ଅଭିଯୁକ୍ତକୁ ହସ୍ତାନ୍ତର କରାଯିବ। ଗିରଫ ଅଭିଯୁକ୍ତ ମଧ୍ୟପ୍ରଦେଶ ରାଜଧାନୀ ଭୋପାଳରେ ପଢୁଥିଲା ବୋଲି ଜଣାପଡ଼ିଛି।

## ୧୮ରେ ଓଡ଼ିଶା ଆସିବେ ନୀତିନ ନବୀନ



**ପ୍ରଶିକ୍ଷଣ ଶିବିରରେ ଯୋଗଦେବେ**


ଭୁବନେଶ୍ୱର,୧୨।୫(ସଂଚାର ବ୍ୟୁରୋ): ଆସନ୍ତା ୧୮ ତାରିଖରେ ଓଡ଼ିଶା ଆସିବେ ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ନୀତିନ ନବୀନ। ସେ ବିଜେପି ଭୁବନେଶ୍ୱର ସାଙ୍ଗଠନିକ ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ ଶିବିରରେ ଯୋଗଦେବେ। ଜଟଣୀରେ ଆୟୋଜିତ ହେବାକୁ ଥିବା ଏହି ଦୁଇଦିନିଆ ପ୍ରଶିକ୍ଷଣ ଶିବିରରେ ନବୀନ ଉଦ୍‌ଘାଟନୀ ସହ ନିଜର ଅଭିଭାଷଣ ରଖିବେ। ଏଥିସହ ଉକ୍ତଦିନ ଅପରାହ୍ନରେ ରାଜ୍ୟ ବିଜେପି କାର୍ଯ୍ୟାଳୟରେ ଅନୁଷ୍ଠିତ ହେବାକୁ ଥିବା କୋର କମିଟି ବୈଠକରେ ବି ସେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି।

ଏଥିସହ ସେ ରାଜ୍ୟ କ୍ୟାବିନେଟ୍‌ର ବିଭିନ୍ନ ମନ୍ତ୍ରୀଙ୍କ ସହ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିବେ। ସରକାର ଓ ସଂଗଠନ ମଧ୍ୟରେ ସମନ୍ୱୟ ରକ୍ଷା ପାଇଁ ଏଥିରେ ବ୍ଲୁ-ପ୍ରିଣ୍ଟ ପ୍ରସ୍ତୁତ ହୋଇପାରେ। ଦଳର ରାଷ୍ଟ୍ରୀୟ ଅଧ୍ୟକ୍ଷ ହେବା ପରେ ଏହା ନବୀନଙ୍କ ପ୍ରଥମ ଓଡ଼ିଶା ଗସ୍ତ। ସେ ୧୮ ତାରିଖ ସକାଳ ୯ଟାରେ ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚିବେ। ସେଠାରେ ରାଜ୍ୟ ବିଜେପି ତୁଙ୍ଗ ନେତୃତ୍ୱ ଓ ହଜାର ହଜାର କର୍ମୀ ତାଙ୍କୁ ସ୍ୱାଗତ କରିବେ। ବିମାନବନ୍ଦରରୁ ନବୀନ ସିଧାସଳଖ ବିଶାଳ ଶୋଭାଯାତ୍ରାରେ ଜଟଣୀ ପର୍ଯ୍ୟନ୍ତ ଯିବେ ବୋଲି ଦଳୀୟ ସୂତ୍ରରୁ କୁହାଯାଇଛି।

ଏହି ଅବସରରେ ବିଜେପି ର୍‍ୟାଲି ଜରିଆରେ ନିଜର ଶକ୍ତି ପ୍ରଦର୍ଶନ କରିବା ଯୋଜନା ରଖିଛି। ଜଟଣୀରେ ଆୟୋଜିତ ହେବାକୁ ଥିବା ପ୍ରଶିକ୍ଷଣ ଶିବିରରେ ଅପରାହ୍ନ ୨ଟା ପର୍ଯ୍ୟନ୍ତ ରହି ସେ କର୍ମୀମାନଙ୍କୁ ସମ୍ବୋଧିତ କରିବେ। ସାଙ୍ଗଠନିକ ମାର୍ଗଦର୍ଶନ ପ୍ରଦାନ କରିବାକୁ ଥିବା ନବୀନଙ୍କ ଓଡ଼ିଶା ଗସ୍ତ ନେଇ ବିଜେପି ରାଜ୍ୟ କାର୍ଯ୍ୟାଳୟରେ ଭୁବନେଶ୍ୱର ସାଙ୍ଗଠନିକ ଜିଲ୍ଲା ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଛି।

### ଚାଷୀଙ୍କ ପାଇଁ ସୁଖବର

## ଚଳିତ ସପ୍ତାହ ଶେଷସୁଦ୍ଧା ଆଣ୍ଡାମାନ ଛୁଇଁବ ମୌସୁମୀ




ନୂଆଦିଲ୍ଲୀ,୧୨।୫:ଚାଷୀଙ୍କ ପାଇଁ ଏକ ବଡ଼ ସୁଖବର। ଚଳିତ ବର୍ଷ ସାଧାରଣ ସମୟସୀମା ଆଗରୁ ଦେଶରେ ବର୍ଷାଋତୁ ଆରମ୍ଭ ହେବାର ଯଥେଷ୍ଟ ସମ୍ଭାବନା ରହିଛି। ଖଗୋଳୀୟ ସ୍ଥିତି କ୍ରମଶଃ ଅନୁକୂଳ ହେଉଥିବାରୁ ସପ୍ତାହ ଶେଷ ସୁଦ୍ଧା ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଆଣ୍ଡାମାନ ସାଗର ତଥା ଏହାର ସମୀପବର୍ତ୍ତୀ ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜ ଆଡ଼କୁ ଅଗ୍ରସର ହେବାର ସମ୍ଭାବନା ରହିଛି ବୋଲି ଭାରତୀୟ ପାଣିପାଗ ବିଭାଗ (ଆଇଏମଡି) ସୂଚନା ଦେଇଛି। ମଙ୍ଗଳବାର ଦୈନିକ ପାଣିପାଗ ବୁଲେଟିନ୍ ଜାରି କରି ଆଇଏମଡି ପକ୍ଷରୁ କୁହାଯାଇଛି ଯେ ଚଳିତ ସପ୍ତାହ ଶେଷ ଆଡ଼କୁ ମୌସୁମୀ ବାୟୁ ଦକ୍ଷିଣ ବଙ୍ଗୋପସାଗର ଦେଇ ପ୍ରବାହିତ ହେବା ସହ ଆଣ୍ଡାମାନ ସାଗର ଓ ଏହା ସମୀପବର୍ତ୍ତୀ ଭୂଖଣ୍ଡ ଆଡ଼କୁ ଗତି କରିବ। ଯଦି ଆଇଏମ୍‌ଡି ପୂର୍ବାନୁମାନ ସଠିକ୍ ସାବ୍ୟସ୍ତ ହୁଏ, ତା’ହେଲେ ସାଧାରଣ ସମୟ ସୀମାଠାରୁ ୫/୬ ଦିନ ଆଗରୁ ମୌସୁମୀ ଦକ୍ଷିଣ ଆଣ୍ଡାମାନ ସାଗର ଉପ ଦେଇ ଗତି କରିବ। ପୂର୍ବବର୍ଷ ଏହା ମେ’ ୧୩ ତାରିଖରେ ପହଞ୍ଚିଥିଲା। ପାଣିପାଗ ବିଜ୍ଞାନର ତଥ୍ୟ ଅନୁଯାୟୀ, ସାଧାରଣତଃ ମେ’ ୨୨ ତାରିଖ ସୁଦ୍ଧା ମୌସୁମୀ ଆଣ୍ଡାମାନ ସାଗର ଅଞ୍ଚଳରେ ପ୍ରବେଶ କରିଥାଏ। ଆଣ୍ଡାମାନରେ ମୌସୁମୀର ପ୍ରବେଶ କରିବାକୁ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁର ଭାରତ ଆଗମନର ସୂଚକ ଭାବରେ ବିବେଚନା କରାଯାଇଥାଏ। ଜୁନ୍ ୧ ତାରିଖରେ ମୌସୁମୀ ବାୟୁ କେରଳକୁ ଛୁଇଁବା ପରେ ଦେଶରେ ଚତୁର୍ମାସ୍ୟା ଋତୁ ଆରମ୍ଭ ହୋଇଥାଏ। ତେବେ ପାଣିପାଗ ବିଶେଷଜ୍ଞମାନେ ବାରମ୍ବାର ଏକଥା ଉପରେ ଜୋର ଦେଇଛନ୍ତି ଯେ ଆଣ୍ଡାମାନ ସାଗର ଅଞ୍ଚଳରେ ମୌସୁମୀର ଶୀଘ୍ର ପ୍ରବେଶ କରିବା ଅର୍ଥ ଏୟା ନୁହେଁ ଯେ ସବୁବେଳେ ଭାରତରେ ଶୀଘ୍ର ବର୍ଷାଋତୁ ଆରମ୍ଭ ହେବ କିମ୍ବା ସ୍ୱାଭାବିକତାଠାରୁ ଅଧିକ ବର୍ଷା ହେବ। ଭାରତୀୟ ପାଣିପାଗ ବିଭାଗ ସୋମବାର ତା’ର ରିପୋର୍ଟରେ କହିଥିଲା ଯେ ବଙ୍ଗୋପସାଗର ଉପରେ ଏକ ନିମ୍ନ-ଚାପ ଅଞ୍ଚଳ ସୃଷ୍ଟି ହୋଇଛି। ବଙ୍ଗୋପସାଗର ଉପରେ ଯଦି ଏପରି ସ୍ଥିତି ଲାଗି ରହେ, ତା’ହେଲେ ପରବର୍ତ୍ତୀ ୪୮ ଘଣ୍ଟା ମଧ୍ୟରେ ଏହା ଘନୀଭୂତ ହୋଇପାରେ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଥିଲା।

### ସିଆଇଆଇର ବାର୍ଷିକ ବ୍ୟବସାୟ ସମ୍ମିଳନୀରେ କେନ୍ଦ୍ରମନ୍ତ୍ରୀ

## ସଭ୍ୟତାକୁ ବୁଝିବା ପାଇଁ ଭାରତ ସର୍ବୋତ୍କୃଷ୍ଟ ଉଦାହରଣ

**‘ଶିକ୍ଷା, ଦକ୍ଷତା ବିକାଶ ଏବଂ ଭବିଷ୍ୟତ ପାଇଁ ପ୍ରସ୍ତୁତ ପ୍ରତିଭା’ ଅଧିବେଶନକୁ ସମ୍ବୋଧନ**



ନୂଆଦିଲ୍ଲୀ,୧୨।୫: ମଣିଷ ସମାଜ ଓ ସଂସ୍କୃତିକୁ ଜାଣିବା ପାଇଁ ଭାରତ ହେଉଛି ସବୁଠାରୁ ବଡ଼ ଉଦାହରଣ ବୋଲି ଆଜି ନୂଆଦିଲ୍ଲୀରେ ଭାରତୀୟ ସାମାଜିକ ବିଜ୍ଞାନ ଗବେଷଣା ପରିଷଦ (ଆଇସିଏସଏସଆର)ର ୫୮ତମ ପ୍ରତିଷ୍ଠା ଦିବସ ଓ ସିଆଇଆଇର ବାର୍ଷିକ ବ୍ୟବସାୟ ସମ୍ମିଳନୀ -୨୦୨୬ରେ ଯୋଗଦେଇ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଭାରତୀୟ ସାମାଜିକ ବିଜ୍ଞାନ ଗବେଷଣା ପରିଷଦର ୫୮ତମ ପ୍ରତିଷ୍ଠା ଦିବସ ଅବସରରେ ‘ସାମାଜିକ ବିଜ୍ଞାନ ଗବେଷଣାର ବି-ଉପନିବେଶୀକରଣ: ଭାରତର ବୌଦ୍ଧିକ ଐତିହ୍ୟର ପୁନରୁଦ୍ଧାର’ ବିଷୟବସ୍ତୁ ଉପରେ ଆଲୋକପାତ କରି ଶ୍ରୀ ପ୍ରଧାନ କହିଛନ୍ତି ଯେ ଭାରତ ମାନବ ସଭ୍ୟତାକୁ ବୁଝିବା ପାଇଁ ଏକ ଜୀବନ୍ତ ଗବେଷଣାଗାର। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଦେଶ ଆଜି ଟି.ବି ମାକାଉଲେ ଚିନ୍ତାଧାରାରୁ ମୁକ୍ତ ହୋଇ ନିଜର ସାଂସ୍କୃତିକ ଚେତନା ଓ ବୌଦ୍ଧିକ ପରମ୍ପରାକୁ ବିଶ୍ୱ ଦରବାରରେ ସ୍ଥାପିତ କରୁଛି। ତେବେ ଆମକୁ ସୋମନାଥ ମନ୍ଦିରର ପୁନର୍ନିର୍ମାଣ ପରି ଭାରତର ଆତ୍ମଗୌରବ ଓ ଜାତୀୟ ଚେତନାକୁ ସାମାଜିକ ବିଜ୍ଞାନର ନୂଆ ପରିଭାଷାରେ ଯୋଡ଼ିବାକୁ ହେବ। ‘ବିକଶିତ ଭାରତ ୨୦୪୭’ ପାଇଁ ଭାରତୀୟ ଜ୍ଞାନ ପରମ୍ପରାକୁ ଆଧୁନିକ ପ୍ରସଙ୍ଗରେ ଉପସ୍ଥାପନ କରିବା ଜରୁରୀ ବୋଲି ସେ ମତ ପ୍ରକାଶ କରିଛନ୍ତି।

ସେହିପରି ସିଆଇଆଇ ବାର୍ଷିକ ବ୍ୟବସାୟ ଶିଖର ସମ୍ମିଳନୀରେ ‘ଶିକ୍ଷା, ଦକ୍ଷତା ବିକାଶ ଏବଂ ଭବିଷ୍ୟତ ପାଇଁ ପ୍ରସ୍ତୁତ ପ୍ରତିଭା’ ଅଧିବେଶନକୁ ସମ୍ବୋଧିତ କରି ଶ୍ରୀ ପ୍ରଧାନ ଶିକ୍ଷା କ୍ଷେତ୍ରରେ ହେଉଥିବା ବୈପ୍ଳବିକ ପରିବର୍ତ୍ତନ ବିଷୟରେ ଆଲୋଚନା କରିଥିଲେ। ସେ କହିଥିଲେ ଯେ ଷଷ୍ଠ ଶ୍ରେଣୀରୁ ଦକ୍ଷତାଭିତ୍ତିକ ଶିକ୍ଷା ଓ କ୍ରେଡିଟ୍-ଆଧାରିତ ଏକାଡେମିକ ବ୍ୟବସ୍ଥା ଛାତ୍ରଛାତ୍ରୀଙ୍କୁ ବୈଶ୍ୱିକ ପ୍ରତିଯୋଗିତା ପାଇଁ ପ୍ରସ୍ତୁତ ➩ପୃଷ୍ଠା-୬

## ବଜ୍ରପାତରେ ୪ ଛାତ୍ର ମୃତ

ତ୍ରିଭେନ୍ଦ୍ରମ୍,୧୨।୫:ମଙ୍ଗଳବାର କେରଳର ମାଲାପ୍ପୁରମ୍ ଜିଲ୍ଲାର ମଙ୍କଡ଼ାଠାରେ ବଜ୍ରପାତ ଘଟି ୪ ଜଣ ଛାତ୍ରଙ୍କ ମୃତ୍ୟୁ ଘଟିଛି। ସେମାନେ ହେଉଛନ୍ତି ରହିସ (୨୦), ବାହାସ୍ (୧୮), ସିଆଦ (୧୮) ଓ ଫହାଦ୍। ଅନ୍ୟ ତିନି ଜଣ ଆହତ ହୋଇଥିବା ବେଳେ ସେମାନଙ୍କୁ ମାନ୍‌ଜେରୀ ମେଡିକାଲ କଲେଜ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ୭ ଜଣ ଛାତ୍ର ବୁଲିବା ପାଇଁ ପାହାଡ଼ ଉପରକୁ ବୁଲିବା ପାଇଁ ଯାଇଥିବା ବେଳେ ହଠାତ୍ ବଜ୍ରପାତ ହେବାରୁ ଏଭଳି ଅଘଟଣ ଘଟିଛି। ତେବେ ଅଞ୍ଚଳଟି ପାହାଡ଼ିଆ ହୋଇଥିବାରୁ ଉଦ୍ଧାର କାର୍ଯ୍ୟରେ ଏହା ସମସ୍ୟା ସୃଷ୍ଟି କରିଥିବା କାର୍ଯ୍ୟ ବିଳମ୍ବିତ ହୋଇଥିବା ଜଣାପଡ଼ିଛି।

## ୬୦ ଦିନ ଯାଏଁ ଅଛି ତୈଳ: ମନ୍ତ୍ରୀ

ନୂଆଦିଲ୍ଲୀ, ୧୨।୫:ଭାରତରେ ପ୍ରଚୁର ପରିମାଣରେ ଅବିଶୋଧିତ ତୈଳ, ଏଲଏନଜି ଓ ଏଲପିଜି ମହଜୁଦ ହୋଇ ରହିଛି। ତେଣୁ ହର୍ମୁଜରେ ସୃଷ୍ଟି ହୋଇଥିବା ତୈଳ ସଂକଟର ପ୍ରଭାବ ଭାରତ ଉପରେ ପଡ଼ିବ ନାହିଁ ବୋଲି କେନ୍ଦ୍ର ପେଟ୍ରୋଲିଅମ୍ ଓ ପ୍ରାକୃତିକ ଗ୍ୟାସ ମନ୍ତ୍ରୀ ହରଦୀପ୍ ସିଂହ ପୁରୀ ମଙ୍ଗଳବାର କହିଛନ୍ତି। ନୂଆଦିଲ୍ଲୀରେ ଆୟୋଜିତ ସିଆଇଆଇ ବିଜନେସ ଶିଖର ସମ୍ମିଳନୀରେ ଯୋଗଦେଇ ପୁରୀ କହିଛନ୍ତି ଯେ, ଭାରତରେ ଅତିକମରେ ଦୁଇମାସ ପାଇଁ ଅବିଶୋଧିତ ତୈଳ ଗଚ୍ଛିତ ଅଛି। ଏଥିସହ ୬୦ ଦିନ ପାଇଁ ଏଲଏନଜି ଏବଂ ୪୫ ଦିନ ପର୍ଯ୍ୟନ୍ତ ଏଲପିଜି ରହିଛି। ତେଣୁ ଏହାକୁ ନେଇ କେହି ଆତଙ୍କିତ ହୁଅନ୍ତୁ ନାହିଁ ବୋଲି ସେ ଅନୁରୋଧ କରିଛନ୍ତି। ବୃଦ୍ଧି ପାଉଥିବା ଭୂ-ରାଜନୈତିକ ଚାପ ଏବଂ ବିଶ୍ୱ ବଜାରରେ ଅସ୍ଥିରତା ସତ୍ତ୍ୱେ ଗତ ଚାରି ବର୍ଷ ଧରି ଭାରତରେ ଖୁଚୁରା ଇନ୍ଧନ ମୂଲ୍ୟ ଅପରିବର୍ତ୍ତିତ ରହିଛି ଓ ଏହା ଆଗରୁ ଜାରି ରହିବ ବୋଲି ସେ ସ୍ପଷ୍ଟ ଭାବେ କହିଛନ୍ତି।

## ମହିଳାଙ୍କୁ ସ୍ୱାବଲମ୍ବୀ କରୁଛି ‘ଆମ ସୁବାହକ’



**ମହିଳା ସୁବାହକ ଭାନୁପ୍ରିୟା ବେହେରାଙ୍କୁ କାର୍ ଚାବି ହସ୍ତାନ୍ତର**

**୨୦୧୯ରେ ଛତିଆସ୍ଥିତ ଆଇଡିଟିଆର୍‌ରୁ ପ୍ରଶିକ୍ଷଣ ନେଇଥିଲେ**

ଭୁବନେଶ୍ୱର,୧୨।୫(ସଂଚାର ବ୍ୟୁରୋ): ଓଡ଼ିଶାର ମହିଳାଙ୍କୁ ଆର୍ଥିକ ଭାବେ ସ୍ୱାବଲମ୍ବୀ କରିବା ସହ ପରିବହନ କ୍ଷେତ୍ରରେ ସେମାନଙ୍କ ଅଂଶଗ୍ରହଣ ବୃଦ୍ଧି କରିବା ପାଇଁ ରାଜ୍ୟ ସରକାରଙ୍କ ପ୍ରମୁଖ କାର୍ଯ୍ୟକ୍ରମ ‘ଆତ୍ମନିର୍ଭର ମହିଳା ସୁବାହକ’ (ଆମ ସୁବାହକ) ଯୋଜନା ଏକ ମାଇଲଖୁଣ୍ଟ ସାବ୍ୟସ୍ତ ହୋଇଛି। ଆଜି ଖାରବେଳ ଭବନରେ ଆୟୋଜିତ କାର୍ଯ୍ୟକ୍ରମରେ ଆଉ ଜଣେ ହିତାଧିକାରୀ ଭାନୁପ୍ରିୟା ବେହେରାଙ୍କୁ ନୂତନ ଗାଡ଼ିର ଚାବି ହସ୍ତାନ୍ତର କରାଯାଇଛି। ଭାନୁପ୍ରିୟା ୨୦୧୯ରେ ଛତିଆସ୍ଥିତ ‘ଯାନ ଚାଳନା ପ୍ରଶିକ୍ଷଣ ଓ ଗବେଷଣା ପ୍ରତିଷ୍ଠାନ’(ଆଇଡିଟିଆର୍)ରୁ ପ୍ରଶିକ୍ଷଣ ଗ୍ରହଣ କରିଥିଲେ। ତାଙ୍କୁ ମିଶାଇ ସମୁଦାୟ ୭ ଜଣ ମହିଳା ଗାଡ଼ି ଚାଳକ ଏହି ଯୋଜନାରେ ସାମିଲ ହୋଇ କାର୍ ମାଲିକ ହୋଇପାରିଛନ୍ତି।

ମହିଳା ଚାଳକଙ୍କ ରୋଜଗାର ବୃଦ୍ଧି କରିବା ଉଦ୍ଦେଶ୍ୟରେ ଏହି ଯୋଜନାରେ ବ୍ୟାଙ୍କ ସହ ସମନ୍ୱୟ ରଖି ସେମାନଙ୍କୁ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସୁଧମୁକ୍ତ ଋଣ ପ୍ରଦାନ କରାଯାଉଛି। ଏଥିରେ ଗାଡ଼ିର ଏକ୍ସ-ଶୋ’ରୁମ୍ ମୂଲ୍ୟର ୧୦ ➩ପୃଷ୍ଠା-୬

### ନୟାଗଡ଼ ହତ୍ୟା ଘଟଣାରେ ସାଂଘାତିକ ସତ

## ପଥର ଚାଲାଣ, ଦାଦାବଟି ପାଇଁ ହାଣିଲେ



**୪ ଅଭିଯୁକ୍ତଙ୍କ କୋର୍ଟ ଚାଲାଣ, ଅନ୍ୟମାନଙ୍କୁ ଖୋଜୁଛି ପୁଲିସ**

ଭୁବନେଶ୍ୱର,୧୨।୫(ସଂଚାର ବ୍ୟୁରୋ): ଗତ ୧୦ ତାରିଖ ରାତି ପ୍ରାୟ ସାଢ଼େ ଗୋଟାଏରେ ନୟାଗଡ ଜିଲ୍ଲା ଓଡ଼ଗାଁ ଥାନା ଅନ୍ତର୍ଗତ କଦଳିବନ୍ଧଠାରେ ହୋଇଥିବା ଜଘନ୍ୟ ହତ୍ୟା ଘଟଣାରେ ପୁଲିସ ସାଂଘାତିକ ତଥ୍ୟ ପ୍ରଦାନ କରିଛି। ବେଆଇନ ଭାବେ ନୟାଗଡ଼ ଜିଲ୍ଲାରୁ ହେଉଥିବା ଲାଟେରାଇଟ ପଥର ଚାଲାଣ ଓ ଦାଦାବଟି ଆଦାୟକୁ ନେଇ ଏହି ହତ୍ୟା ସଂଘଟିତ ହୋଇଥିବା ଆଜି କେନ୍ଦ୍ରାଞ୍ଚଳ ଆଇଜି ସତ୍ୟଜିତ ନାୟକ ଓ ନୟାଗଡ ଏସପି ଏସ. ସୁଶ୍ରୀ ସୂଚନା ଦେଇଛନ୍ତି। ଘଟଣା ଦିନ ରାତି ପ୍ରାୟ ସାଢ଼େ ୧୨ଟାରେ ଅଜିତ ସାହୁ ତାଙ୍କ ବନ୍ଧୁ ସନ୍ତୋଷ କୁମାର ପ୍ରଧାନଙ୍କ କାରରେ ବେଆଇନ ଭାବେ ଚାଲାଣ ହେଉଥିବା ଦୁଇଟି ଲାଟେରାଇଟ ପଥର ଭର୍ତ୍ତି ୪୦୭-ଟ୍ରକକୁ ଦାଦାବଟି ଆଦାୟ ପାଇଁ ପିଛା କରି କଦଳିବନ୍ଧଠାରେ ଅଟକାଇଥିଲେ। ➩ପୃଷ୍ଠା-୬

# ଭିକେଙ୍କ କଡ଼ଲେଉଟାଣି, ନବୀନ ନିବାସ ଚଳଚଞ୍ଚଳ



ଭୁବନେଶ୍ୱର,୧୨।୫(ସଂଚାର ବ୍ୟୁରୋ): ବିଜେଡିର ଏକଦା ସକ୍ରିୟ କର୍ମୀ ଥିବା ଭିକେ ପାଣ୍ଡିଆନ ନିକଟରେ ଓଡ଼ିଶା ଫେରିବା ପରେ ନବୀନ ନିବାସ ଚଳଚଞ୍ଚଳ ହୋଇଉଠିଛି। ଦଳରେ ଭବିଷ୍ୟତକୁ ନେଇ ସନ୍ଦିହାନ ହୋଇପଡ଼ିଥିବା କର୍ମୀମାନେ ସକ୍ରିୟ ହୋଇଉଠିବା ସହ ପୁଣିଥରେ ବିଜେଡିରେ ସେମାନଙ୍କ ଭବିଷ୍ୟତ ଦେଖିବା ଆରମ୍ଭ କରିଛନ୍ତି।

ପାଣ୍ଡିଆନ ଓଡ଼ିଶା ବାହାରେ ଥିବା ବେଳେ ବିଜେଡି ରାଜନୀତିରେ ଅନେକ କିଛି ବଦଳିଯାଇଛି। ରାଜ୍ୟସଭା ନିର୍ବାଚନରେ କ୍ରସ ଭୋଟିଂଠାରୁ ଆରମ୍ଭ କରି କିଛି ନେତା ଦଳ ଛାଡ଼ିଛନ୍ତି। ରାଜ୍ୟରେ ବିଜୁ ଲିଗାସୀ ସକ୍ରିୟ ହେବା ସହ ବିଜେଡି ଉପରେ ହମ୍‌ଲା ବି କରିଛନ୍ତି। ଏପରିକି ପାଣ୍ଡିଆନଙ୍କ ନାଁ ନେଇ କିଛି ବିଜେଡି ନେତା ମଧ୍ୟ ରାଜନୀତି ଆରମ୍ଭ କରିଦେଇଛନ୍ତି।

ତେବେ ପାଣ୍ଡିଆନ ଓଡ଼ିଶା ଫେରିବା ପରେ ବିଜେଡି ରାଜନୀତି ପୁଣିଥରେ ଚଳଚଞ୍ଚଳ ହୋଇଛି। ବିଶେଷକରି ନବୀନ ନିବାସ ବିଜେଡି ପୁଣିଥରେ ସକ୍ରିୟ ହୋଇ ଉଠିଛି। ଦଳର ଆଗଧାଡ଼ିର ନେତାମାନେ ପାଣ୍ଡିଆନଙ୍କୁ ଭେଟିବା ପାଇଁ ନବୀନ ନିବାସମୁହାଁ ହୋଇଥିବା ବେଳେ ଯେଉଁମାନେ ଦଳରେ ଆଉ ସେମାନଙ୍କ ଭବିଷ୍ୟତ ନାହିଁ ବୋଲି କହି ବୁଲୁଥିଲେ, ସେମାନେ ମଧ୍ୟ ଆଶାବାଦୀ ହୋଇପଡ଼ିଥିବା ଲକ୍ଷ୍ୟ କରାଯାଇଛି। ବିଶେଷକରି ଛାତ୍ର ଓ ଯୁବ ବିଜେଡି ପୁଣି ଥରେ ମାର୍ଗଦର୍ଶନ ଆଶାରେ ଆକ୍ଟିଭ ହୋଇଯାଇଛନ୍ତି।

ଉଲ୍ଲେଖନୀୟ ଯେ ବିଜେଡି ଶାସନ କ୍ଷମତାରେ ଥିବା

**ଉତ୍ସାହିତ ହୋଇଛନ୍ତି ଯୁବ ବିଜେଡି ନେତା**

**ପଞ୍ଚାୟତ ଲଢ଼େଇ ପାଇଁ ବଳ ମିଳିବା ଚର୍ଚ୍ଚା**

ବେଳେ ଭିକେ ପାଣ୍ଡିଆନ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୫-ଟି ସଚିବ ଭାବେ କାର୍ଯ୍ୟ କରୁଥିବା ବେଳେ ପ୍ରଶାସନ ଉପରେ ତାଙ୍କର ନିୟନ୍ତ୍ରଣ ରହିଥିଲା। ପରବର୍ତ୍ତୀ ସମୟରେ ଆଇଏଏସ୍ ଚାକିରିରୁ ଇସ୍ତଫା ଦେଇ ପାଣ୍ଡିଆନ ବିଜେଡିରେ ଯୋଗଦେବା ସହ ୨୦୨୪ ନିର୍ବାଚନରେ ମାରାଥନ୍ ପ୍ରଚାର କରିଥିଲେ। ତେବେ ୨୦୨୪ ନିର୍ବାଚନରେ ବିଜେଡି ପରାସ୍ତ ହେବା ପରେ ଅନେକ ପରାଜିତ ବିଜେଡି ନେତା ନିଜ ଅପରାଗତା ଘୋଡ଼ାଇବାକୁ ପାଣ୍ଡିଆନଙ୍କ ମୁଣ୍ଡରେ ଦୋଷ ଲଦିଥିଲେ। ଯେଉଁଥିପାଇଁ ପାଣ୍ଡିଆନ ବିଜେଡିରୁ ଇସ୍ତଫା ଦେବା ସହ ସକ୍ରିୟ ରାଜନୀତିରୁ ଦୂରେଇ ଯାଇଥିଲେ। କେବଳ ନବୀନ ପଟ୍ଟନାୟକଙ୍କ ସହିତ ବ୍ୟକ୍ତିଗତ ସମ୍ପର୍କ ଯୋଗୁଁ ନବୀନ ନିବାସ ଯା’ଆସ କରୁଥିଲେ। ତେବେ କିଛିଦିନ ହେଲା ଭିକେ ପାଣ୍ଡିଆନ ଓଡ଼ିଶା ବାହାରେ ରହୁଥିବା ବେଳେ ରାଜ୍ୟ ରାଜନୀତିରୁ ଏକପ୍ରକାର ଦୂରେଇ ରହିଥିଲେ। କିନ୍ତୁ ହଠାତ୍ ପାଣ୍ଡିଆନଙ୍କର ଓଡ଼ିଶା ଫେରିବାର ଖବର ପ୍ରଚାରିତ ହେବା ପରେ ନବୀନ ନିବାସ ସହ ବିଜେଡି ନେତାମାନେ ସକ୍ରିୟ ହୋଇ ଉଠିଛନ୍ତି। ସେମାନେ ପାଣ୍ଡିଆନଙ୍କର ଅଭିଜ୍ଞତାରୁ ଫାଇଦା ଉଠାଇ କେତେ ଦଳକୁ କିଭଳି ଆଗକୁ ନେଉଛନ୍ତି ଏବଂ ନବୀନ ନିବାସରେ ପାଣ୍ଡିଆନଙ୍କ ଉପସ୍ଥିତି କି ବାର୍ତ୍ତା ଦେବ, ତାହା ଉପରେ ଏବେ ସମସ୍ତଙ୍କ ନଜର।

## ଗୋରୁ ଗାଡ଼ି ଜବତ, ୩ ଗିରଫ

ପଟ୍ଟାମୁଣ୍ଡାଇ,୧୨।୫ (ସଂଚାର ବ୍ୟୁରୋ): କେନ୍ଦ୍ରାପଡ଼ା ଏସ ପି ସିଦ୍ଧାର୍ଥ କଟାରିଆଙ୍କ ନିର୍ଦ୍ଦେଶରେ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ପୋଲିସ ବେଆଇନ ଗୋରୁ ଚାଲାଣ ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଆରମ୍ଭ କରିଛି । ଗତକାଲି ରାତି ୨ଟା ସମୟରେ ପଟ୍ଟାମୁଣ୍ଡାଇ ବଜାର ଅଂଚଳରେ ବେଆଇନ ଗୋରୁ ଚାଲାଣ ହେଉଥିବା ଖବର ପାଇ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଆଇ ଆଇ ସି ବନ୍ଦନା ପାତ୍ର ସଦଳବଳେ ଚଢ଼ାଉ କରି ୨ଟି ଗୋରୁ ବୋଝେଇ ଗାଡି ୮ଟି ଗୋ ମାତାକୁ ଜବତ କରିଛନ୍ତି । ସ୍ଥାନୀୟ ପୋଲିସ ଏ ସମ୍ପର୍କରେ ମୋକଦ୍ଦମା ରୁଜୁ କରି ବେଆଇନ ଗୋରୁ ଚାଲାଣ ଅଭିଯୋଗରେ ୩ଜଣଙ୍କୁ ଗିରଫ କରିଛି । ଆଜି ସମସ୍ତ ଅଭିଯୁକ୍ତଙ୍କୁ ପଟ୍ଟାମୁଣ୍ଡାଇ ପୋଲିସ କୋର୍ଟ

## ବେଲତଳ ଅଧିକାରୀସାହିରେ ଅଗ୍ନିକାଣ୍ଡ, ଲକ୍ଷାଧିକ ଟଙ୍କାର ସମ୍ପତ୍ତି ନଷ୍ଟ



ପଟ୍ଟାମୁଣ୍ଡାଇ,୧୨।୫ (ସଂଚାର ବ୍ୟୁରୋ): ପଟ୍ଟାମୁଣ୍ଡାଇ ପୌର ପରିଷଦ ଅନ୍ତର୍ଗତ ବେଲତଳ ଅଧିକାରୀ ସାହିରେ ଆକସ୍ମିକ ଅଗ୍ନିକାଣ୍ଡ ଘଟି ରାଜକିଶୋର ଦାଶଙ୍କ କୋଠା ଘର ପୋଡି ଯାଇଛି । ଅଗ୍ନିକାଣ୍ଡ ଯୋଗୁଁ ୩ ବଖରା ଘର ୩ଟି ବାଇକ ସମେତ ସମସ୍ତ ଆସବାବପତ୍ର ପୋଡି ନଷ୍ଟ ହୋଇଯାଇଛି । ଏହି ଅଗ୍ନିକାଣ୍ଡରେ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଥିବା ପ୍ରାଥମିକ ଅଟକଳରୁ ଜଣାପଡିଛି । ସେହିପରି ବେଲତଳ ଦଳିତ ସାହିର ବାବୁ ମଲିକଙ୍କ ୨ ବଖରା ଛାଳ ଛପର ଘର ସମେତ ସମସ୍ତ ଆସବାବ ପତ୍ର ପୋଡି ପାଉଁଶ ହୋଇଯାଇଛି । ଏହି ଅଗ୍ନିକାଣ୍ଡରେ ୨ଟି ଗୋରୁ ଆହତ ହୋଇଛନ୍ତି । ରାଜ୍ୟ ସରକାର ଅଗ୍ନିବିପନ୍ନ ପରିବାରକୁ ସହାୟତା ଯୋଗାଇ ଦେବା ପାଇଁ ଜିଲ୍ଲା ବିଜେପି କାର୍ଯ୍ୟକାରିଣୀ ସଦସ୍ୟ ଯୁବନେତା ମିଟୁ ମନୋଜ ନାୟକ ଦାବୀ କରିଛନ୍ତି ।

## ଶୁଖିଲା ନଡ଼ିଆ ଗଛ ପାଲଟିଛି ବିପଦ, ପ୍ରଶାସନର ହସ୍ତକ୍ଷେପ ଦାବି



କେନ୍ଦ୍ରାପଡ଼ା,୧୨।୫(ସଂଚାର ବ୍ୟୁରୋ): କେନ୍ଦ୍ରାପଡ଼ା ଜିଲ୍ଲାର ବସପୁର ପୋଲ ଠାରୁ ସଦର ଥାନା ଦେଇ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ଜିଲ୍ଲାପାଳ କାର୍ଯ୍ୟାଳୟ, ତହସିଲ କାର୍ଯ୍ୟାଳୟ, ବିଭିନ୍ନ ସ୍କୁଲ ଓ କଲେଜକୁ ପ୍ରତିଦିନ ହଜାର ହଜାର ପଥଚାରୀ ଏବଂ ଯାନବାହନ ଯାତାୟାତ କରୁଛନ୍ତି । ହେଲେ ଏହି ବ୍ୟସ୍ତବହୁଳ ରାସ୍ତାର ମହାରାକୂଳ ଅଞ୍ଚଳରେ ଏକ ମୃତ ନଡ଼ିଆ ଗଛ ଦୀର୍ଘ ଦିନ ଧରି ଠିଆ ହୋଇ ରହିଥିବାରୁ ସାଧାରଣ ଲୋକଙ୍କ ମନରେ ଭୟ ସୃଷ୍ଟି ହୋଇଛି । ଗଛ ଥିବା ଘରର ମାଲିକ କହିଛନ୍ତି ଯେ, ସେ ଅନେକଥର ଗଛ କଟାଳିଙ୍କୁ ଯୋଗାଯୋଗ କରିଥିଲେ ମଧ୍ୟ କେହି ଆସୁନାହାନ୍ତି । ତେଣୁ କୌଣସି ଅପ୍ରୀତିକର ଘଟଣା ଘଟିବା ପୂର୍ବରୁ ଜିଲ୍ଲା ପ୍ରଶାସନ ତୁରନ୍ତ ହସ୍ତକ୍ଷେପ କରି ମୃତ ଗଛଟିକୁ କାଟି ହଟାଇବାକୁ ସ୍ଥାନୀୟ ଲୋକମାନେ ଦାବି କରିଛନ୍ତି ।

## ବିଶିଷ୍ଟ ସମାଜସେବୀଙ୍କ ଶ୍ରାଦ୍ଧବାର୍ଷିକୀ

କେନ୍ଦ୍ରାପଡ଼ା,୧୨।୫(ସଂଚାର ବ୍ୟୁରୋ): ଜିଲ୍ଲା ପ୍ରତିଭାପୂଜା ସଂସଦ ଆନୁକୁଲ୍ୟରେ ଗରାପୁରସ୍ଥିତ ରେସ୍ୱା ଶକ୍ତିସଦନରେ ଅନ୍ତେବାସୀମାନଙ୍କ ଗହଣରେ ପ୍ରତିବର୍ଷ ଭଳି ଚଳିତ ବର୍ଷ ସର୍ବଜନପ୍ରିୟ ସମାଜସେବୀ ସ୍ୱର୍ଗତା କ୍ୟାଥରିନ୍ ଦାସଙ୍କ ୫ମ ଶ୍ରାଦ୍ଧବାର୍ଷିକୀ ପାଳିତ ହୋଇଯାଇଛି । ସଂସଦ ସଭାପତି ପ୍ରଦୀପ କୁମାର ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ଉପସ୍ଥିତ ଅତିଥିମାନେ ସ୍ୱର୍ଗତା ଦାସଙ୍କ ଗରୀବ ନଷ୍ଟେଶିତ ଲୋକଙ୍କ ପ୍ରତି ତାଙ୍କର ମନୋଭାବ ଓ ଦୟାପରାୟଣତା ସମ୍ପର୍କରେ ଆଲୋକପାତ କରିବା ସହ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପ୍ରଫେସର ଉମେଶ ଚନ୍ଦ୍ର ସାହୁ, ସମାଜସେବୀ ଭାଗିରଥି ଜେନା, ଗୋଲଖି ଚନ୍ଦ୍ର ପଢିଆରୀ, ଶକ୍ତିସଦନର ତତ୍ତ୍ୱାବଧାରୀକା ସୁଶ୍ରୀ ମିନତୀ ମହାରଣା, ପ୍ରଫୁଲ୍ଲ ଦାସ, ଆଶିଷ ଲେଙ୍କା ପ୍ରମୁଖ ଉପସ୍ଥିତ ରହି ଶ୍ରଦ୍ଧାବ୍ୟକ୍ତ କରିଥିଲେ । ଏହି ଅବସରରେ ପ୍ରଫେସର ସାହୁ ପିଲାମାନଙ୍କ ପାଇଁ ପାଠ୍ୟ ଉପକରଣ ପ୍ରଦାନ କରିଥିଲେ ।

# ଚୋରାମଦର ଭୂସ୍ୱର୍ଗ ପାଲଟିଛି ମହାକାଳପଡ଼ା

### ସ୍ୱର ଉଠାଇଲେ ବିଜେପି ନେତା

### ପାଣି ମିଳୁନି, ମଦ ଭାସୁଛି

### ଦୁଇବର୍ଷରେ ବଢ଼ିଛି ୪୦% ମଦ ବିକ୍ରି

ମହାକାଳପଡ଼ା,୧୨।୫ (ସଂଚାର ବ୍ୟୁରୋ): ମହାକାଳପଡ଼ା ନିର୍ବାଚନ ମଣ୍ଡଳୀ ଏବେ ଚୋରା ମଦ ବ୍ୟବସାୟର ଭୂସ୍ୱର୍ଗ ପାଲଟିଛି । ଗତ ଦୁଇବର୍ଷ ରେ ମଦ ବ୍ୟବସାୟ ୪୦% ବୃଦ୍ଧି ପାଇଛି ବୋଲି ବିଜେପି ନେତା ସୌଭାଗ୍ୟ ପରିଡ଼ା କହିଛନ୍ତି । କାଉଣ୍ଟରରେ ଯେତିକି ମଦ ବିକ୍ରି ହେଉନାହିଁ ତାହାଠୁ ଅଧିକ ମଦ ଏବେ ଗାଁ ଗାଁରେ ବିକ୍ରି ହେଉଛି । ଅସାଧୁ ବ୍ୟବସାୟୀମାନେ ସକ୍ରିୟ ଭାବରେ ମଦ ବ୍ୟବସାୟ କରୁଥିବାରୁ ଗାଁ ଗାଁରେ ଏବେ ଦିନକୁ ଦିନ ଅସାମାଜିକ କାର୍ଯ୍ୟକଳାପ ବଢ଼ି ଚାଲିଛି । ଲୋକଙ୍କ ବ୍ୟକ୍ତିଗତ ଜୀବନରେ ମଧ୍ୟ ଏହାର ପ୍ରଭାବ ପରିଲିଖିତ ହେଉଛି ।

ତାଙ୍କ କହିବା ଅନୁଯାୟୀ ମହାକାଳପଡ଼ା ନିର୍ବାଚନ ମଣ୍ଡଳୀରେ ୧୦ରୁ ଊର୍ଦ୍ଧ୍ୱ ସରକାରୀ ଅନୁମୋଦନ ପ୍ରାପ୍ତ ବିଦେଶୀ ଠିପି ବନ୍ଦ ମଦ ଦୋକାନ ରହିଥିବା ବେଳେ, ୪ରୁ ଊର୍ଦ୍ଧ୍ୱ ବିଦେଶୀ ଠିପି ଖୋଲା ମଦ ଦୋକାନ ଓ ୩ ଗୋଟି ଆସ୍କା ଫର୍ଟି କାଉଣ୍ଟର ରହିଛି । ଯାହା ଓଡ଼ିଶା ଷ୍ଟେଟ ବେଭରେଜେସ କର୍ପୋରେସନ ଲିଃ. ଅଧୀନ। ଏଠାରୁ ସରକାରୀ ଲାଇସେନ୍ସ ପ୍ରାପ୍ତ ମଦ ଦୋକାନ



ଗୁଡିକୁ ମଦ ଯୋଗାଣ ହୁଏ । ବିଶେଷ ସୂତ୍ରରୁ ମିଳିଥିବା ତଥ୍ୟ କହୁଛି ସାଧାରଣ ନିର୍ବାଚନ ପୂର୍ବରୁ ଅର୍ଥାତ୍ ଆର୍ଥିକ ବର୍ଷ ୨୦୨୨-୨୩ ଓ ୨୦୨୩-୨୪ ମହାକାଳପଡ଼ା ନିର୍ବାଚନ ମଣ୍ଡଳୀକୁ ଯେତିକି ମଦ ଯୋଗାଣ (ବିକ୍ରି) କରାଯାଇଥିଲା ନିର୍ବାଚନ ପରେ ଅର୍ଥାତ୍ ଆର୍ଥିକ ବର୍ଷ ୨୦୨୪ ରୁ ୨୦୨୬ ମଧ୍ୟରେ ମଦ ଯୋଗାଣ ୪୦% ବୃଦ୍ଧି ପାଇଛି । ଏବେ ଗାଁ ଗାଁରେ ବ୍ୟାପକ ଚୋରା ମଦ ବିକ୍ରି ହେଉଛି । ସବ୍ କାଉଣ୍ଟର ଖୋଲିବା ଭଳି ଅସାଧୁ ବ୍ୟବସାୟୀମାନେ ଖୁଲମଖୁଲା ଚୋରାମଦ ବ୍ୟବସାୟ କରୁଛନ୍ତି । ଏଥିପାଇଁ ଅବକାରୀ ବିଭାଗ ବି ତତ୍ପରତା ପ୍ରକାଶ କରୁନାହିଁ ।

ଏ ସମ୍ପର୍କରେ ମହାକାଳପଡ଼ା ବିଧାୟକ ଡଃ ଦୁର୍ଗା ପ୍ରସନ୍ନ ନାୟକଙ୍କୁ ମଧ୍ୟ ସେ ନିଶାନା କରିଛନ୍ତି । ସାଧାରଣ ନିର୍ବାଚନ ପୂର୍ବରୁ ଦୁର୍ଗା ଯେତେବେଳେ ଓବିସି ମୋର୍ଚ୍ଚାର ସମ୍ପାଦକ ଥିଲେ ସେ ସମୟରେ ସେ ମଦ ବିରୋଧରେ ସ୍ୱର ଉତ୍ତୋଳନ କରୁଥିଲେ । ମଦ ହଟିଲେ ମହାକାଳପଡ଼ାର ମାଆ ହସିବ ବୋଲି କହୁଥିଲେ ହେଲେ ଏବେ ସେ ବିଧାୟକ ଭାବରେ ମହାକାଳପଡ଼ାକୁ ପ୍ରତିନିଧିତ୍ୱ କରୁଥିବା ବେଳେ ମହାକାଳପଡ଼ାର ଚୋରା ମଦ କାରବାର ବିଷୟରେ ସେ ମୁହଁ ଖୋଲୁନାହାନ୍ତି । ନିର୍ବାଚନ ମଣ୍ଡଳୀ ଅଧୀନରେ ଥିବା ୫ ଥାନାର ଭୂମିକାକୁ ନେଇ ମଧ୍ୟ ସୌଭାଗ୍ୟ ପ୍ରଶ୍ନ କରିଛନ୍ତି । ସ୍ଥାନୀୟ ପୁଲିସ ଓ ବିଭାଗୀୟ ଅଧିକାରୀଙ୍କ ଢିଲା ମନୋଭାବ ପାଇଁ ଏହି ଚୋରା ମଦ କାରବାର ଏବେ ମୁଣ୍ଡବିନ୍ଧାର କାରଣ ପାଲଟିଥିବା ସେ କହିଛନ୍ତି ।

ତେଣୁ ଶାନ୍ତ ମହାକାଳପଡ଼ାକୁ ଏହି ଚୋରା ମଦ ବ୍ୟବସାୟ ଅଶାନ୍ତ କରିବା ପୂର୍ବରୁ ଅବକାରୀ ବିଭାଗ, ସ୍ଥାନୀୟ ପୁଲିସ, ପ୍ରଶାସନ ଓ ବିଧାୟକ ସଜାଗ ହେବାକୁ ସେ ଆହ୍ୱାନ କରିଛନ୍ତି ।

### ୧୫ ବର୍ଷ ପରେ ଜିଲ୍ଲା ଭିଜିଲାନ୍ସ ଓ ନିରୀକ୍ଷଣ କମିଟି ବୈଠକ

## ମହେନ୍ଦ୍ର ମଲିକ ହତ୍ୟା ମାମଲାର ଉଚ୍ଚସ୍ତରୀୟ ତଦନ୍ତ ଉପରେ ଗୁରୁତ୍ୱ





କେନ୍ଦ୍ରାପଡା,୧୨।୫(ସଂଚାର ବ୍ୟୁରୋ): ଜିଲ୍ଲା ଭିଜିଲାନ୍ସ ଓ ନିରୀକ୍ଷଣ କମିଟିର ବୈଠକ ଆଜି ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଅତିରିକ୍ତ ଜିଲ୍ଲାପାଳ ରବୀନ୍ଦ୍ର କୁମାର ମଲ୍ଲୀକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ବୈଠକରେ ଏସସି ଓ ଏସଟି ଅତ୍ୟାଚାର ମାମଲା, ସହିତ ଚର୍ଚ୍ଚିତ କେନ୍ଦ୍ରାପଡ଼ା ସଦର ଥାନା ଅଧିନସ୍ଥ ଭାଣ୍ଡିଲୋ ଗ୍ରାମର ମହେନ୍ଦ୍ର ମଳିକ ହତ୍ୟା ମାମଲାରେ ପୁଲିସର ମାତ୍ରା କମ କାର୍ଯ୍ୟାନୁଷ୍ଠାନ ସହ ଘଟଣାକୁ ଆତ୍ମହତ୍ୟା ରୂପ ଦେବାକୁ ଚେଷ୍ଟା କରାଯିବା ପ୍ରସଙ୍ଗ ଭୀମ ଆର୍ମୀ ଜିଲ୍ଲା ସଭାପତି ନଗେନ୍ଦ୍ର ଜେନାଙ୍କ ଦ୍ୱାରା ଆଲୋଚନା କରାଯିବା ସହ ପୀଡ଼ିତଙ୍କୁ କ୍ଷତିପୂରଣ ପ୍ରଦାନ, ଅନ୍ତର୍ଜାତୀୟ ବିବାହ ପ୍ରୋତ୍ସାହନ ଯୋଜନା "ସୁମଙ୍ଗଳ" ଏବଂ ଜଙ୍ଗଲ ଅଧିକାର ଆଇନର କାର୍ଯ୍ୟାନ୍ୱୟନ ନେଇ ବିସ୍ତୃତ ସମୀକ୍ଷା କରାଯାଇଥିଲା । ବୈଠକରେ ଅତ୍ୟାଚାର ମାମଲାର ତୁରନ୍ତ ତଦନ୍ତ ସହ ପୀଡ଼ିତମାନଙ୍କୁ ତୁରନ୍ତ କ୍ଷତିପୂରଣ ପ୍ରଦାନ ସହ ବିଚାରାଧୀନ ମାମଲାଗୁଡିକର ଶୀଘ୍ର ନିଷ୍ପତ୍ତି ଉପରେ ଗୁରୁତ୍ୱାରୋପ କରାଯାଇଥିଲା ।

ସେହିପରି "ସୁମଙ୍ଗଳ" ଯୋଜନା ସମ୍ପର୍କରେ ଅଧିକରୁ ଅଧିକ ଜନସଚେତନତା ସୃଷ୍ଟି କରିବା, ଯୋଗ୍ୟ ହିତାଧିକାରୀଙ୍କୁ ଯୋଜନାର ସୁବିଧା ପହଞ୍ଚାଇବା ଏବଂ ପ୍ରଚାର ପ୍ରସାରକୁ ବ୍ୟାପକ କରିବାକୁ ଗୁରୁତ୍ୱ ଦିଆଯାଇଥିଲା । ସାମାଜିକ ସମାନତା ବୃଦ୍ଧିରେ ଏହି ଯୋଜନାର ଭୂମିକା ସମ୍ପର୍କରେ ମଧ୍ୟ ଆଲୋଚନା ହୋଇଥିଲା ।

ଜଙ୍ଗଲ ଅଧିକାର ଆଇନ ଅଧୀନରେ ଯୋଗ୍ୟ ପରିବାରମାନଙ୍କୁ ଅଧିକାର ପତ୍ର ପ୍ରଦାନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ସହ ଆବେଦନଗୁଡିକର ଶୀଘ୍ର ନିଷ୍ପତ୍ତି ପାଇଁ ବୈଠକରେ ବିସ୍ତୃତ ଆଲୋଚନା ହୋଇଥିଲା ।

ବୈଠକରେ ଅନ୍ୟ ମାନଙ୍କ ମଧ୍ୟରେ ମାନ୍ୟବର ବିଧାୟକ କେନ୍ଦ୍ରାପଡ଼ା ଗଣେଶ୍ୱର ବେହେରା, ଡିଏସପି ପ୍ରଦୀପ କୁମାର ପ୍ରଧାନ, ଜିଲ୍ଲା ମଙ୍ଗଳ ଅଧିକାରୀ ଅରବିନ୍ଦ ରାୟ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଫକିର ମୋହନ ମାଝୀ, ଭୀମ ଆର୍ମି ସଭାପତି ନଗେନ୍ଦ୍ର ଜେନା, ସଦସ୍ୟ ପୁରୁଷୋତ୍ତମ ମଲ୍ଲୀକ, ସଦସ୍ୟା ଜୟନ୍ତୀ ସରେନ, ନେଚର କ୍ଲବ ସମ୍ପାଦକ ଅଲ୍ୟଲ୍ୟ କୁମାର ବଳଙ୍କ ସମେତ ଅନ୍ୟାନ୍ୟ ସଦସ୍ୟ ସଦସ୍ୟାମାନେ ଉପସ୍ଥିତ ଥିଲେ ।

## ଅଗ୍ନିବିପନ୍ନ ପରିବାରକୁ ସହାୟତା



କେନ୍ଦ୍ରାପଡା,୧୨।୫(ସଂଚାର ବ୍ୟୁରୋ): କେନ୍ଦ୍ରାପଡା କ୍ରେଡିଟ କୋ-ଅପରେଟିଭ ସୋସାଇଟର ରାମନଗର ଶାଖା ପକ୍ଷରୁ ଅଗ୍ନି ବିପନ୍ନ ପରିବାରକୁ ଆର୍ଥିକ ସହାୟତା ସହ ଖାଦ୍ୟ ସାମଗ୍ରୀ ପ୍ରଦାନ କରାଯାଇଛି । ମହାକାଳପଡା ବ୍ଲକ ଜମ୍ବୁ ପଂଚାୟତ ର ମଧ୍ୟ ଜମ୍ବୁ ଗ୍ରାମର ରୀନାରାଣୀ ପ୍ରଧାନଙ୍କ ବାସଗୃହ ଆକସ୍ମିକ ଅଗ୍ନିକାଣ୍ଡରେ ପୋଡି ପାଉଁଶ ହୋଇ ଯାଇଥିଲା । ଖବରପାଇ କେନ୍ଦ୍ରାପଡା କ୍ରେଡିଟ କୋ-ଅପରେଟିଭ ସୋସାଇଟର ପ୍ରତିଷ୍ଠାତା ସଭାପତି ପ୍ରମୋଦ କୁମାର ସାହୁ, ନିର୍ଦ୍ଦେଶକ ଦିଲ୍ଲୀପ ରାଉତ, ରାମନଗର ଶାଖା ପରିଚାଳକ ସାନ୍ତନୁ ସାହୁ ପ୍ରମୁଖ ବିପନ୍ନ ପରିବାର ନିକଟରେ ପହଁଚି ଅବସ୍ଥା ପର୍ଯ୍ୟବେକ୍ଷଣ କରିଥିଲେ ଓ ପରିବାରର ମୁଖ୍ୟ ହେନାରାଣୀ ଓ ତାଙ୍କ ପୁଅ ସାଗର ପ୍ରଧାନଙ୍କୁ ଭେଟି ନଗଦ ୧୦ ହଜାର ଟଙ୍କା, ବାସନକୁସନ, ଲୁଗାପଟା ଓ ଡାଲି ଚାଉଳ ପ୍ରଭୃତି ଖାଦ୍ୟ ସାମଗ୍ରୀ ପ୍ରଦାନ କରିଥିଲେ । ଏହି ସହାୟତା ପ୍ରଦାନ ସମୟରେ ସୋସାଇଟର ବୁଦ୍ଧଦେବ ପ୍ରଧାନ, ଅଶୋକ ଦିଗଲ, ଆଲୋକ ସ୍ୱାଇଁ ଓ ସ୍ଥାନୀୟ ସରପଂଚ ବିଶ୍ୱଜିତ ବସୁ ଓ ସମାଜସେବୀ ଅଭୟ ସାମଲ, ସୁଜିତ ମଣ୍ଡଳ ପ୍ରମୁଖ ଉପସ୍ଥିତ ଥିଲେ ।

## ଅଗ୍ନିବିପନ୍ନଙ୍କୁ ଆଦ୍ୟାଶା ଫାଉଣ୍ଡେସନର ସହାୟତା

ଡେରାବିଶ,୧୨।୫ (ସଂଚାର ବ୍ୟୁରୋ): ଡେରାବିଶ ବ୍ଲକ ହରିଅଙ୍କ ପଞ୍ଚାୟତ ଅନ୍ତର୍ଗତ ହରିଅଙ୍କ ସ୍ଥିତ ଆଦ୍ୟାଶା ଫାଉଣ୍ଡେସନ୍ ପକ୍ଷରୁ ଆଜି କରିଲୋପାଟଣା ଗ୍ରାମର ଅଗ୍ନିବିପନ୍ନଙ୍କୁ ସହାୟତା ପ୍ରଦାନ କରାଯାଇଛି । ଫାଉଣ୍ଡେସନ୍‌ର ପ୍ରତିଷ୍ଠାତା ଅଧ୍ୟାପକ ରମେଶ ଚନ୍ଦ୍ର ଶତପଥିଙ୍କ ନେତୃତ୍ୱରେ କର୍ମକର୍ତ୍ତା ସନ୍ତୋଷ କୁମାର ମଲିକ, ଦୀପକ କୁମାର ଜେନା, ମନୋଜ ମଲିକ, ରାକେଶ ଯେନା, ଦାମୋଦର ମଲିକ, ଦୀପକ କୁମାର ମଲିକ ପ୍ରମୁଖ କରିଲୋପାଟଣା ଗ୍ରାମର ଅଗ୍ନିବିପନ୍ନ ପ୍ରଶାନ୍ତ ମଲିକଙ୍କ ଘରେ ପହଞ୍ଚି ତାଙ୍କ ପରିବାର ଚଳାଇବା ପାଇଁ ଏକ ଛେଳି ଓ ଅର୍ଥିକ ସହାୟତା ପ୍ରଦାନ କରିଛନ୍ତି । ସୂଚନାଯୋଗ୍ୟ ଚଳିତ ମାସ ୬ ତାରିଖ ଦିନ ପ୍ରଶାନ୍ତ ଘରେ ଅଗ୍ନିକାଣ୍ଡ ଘଟି ତାଙ୍କର ୧୭ଟି ଛେଳି, ଦୁଇଟି ଗାଈ ପୋଡ଼ି ମରିଯିବା ସହ ତାଙ୍କର ସର୍ବସ୍ୱ ପୋଡ଼ି ପାଉଁଶ ହୋଇଯାଇଥିଲା ।



## ପିଏମଜି ଓ ପ୍ରଗତି ଅଧିନରେ ଭିତ୍ତିଭୂମି, ପ୍ରମୁଖ ଉନ୍ନୟନ ପ୍ରକଳ୍ପ ଅଗ୍ରଗତି ସମୀକ୍ଷା



କେନ୍ଦ୍ରାପଡ଼ା,୧୨।୫(ସଂଚାର ବ୍ୟୁରୋ): ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ପ୍ରୋଜେକ୍ଟ ମନିଟରିଂ ଗ୍ରୁପ (ପିଏମଜି) ଏବଂ ପ୍ରଗତି ଅଧିନରେ ଚାଲୁଥିବା ବିଭିନ୍ନ ଭିତ୍ତିଭୂମି ଓ ପ୍ରମୁଖ ଉନ୍ନୟନ ପ୍ରକଳ୍ପ ଗୁଡ଼ିକର ଅଗ୍ରଗତି ନେଇ ଏକ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ରଘୁରାମ ଆର. ଆୟରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଚାଲୁଥିବା ବିଭିନ୍ନ ପ୍ରକଳ୍ପର କାର୍ଯ୍ୟ ଅଗ୍ରଗତି, ସମସ୍ୟା ଏବଂ ସମାଧାନ ନେଇ ସବିଶେଷ ଆଲୋଚନା କରାଯାଇଥିଲା । ବୈଠକରେ ବିଦ୍ୟୁତ ପ୍ରକଳ୍ପ, ରାସ୍ତା ଓ ସେତୁ ନିର୍ମାଣ, ସ୍ୱାସ୍ଥ୍ୟ ଭିତ୍ତିଭୂମି ବିକାଶ ଏବଂ ପାନୀୟ ଜଳ ଯୋଗାଣ ପ୍ରକଳ୍ପର ପ୍ରଗତି ସମ୍ପର୍କରେ ସମୀକ୍ଷା କରାଯାଇଥିଲା । ବିଶେଷକରି ଜମି ଅଧିଗ୍ରହଣ, ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ଅଭାବ ଏବଂ କାର୍ଯ୍ୟାନ୍ୱୟନ ସମୟରେ ଆସୁଥିବା ଅର୍ନ୍ତ ବିଭାଗୀୟ ସମସ୍ୟାଗୁଡ଼ିକ ଉପରେ ଗଭୀର ଆଲୋଚନା କରାଯାଇ ସେଗୁଡ଼ିକର ଶୀଘ୍ର ସମାଧାନ ପାଇଁ ଆବଶ୍ୟକ ନିର୍ଦ୍ଦେଶ ପ୍ରଦାନ କରାଯାଇଥିଲା । ପ୍ରକଳ୍ପଗୁଡ଼ିକୁ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଗୁଣାତ୍ମକ ଭାବେ ସାରିବା ପାଇଁ ସମସ୍ତ ବିଭାଗ ଓ ସଂସ୍ଥା ମଧ୍ୟରେ ସୁଦୃଢ଼ ସମନ୍ୱୟ ରଖିବାକୁ ଜିଲ୍ଲାପାଳ ଗୁରୁତ୍ୱାରୋପ କରିଥିଲେ । ଅଧିକାରୀମାନଙ୍କୁ ନିୟମିତ ତଦାରଖ କରିବା ସହ ବକେୟା କାର୍ଯ୍ୟଗୁଡ଼ିକୁ ତ୍ୱରାନ୍ୱିତ କରିବାକୁ ପରାମର୍ଶ ଦିଆଯାଇଥିଲା ।

## ମାଟ୍ରିକ ଟପ୍ପରଙ୍କୁ ସମ୍ବର୍ଦ୍ଧନା




କେନ୍ଦ୍ରାପଡ଼ା,୧୨।୫(ସଂଚାର ବ୍ୟୁରୋ): କେନ୍ଦ୍ରାପଡ଼ା କ୍ରେଡିଟ କୋ-ଅପରେଟିଭ ସୋସାଇଟି ପକ୍ଷରୁ କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର ଓ ଯାଜପୁର ଜିଲ୍ଲାର ଚଳିତ ବର୍ଷର ମାଟ୍ରିକ ଟପ୍ପରମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଛି । କେନ୍ଦ୍ରାପଡ଼ା ସହର ହୋଟେଲ ଗୋଲଡେନ ପ୍ୟାଲେସରେ ଏକ ବର୍ଣ୍ଣାଢ଼୍ୟ ଉତ୍ସବରେ ଜିଲ୍ଲା ଟପ୍ପର ମାନଙ୍କୁ ଉପଢୌକନ ଓ ଅର୍ଥ ରାଶି ସହ ସମିତିର ସାହାପତି ବିଶିଷ୍ଟ ସମବାୟବିତ ଶ୍ରୀ ପ୍ରମୋଦ କୁମାର ସାହୁ ସମ୍ବର୍ଦ୍ଧିତ କରିଥିଲେ । ଏହି ପ୍ରତିଭା ମାନେ ହେଉଛନ୍ତି କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡ଼ା ବ୍ଲକ ଖରିନାସୀ ଉଚ୍ଚ ବିଦ୍ୟାଳୟର ଛାତ୍ର ଦେବଦର୍ଶୀ ମଣ୍ଡଳ, କଟକ ଜିଲ୍ଲା ମାହାଙ୍ଗା ବ୍ଲକ ହଳଦିଆ ନୋଡାଲ ଉଚ୍ଚ ବିଦ୍ୟାଳୟର ଛାତ୍ର ଜନ୍ମେଜୟ ମହାନ୍ତି, ଯାଜପୁର ଜିଲ୍ଲା ନୀଳକଣ୍ଠପୁର ସତ୍ୟସାଇ ଉଚ୍ଚ ବିଦ୍ୟାଳୟର ଛାତ୍ର ଶୁଭମ ସାହୁ, ଜଗତସିଂହପୁର ଜିଲ୍ଲା ନାଉଗାଁହାଟ ଉଚ୍ଚ ବିଦ୍ୟାଳୟର ଛାତ୍ରୀ ଗାୟତ୍ରୀ ପଲାଇ ।

## ଜିଲ୍ଲା ଶ୍ରମ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ

କେନ୍ଦ୍ରାପଡ଼ା,୧୨।୫(ସଂଚାର ବ୍ୟୁରୋ): ଓଡିଶା କନଷ୍ଟ୍ରାକ୍ସନ ୱାର୍କର୍ସ ୟୁନିୟନର ଆହ୍ୱାନ କ୍ରମେ ଜିଲ୍ଲା ଶ୍ରମ କାର୍ଯ୍ୟାଳୟ ସମ୍ମୁଖରେ ଶତାଧିକ ନିର୍ମାଣ ଶ୍ରମିକଙ୍କୁ ନେଇ ବିକ୍ଷୋଭ ସଂଗଠିତ ହେଇଯାଇଛି । ଚାରିଟି ଶ୍ରମକୋର୍ଡ ପ୍ରତ୍ୟାହାର, ଜିଲ୍ଲା ଶ୍ରମ କାର୍ଯ୍ୟଳୟରେ ସଂସ୍କାର ଆଣି ବ୍ୟାପକ ଦୁର୍ନୀତି ଓ ଆଇନ ବିରୋଧୀ କାର୍ଯ୍ୟକଳାପକୁ ବନ୍ଦ କରିବା, ରାଜ୍ୟ ସରକାରଙ୍କ ରୁଲ ଅନୁସାରେ ଷାଠିଏ ଦିନରେ ମୃତ୍ୟୁକାଳୀନ ସହାୟତା ପ୍ରଦାନ କରିବା, ବନ୍ଦ ଥିବା ସମସ୍ତ ସ୍କିମକୁ ଚାଲୁ କରିବା, ୟୁନିୟନ ମାନଙ୍କ ବୈଧ୍ୟ ପ୍ରତିନିଧିମାନଙ୍କୁ ପରିଚୟ ପତ୍ର ପ୍ରଦାନ କରିବା, ଜିଲ୍ଲା ଅଫିସରେ ରାତ୍ରି କାଳୀନ ଜଗୁଆଳି, ପିଅନ, କଲ୍ୟାଣ ଉପଦେଷ୍ଟା ଓ ଅନ୍ୟ ଜଣେ ଜିଲ୍ଲା ଶ୍ରମ ଅଧିକାରୀ ନିଯୁକ୍ତି ପ୍ରଦାନ, ସମସ୍ତ ଉପବିଭାଗରେ




ବ୍ୟୟ ହିସାବ ପରିପୂରଣ କରିବା,ଜିଲ୍ଲା କାର୍ଯ୍ୟାଳରେ ଯେଉଁମାନେ ଆପଣଙ୍କ ବିନା ଅନୁମତିରେ ଦଲାଲି କରୁଛନ୍ତି ସେମାନଙ୍କ ବିରୁଦ୍ଧରେ ଆଇନଗତ ପଦକ୍ଷେପ ଗ୍ରହଣ କରିବା ପ୍ରଭୃତି ଆଠ ଦଫା ଦାବିରେ ଅନୁଷ୍ଠିତ ବିକ୍ଷୋଭକୁ ଅନ୍ୟ ଶ୍ରମିକ ସଂଗଠନ ଓ ଗଣ ସଂଗଠନର କର୍ମକର୍ତ୍ତା ମାନେ ସମର୍ଥନ କରି ସାମିଲ ହୋଇଥିଲେ ।

ପ୍ରତିବାଦରେ ଅନୁଷ୍ଠିତ ବିକ୍ଷୋଭରେ ସଭାପତିତ୍ୱ କରିଥିଲେ ଆଇଏନଟିୟୁସି ଜିଲ୍ଲା ସଭାପତି ମୁକ୍ତାର ଖାଁ । ଅନ୍ୟମାନଙ୍କ ମଧ୍ୟରେ ସିଆଇଟିୟୁ ଜିଲ୍ଲା ସମ୍ପାଦକ ଜଗତଜୀବନ ଦାଶ, ଓଡିଶା କୃଷକ ସଭା ଜିଲ୍ଲା ସମ୍ପାଦକ ଗୟାଧର ଧଳ, ଏଆଇଟିୟୁସି ନେତା ବାବାଜୀ ଧଳ, କର୍ମଚାରୀ ନେତା ନରୋମ ପାର୍ଥ ସାରଥୀ, ଛାତ୍ର କଂଗ୍ରେସର ଜାତୀୟ ସଂଯୋଜକ ବିଶ୍ୱ ରଞ୍ଜନ ମହାପାତ୍ର, ସିଆଇଟିୟୁ ରାଜ୍ୟ କମିଟି ସଭ୍ୟ ସୁରେଶ ଚନ୍ଦ୍ର ସ୍ୱାଇଁ, ଏଚଏମଏସ ନେତା ତ୍ରିଲୋଚନ ଦାସ, କାନବାଳା ସ୍ୱାଇଁ, ପାଚିକା ନେତ୍ରୀ ନିର୍ମଳା ସିଂ, ଅଶୋକ ତ୍ରିପାଠୀ, ସୟଦ ମୁକ୍ତାର ଅଲ୍ଲୀ, ନିରାକାର ସାହୁ, ମାନ ଭଂଜନ ଦାସ, ମହେଶ୍ୱର ଦାଶ ପ୍ରମୁଖ ବକ୍ତବ୍ୟ ରଖିଥିଲେ ।


## ବିଦ୍ୟୁତ ଷ୍ଟ୍ରକଚର ଚୋରି ପଛରେ ଯନ୍ତ୍ରୀ-ଠିକାଦାର ସଲାସୁତରା

### ଭିଡିଓ ଭାଇରାଲ ପରେ ବଢ଼ିଲା ଚର୍ଚ୍ଚା

### କୋଟି କୋଟି ଟଙ୍କାର ଘୋଟାଲା ଅଭିଯୋଗ

ଗରଦପୁର,୧୨।୫(ସଂଚାର ବ୍ୟୁରୋ): ଜନସାଧାରଣଙ୍କ ପାଇଁ ଥିବା ବିଦ୍ୟୁତ ସାମଗ୍ରୀକୁ ଲୁଟି ନିଜସ୍ୱ ସ୍ୱାର୍ଥ ସାଧନ କରାଯାଉଥିବା ଅଭିଯୋଗ ଏବେ ଜୋର ଧରିଛି । ପାଟକୁରା ନିର୍ବାଚନ ମଣ୍ଡଳୀର ଏକ ନିର୍ଦ୍ଦିଷ୍ଟ ବିଦ୍ୟୁତ କାର୍ଯ୍ୟାଳୟରେ କାର୍ଯ୍ୟରତ ଜଣେ ଯନ୍ତ୍ରୀଙ୍କ ବିରୋଧରେ ଗୁରୁତର ଅଭିଯୋଗ ସାମ୍ନାକୁ ଆସିଥିବାବେଳେ, ଏହାକୁ ନେଇ ସମଗ୍ର ଅଞ୍ଚଳରେ ଚର୍ଚ୍ଚା ଜୋର ଧରିଛି ।

ଅଭିଯୋଗ ଅନୁସାରେ, ବର୍ଷ ବର୍ଷ ଧରି ଶତାଧିକ ଟ୍ରାନ୍ସଫର୍ମରର ଡିସମେଟାଲ ସାମଗ୍ରୀ, ଜିଆଇ ପୋଲ ଓ ବିଭିନ୍ନ ବିଦ୍ୟୁତ ଉପକରଣକୁ ଠିକାଦାରଙ୍କ ସହ ମିଳିତ ଭାବେ ଚୋରି କରାଯାଇ ପାରାଦ୍ୱୀପ ଅଞ୍ଚଳରେ ଲକ୍ଷାଧିକ



ଟଙ୍କାରେ ବିକ୍ରି କରାଯାଇଥିବା ଚର୍ଚ୍ଚା ହେଉଛି । କେବଳ ବର୍ତ୍ତମାନ ନୁହେଁ, ପୂର୍ବରୁ କାର୍ଯ୍ୟରତ ଥିବା କାର୍ଯ୍ୟାଳୟରୁ ମଧ୍ୟ ଏପରି ଚୋରି ଘଟଣା ଘଟିଥିବା ଅଭିଯୋଗ ଉଠିଛି ।

ଏହି ସମଗ୍ର ଘଟଣାକୁ ନୂଆ ମୋଡ଼ ଦେଇଛି ଏକ ଭାଇରାଲ ଭିଡିଓ । ଭିଡିଓରେ ସମ୍ପୃକ୍ତ ଯନ୍ତ୍ରୀ ନିଜେ ଛିଡ଼ା ହୋଇ ଏକ ଗାଡ଼ିରେ ବିଦ୍ୟୁତ ସାମଗ୍ରୀ ଲୋଡ କରୁଥିବା ଦୃଶ୍ୟ ଥିବା ଚର୍ଚ୍ଚା ହେଉଛି । ସୂତ୍ର ଅନୁସାରେ, ଚୋରୀ ସମୟରେ କାର୍ଯ୍ୟାଳୟର କିଛି ଷ୍ଟାଫ ଏହି ଭିଡିଓ କରିଥିବା ଜଣାପଡ଼ିଛି । ଭିଡିଓ ଭାଇରାଲ ପରେ ଘଟଣାକୁ ନେଇ ସାଧାରଣ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି । ଅଭିଯୋଗ ଆହୁରି ଗୁରୁତର ହୋଇପଡ଼ିଛି କାରଣ ସରକାରୀ ସମ୍ପତ୍ତି ଚୋରୀରୁ ଆସିଥିବା ଟଙ୍କାରେ କଟକ ସିଡିଏ ଅଞ୍ଚଳରେ ଲକ୍ଷ ଲକ୍ଷ ଟଙ୍କାର ଜମି କିଣାଯାଇଥିବା କଥା ମଧ୍ୟ ଚର୍ଚ୍ଚାରେ ରହିଛି । ଏବେ ସାଧାରଣ ଲୋକ ପ୍ରଶ୍ନ କରୁଛନ୍ତି — ଚାକିରି କରି ଏତେ ବିପୁଳ ସମ୍ପତ୍ତି କେମିତି ସଂଗ୍ରହ ହେଲା ?

ସବୁଠାରୁ ଅଧିକ ଚର୍ଚ୍ଚାର ବିଷୟ ହେଉଛି, ଏହି ସମସ୍ତ ଅଭିଯୋଗ ମଧ୍ୟରେ କିଛି ଲୋକ ମନ୍ଦିର ନିର୍ମାଣ ଓ ଧାର୍ମିକ କାର୍ଯ୍ୟକ୍ରମର ଆଢ଼ରେ ନିଜକୁ ସତ୍ୟବାଦୀ ଓ ସମାଜସେବୀ ଭାବେ ପ୍ରମାଣ କରିବାକୁ ଚେଷ୍ଟା କରୁଥିବା କଥା ଲୋକମୁଖରେ ଶୁଣିବାକୁ ମିଳୁଛି । ତେବେ ପ୍ରଶ୍ନ ଉଠୁଛି — ଜନସାଧାରଣଙ୍କ ସମ୍ପତ୍ତି ଲୁଟି ଧର୍ମର ଖୋଳପା ପିନ୍ଧିଲେ କି ସତ୍ୟ ଲୁଚି ରହିପାରିବ ?

ଏବେ ଘଟଣାର ନିରପେକ୍ଷ ତଦନ୍ତ ପାଇଁ ସାଧାରଣରେ ଦାବି ଜୋର ଧରିଛି ।

# ମାହାଙ୍ଗାରେ କାଠ ମାଫିଆ ସକ୍ରିୟ

### ବେଧଡ଼କ ଚାଲିଛି ସରକାରୀ ଜମିରୁ ଗଛକଟା

### ପ୍ରଶାସନ ନୀରବଦ୍ରଷ୍ଟା, ମାଲେମାଲ୍ ମାଫିଆ



ମାହାଙ୍ଗା,୧୨।୫(ସଂଚାର ବ୍ୟୁରୋ): ମାହାଙ୍ଗା ବ୍ଲକ ଅଞ୍ଚଳରେ ମା ପାଇଁ ଗଛଟିଏ କାର୍ଯ୍ୟକ୍ରମ ସଫଳ ରୂପାୟନ ହୋଇପାରୁନଥିବାବେଳେ ଦିନକୁ ଦିନ କାଠ ମାଫିଆ ସକ୍ରୀୟ ହୋଇ ସରକାରୀ ଜମିରୁ ଗଛ କାଟିବାରେ ଲାଗିଛନ୍ତି । ପ୍ରଶାସନ ସବୁ ଜାଣି ଅଜଣା । ନାମକୁ ମାତ୍ର କାଠ ଜବତ କରି ନିଲାମ କରି ବାହା ବାହା ନେଉଛନ୍ତି । ଯାହା ଫଳରେ କାଠ ମାଫିଆଙ୍କ ପକେଟ ଗରମ ହେବା ସହ ମାଲେ ମାଲେ ହେଉଛନ୍ତି ।

ସୂଚନା ମୁତାବକ ମାହାଙ୍ଗା ତହସିଲ ଅଧିନ ପଲ୍ଲିସରହି ପଞ୍ଚାୟତ ଭଉଁରିଆ ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ ଅଧିନ ପଲ୍ଲିସାହି-ତୁଳସୀପୁର ଗ୍ରାମ୍ୟ ଉନ୍ନୟନ ରାସ୍ତାର ପୁରୁଣା କଲେଜ କେନାଲ ବନ୍ଧ ରାସ୍ତାକଡରୁ ଲକ୍ଷାଧିକ ଟଙ୍କାର ଏକାଧିକ ବଡ ବଡ ଚାକୁଣ୍ଡା ଗଛ ଦିନ ଦ୍ୱିପ୍ରହରରେ ରାଜସ୍ୱ ନୀରିକ୍ଷକଙ୍କ କାର୍ଯ୍ୟାଳୟର ୫୦ ମିଟର ଦୁରରେ ବେଆଇନ ଭାବେ କଟା ଯାଇ ଟ୍ରାକ୍ଟର ଯୋଗେ ଚାଲାଣ କରାଯାଇଛି । ଏଠାରେ ତହସିଲ ପ୍ରଶାସନ ଓ ଗ୍ରାମ୍ୟ ଉନ୍ନୟନ ବିଭାଗଙ୍କ ସଲାସୁତୁରାରେ ଏଭଳି ଭାବେ ଗଛ ଲୁଟ ହେଉଥିବା ସାଧାରଣରେ ଅଭିଯୋଗ ହେଉଛି । ରାସ୍ତା ଉନ୍ନତିକରଣ ସମୟରେ ଗଛ କାଟିବାର ଆବଶ୍ୟକ ଥିବା ବେଳେ ଏଥିପାଇଁ ନିଲାମ ଡକାଯିବା ସହ ଜଙ୍ଗଲ ବିଭାଗ ଅନୁମତି ନେଇ ଗଛ କାଯଇବାର ନିୟମ ଥିବା ବେଳେ ତହସିଲ ଓ ଗ୍ରାମ୍ୟ ଉନ୍ନୟନ ବିଭାଗ ଏହି ନିୟମକୁ ଫୁ କରି ଗଛ କଟାଯାଇଛି । ଏହି ବ୍ଲକରେ ଚାରାରୋପଣ ଅପେକ୍ଷା ବୃକ୍ଷ ଲୁଟ୍ ଦ୍ରୁତ ଗତିରେ ବଢ଼ି ଚାଲିଥିବାବେଳେ ଏହାକୁ ରୋକିବା ପାଇଁ ସ୍ଥାନୀୟ ପ୍ରଶାସନ ବିଫଳ ହେଉଥିବା ଦେଖିବାକୁ ମିଳିଛି ।

ଏ ନେଇ ରାଜସ୍ୱ ନିରୀକ୍ଷକ ସୁରେଶ ଦେହୁରୀଙ୍କୁ ପଚାରିବାରୁ କାର୍ଯ୍ୟାଳୟ ଦୁଇ ଦିନ ଛୁଟି ଥିଲା ମୋ ନିକଟରେ କୌଣସି ଖବର ନ ଥିବା କହିଥିଲେ । ସେହିପରି ତହସିଲଦାର ସୁଭାଶିଷ ପାଲଟାଙ୍କୁ ଫୋନ ଯୋଗେ ବାରମ୍ବାର ଯୋଗାଯୋଗ କରାଯାଇଥିଲେ ମଧ୍ୟ ତାଙ୍କର କୌଣସି ପ୍ରତିକ୍ରିୟା ମିଳିପାରିନଥିଲା । ଅପର ପକ୍ଷେ ପ୍ରଶାସନ ପକ୍ଷରୁ କାଠମାଫିଆଙ୍କ ବିରୁଦ୍ଧରେ ଆଖିଦୃଶିଆ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନଥିବାରୁ ଏବେ ଧିରେ ଧିରେ ବଡ ବଡ ଗଛ ବିଲୁପ୍ତ ହେବାକୁ ବସିଲାଣି । ତୁରନ୍ତ କଟକ ଜିଲ୍ଲାପାଳ ଓ ଜିଲ୍ଲା ବନ୍ୟାଞ୍ଚଳ ଅଧିକାରୀ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ପରିବେଶବିତ ମାନେ ଦାବୀ କରିଛନ୍ତି ।

## କଳିଙ୍ଗ ଆବାସିକ ବିଦ୍ୟାଳୟରେ ଏ-୧ ଗ୍ରେଡ୍‌ଧାରୀଙ୍କୁ ସମ୍ବର୍ଦ୍ଧନା



ଡେରାବିଶ,୧୨।୫ (ସଂଚାର ବ୍ୟୁରୋ): ଡେରାବିଶ ବ୍ଲକ ଦାନପୁର ପଞ୍ଚାୟତ ଅନ୍ତର୍ଗତ କେଶରପୁର ସ୍ଥିତ କଳିଙ୍ଗ ଆବାସିକ ବିଦ୍ୟାଳୟ ପରିସରରେ ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ ଏ-୧ ଗ୍ରେଡ୍ ଧାରୀ ଛାତ୍ରଛାତ୍ରୀଙ୍କୁ ସୋମବାର ସମ୍ବର୍ଦ୍ଧିତ କରାଯାଇଛି ।

ଏହି ଉପଲକ୍ଷେ କଳିଙ୍ଗ ଆବାସିକ ବିଦ୍ୟାଳୟ କ୍ୟାମ୍ପସ-୧ ଓ ୨ର ଅଧ୍ୟକ୍ଷ ନିଶିକାନ୍ତ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥିଭାବେ ବିଦ୍ୟାଳୟର ଚେୟାରମ୍ୟାନ୍ ମନୋଜ କୁମାର ପ୍ରଧାନ, ସମ୍ମାନିତ ଅତିଥିଭାବେ ଏହି ବିଦ୍ୟାଳୟ କ୍ୟାମ୍ପସ ୩ ଓ ୪ର ଅଧ୍ୟକ୍ଷ ଅନିଲ କୁମାର ଦାଶ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ଉଚ୍ଚ ଶିକ୍ଷାରେ ମନୋନିବେଶ କରି ଉଚ୍ଚଶିକ୍ଷିତ ହେବା ସହ ଜଣେ ଉତମ ନାଗରିକ ହେବା ପାଇଁ ପରାମର୍ଶ ଦେଇଥିଲେ । ଏହି ଅବସରରେ ବ୍ଲକର ଏ-ଗ୍ରେଡ୍ ପାଇଥିବା ସମସ୍ତ ଛାତ୍ରଛାତ୍ରୀଙ୍କୁ ପୁଷ୍ପଗୁଚ୍ଛ ଉତରୀୟ ଓ ମାନପତ୍ର ପ୍ରଦାନ କରି ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ ।

ନିଟ୍ ୟୁଜି-୨୦୨୬ ପରୀକ୍ଷା ବାତିଲ ପ୍ରସଙ୍ଗରେ ବର୍ଷିଲା ବିଜେଡି

# ପିଲାଙ୍କ ଭାଗ୍ୟକୁ ଅନ୍ଧାରକୁ ଠେଲିଦେଉଛନ୍ତି ସରକାର




ଭୁବନେଶ୍ୱର,୧୨।୫(ସଂଚାର ବ୍ୟୁରୋ): ବିଜେପି ସରକାରରେ ପେପର ଲିକ୍ ହୋଇ ପରୀକ୍ଷା ବାତିଲ ହେବା ଏକ ନିତିଦିନିଆ ଘଟଣା ହୋଇଗଲାଣି। ନ୍ୟୁ ଇଣ୍ଡିଆର ସ୍ୱପ୍ନ ଦେଖାଇ କ୍ଷମତାକୁ ଆସିଥିବା ବିଜେପି ଏବେ ଲିକ୍ ଇଣ୍ଡିଆର ପରିଚୟ ସୃଷ୍ଟି କରିଛି। ବିଗତ ୬ ବର୍ଷ ମଧ୍ୟରେ ଚାରି ଚାରି ଥର ନିଟ୍ ପରୀକ୍ଷା ବାତିଲ୍ ହେବା ଦୁର୍ଭାଗ୍ୟଜନକ ବୋଲି ବିଜେଡି ପକ୍ଷରୁ କୁହାଯାଇଛି। ଆଜି ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବିଜୁ ଯୁବ ଜନତା ଦଳ ସଭାପତି ଚିନ୍ମୟ ସାହୁ ଓ ବିଜୁ ଛାତ୍ର ଜନତା ଦଳ ସଭାନେତ୍ରୀ ଇପ୍‌ସିତା ସାହୁ କହିଛନ୍ତି ଯେ ୨୨ ଲକ୍ଷ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ସହ ଖେଳିଛନ୍ତି କେନ୍ଦ୍ର ସରକାର। ଜଣେ ପରୀକ୍ଷାର୍ଥୀଙ୍କ ପରିଶ୍ରମ ବୁଝିବାକୁ ସରକାର ଅସମର୍ଥ। ଚାରି ଚାରି ଥର ନିଟ୍ ପେପର ଲିକ୍ ଘଟଣା ସରକାରଙ୍କ ଅପାରଗତାକୁ ପଦାରେ ପକାଇଛି। ଶ୍ରୀ ସାହୁ କହିଛନ୍ତି ଯେ ନିଟ୍ ପରୀକ୍ଷାର ପେପର ଲିକ୍ ଘଟଣାରୁ ସ୍ପଷ୍ଟ ହୋଇଛି ଯେ କେନ୍ଦ୍ର ସରକାରଙ୍କ ନିୟନ୍ତ୍ରଣରେ ଆଉ ଶିକ୍ଷା ବ୍ୟବସ୍ଥା ନାହିଁ। ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସବୁବେଳେ ଦଳୀୟ କାର୍ଯ୍ୟକ୍ରମରେ ବ୍ୟସ୍ତ ରହି ବିଭାଗ ଦାୟିତ୍ୱ କଥା ପାସୋରି ଯାଇଛନ୍ତି। ତାଙ୍କ ମନ ଓଡ଼ିଶାରେ ଥିବା ବେଳେ ଶରୀର ଦିଲ୍ଲୀରେ ରହୁଥିବାରୁ ବାରମ୍ବାର ନିଟ୍ ପରୀକ୍ଷା ପେପର ଲିକ୍ ହେଉଛି। ତେଣୁ ଶ୍ରୀ ପ୍ରଧାନ ବିଭାଗ ଦାୟିତ୍ୱ ତୁଲାଇ ପାରୁନଥିବାରୁ ନୈତିକତା ଦୃଷ୍ଟିରୁ ଇସ୍ତଫା ଦେବାକୁ ଶ୍ରୀ ସାହୁ ଦାବି କରିଛନ୍ତି।

ସେହିପରି ଶ୍ରୀମତୀ ସାହୁ କହିଛନ୍ତି ଯେ କେନ୍ଦ୍ରରେ ଶିକ୍ଷାମନ୍ତ୍ରୀ ଶ୍ରୀ ପ୍ରଧାନ ଯେମିତି, ରାଜ୍ୟରେ ଶିକ୍ଷାମନ୍ତ୍ରୀ ଶ୍ରୀ ସୂରଜ ମଧ୍ୟ ସେମିତି। କାରଣ ରାଜ୍ୟରେ ଗତ ୨୩ ମାସ ଭିତରେ ୨୩ଟି ପେପର ଲିକ୍ ଯୋଗୁଁ ମେଧାବୀ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଅନ୍ଧକାରମୟ ହୋଇଛି। ପରୀକ୍ଷାର୍ଥୀଙ୍କ ଅକ୍ଳାନ୍ତ ପରିଶ୍ରମ ବିଜେପି ନେତାମାନେ ବୁଝିପାରୁନାହାନ୍ତି। ତେଣୁ ବାରମ୍ବାର ରାଜ୍ୟ ଓ ଦେଶରେ ପେପର ଲିକ୍ ଭଳି ଅଘଟଣ ଘଟୁଛି ବୋଲି ଶ୍ରୀମତୀ ସାହୁ କହିଛନ୍ତି।

# ସ୍ୱାସ୍ଥ୍ୟାଧିକାରୀଙ୍କ ଉପସ୍ଥାନ ନିରୀକ୍ଷଣ କରିବ ଏଆଇ

## ଫୁଡ୍ ପଏଜନିଂ ଓ ଜଣ୍ଡିସକୁ ନଜରରେ ରଖି ନିରୀକ୍ଷଣ ପାଇଁ ନିର୍ଦ୍ଦେଶ



ଭୁବନେଶ୍ୱର,୧୨।୫(ସଂଚାର ବ୍ୟୁରୋ): ରାଜ୍ୟର ସ୍ୱାସ୍ଥ୍ୟ ସେବାକୁ ଆହୁରି ସୁଦୃଢ଼ କରିବା ଓ ସମସ୍ତ ସ୍ତରରେ ଗୁଣାତ୍ମକ ଚିକିତ୍ସା ସୁନିଶ୍ଚିତ କରିବା ଲକ୍ଷ୍ୟରେ ସ୍ୱାସ୍ଥ୍ୟ ବିଭାଗ କମିଶନର ତଥା ଶାସନ ସଚିବ ଅଶ୍ୱତୀ ଏସ. ଆଜି ବିଭିନ୍ନ ଜିଲ୍ଲାର ସ୍ୱାସ୍ଥ୍ୟ ସେବା, ରୋଗ ନିୟନ୍ତ୍ରଣ କାର୍ଯ୍ୟକ୍ରମ, ଡାକ୍ତର ଓ ପାରା ମେଡିକାଲ୍ କର୍ମଚାରୀଙ୍କ ଉପସ୍ଥିତି, ଔଷଧ ଉପଲବ୍ଧତା ଓ ହସ୍ପିଟାଲ ଭିତ୍ତିଭୂମି ସମ୍ପର୍କରେ ସମୀକ୍ଷା କରିଥିଲେ। ବୈଠକରେ ଜାତୀୟ ସ୍ୱାସ୍ଥ୍ୟ ମିଶନ ମ୍ୟାନେଜିଂ ଡାଇରେକ୍ଟର ଡ ବୃନ୍ଦା ଡି, ସ୍ୱତନ୍ତ୍ର ସଚିବ ଡ. ବିଜୟ ମହାପାତ୍ର, ସମସ୍ତ ବିଭାଗୀୟ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ, ଅତିରିକ୍ତ ଶାସନ ସଚିବ ଓ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ଆଭାସୀ ମଧ୍ୟମରେ ସମସ୍ତ ମେଡିକାଲ କଲେଜ ଡିନ, ସୁପେରିଣ୍ଟେଣ୍ଡେଣ୍ଟ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଓ ଜିଲ୍ଲାସ୍ତରୀୟ ସ୍ୱାସ୍ଥ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। କମିଶନର ତଥା ଶାସନ ସଚିବ ଆଗାମୀ ମୌସୁମୀକୁ ନଜର ରଖି ଆଗୁଆ ପଦକ୍ଷେପ ନେବା ପାଇଁ ନିର୍ଦ୍ଦେଶ ଦେଇଥିଲେ। କିଛି ସ୍ଥାନରେ ଫୁଡ୍ ପଏଜନିଂ ଓ ଜଣ୍ଡିସକୁ ନଜରରେ ରଖି ଫୁଡ୍ ଇନ୍ସପେକ୍ଟରଙ୍କୁ ନିରୀକ୍ଷଣ ନିମନ୍ତେ ନିର୍ଦ୍ଦେଶ ଦେବା ସହ ଜିଲ୍ଲାପାଳଙ୍କୁ ଏ ବିଷୟରେ ରିପୋର୍ଟ ଦେବାକୁ କହିଥିଲେ।

ସମସ୍ତ ଜିଲ୍ଲା ପ୍ରଶାସନ ଓ ସ୍ୱାସ୍ଥ୍ୟ ଅଧିକାରୀ ଲୋକଙ୍କୁ ସମୟୋପଯୋଗୀ ଓ ଉତ୍ତମ ସ୍ୱାସ୍ଥ୍ୟ ସେବା ପ୍ରଦାନ ନିମନ୍ତେ ସଚେତନ ଓ ସକ୍ରିୟ ରହିବାକୁ ନିର୍ଦ୍ଦେଶ ଦେବା ସହ ରୋଗ ନିୟନ୍ତ୍ରଣ ପାଇଁ ପୂର୍ବ ପ୍ରସ୍ତୁତିକୁ ଆହୁରି ମଜବୁତ କରିବାକୁ କୁହାଯାଇଥିଲା। ବୈଠକରେ ମାତୃ ଓ ଶିଶୁ ସ୍ୱାସ୍ଥ୍ୟ, ଟିକାକରଣ, ଆୟୁଷ୍ମାନ ଭାରତ ଓ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା, ଆୟୁଷ, ଜନଶୁଣାଣି, ପିଏମ ରାହତ, ଅଗ୍ନି ସୁରକ୍ଷା, ସେକ୍ଟର ମିଟିଂ, ଶିଶୁ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ଆଦି ବିଷୟରେ ଆଲୋଚନା କରାଯାଇଥିଲା। ସେହିପରି ସବୁ ଅଧିକାରୀଙ୍କର ଉପସ୍ଥାନକୁ ଏଆଇ ମାଧ୍ୟମରେ ନିରୀକ୍ଷଣ କରାଯିବା ଯିବା ସହ ଏହାକୁ ଗୁରୁତ୍ୱ ଦେବାକୁ ସେ ନିର୍ଦ୍ଦେଶ ଦେଇଥିଲେ।

# ଜୟନ୍ତୀରେ ସନ୍ଥକବି ଭୀମଭୋଇଙ୍କୁ ଶ୍ରଦ୍ଧାଞ୍ଜଳି



ଭୁବନେଶ୍ୱର,୧୨।୫(ସଂଚାର ବ୍ୟୁରୋ): ସନ୍ଥକବି ଭୀମ ଭୋଇଙ୍କ ଜୟନ୍ତୀ ଅବସରରେ ଆଜି ଓଡ଼ିଶା ବିଧାନସଭାର ବାଚସ୍ପତି ସୁରମା ପାଢ଼ୀ ସନ୍ଥକବି ଭୀମ ଭୋଇଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧା ସୁମନ ଅର୍ପଣ କରିଛନ୍ତି। ଓଡ଼ିଶା ବିଧାନସଭା ପାର୍ଶ୍ୱରେ ଥିବା ସନ୍ଥକବି ଭୀମ ଭୋଇଙ୍କ ପ୍ରତିମୂର୍ତ୍ତିରେ ବାଚସ୍ପତି ସୁରମା ପାଢ଼ୀ ଶ୍ରଦ୍ଧା ସୁମନ ଅର୍ପଣ କରିବା ସହ ତାଙ୍କର ସ୍ମୃତିଚାରଣ କରିଛନ୍ତି।

ବାଚସ୍ପତି ଶ୍ରୀମତୀ ପାଢ଼ୀ କହିଛନ୍ତି ଯେ ସନ୍ଥକବି ଭୀମ ଭୋଇ ହେଉଛନ୍ତି ଆମ ଓଡ଼ିଆ ଜାତି ପାଇଁ ଆଦର୍ଶ। ପ୍ରାଣୀଙ୍କ ଆରତ ଦୁଃଖ ଅପ୍ରମିତ, ଦେଖୁ ଦେଖୁ କେବା ସହୁ, ମୋ ଜୀବନ ପଛେ ନର୍କେ ପଡ଼ିଥାଉ, ଜଗତ ଉଦ୍ଧାର ହେଉ, ଏହି ମହାନ ଚିନ୍ତାଧାରା ଓ ସନ୍ଥକବିଙ୍କ ନୀତିବାଣୀ ଆଜି କୋଟି କୋଟି ଲୋକଙ୍କୁ ପ୍ରେରିତ କରିଛି। ସନ୍ଥକବି ଭୀମ ଭୋଇଙ୍କ ଜନ୍ମ ଜୟନ୍ତୀରେ ତାଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି ଶ୍ରୀମତୀ ପାଢ଼ୀ। ଆଜି ସନ୍ଥକବି ଭୀମ ଭୋଇଙ୍କ ଜୟନ୍ତୀ ଅବସରରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ବିଧାନସଭା ସଚିବ ସତ୍ୟବ୍ରତ ରାଉତ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଉପନିର୍ଦ୍ଦେଶକ ଦେବଯାନୀ ଭୂୟାଁ ପ୍ରମୁଖ ଉପସ୍ଥିତ ରହି ସନ୍ଥକବି ଭୀମ ଭୋଇଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି।

# ସ୍କାଉଟ୍ସ ଓ ଗାଇଡ୍ସର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ



ଭୁବନେଶ୍ୱର,୧୨।୫(ସଂଚାର ବ୍ୟୁରୋ): ଓଡ଼ିଶା ରାଜ୍ୟ ଭାରତ ସ୍କାଉଟ୍ସ ଓ ଗାଇଡ୍ସ ସଂସ୍ଥାର ୧୪୬ତମ ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ଆଜି ଅପରାହ୍ନରେ ଅନୁଷ୍ଠିତ ହୋଇଛି। ରାଜ୍ୟ ମୁଖ୍ୟ କମିଶନର ଡଃ. କାଳି ପ୍ରସାଦ ମିଶ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉକ୍ତ ବୈଠକରେ ଜିଲ୍ଲା ଶିକ୍ଷାଧିକାରୀ ତଥା ଜିଲ୍ଲା ମୁଖ୍ୟ କମିଶନରଙ୍କ ସମେତ ବିଭିନ୍ନ ଜିଲ୍ଲାର ସଦସ୍ୟ ଉପସ୍ଥିତ ଥିଲେ। ଯୁଗ୍ମ ସମ୍ପାଦକ ଅନାମିକା ଦାସଙ୍କ ସ୍ୱାଗତ ଅଭିଭାଷଣ ପରେ ଯୁଗ୍ମ ସମ୍ପାଦକ ବିବରଣୀ ପାଠ କରିଥିଲେ। ଓଡ଼ିଶାର ବିଭିନ୍ନ ଜିଲ୍ଲାର ଦିବଂଗତ ସ୍କାଉଟ୍ସ ଓ ଗାଇଡ୍ସର ସଦସ୍ୟସଦସ୍ୟାଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ନୀରବ ପ୍ରାର୍ଥନା କରାଯାଇଥିଲା। ପରେ ବିଗତ ବର୍ଷରେ ରାଜ୍ୟ ସଂସ୍ଥା ପକ୍ଷରୁ ଆୟୋଜିତ ବିଭିନ୍ନ କାର୍ଯ୍ୟକ୍ରମର ସମୀକ୍ଷା କରାଯିବା ସହ ଆଗାମୀ ବର୍ଷରେ ହେବାକୁ ଥିବା କାର୍ଯ୍ୟକ୍ରମ ନେଇ ଆଲୋଚନା କରାଯାଇ ସର୍ବସମ୍ମତି କ୍ରମେ ଗୃହୀତ ହୋଇଥିଲା। ଏହାଛଡ଼ା ଗତ ବର୍ଷର ଆୟବ୍ୟୟର ସମୀକ୍ଷା କରାଯାଇ ଆଗାମୀ ବର୍ଷର ଆର୍ଥିକ ଖର୍ଚ୍ଚ ଅଟକଳ କମିଟି ଦ୍ୱାରା ଅନୁମୋଦନ ଲାଭ କରିଥିଲା। ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟକ୍ରମରେ ରାଜ୍ୟ ବିଶେଷ ସଫଳତା ପାଇଥିବାରୁ କମିଟିରେ ଆନନ୍ଦ ପ୍ରକାଶ ପାଇଥିଲା। ଭବିଷ୍ୟତରେ ଏହାକୁ ଆହୁରି ବ୍ୟାପକ କରିବା ପାଇଁ ରାଜ୍ୟ ମୁଖ୍ୟ କମିଶନର ଡଃ. ମିଶ୍ର ସଦସ୍ୟମାନଙ୍କ ସହଯୋଗ କାମନା କରିଥିଲେ। ଶେଷରେ ରାଜ୍ୟ ସମ୍ପାଦକ ଶରତ ଚନ୍ଦ୍ର ପାଇକରାୟ ଧନ୍ୟବାଦ ଦେଇଥିଲେ।

# ଏଫଏଫସି ଓ 'ଫେମି' ୱାକର୍ସ କ୍ଲବ୍‌ର ବିଶ୍ୱ ମାତୃ ଦିବସ ପାଳନ

ଭୁବନେଶ୍ୱର,୧୨।୫(ସଂଚାର ବ୍ୟୁରୋ): ୱାକର୍ସ ଇଣ୍ଟରନ୍ୟାସନାଲ ଦ୍ୱାରା ଅନୁବନ୍ଧିତ ଫନ୍ ଆଣ୍ଡ ଫିଟନେସ୍ ଏବଂ 'ଫେମି' ମହିଳା ୱାକର୍ସ କ୍ଲବ୍ ପକ୍ଷରୁ ମିଳିତ ଭାବେ ସ୍ଥାନୀୟ ଏନ୍-୩ ଯୁଧିଷ୍ଠିର ଦାସ ପାର୍କରେ ବିଶ୍ୱ ମାତୃ ଦିବସ ପାଳିତ ହୋଇଛି। ନିମନ୍ତ୍ରିତ ଅତିଥି ଭାବେ ଡଃ ଗୋବିନ୍ଦ ଚନ୍ଦ୍ର ଦାଶ, ଇନ୍ଦ୍ରାଣୀ ମିଶ୍ର, ପ୍ରିୟମ୍ବଦା ପ୍ରଧାନ, ଡଃ ରଙ୍ଗାଧର ସାହୁ, ଇଂ ସୁକୁମାର ପରିଡ଼ା, ପ୍ରଣତି ଶତପଥୀ ଆଦି ବକ୍ତାମାନେ ମା' ହିଁ ମାତୃଶକ୍ତି, ଜନ୍ମଦାତ୍ରୀ ଓ ଧରିତ୍ରୀ ଭଳି ସହନଶୀଳତା ଓ ତ୍ୟାଗର ଗନ୍ତାଘର, ହୃଦୟ ତା'ର ଆକାଶ ଭଳି ପରିବ୍ୟାପ୍ତ, ପ୍ରେମର ଅସରନ୍ତି ଭଣ୍ଡାର, ସେହି ମା'ମାନଙ୍କ ଉପଲକ୍ଷେ ତାଙ୍କର ଦୀର୍ଘ ଓ ନିରାମୟ ଜୀବନ କାମନା କରି ବିଶ୍ୱ ଆଜି ପାଳନ କରୁଛି ବିଶ୍ୱ ମାତୃ ଦିବସ ବୋଲି ମତ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମକୁ ସଞ୍ଚାଳନ କରିଥିଲେ ଏଫଏଫସିର ସଭାପତି ସୁଧାକର ଷଡ଼ଙ୍ଗୀ, ସମ୍ପାଦକ ସୌଭାଗ୍ୟ ନାୟକ, ପୂର୍ବତନ ସଭାପତି ଆଶିଷ ପଟ୍ଟନାୟକ, କେଦାର ପଟ୍ଟନାୟକ, ପ୍ରଦୀପ୍ତ ପଣ୍ଡା, ଭବାନୀ ପଟ୍ଟନାୟକ, ଉପଦେଷ୍ଟା ପ୍ରେମାନନ୍ଦ ପୃଷ୍ଟି, ବୈଷ୍ଣବ ଓଝା, 'ଫେମି'ର ସଭାପତି ସଂଯୁକ୍ତା ପଣ୍ଡା, ଜୟନ୍ତୀ ସିଂହ, ପ୍ରଭାତୀ ସାହୁ।

 କଂଗ୍ରେସର ଦାବି

# ଜନତାଙ୍କୁ ସୁରକ୍ଷା ଦେଇପାରୁନଥିବା ସରକାର ଗାଦି ଛାଡ଼ନ୍ତୁ




ଭୁବନେଶ୍ୱର,୧୨।୫(ସଂଚାର ବ୍ୟୁରୋ): ଓଡ଼ିଶାର ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା, ହିଂସା, ଭିଡ଼ ହିଂସା ଅରାଜକତା, ପୁଲିସର ନିଷ୍କ୍ରିୟତା ନେଇ ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ କଂଗ୍ରେସ ଭବନଠାରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ଏଥିରେ ପିସିସି ମୁଖପାତ୍ର ଡଃ ମନୀଷା ଦାସ ପଟ୍ଟନାୟକ କହିଛନ୍ତି ଯେ ଆଜି ରାଜ୍ୟର ପରିସ୍ଥିତି ଅତ୍ୟନ୍ତ ଭୟଙ୍କର ଓ ଚିନ୍ତାଜନକ। ଦିନକୁ ଦିନ ରାଜ୍ୟରେ ବୀଭତ୍ସ ହତ୍ୟା, ଗଣଦୁଷ୍କର୍ମ, ମହିଳା ନିର୍ଯାତନା, ଆତ୍ମଦାହ, ଦାଦାବଟି ଓ ହିଂସା ବଢ଼ି ଚାଲିଛି। ପରିସ୍ଥିତି ଏପରି ହୋଇଛି ଯେ କେହି ବି ନିଜକୁ ସୁରକ୍ଷିତ ମଣୁନାହାନ୍ତି। ଏନସିଆରବି ରିପୋର୍ଟ ମଧ୍ୟ ଓଡ଼ିଶାର ଭୟଙ୍କର ସତ୍ୟକୁ ସାମ୍ନାକୁ ଆଣିଛି। ଏହା ଫଳରେ ଓଡ଼ିଶା ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ବଦନାମ ହୋଇଛି। ଦୁଇ ବର୍ଷର ବିଜେପି ସରକାର କେବଳ ଆତ୍ମ ପ୍ରଚାରରେ ବ୍ୟସ୍ତ। କିନ୍ତୁ ଲୋକଙ୍କ ସୁରକ୍ଷା କଥା ପଚାରିଲେ ବିରୋଧୀଙ୍କୁ କାହିଁକି ଉତ୍ତର ଦିଆଯିବ ବୋଲି ଯୁକ୍ତି ବାଢ଼ୁଛନ୍ତି। ଅନ୍ୟ ରାଜ୍ୟରେ କୌଣସି ଘଟଣା ଘଟିଲେ ସରକାର ତତ୍ପର ହୋଇ ଉଠୁଛନ୍ତି। କିନ୍ତୁ ନିଜ ରାଜ୍ୟ କଥା ଆସିଲା ବେଳକୁ ତଦନ୍ତ ଆଳରେ ଅପରାଧୀଙ୍କୁ ସୁରକ୍ଷା ଦେଉଛନ୍ତି। ବଡ଼ ବଡ଼ ସରକାରୀ ଅଧିକାରୀ, ପୁଲିସ ଅଧିକାରୀଙ୍କର ଅପରାଧ ଲୁଚାଇବା ପାଇଁ କାହାଣୀ ମଧ୍ୟ ରଚାଯାଉଛି। କିନ୍ତୁ ରାଜ୍ୟରେ ଆଇନ ପ୍ରତି ଆଉ କାହାର ଭୟ ନାହିଁ। ଓଡ଼ିଶା ପୁଲିସ କେବଳ ଭିଆଇପି ପ୍ରୋଟୋକଲ ଓ ଟ୍ରାଫିକ ଜରିମାନା ଆଦାୟ କରିବାରେ ନିୟୋଜିତ। ବିରୋଧୀଙ୍କ ଶୋଭାଯାତ୍ରା ନିୟନ୍ତ୍ରଣ ପାଇଁ ନିୟୋଜିତ ହେଉଥିବା ପୁଲିସ୍ କର୍ମଚାରୀମାନଙ୍କୁ ସୁରକ୍ଷା ଦାୟିତ୍ୱରେ ଲଗାଇଲେ କାହାର ବି ଜୀବନ ଯାଆନ୍ତାନି ବୋଲି ଡଃ ପଟ୍ଟନାୟକ କହିଛନ୍ତି।

# ଓଲଟିଲା ପିକଅପ୍ ଭ୍ୟାନ୍: ୬ ଗୁରୁତର

ଆନନ୍ଦପୁର,୧୨।୫(ସଂଚାର ବ୍ୟୁରୋ): ଭାରସାମ୍ୟ ହରାଇ ଏକ ପିକ୍‌ଅପ୍ ଭ୍ୟାନ୍ ଓଲଟି ପଡ଼ିବା ଫଳରେ ମୋଟ ୬ ଜଣ ଯାତ୍ରୀ ଗୁରୁତର ଭାବେ ଆହତ ହୋଇଛନ୍ତି। ଘସିପୁରା ଥାନା ଅନ୍ତର୍ଗତ ଦୀପପାଳ ନିକଟରେ ରାସ୍ତା ତଳକୁ ଉକ୍ତ ଭ୍ୟାନ୍‌ଟି ଓଲଟି ପଡ଼ିଥିଲା।

ମିଳିଥିବା ସୂଚନାନୁସାରେ, ଜର୍ଦ୍ଦାଠାରୁ ଦେଓଗାଁ ଯାଏଁ ହେଉଥିବା ରାସ୍ତା କାମରେ ନିୟୋଜିତ ଶ୍ରମିକମାନେ ଦୀପପାଳ ନିକଟରେ କ୍ୟାମ୍ପ କରି ରହୁଥିଲେ। ସେମାନେ ଆଜି କାମ ସାରି ଉକ୍ତ ଭ୍ୟାନ୍ ଯୋଗେ କ୍ୟାମ୍ପକୁ ଫେରୁଥିବା ସମୟରେ ଏପରି ଅଘଟଣ ଘଟିଛି। ସମସ୍ତ ଆହତଙ୍କୁ ଉଦ୍ଧାର କରାଯାଇ ଆନନ୍ଦପୁର ମେଡିକାଲରେ ଭର୍ତ୍ତି କରାଯାଇଥିବା ବେଳେ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଛି।

# ୧୪ରେ ଏସ୍‌ପି ଅଫିସ ସମ୍ମୁଖରେ ବିଜେଡିର ପ୍ରତିବାଦ

## ଅପରାଧୀମାନଙ୍କୁ ରାଜନୈତିକ ସୁରକ୍ଷା ଦେଉଛି ବିଜେପି



ଭୁବନେଶ୍ୱର,୧୨।୫(ସଂଚାର ବ୍ୟୁରୋ): ରାଜ୍ୟରେ ଆଇନଶୃଙ୍ଖଳା ରସାତଳଗାମୀ। ଏନ୍‌ସିଆର୍‌ବି ରିପୋର୍ଟ ଅନୁଯାୟୀ, ଓଡ଼ିଶାରେ ମହିଳାମାନେ ଅସୁରକ୍ଷିତ। ନିକଟରେ ରାଜ୍ୟରେ ଏମିତି କିଛି ଅପରାଧିକ ଘଟଣା ଘଟିଛି ଯାହା ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଚର୍ଚ୍ଚା ହେଉଛି। ବାଲିଅନ୍ତାରେ ସୌମ୍ୟରଞ୍ଜନଙ୍କୁ ପିଟିପିଟି ମାରିବା ହେଉ କି କଣାସରେ ଦୁର୍ବୃତ୍ତଙ୍କ ବର୍ବରକାଣ୍ଡ, ଏହା ଆଇନଶୃଙ୍ଖଳାର ବାସ୍ତବତାକୁ ପଦାରେ ପକାଇଛି। ଏକଦା ଶାନ୍ତିପ୍ରିୟ ରାଜ୍ୟ ଭାବେ ପରିଚିତ ଓଡ଼ିଶା ଏବେ ଅଶାନ୍ତି ନିଆଁରେ ଜଳୁଛି। ପୁରୀ ଜିଲ୍ଲାରେ ବି ଭୁଶୁଡ଼ିପଡ଼ିଲାଣି ଆଇନଶୃଙ୍ଖଳା ବ୍ୟବସ୍ଥା। ପୁଲିସକୁ ଭୟ କରୁନାହାନ୍ତି ଅପରାଧୀ। ଜିଲ୍ଲାରେ ଦୁଷ୍କର୍ମ, ଗଣଦୁଷ୍କର୍ମ, ନାରୀ ନିର୍ଯାତନା ଉଦ୍‌ବେଗଜନକ ଭାବେ ବଢ଼ିଛି। ପୁଲିସର ଏହିସବୁ ଅପାରଗତା ଅଭିଯୋଗ ବିରୋଧରେ ଜିଲ୍ଲା ବିଜେଡି ପକ୍ଷରୁ ଆସନ୍ତା ୧୪ରେ ଏସ୍‌ପି ଅଫିସ ସମ୍ମୁଖରେ ପ୍ରତିବାଦ କରାଯିବ ବୋଲି ଦଳ ପକ୍ଷରୁ ଘୋଷଣା କରାଯାଇଛି। ବିଜେଡି ଉପସଭାପତି ସଞ୍ଜୟ କୁମାର ଦାସବର୍ମା ଓ ରାଜ୍ୟସଭା ସାଂସଦ ଶୁଭାଶିଷ ଖୁଣ୍ଟିଆ କହିଥିଲେ ଯେ ଡବଲ ଇଞ୍ଜିନ ସରକାର ଆସିବା ପରେ ଏଭଳି କିଛି ଘଟଣା ସମଗ୍ର ରାଜ୍ୟରେ ଘଟିଛି, ଯାହା କେବଳ ହୃଦୟ ବିଦାରକ ନୁହେଁ, ଚରମ ଆଇନ ଶୃଙ୍ଖଳାର ଅଧୋଗତିକୁ ପ୍ରମାଣିତ କରୁଛି। ଗଞ୍ଜାମ ଜିଲ୍ଲା ଗୋପାଳପୁରରେ ଜଣେ ଛାତ୍ରୀଙ୍କୁ ଗଣଦୁଷ୍କର୍ମ, ବାଲେଶ୍ୱର ଏଫ୍‌ଏମ୍ କଲେଜରେ ଛାତ୍ରୀ ସୌମ୍ୟାଶ୍ରୀଙ୍କୁ ଆତ୍ମହତ୍ୟା ପାଇଁ ବାଧ୍ୟ କରାଯିବା, ପୁରୀ ଜିଲ୍ଲା ବଳଙ୍ଗା ପୀଡ଼ିତାଙ୍କ ମୃତ୍ୟୁକୁ ନେଇ ସାରା ରାଜ୍ୟ ଉଠିଲା ପଡ଼ିଲା। ସରକାରଙ୍କର ଚେତା ପଶିନାହିଁ କି ପୁଲିସ୍ ଆଭିମୁଖ୍ୟରେ ପରିବର୍ତ୍ତନ ଆସିନାହିଁ। ପରବର୍ତ୍ତୀ ସମୟରେ ପୁରୀ ଜିଲ୍ଲାରେ ଏମିତି କିଛି ଘଟଣା ଘଟିଲା, ଯାହା ଏ ମାଟିକୁ ଜାତୀୟ ସ୍ତରରେ ନିନ୍ଦିତ କଲା। ବ୍ରହ୍ମଗିରି ବାଲିହରଚଣ୍ଡୀ ପୀଠ ନିକଟ ଜଙ୍ଗଲରେ ଜଣେ ଯୁବତୀଙ୍କୁ ଗଣଦୁଷ୍କର୍ମ, କୃଷ୍ଣପ୍ରସାଦରେ ନାବାଳିକାଙ୍କୁ ଦୁଷ୍କର୍ମ, ଡେଲାଙ୍ଗ ରତନପୁରରେ ନାବାଳକଙ୍କ ସହ ଅପ୍ରାକୃତିକ ଯୌନ ସମ୍ପର୍କ ପରେ ହତ୍ୟା, ବ୍ରହ୍ମଗିରିରେ ଚୋରି ଅଭିଯୋଗରେ ନାବାଳକଙ୍କୁ ରାସ୍ତାରେ ଚଲାଇ ଚଲାଇ ନେବା ଗୋଟିଏ ଗୋଟିଏ ଉଦାହରଣ। ରାଜ୍ୟରେ ଘଟୁଥିବା ଏପରି ଘଟଣାରେ ପ୍ରଶାସନିକ ଆଭିମୁଖ୍ୟ ଓ ପୁଲିସ୍ ବ୍ୟବସ୍ଥାକୁ ଦଳ ନିନ୍ଦା କରିବା ସହ ଆସନ୍ତା ୧୪ରେ ଏସ୍‌ପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ କରାଯିବ ବୋଲି ଶ୍ରୀ ଖୁଣ୍ଟିଆ କହିଛନ୍ତି।

# କଳାମଣ୍ଡଳ ନିର୍ମାଣ କାର୍ଯ୍ୟ ସାରିବାକୁ ସଂସ୍କୃତି ମନ୍ତ୍ରୀଙ୍କ ନିର୍ଦ୍ଦେଶ



ଭୁବନେଶ୍ୱର,୧୨।୫(ସଂଚାର ବ୍ୟୁରୋ): ଭୁବନେଶ୍ୱର ସୈନିକ ସ୍କୁଲ ନିକଟରେ ନିର୍ମାଣାଧୀନ କଳାମଣ୍ଡଳ ପ୍ରକଳ୍ପ କାର୍ଯ୍ୟର ସମୀକ୍ଷା କରିଛନ୍ତି ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ। କଳାମଣ୍ଡଳର ନିର୍ମାଣ କାର୍ଯ୍ୟକୁ ଯଥାଶୀଘ୍ର ସମାପ୍ତ କରିବା ପାଇଁ ସଂସ୍କୃତି ମନ୍ତ୍ରୀ ଶ୍ରୀ ସୂରଜ ନିର୍ଦ୍ଦେଶ ଦେଇଛନ୍ତି। କଳାମଣ୍ଡଳ ପ୍ରକଳ୍ପ ନିର୍ମାଣ କାର୍ଯ୍ୟର ଅଗ୍ରଗତିକୁ ନେଇ ଆଜି ସଂସ୍କୃତି ମନ୍ତ୍ରୀ ଶ୍ରୀ ସୂରଜଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଆଜି ପ୍ରାତଃ ସମୟରେ କଳା ମଣ୍ଡଳ ବୁଲି ଦେଖିବା ସହ ଏହାର ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ମନ୍ତ୍ରୀ ଶ୍ରୀ ସୂରଜ ଇଡ୍‌କୋର ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ।

ପ୍ରାୟ ୧୭୩ କୋଟି ଟଙ୍କା ବ୍ୟୟ ଅଟକଳରେ ନିର୍ମିତ ହେଉଥିବା କଳାମଣ୍ଡଳ କମ୍ପ୍ଲେକ୍ସରେ ୨ ହଜାର ଆସନବିଶିଷ୍ଟ ଅଡିଟୋରିୟମ୍ ଓ ୫୦୦ ଆସନ ବିଶିଷ୍ଟ ଏକ ମୁକ୍ତାକାଶ ରଙ୍ଗମଞ୍ଚର କାର୍ଯ୍ୟ ନିର୍ମାଣାଧୀନ ରହିଛି। ନିର୍ମାଣ କାର୍ଯ୍ୟର ଗୁଣବତ୍ତାକୁ ସୁନିଶ୍ଚିତ କରିବା ପାଇଁ ନିୟମିତ ବ୍ୟବଧାନରେ ସମୀକ୍ଷା ବୈଠକ ପାଇଁ ମନ୍ତ୍ରୀ ଶ୍ରୀ ସୂରଜ ସଂସ୍କୃତି ବିଭାଗ ଓ ଇଡ୍‌କୋ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ଅଗ୍ନି ନିରାପତ୍ତା ବ୍ୟବସ୍ଥା, କଳାମଣ୍ଡଳର ଆଲୋକୀକରଣ, ଦୃଶ୍ୟ-ଶ୍ରାବ୍ୟ ବ୍ୟବସ୍ଥା, ଭିଡିଓ ୱାଲ- ଏଲଇଡି ଇନଷ୍ଟଲେସନ ଆଦି ଉପରେ ମଧ୍ୟ ଶ୍ରୀ ସୂରଜ ଗୁରୁତ୍ୱ ଦେଇଛନ୍ତି।

ସଂସ୍କୃତି ମନ୍ତ୍ରୀ ଆହୁରି ମଧ୍ୟ କହିଛନ୍ତି ଯେ କଳାମଣ୍ଡଳର ନିର୍ମାଣ କାର୍ଯ୍ୟ ଯଥାଶୀଘ୍ର ସମାପ୍ତ ହେବ। କଳା ଓ ସଂସ୍କୃତି କ୍ଷେତ୍ରରେ ପ୍ରସିଦ୍ଧି ଲାଭ କରିଥିବା ବିଶିଷ୍ଟ ବ୍ୟକ୍ତିବିଶେଷଙ୍କ ମତାମତକୁ ନେଇ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ଇଡ୍‌କୋର ମିଳିତ ସମନ୍ୱୟରେ କଳାମଣ୍ଡଳର ନିର୍ମାଣ କାର୍ଯ୍ୟ ଜାରି ରହିଛି।

ରାଜ୍ୟର ସର୍ବବୃହତ ଅଡିଟୋରିୟମ୍ ଓ ମୁକ୍ତାକାଶ ରଙ୍ଗମଞ୍ଚ 'କଳାମଣ୍ଡଳ' ଓଡ଼ିଶାର ସାଂସ୍କୃତିକ ଗୌରବକୁ ଏକ ନୂତନ ପରିଚୟ ଦେବ। ଆମ ଓଡ଼ିଆ ସଂସ୍କୃତିକୁ ବିଶ୍ୱ ବିଦିତ କରିବା ଦିଗରେ ଏହା ଏକ ମାଇଲଖୁଣ୍ଟ ସାଜିବ ବୋଲି ସଂସ୍କୃତି ମନ୍ତ୍ରୀ ଶ୍ରୀ ସୂରଜ କହିଛନ୍ତି। ଆଜିର ସମୀକ୍ଷା ବୈଠକରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ସଚିବ ଡ. ବିଜୟ କେତନ ଉପାଧ୍ୟାୟ, ଇଡ୍‌କୋର ପରିଚାଳନା ନିର୍ଦ୍ଦେଶକ ଡି. ପ୍ରଶାନ୍ତ କୁମାର ରେଡ୍ଡୀ ଓ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

# ଉଜ୍ଜ୍ୱଳ ଭବିଷ୍ୟତ ଆଙ୍କୁଛନ୍ତି ସୌରା ଜନଜାତି

## ପ୍ରୋତ୍ସାହିତ କରୁଛି ବେଦାନ୍ତର ପ୍ରୋଜେକ୍ଟ ଆଦିକଳା




ଭୁବନେଶ୍ୱର,୧୨।୫(ସଂଚାର ବ୍ୟୁରୋ): ପିଢ଼ି ପରେ ପିଢ଼ି ଧରି ଓଡ଼ିଶାର ସୌରା ଜନଜାତିର ସଦସ୍ୟମାନେ ସେମାନଙ୍କ ଘରର ମାଟି କାନ୍ଥରେ ସମୃଦ୍ଧ ଐତିହ୍ୟକୁ ପ୍ରଦର୍ଶନ କରିଆସିଛନ୍ତି। ଚାଉଳ ପେଷ୍ଟ, ପ୍ରାକୃତିକ ରଙ୍ଗ ଓ ବାଉଁଶ ବ୍ରଶ୍ ଭଳି ସରଳ ସାମଗ୍ରୀ ବ୍ୟବହାର କରି ସେମାନେ ଅମଳ, ଶିକାର, ସନ୍ତାନ ପ୍ରସବ ଓ ପୂଜାପାଠର ଦୃଶ୍ୟରେ କାଠି ପରି ଆକୃତିର ଜଟିଳ ନକ୍ଷତ୍ର ଚିତ୍ରିତ କରିଥିଲେ। ଏଗୁଡ଼ିକ କେବଳ ସାଜସଜ୍ଜା ନୁହେଁ, ସେମାନେ ସେମାନଙ୍କର ପୂର୍ବପୁରୁଷ, ଆତ୍ମା ଓ ପ୍ରାକୃତିକ ଜଗତର ବାସିନ୍ଦାଙ୍କ ସହ ଏକ ସ୍ପଷ୍ଟ ସଂଳାପ ଭାବେ କାର୍ଯ୍ୟ କରୁଥିଲେ। କିନ୍ତୁ ସମୟ ସହ ଜନଜାତିର ଯୁବ ପିଢ଼ି ଆର୍ଥିକ ବାସ୍ତବତା ଦ୍ୱାରା ଚାପି ହୋଇ ରହିଥିଲେ। ହସ୍ତଶିଳ୍ପର ସମୟ-ସଘନ ପ୍ରକୃତି, ସଂରଚିତ ବଜାରର ଅନୁପସ୍ଥିତି ଏବଂ ସାମଗ୍ରୀ ଓ ପ୍ଲାଟଫର୍ମର ସୀମିତ ପ୍ରବେଶ ହେତୁ କାରିଗରମାନେ ସମାନ ଭାବରେ ରୋଜଗାର କରିବା ପାଇଁ ସଂଘର୍ଷ କରୁଥିଲେ। ଏହାର ସମୃଦ୍ଧି ସତ୍ତ୍ୱେ ସୌରା କଳା ଏହାର ଅବଶିଷ୍ଟ କଳାକାରଙ୍କ ପାଇଁ କମ୍ ଆର୍ଥିକ ସୁରକ୍ଷା ପ୍ରଦାନ କରିଥିଲା। ଅନେକ ପରିବାର ଐତିହ୍ୟ ଅପେକ୍ଷା ବଞ୍ଚିବା ଓ ପ୍ରବାସୀ ଶ୍ରମିକ ଭାବେ କାମ କରିବା ବାଛିବାକୁ ବାଧ୍ୟ ହୋଇଥିଲେ। ଯାହା ପୂର୍ବରୁ ଯୁଗ ଯୁଗ ଧରି ଏକ ପାରମ୍ପରିକ ଅଭ୍ୟାସ ଥିଲା, ତାହା ଏବେ ସ୍ମୃତିରେ ସଙ୍କୁଚିତ ହେବାର ଆଶଙ୍କା ଥିଲା। ମର୍ଯ୍ୟାଦା ଉପରେ ମୂଳ ଥିବା ଏକ କଳା ଏବେ ଲୋପ ପାଇବାର ଦ୍ୱାର ଦେଶରେ ଠିଆ ହୋଇଛି, କାରଣ ଏହାର ପ୍ରାସଙ୍ଗିକତା ନଥିଲା ବରଂ ଏହାର ଯଥେଷ୍ଟ ସମର୍ଥନ ନ ଥିଲା। ଏହି ପରିସ୍ଥିତି ମଧ୍ୟରେ ବେଦାନ୍ତ ଆଲୁମିନିୟମ ଦ୍ୱାରା ୨୦୧୮ରେ ଆରମ୍ଭ ହୋଇଥିବା ପ୍ରୋଜେକ୍ଟ ଆଦିକଳା ରୂପ ନେଇଥିଲା। କମ୍ପାନୀର ଦୃଷ୍ଟିକୋଣ ସୁଚିନ୍ତିତ ଏବଂ ସମ୍ମାନଜନକ ଥିଲା ପୁନରୁଦ୍ଧାର କେବଳ ସେତେବେଳେ କାମ କରିବ, ଯଦି ଏହା ସମ୍ପ୍ରଦାୟ ମଧ୍ୟରେ, ସମ୍ପ୍ରଦାୟ ଦ୍ୱାରା ଓ ସେମାନଙ୍କ ସର୍ତ୍ତରେ ଘଟେ।

# ଓଡ଼ିଶା କୋଇଲାର ସିଂହଭାଗ ବାହାରକୁ ଯାଉଛି

ଭୁବନେଶ୍ୱର,୧୧।୫: ଓଡ଼ିଶାର କୋଇଲା ଖଣିଗୁଡିକରୁ ଯେତିକି କୋଇଲା ଖୋଳାଯାଉଛି, ତା'ର ସିଂହଭାଗ ରାଜ୍ୟ ବାହାରକୁ ଯାଉଛି। ରାଜ୍ୟ ଭିତରେ ବ୍ୟବହାର ହେଉଥିବା କୋଇଲା ତୁଳନାରେ ରାଜ୍ୟ ବାହାରକୁ ଯାଉଥିବା କୋଇଲାର ପରିମାଣ ଅଧିକ ରହୁଛି।

ରାଜ୍ୟର ପ୍ରମୁଖ କୋଇଲା ଖଣିର ଉତ୍ତୋଳନ ଓ ବ୍ୟବହାରକୁ ଅନୁଧ୍ୟାନ କଲେ ଏହା ଦେଖିବାକୁ ମିଳୁଛି। ୪୩୧ ହେକ୍ଟର ଅଞ୍ଚଳରେ ଥିବା ବସୁନ୍ଧରା କୋଇଲା ଖଣିରୁ କୋଇଲା ଉତ୍ତୋଳନ କରୁଛି ଏମସିଏଲ୍। ଗତ ଆର୍ଥିକ ବର୍ଷରେ ଫେବୃଆରୀ ସୁଦ୍ଧା ଏମସିଏଲ ଉତ୍ତୋଳନ କରିଥିବା କୋଇଲାରରୁ ୩୮,୫୦୮ ନିୟୁତ ଟନ୍ ରାଜ୍ୟ ଭିତରେ ବ୍ୟବହାର ହୋଇଥିବାବେଳେ ରାଜ୍ୟ ବାହାରକୁ ୫୦ହଜାର ନିୟୁତ ଟନ୍‌ରୁ ଅଧିକ କୋଇଲା ଯାଇଛି। ୨୦୨୨-୨୩ ଓ ୨୦୨୩-୨୪ ବର୍ଷରେ ମଧ୍ୟ ଅନୁରୂପ କୋଇଲା ବ୍ୟବହାର ଦେଖିବାକୁ ମିଳିଥିଲା।

ଅନ୍ୟ କୋଇଲା ଖଣିଗୁଡ଼ିକ ମଧ୍ୟରେ କୁଲଦା, ଗର୍ଜନବାହାଲ, ସିଆମାଳ ଆଦି ଖଣିରୁ ଏମସିଏଲ୍ କୋଇଲା ଉତ୍ତୋଳନ କରୁଥିବା ବେଳେ ଡୁଲୁଙ୍ଗାରୁ ଏନଟିପିସି, ମନୋହରପୁରରେ ଓସିପିଏଲ୍ ଓ ଜାମଖାନିରୁ ବେଦାନ୍ତ କୋଇଲା ଉତ୍ତୋଳନ କରୁଛି। ଏମସିଏଲ୍ ଉତ୍ତୋଳନ କରୁଥିବା କୋଇଲା ମଧ୍ୟରୁ ରାଜ୍ୟ ଭିତରେ ଯେତିକି ବ୍ୟବହାର ହେଉଛି, ତା'ଠାରୁ ଅଧିକ ରାଜ୍ୟ ବାହାରକୁ ଯାଉଛି।

ତେବେ ଏନଟିପିସି ଓ ବେଦାନ୍ତ ଯେତିକି ପରିମାଣର କୋଇଲା ଉତ୍ତୋଳନ କରୁଛନ୍ତି, ତାହାକୁ ସମ୍ପୂର୍ଣ୍ଣ ଭାବେ ରାଜ ଭିତରେ ବ୍ୟବହାର କରୁଛନ୍ତି। ୨୦୨୫-୨୬ରେ ଏନଟିପିସି ଡୁଲାଙ୍ଗ କୋଇଲା ଖଣିରୁ ୬ ଲକ୍ଷ ନିୟୁତ ଟନ୍‌ରୁ ଅଧିକ କୋଇଲା ଉତ୍ପାଦନ କରିଥିବାବେଳେ ବେଦାନ୍ତ ଜାମଖାନିରୁ ପାଖପାଖି ୨ ଲକ୍ଷ ନିୟୁତ ଟନ୍ କୋଇଲା ଉତ୍ତୋଳନ କରିଛି। ତେବେ ଓଡ଼ିଶା ସରକାରଙ୍କ ନିୟନ୍ତ୍ରଣାଧିନ ଓସିପିଏଲ୍ ମନୋହରପୁର କୋଇଲା ଖଣିରୁ ଯେତିକି କୋଇଲା ଉତ୍ତୋଳନ କରିଛି ସେଥିରୁ ୧୯ଲକ୍ଷ ଟନ୍ କୋଇଲା ରାଜ୍ୟ ବାହାରକୁ ପଠାଇଛି।

ଏମାନଙ୍କ ବ୍ୟତୀତ ନାଲ୍‌କୋ, ଜେଏସପିଏଲ୍, ଏନଏଲସି ଆଦିକୁ ବି ରାଜ୍ୟରେ ବିଭିନ୍ନ କୋଇଲା ଖଣି ଆବଣ୍ଟନ କରାଯାଇଛି। ରାଜ୍ୟରେ ମୋଟ୍ ୩୮ଟି କୋଇଲା ବ୍ଲକ ବଳବତ୍ତର ଥିବା ବେଳେ ଏଥିରୁ ୨୮ଟି କାର୍ଯ୍ୟକ୍ଷମ ରହିଛି। ଓଡ଼ିଶାରୁ ଉତ୍ପାଦିତ କୋଇଲା ମୁଖ୍ୟତଃ ତାପଜ ବିଦ୍ୟୁତ୍ କେନ୍ଦ୍ରରେ ବ୍ୟବହାର ହେଉଥିବା ବେଳେ ଉତ୍ତୋଳନ କରୁଥିବା ରାଷ୍ଟ୍ରାୟତ୍ତ ଓ ଘରୋଇ କମ୍ପାନୀଗୁଡ଼ିକ ଏହାକୁ ରାଜ୍ୟ ଭିତରେ ଥିବା ନିଜ ନିଜ ତାପଜ କେନ୍ଦ୍ରରେ ବ୍ୟବହାର କରିବା ସହ ରାଜ୍ୟ ବାହାରେ ଥିବା ତାପଜ କେନ୍ଦ୍ରରେ ବ୍ୟବହାର ପାଇଁ ମଧ୍ୟ ପଠାଉଛନ୍ତି। ରାଜ୍ୟରେ ଯେତେସବୁ କୋଇଲା ଖଣିରୁ ବର୍ତ୍ତମାନ ଉତ୍ତୋଳନ ଜାରି ରହିଛି, ସେଥିରୁ ଅଧିକାଂଶ ଅନୁଗୁଳ, ଝାରସୁଗୁଡ଼ା, ସୁନ୍ଦରଗଡ଼ ଆଦି ଜିଲ୍ଲାରେ ରହିଛି। ଏଠାରେ ଉତ୍ତୋଳିତ ହେଉଥିବା କୋଇଲାର ସିଂହଭାଗ ଦାୟିତ୍ୱ ଏମସିଏଲ୍ ହାତରେ ରହିଥିବା ବେଳେ ରାଷ୍ଟ୍ରାୟତ୍ତ ସଂସ୍ଥା ଏନଟିପିସି ଓ ରାଜ୍ୟ ସରକାରଙ୍କ ନିୟନ୍ତ୍ରଣାଧୀନ ଓସିପିଏଲ୍ ମଧ୍ୟ କୋଇଲା ଉତ୍ତୋଳନ କରୁଛନ୍ତି। (ତଥ୍ୟ)

### ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

# ବିଶ୍ୱବ୍ୟାପୀ ନିଯୁକ୍ତିର ବଡ଼ ସଙ୍କଟ

ଆଜିକାଲି କର୍ପୋରେଟ୍ ସେକ୍ଟରରେ ବଡ ପ୍ରମାଣରେ ଛଟେଇ ଏକ ଗୁରୁତ୍ୱପୂର୍ଣ୍ଣ ସମସ୍ୟାରେ ପରିଣତ ହୋଇଛି। ବିଶ୍ୱବ୍ୟାପୀ ଅର୍ଥନୀତିରେ ଏହା ନିଯୁକ୍ତିର ପାଇଁ ଏକ ବଡ଼ ସଙ୍କଟ ସୃଷ୍ଟି କରୁଛି। ଆମେରିକାର ପ୍ରସିଦ୍ଧ କମ୍ପାନୀମାନଙ୍କ ଯଥା ଗୁଗଲ୍, ମାଇକ୍ରୋସଫ୍ଟ,



ଆମାଜନ୍ ଏବଂ ମେଟାରେ ହଜାର ହଜାର କର୍ମୀଙ୍କୁ କର୍ମଚ୍ୟୁତ କରାଯାଇଛି। ୨୦୨୩-୨୪ରେ ଏହି ସଂଖ୍ୟା ୨୬୦,୦୦୦ରୁ ଅଧିକ ହୋଇଥିବା ଜଣାପଡିଛି। ଏହା କେବଳ ପ୍ରଯୁକ୍ତି କ୍ଷେତ୍ରରେ ନୁହେଁ, ବ୍ୟାଙ୍କିଂ, ଉତ୍ପାଦନ ଏବଂ ରିଟେଲ୍ ସେକ୍ଟରରେ ମଧ୍ୟ ବ୍ୟାପ୍ତ ହୋଇଛି। ଭାରତରେ ଟାଟା, ଇନ୍ଫୋସିସ୍ ଏବଂ ଡବ୍ଲ୍ୟୁଆଇପି ଭଳି କମ୍ପାନୀଗୁଡ଼ିକରେ ମଧ୍ୟ ଏହି ପରିସ୍ଥିତି ଦେଖାଯାଉଛି। ଏହା କାର୍ଯ୍ୟକର୍ତ୍ତାମାନଙ୍କ ଜୀବନକୁ ଅସ୍ଥିର କରି ସାମାଜିକ ସ୍ଥିରତାକୁ ପ୍ରଭାବିତ କରୁଛି।

ଏହି ବଡ ଧରଣର ଛଟେଇ ପଛରେ କେତେକ ମୁଖ୍ୟ କାରଣ ରହିଛି। ପ୍ରଥମେ, ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ଏବଂ ଅଟୋମେସନର ବୃଦ୍ଧି କମ୍ପାନୀଗୁଡ଼ିକ ଏଆଇ ଟୁଲଗୁଡ଼ିକ ଯଥା ଚାଟ ଜିପିଟି ବ୍ୟବହାର କରି ମାନବୀୟ ଶ୍ରମକୁ ପ୍ରତିସ୍ଥାପନ କରୁଛନ୍ତି। ଉଦାହରଣ ସ୍ୱରୂପ, ଗୁଗଲ୍ ୧୨,୦୦୦ କର୍ମୀଙ୍କୁ କର୍ମଚ୍ୟୁତ କରି ଏଆଇରେ ନିବେଶ କରିଛି। ଦ୍ୱିତୀୟତଃ, ଅର୍ଥନୈତିକ ଅସ୍ଥିରତା। ମହାମାରୀ ପରେ ବୃଦ୍ଧି ପାଇଥିବା ଅର୍ଥନୀତି ବର୍ତ୍ତମାନ ମନ୍ଦାଭିମୁଖୀ ହୋଇ ପଡ଼ିଛି। ମୁଦ୍ରାସ୍ଫୀତି, ସୁଧ ହାର ବୃଦ୍ଧି ଏବଂ ଯୁଦ୍ଧକାଳୀନ ପରିସ୍ଥିତି କମ୍ପାନୀଗୁଡ଼ିକୁ ଖର୍ଚ୍ଚ କମାଇବାକୁ ବାଧ କରୁଛି। ତୃତୀୟତଃ, ଅତ୍ୟଧିକ ନିଯୁକ୍ତି। ପାଣ୍ଡେମିକ୍ ସମୟରେ ଅଧିକ କର୍ମୀ ନେଇଥିବା କମ୍ପାନୀଗୁଡ଼ିକ ବର୍ତ୍ତମାନ ସଂକୋଚ କରୁଛନ୍ତି। ଏହା ସହିତ ଜଳବାୟୁ ପରିବର୍ତ୍ତନ ଏବଂ ଜିଓପଲିଟିକ୍ସ ମଧ୍ୟ ପ୍ରଭାବ ପକାଉଛି।

ଏହି ପରିସ୍ଥିତିର ପ୍ରଭାବ ବିଶ୍ୱବ୍ୟାପୀ ନିଯୁକ୍ତି ଉପରେ ଗଭୀର। ପ୍ରଥମେ, ବେକାରୀ ହାର ବୃଦ୍ଧି ପାଉଛି। ୟୁଏସ୍-ରେ ଟେକ୍ ସେକ୍ଟରରେ ୨୦% ବେକାରୀ ହାର ଦେଖାଯାଉଛି। ଭାରତରେ ଆଇଟି କର୍ମୀଙ୍କର ମଧ୍ୟ ୮୦,୦୦୦ରୁ ଅଧିକ ଛଟେଇ ହୋଇଛନ୍ତି। ଏହା ଯୁବକମାନଙ୍କର ଭବିଷ୍ୟତ ଅନିଶ୍ଚିତ କରୁଛି। ଦ୍ୱିତୀୟତଃ, ଅର୍ଥନୈତିକ ଅସମାନତା। କର୍ମଚ୍ୟୁତି ଗ୍ରାହକ ବ୍ୟୟ କମାଇ ଅର୍ଥନୀତିକୁ କ୍ଷତିଗ୍ରସ୍ତ କରୁଛି। ତୃତୀୟତଃ, ସାମାଜିକ ଅସ୍ଥିରତା। ମାନସିକ ଚାପ, ଦାରିଦ୍ର୍ୟ ଏବଂ ଅସମାନତା ବୃଦ୍ଧି ପାଉଛି। ମହିଳା ଏବଂ ନୂତନ କର୍ମୀମାନେ ଅଧିକ ପ୍ରଭାବିତ ହେଉଛନ୍ତି।

ଏହି ଛଟେଇ ପ୍ରତିରୋଧ ପାଇଁ ସରକାର, କମ୍ପାନୀ ଏବଂ କାର୍ଯ୍ୟକର୍ତ୍ତାମାନଙ୍କୁ ସମନ୍ୱିତ ପ୍ରୟାସ ଆବଶ୍ୟକ। ସରକାରମାନେ ପୁନଃନିଯୁକ୍ତି ନୀତି ଗଢ଼ିବା ଉଚିତ। ଯଥା, ସ୍କିଲ୍ ଡେଭଲପମେଣ୍ଟ ପ୍ରୋଗ୍ରାମ୍, ନିଯୁକ୍ତି ସୁରକ୍ଷା ନିୟମ ଏବଂ ଏଆଇ ନିୟନ୍ତ୍ରଣ। ଇଉରୋପୀୟ ସମ୍ମିଳନୀରେ ୯୦ ଦିନର ସୂଚନା ଆଦର୍ଶ ଅନୁସରଣ କରାଯାଇପାରିବ। କମ୍ପାନୀଗୁଡ଼ିକ ରିସ୍କିଲିଂରେ ନିବେଶ କରିବା ଉଚିତ। ଉଦାହରଣ ସ୍ୱରୂପ, ଆଇବିଏମ୍ ଏଆଇ ପ୍ରଶିକ୍ଷଣ ଦେଇ କର୍ମୀଙ୍କୁ ରକ୍ଷା କରିଛି। କାର୍ଯ୍ୟକର୍ତ୍ତାମାନେ ବହୁମୁଖୀ ଦକ୍ଷତା ଅର୍ଜନ କରିବେ। କର୍ପୋରେଟ୍ କର୍ମଚ୍ୟୁତି କେବଳ ଅର୍ଥନୈତିକ ନୁହେଁ, ଏହା ଏକ ମାନବୀୟ ସଙ୍କଟ। ଏହାକୁ ଅବହେଳା କରିଲେ ବିଶ୍ୱବ୍ୟାପୀ ସ୍ଥିରତା ନଷ୍ଟ ହେବ। ସମସ୍ତେ ମିଶି ନୂତନ ନିଯୁକ୍ତି ମଡେଲ ସୃଷ୍ଟି କରିବା ଆବଶ୍ୟକ।

# ବିଷ୍ଣୁପ୍ରିୟା ଓଡ଼ିଶାର 'ନାଇଟେଙ୍ଗଲ୍'

ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର



୧୯୪୭ ମସିହା ଦ୍ୱିତୀୟାର୍ଦ୍ଧ। ସ୍ୱାଧୀନତାର ସ୍ୱାଦକୁ ଦେଶବାସୀ ଠିକ୍ ଭାବେ ଅନୁଭବ କରିପାରିନଥାନ୍ତି। ସେତିକିବେଳେ, ରକ୍ଷଣଶୀଳ ଓଡ଼ିଆ ସମାଜରେ ଜଣେ ୨୧ ବର୍ଷୀୟା ଝିଅ ସୁଦୂର ଦିଲ୍ଲୀ ଯାଇ ନର୍ସ ଭଳି ପେସାର ତାଲିମ୍ ନେବା କିଛି କମ୍ କଥା ନଥିଲା। ଏହି ଝିଅ ଜଣକ ଅନ୍ୟ କେହି ନଥିଲେ - ସେ ଥିଲେ ଓଡ଼ିଶା ନର୍ସିଂ ସମାଜର କୁଳବୃଦ୍ଧା ବିଷ୍ଣୁପ୍ରିୟା ମହାନ୍ତି। ବିଷ୍ଣୁପ୍ରିୟାଙ୍କ ପଦକ୍ଷେପକୁ ସେତେବେଳେ କେବଳ ଯେ ସମାଲୋଚନା କରାଯାଇଥିଲା, ତା ନୁହେଁ; ପରିବାରକୁ ମଧ୍ୟ ଅନେକ ପ୍ରକାର କୁତ୍ସାରଟନାର ସମ୍ମୁଖୀନ ହେବାକୁ ପଡ଼ିଥିଲା। ହେଲେ ସମଗ୍ର ସମାଜର ଉନ୍ନତି ପାଇଁ ସଂକଳ୍ପ ବଦ୍ଧ ହୋଇଥିବା ବିଷ୍ଣୁପ୍ରିୟା ଏ ସବୁକୁ ଆଡେଇ ଦେଇ ଆଗେଇ ଯାଇଥିଲେ; ଆଉ ରଖି ଯାଇଥିଲେ ସବୁ କ୍ଷେତ୍ରରେ ପ୍ରଥମ ହେବାର ଅନନ୍ୟ ଉଦାହରଣ। ପ୍ରଥମ ଓଡ଼ିଆ ନର୍ସିଂ ଛାତ୍ରୀ, ପ୍ରଥମ ମାଟ୍ରନ୍, ପ୍ରଥମ ଡିପ୍ ମାଟ୍ରନ୍, ପ୍ରଥମ ପ୍ରିନ୍ସପାଲ ଟ୍ୟୁଟର୍, କଲେଜ ଅଫ୍ ନର୍ସିଂର ପ୍ରଥମ ଅଧ୍ୟକ୍ଷା ଓ ଏମିତି ଅନେକ ପ୍ରଥମ। କୁହାଯାଏ ପ୍ରଥମ ହେବାଟା ଯେତିକି କଷ୍ଟ, ପ୍ରଥମ ସ୍ଥାନକୁ ବଜାୟ ରଖିବା ତା ଠାରୁ ଢ଼େର୍ ଅଧିକ କଷ୍ଟ। ହେଲେ, ବିଷ୍ଣୁପ୍ରିୟା କେବଳ ଯେ ପ୍ରଥମ ହୋଇଥିଲେ ତା ନୁହେଁ, ଶେଷ ପର୍ଯ୍ୟନ୍ତ ନିଜର ପ୍ରଥମ ସ୍ଥାନକୁ ବଜାୟ ରଖିଥିଲେ। ଦିଲ୍ଲୀର ରାଜକୁମାରୀ ଅମୃତା କୌର କଲେଜ ଅଫ୍ ନର୍ସିଂ (ଦିଲ୍ଲୀ କଲେଜ ଅଫ୍ ନର୍ସିଂ ଭାବେ ପରିଚିତ)ରୁ ବିଏସ୍‌ସି ନର୍ସିଂ ଓ ପରେ ଏମ୍ଏସ୍‌ସି ନର୍ସିଂ ଶିକ୍ଷା ଗ୍ରହଣ କରିଥିଲେ। ଶିକ୍ଷା ଶେଷ ହେବା ପୂର୍ବରୁ ବିଷ୍ଣୁପ୍ରିୟାଙ୍କୁ ସୁଯୋଗ ମିଳିଥିଲା ଦିଲ୍ଲୀର କେତେକ ପ୍ରତିଷ୍ଠିତ ଚିକିତ୍ସାଳୟରେ ଯୋଗଦେବାକୁ। ଅନ୍ୟ କେହି ହୋଇଥିଲେ ବ୍ୟକ୍ତିଗତ ପ୍ରତିଷ୍ଠା ସମ୍ପନ୍ନତା ପାଇଁ ଏହାକୁ କେବେ ହାତଛଡ଼ା କରିନଥାନ୍ତା। ହେଲେ ନିଜ ରାଜ୍ୟର ଅସହାୟ ରୋଗୀମାନଙ୍କ ସେବା କରିବାକୁ ଯିଏ ସଂକଳ୍ପବଦ୍ଧତାକୁ ଏ ସବୁ ଲୋଭ ଅଟକାଇପାରିଥାଆନ୍ତା ବା କେମିତି ? ଶିକ୍ଷା ସମାପ୍ତିରେ ବିଷ୍ଣୁପ୍ରିୟା ବାଛି ନେଇଥିଲେ ଓଡ଼ିଶାକୁ ନିଜର କର୍ମଭୂମି (ବରଂ ସେବା ଭୂମି କହିଲେ ଅଧିକ ଉପଯୁକ୍ତ ହେବ) ଭାବେ।

ଏସ୍‌ସିବିରୁ ପ୍ରଥମ ଓଡ଼ିଆ ନର୍ସ ଭାବେ କାର୍ଯ୍ୟ ଆରମ୍ଭ କରିବା ସହିତ ଓଡ଼ିଆ ଝିଅମାନଙ୍କୁ ଅଧିକରୁ ଅଧିକ ଏହି ପେସାପ୍ରତି ଆକୃଷ୍ଟ କରାଇବାର ଉଦ୍ୟମ ଆରମ୍ଭ କରିଦେଇଥିଲେ। ପଦୋନ୍ନତି ଓ ନିଷ୍ପତ୍ତି ନେବାର କ୍ଷମତା ମିଳିବା କ୍ଷଣି ଓଡ଼ିଆ ଝିଅମାନଙ୍କୁ ବାଙ୍ଗାଲୋର, ଭେଲୋର, ଦିଲ୍ଲୀ ଓ ମାଡ୍ରାସ୍‌ର ଚିକିତ୍ସାଳୟକୁ ପାଠାଇ ଉନ୍ନତ ସ୍ତରରେ ନର୍ସିଂ ତାଲିମ ଦିଆଇବାରେ ମଧ୍ୟ ସେ କେବେ କୌଣସି ସୁଯୋଗ ହାତଛଡ଼ା କରିନଥିଲେ। ସେଇଥିପାଇଁ 'ବଡ଼ ଦିଦି' ବୋଲି ସମ୍ବୋଧନ କରୁଥିଲେ ବି ଅଧିକାଂଶ ସେବିକା ତାଙ୍କୁ ନିଜ ମା' ଭଳି ଦେଖୁଥିଲେ। ସେ ମଧ୍ୟ। ମାତୃବତ୍ ସ୍ନେହ ଦେବାରେ କେବେ କାର୍ପଣ୍ୟତା ଦେଖାଇ ନଥିଲେ। ଚାକିରି କାଳରେ ନର୍ସିଂ ସେବାକୁ ଅଧିକ ଲୋକାଭିମୁଖୀ କରାଇବା ସହ ନର୍ସିଂ କଲେଜ ପ୍ରତିଷ୍ଠା ଭଳି ବହୁ ଯୁଗାନ୍ତକାରୀ ପଦକ୍ଷେପ ତାଙ୍କ ଧ୍ୱଜା ତଳେ ନିଆଯାଇଥିଲା। ଚାକିରିର ଶେଷ ସମୟରେ ବହୁଉଚ୍ଚ ପଦସ୍ଥ ଅଧିକାରୀ ଚାକିରିକାଳକୁ ବଢ଼ାଇବା ପାଇଁ ସରକାରଙ୍କ ଦ୍ୱାରସ୍ଥ ହେଉଥିବା ବେଳେ ବିଷ୍ଣୁପ୍ରିୟାଙ୍କ କ୍ଷେତ୍ରରେ ଠିକ୍ ତାର ଓଲଟା ଘଟିଥିଲା। ସରକାରଙ୍କ ପକ୍ଷରୁ ତାଙ୍କୁ ନିବେଦନ କରାଯାଇଥିଲା ଆଉ ଦୁଇ ବର୍ଷ ଅଧିକ ସେବା କରିବାକୁ। କହିବା ଅନାବଶ୍ୟକ ହିମାଳୟ ପରି ତାଙ୍କର ପ୍ରଚଣ୍ଡ ପ୍ରତିଭା ଓ ନର୍ସିଂ ସେବା ପ୍ରତି ତାଙ୍କର ସମର୍ପଣ ଭାବ ଯୋଗୁଁ ସରକାରଙ୍କ ପକ୍ଷରୁ ନିୟମର ଏଭଳି ପରିବର୍ତ୍ତନ କରାଯାଇଥିଲା। ଅବସର ନେବା ପରେ ମଧ୍ୟ ବିଷ୍ଣୁପ୍ରିୟା ଚୁପ୍ ହୋଇ ବସିନଥିଲେ। ନିଜ ଉଦ୍ୟମରେ 'ଲିଟିଲ୍ ବାର୍ଡ଼' ନାମକ ସ୍କୁଲ ଖୋଲିବା ସହ ଶେଷ ସମୟ ପର୍ଯ୍ୟନ୍ତ 'ଉପେନ୍ଦ୍ର ଟ୍ରଷ୍ଟ କଲେଜ୍ ଅଫ୍ ନର୍ସିଂ'ର ନିର୍ଦ୍ଦେଶିକା ଭାବରେ କାର୍ଯ୍ୟ କରୁଥିଲେ। ବିଷ୍ଣୁପ୍ରିୟାଙ୍କ ସମାଜ ସେବାର କାହାଣୀ ବଖାଣି ବସିଲେ ସମୟ ଓ କାଗଜ କମ୍ ପଡ଼ିଯିବ। ଓଡ଼ିଶା ନର୍ସିଂ ସେବାର ଏହି କୁଳବୃଦ୍ଧାଙ୍କାର ପରଲୋକ ହୋଇଥିଲେ ବି ନର୍ସିଂ ସେବାରେ ତାଙ୍କର ଅବଦାନ ଚିର ସ୍ମରଣୀୟ ହୋଇ ରହିବ। ଓଡ଼ିଶାର ସେବିକା ସମାଜ ପାଇଁ ସେ ସର୍ବଦା ଆଦର୍ଶ ଓ ପ୍ରେରଣାର ମାର୍ଗଦର୍ଶିକା ହୋଇ ରହିବେ।

**ଅବସରପ୍ରାପ୍ତ ବିଭାଗୀୟ ମୁଖ୍ୟ, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ, ମୋବାଇଲ୍:୯୪୩୭୦୫୧୯୫୭**



# ବର୍ଷେ ପାଇଁ ସୁନା ନ କିଣିବାକୁ ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନ



ଡକ୍ଟର ଅମୂଲ୍ୟ କୁମାର ପଣ୍ଡା

ମଧ୍ୟପ୍ରାଚ୍ୟରେ ବଢ଼ୁଥିବା ଯୁଦ୍ଧ ପରିସ୍ଥିତି ଏବଂ ଇରାନ, ଇସ୍ରାଏଲ ଓ ଆମେରିକା ମଧ୍ୟରେ ଚାଲିଥିବା ବାକ୍ ଯୁଦ୍ଧକୁ ଦୃଷ୍ଟିରେ ରଖି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଭାରତର ଅର୍ଥନୀତି, ବୈଦେଶିକ ମୁଦ୍ରା ସଞ୍ଚୟ ଏବଂ ଘରୋଇ ନିବେଶକୁ ସୁଦୃଢ଼ କରିବା ପାଇଁ କିଛି ଖର୍ଚ୍ଚ ନିୟନ୍ତ୍ରଣ କରିବା, ବିଦେଶ ଯାତ୍ରାକୁ ସୀମିତ ରଖିବା ଏବଂ ଏକ ବର୍ଷ ପାଇଁ ସୁନା କିଣିବାରୁ ନିବୃତ୍ତ ରହିବାକୁ ଜନସାଧାରଣଙ୍କୁ ନିବେଦନ କରିଛନ୍ତି। ଏହାକୁ ବିରୋଧୀ ଦଳଗୁଡ଼ିକ ସମାଲୋଚନା କରିଛନ୍ତି ଏବଂ ଜନସାଧାରଣଙ୍କ ମଧ୍ୟରେ ଭୟର ଭାବନା ସୃଷ୍ଟି କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଧ୍ୟ ନାଗରିକମାନଙ୍କୁ ଗୋଟିଏ ବର୍ଷ ପାଇଁ ସୁନା କିଣିବାରୁ ନିବୃତ୍ତ ରହିବାକୁ ଯେଉଁ ନିବେଦନ କରିଛନ୍ତି, ଏହାର ଅର୍ଥ ସୁନା ଉପରେ ସମ୍ପୂର୍ଣ୍ଣ ନିଷେଧ ନୁହେଁ, ବରଂ ଦେଶର ଆର୍ଥିକ ସନ୍ତୁଳନ ଏବଂ ଦୀର୍ଘକାଳୀନ ବିକାଶ ପାଇଁ ସୁନା ଉପରେ ଅତ୍ୟଧିକ ନିର୍ଭରଶୀଳତା ହ୍ରାସ କରିବା। ଭାରତରେ ସୁନା କେବଳ ଏକ ଅଳଙ୍କାର ସାମଗ୍ରୀ ନୁହେଁ, ଏହା ସାମାଜିକ ଭାବନା, ପରମ୍ପରା ଏବଂ ଆର୍ଥିକ ସୁରକ୍ଷାର ପ୍ରତୀକ। ତଥାପି ସୁନାର ଅତ୍ୟଧିକ ଆମଦାନୀ ଦେଶର ଅର୍ଥନୀତି ଉପରେ ଚାପ ପକାଇଥାଏ। ଭାରତୀୟ ସଂସ୍କୃତିରେ ସୁନାର ଅତ୍ୟନ୍ତ ଗୁରୁତ୍ୱ ରହିଛି। ବିବାହ, ପର୍ବ, ଧାର୍ମିକ ଉଦ୍ଦେଶ୍ୟ ଏବଂ ସଞ୍ଚୟ ପାଇଁ ସୁନାକୁ ଏକ ମୂଲ୍ୟବାନ ସମ୍ପତ୍ତି ଭାବରେ ବିବେଚନା କରାଯାଏ। ଗ୍ରାମାଞ୍ଚଳରୁ ସହରାଞ୍ଚଳ ପର୍ଯ୍ୟନ୍ତ ପ୍ରାୟ ପ୍ରତ୍ୟେକ ପରିବାର ସୁନାକୁ ଏକ ସୁରକ୍ଷିତ ନିବେଶ ବୋଲି ବିବେଚନା କରନ୍ତି। ଅନେକ ଲୋକ ବ୍ୟାଙ୍କ ଅପେକ୍ଷା ସୁନା ଉପରେ ଅଧିକ ବିଶ୍ୱାସ କରନ୍ତି। ତଥାପି, ଯେତେବେଳେ ଭାରତ ବିଦେଶରୁ ବହୁ ପରିମାଣର ସୁନା ଆମଦାନୀ କରେ, ସେତେବେଳେ ଏହି ଅଭ୍ୟାସ ଦେଶର ଅର୍ଥନୀତି ପାଇଁ ସମସ୍ୟା ସୃଷ୍ଟି କରେ। ଭାରତ ବିଶ୍ୱର ସୁନାର ସବୁଠାରୁ ବଡ଼ ଗ୍ରାହକ ଦେଶମାନଙ୍କ ମଧ୍ୟରୁ ଗୋଟିଏ। ଏଥିପାଇଁ ବହୁ ପରିମାଣର ବିଦେଶୀ ମୁଦ୍ରା ଖର୍ଚ୍ଚ କରିବାକୁ ପଡ଼ିଥାଏ। ଭାରତ ଆବଶ୍ୟକତା ତୁଳନାରେ ବହୁତ କମ୍ ସୁନା ଉତ୍ପାଦନ କରେ। ତେଣୁ ଅଧିକାଂଶ ସୁନା ବିଦେଶରୁ ଆମଦାନୀ କରାଯାଏ। ଯେତେବେଳେ ଭାରତ ଅତ୍ୟଧିକ ସୁନା କିଣେ, ସେତେବେଳେ ଡଲାର ଆକାରରେ ବହୁତ ଟଙ୍କା ବିଦେଶକୁ ଚାଲିଯାଏ। ଫଳସ୍ୱରୂପ, ଦେଶର ଚଳିତ ଆକାଉଣ୍ଟ ନିଅଣ୍ଟ ବୃଦ୍ଧି ପାଏ ଏବଂ ଡଲାର ତୁଳନାରେ ଭାରତୀୟ ଟଙ୍କା ଦୁର୍ବଳ ହୋଇଯାଏ।

ଯେତେବେଳେ ଚାଲୁ ଆକାଉଣ୍ଟ ନିଅଣ୍ଟ ବୃଦ୍ଧି ପାଏ, ଏହା ଦେଶର ଅର୍ଥନୀତି ଉପରେ ଚାପ ପକାଏ ଓ ଡଲାର ତୁଳନାରେ ଟଙ୍କାର ମୂଲ୍ୟ ହ୍ରାସ ପାଏ। ଆମଦାନୀ ମହଙ୍ଗା ହୁଏ ଏବଂ ମୁଦ୍ରାସ୍ଫୀତି ହ୍ରାସ ହେବାର ସମ୍ଭାବନା ଥାଏ। ଏହି ପରିପ୍ରେକ୍ଷୀରେ ମୋଦି ସରକାର ଲୋକମାନଙ୍କୁ ସୁନାରେ ଅତ୍ୟଧିକ ନିବେଶ କରିବା ପରିବର୍ତ୍ତେ ବ୍ୟାଙ୍କ, ମ୍ୟୁଚୁଆଲ୍ ଫଣ୍ଡ, ଷ୍ଟକ୍ ବଜାର, ଡିଜିଟାଲ୍ ସୁନା ବଣ୍ଡ୍ ଇତ୍ୟାଦି ଉପରେ ଧ୍ୟାନ ଦେବାକୁ ବାରମ୍ବାର ଆହ୍ୱାନ ଦେଇଥିଲେ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସୁନା କିଣିବାକୁ ମନା କରିବାର ମୁଖ୍ୟ କାରଣ ହେଉଛି ଯେ ଯେତେବେଳେ ଭାରତ ସୁନା କିଣେ, ସେତେବେଳେ ତାକୁ ଡଲାରରେ ଦେୟ ଦେବାକୁ ପଡ଼ିଥାଏ। ବହୁ ପରିମାଣର ସୁନା ଆମଦାନୀ କରିବା ଦ୍ୱାରା ବିଦେଶୀ ମୁଦ୍ରା ଭଣ୍ଡାର ହ୍ରାସ ପାଏ। ଯୁଦ୍ଧ, ତୈଳ ମୂଲ୍ୟ ବୃଦ୍ଧି, ବିଶ୍ୱ ମାନ୍ଦାବସ୍ଥା ଇତ୍ୟାଦି ସମୟରେ ଦେଶ ପାଇଁ ବୈଦେଶିକ ମୁଦ୍ରା ସଂରକ୍ଷଣ କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ତେଣୁ ଲୋକମାନେ ଅନାବଶ୍ୟକ ସୁନା କ୍ରୟ ହ୍ରାସ କରି ଦେଶର ଆର୍ଥିକ ସ୍ଥିରତାରେ ଯୋଗଦାନ ଦେବା ଉଚିତ। ସୁନାରେ ଗଚ୍ଛିତ ଟଙ୍କା ସାଧାରଣତଃ ଅର୍ଥନୀତିର ଉତ୍ପାଦକ କ୍ଷେତ୍ରରେ ବ୍ୟବହୃତ ହୁଏ ନାହିଁ। ଏହା ଘରୋଇ ଲକର କିମ୍ବା ବ୍ୟାଙ୍କ ଲକରରେ ନିଷ୍କ୍ରିୟ ହୋଇ ପଡ଼ି ରହିଥାଏ। ଯଦି ସେହି ଟଙ୍କା ବ୍ୟାଙ୍କରେ ଜମା କରାଯାଏ କିମ୍ବା ଶିଳ୍ପ, ବ୍ୟବସାୟ, କୃଷି ଏବଂ ପୁଞ୍ଜି ବଜାରରେ ନିବେଶ କରାଯାଏ, ତେବେ ଏହା ପ୍ରକୃତରେ ନିଯୁକ୍ତି ସୃଷ୍ଟି କରେ ଏବଂ ଦେଶର GDP ବୃଦ୍ଧି କରେ। ଯେତେବେଳେ ସୁନାର ମୂଲ୍ୟ ବୃଦ୍ଧି ପାଏ, ସେତେବେଳେ ଅଳଙ୍କାରର ମୂଲ୍ୟ ମଧ୍ୟ ବୃଦ୍ଧି ପାଏ। ବିବାହ ଏବଂ ସାମାଜିକ କାର୍ଯ୍ୟକଳାପରେ ଅଧିକ ଖର୍ଚ୍ଚ ହୁଏ। ଅନେକ ପରିବାର ଋଣରେ ସୁନା କିଣନ୍ତି, ଯାହା ଆର୍ଥିକ ଚାପ ସୃଷ୍ଟି କରେ। ଭାରତରେ କଳାଧନ ଲୁଚାଇବା ପାଇଁ ପ୍ରାୟତଃ ସୁନା ବ୍ୟବହାର କରାଯାଏ। ଅବୈଧ ସୁନା କ୍ରୟ, ଚୋରାଚାଲାଣ ଏବଂ ନଗଦ କାରବାର ଅର୍ଥନୀତିକୁ କ୍ଷତି ପହଞ୍ଚାଏ। ଏହି କାରଣଗୁଡ଼ିକୁ ଧ୍ୟାନରେ ରଖି



ପ୍ରଧାନମନ୍ତ୍ରୀ ଜନସାଧାରଣଙ୍କୁ ଏକବର୍ଷ ସୁନା ନ କିଣିବାକୁ ପରାମର୍ଶ ଦେଇଛନ୍ତି।

ଆମେ ଜାଣୁ ଯେ ମୋଦି ସରକାର "ସୁନା ମୁଦ୍ରୀକରଣ ଯୋଜନା" ଆରମ୍ଭ କରିଥିଲେ। ଏହି ଯୋଜନାର ଲକ୍ଷ୍ୟ ଥିଲା ଘରେ ପଡ଼ି ରହିଥିବା ଅଚଳ ସୁନାକୁ ମୁଖ୍ୟଧାରାର ଅର୍ଥନୀତିରେ ସାମିଲ କରିବା। ଲୋକମାନେ ବ୍ୟାଙ୍କରେ ସେମାନଙ୍କର ସୁନା ଜମା କରି ଏହା ଉପରେ ସୁଧ ପାଇପାରିବେ। ଏହା ସରକାରଙ୍କ ପାଇଁ ବିଦେଶରୁ ସୁନା ଆମଦାନୀ କରିବାର ଆବଶ୍ୟକତାକୁ ହ୍ରାସ କରିବ। ସରକାର "ସାର୍ବଭୌମ ସ୍ୱର୍ଣ୍ଣ ବଣ୍ଡ" ଯୋଜନା ମଧ୍ୟ ଆରମ୍ଭ କରିଥିଲେ। ଏହି ଯୋଜନା ଅଧୀନରେ, ଲୋକମାନେ ଭୌତିକ ସୁନା କିଣିବା ପରିବର୍ତ୍ତେ କାଗଜ କିମ୍ବା ଡିଜିଟାଲ ରୂପରେ ସୁନାରେ ନିବେଶ କରିପାରିବେ। ଏହାର ଦୁଇଟି ଲାଭ ଥିଲା। ପ୍ରଥମତଃ, ସୁନା ଚୋରି କିମ୍ବା ଗଚ୍ଛିତ ହେବାର ଭୟ ନଥିଲା ଏବଂ ଦ୍ୱିତୀୟତଃ, ସରକାର ଏଥିରେ ସୁଧ ମଧ୍ୟ ଦେଉଥିଲେ ଯାହା ଦେଶର ଅଭିବୃଦ୍ଧିରେ ଅବଦାନ ରଖିଥିଲା। ଏହା ଦେଶର ବୈଦେଶିକ ମୁଦ୍ରା ସଂରକ୍ଷଣ କରିବାର ଏକ ପ୍ରୟାସ ଥିଲା। ତଥାପି, ବର୍ତ୍ତମାନ, ମଧ୍ୟପ୍ରାଚ୍ୟରେ ଆନ୍ତର୍ଜାତୀୟ ଯୁଦ୍ଧ ପରିସ୍ଥିତିକୁ ଦୃଷ୍ଟିରେ ରଖି ଏବଂ ଭବିଷ୍ୟତର ବିପଦରୁ ଦେଶକୁ ରକ୍ଷା କରିବା ପାଇଁମୋଦି ସରକାର ଗୋଟିଏ ବର୍ଷ ପାଇଁ ସୁନା କ୍ରୟ ଉପରେ ନିଷେଧ କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କ ଭାଷଣ ଏବଂ ଅର୍ଥନୈତିକ ଆଲୋଚନାରେ ନାଗରିକମାନଙ୍କୁ କିଛି ସମୟ ପାଇଁ ନୂତନ ସୁନା କିଣିବାକୁ କିମ୍ବା ସମ୍ଭବ ହେଲେ ଏହାକୁ ସମ୍ପୂର୍ଣ୍ଣ ଭାବରେ କିଣିବାରୁ ଦୂରେଇ ରହିବାକୁ ଅନୁରୋଧ କରିଥିଲେ। ଏହା ଦେଶର ଆର୍ଥିକ ସ୍ଥିତିକୁ ସୁଦୃଢ଼ କରିବା ଏବଂ ପ୍ରଗତି ପାଇଁ ଏକ ଔଷଧ ପ୍ରମାଣିତ ହେବ। ଏହା କୌଣସି ଆଇନଗତ ପ୍ରତିବନ୍ଧକ ନୁହେଁ। ଏହା ମୋଦିଙ୍କ ଏକ ଜାତୀୟ ଆବେଦନ। ଯେପରି ଜାତୀୟ ସଙ୍କଟ ସମୟରେ ଲୋକଙ୍କୁ ଶକ୍ତି ସଂରକ୍ଷଣ କରିବାକୁ କିମ୍ବା ସ୍ୱଦେଶୀ ଉତ୍ପାଦ ବ୍ୟବହାର କରିବାକୁ ଅନୁରୋଧ କରାଯାଏ, ସେହିପରି ମୋଦି ତାଙ୍କ ଭାଷଣ ମାଧ୍ୟମରେ ସୁନା ଆମଦାନୀ ହ୍ରାସ କରିବାକୁ ସର୍ବସାଧାରଣରେ ନିବେଦନ କରିଛନ୍ତି, ଯାହା ଏକ ଜାତୀୟ ଆର୍ଥିକ ଦାୟିତ୍ୱ।

କିଛି ଲୋକ ଏହାକୁ ସକାରାତ୍ମକ ଭାବରେ ନେଇଛନ୍ତି ଏବଂ ବ୍ୟାଙ୍କ ଜମା, ମ୍ୟୁଚୁଆଲ୍ ଫଣ୍ଡ ଏବଂ ଡିଜିଟାଲ୍ ନିବେଶରେ ଆଗ୍ରହ ଦେଖାଇଛନ୍ତି। ତଥାପି, ଅନେକ ଲୋକ କୁହନ୍ତି ଯେ ସୁନା କିଣିବାର ଅଭ୍ୟାସକୁ ସମ୍ପୂର୍ଣ୍ଣ ଭାବରେ ଭାଙ୍ଗିବା କଷ୍ଟକର କାରଣ ସେମାନେ ଏହାକୁ ପରମ୍ପରା ଏବଂ ସୁରକ୍ଷାର ପ୍ରତୀକ ବୋଲି ବିବେଚନା କରନ୍ତି। ବିଶେଷକରି ଗ୍ରାମାଞ୍ଚଳରେ, ସୁନାକୁ ଏକ ଜରୁରୀକାଳୀନ ସଞ୍ଚୟ ସାମଗ୍ରୀ ଭାବରେ ବିବେଚନା କରାଯାଏ, ଯାହାକୁ ବୁଝିବା ଏବଂ ମୋଦିଙ୍କ କଥା ବୁଝିବା ପାଇଁ ସମୟ ଲାଗିପାରେ। ଭାରତୀୟ ପରିବାରରେ ସୁନା ଭାବନା ସହିତ ଜଡିତ। ପିତାମାତାମାନେ ସେମାନଙ୍କ ଝିଅମାନଙ୍କ ପାଇଁ ସୁନା ସଞ୍ଚୟ କରନ୍ତି, ଏବଂ ବିବାହରେ ସୁନାକୁ ସମ୍ମାନ ଏବଂ ଧନର ପ୍ରତୀକ ଭାବରେ ବିବେଚନା କରାଯାଏ। ତେଣୁ, ସୁନା କ୍ରୟକୁ ସମ୍ପୂର୍ଣ୍ଣ ଭାବରେ ବନ୍ଦ କରିବା ଅସମ୍ଭବ। କିନ୍ତୁ ଯଦି ସରକାର ଏହାକୁ ନିୟନ୍ତ୍ରିତ ଏବଂ ସଂଗଠିତ ରଖନ୍ତି, ତେବେ ଜନସାଧାରଣଙ୍କ ମଧ୍ୟରେ ସଚେତନତା ଏବଂ କିଛି ନିୟମ ସୁନା କିଣିବାରେ ସଂକୋଚକୁ ହ୍ରାସ କରିପାରିବ। ସରକାରୀ ଆହ୍ୱାନ ଏବଂ ବିଭିନ୍ନ ଯୋଜନା ଯୋଗୁଁ, କିଛି ଲୋକ ଡିଜିଟାଲ୍ ନିବେଶ ପ୍ରତି ଆକର୍ଷିତ ହେଉଛନ୍ତି ଏବଂ ବ୍ୟାଙ୍କିଂ ବ୍ୟବସ୍ଥାରେ ସେମାନଙ୍କର ଟଙ୍କା ନିବେଶ କରୁଛନ୍ତି। ମ୍ୟୁଚୁଆଲ୍ ଫଣ୍ଡରେ ଭାରତୀୟ ନିବେଶକଙ୍କ ଅଂଶ ବୃଦ୍ଧି ପାଉଛି, ଏବଂ ଷ୍ଟକ୍ ବଜାରରେ ଖୁଚୁରା ନିବେଶକଙ୍କ ସଂଖ୍ୟା ବୃଦ୍ଧି ପାଉଛି। ସୁନା କିଣିବାକୁ କିଛି ସମୟ ଲାଗିପାରେ। କିଛି ଅର୍ଥନୀତିଜ୍ଞ ବିଶ୍ୱାସ କରନ୍ତି ଯେ ସୁନା ଭାରତୀୟ ପରିବାର ପାଇଁ ଏକ ସୁରକ୍ଷିତ ସମ୍ପତ୍ତି। ସମସ୍ତେ ବ୍ୟାଙ୍କ ଏବଂ ବଜାରକୁ ବିଶ୍ୱାସ କରନ୍ତି ନାହିଁ। ସେମାନଙ୍କ ମତରେ, ସୁନା ମୂଲ୍ୟ ବୃଦ୍ଧିରୁ ରକ୍ଷା କରେ। ଅର୍ଥନୈତିକ ସଙ୍କଟ ସମୟରେ, ସୁନାର ମୂଲ୍ୟ ବୃଦ୍ଧି ପାଏ, ଯାହା ଲୋକଙ୍କୁ ମାନସିକ ଏବଂ ଆର୍ଥିକ ସହାୟତା ପ୍ରଦାନ କରେ। ତେଣୁ, ସୁନାକୁ ସମ୍ପୂର୍ଣ୍ଣ ଖରାପ ନିବେଶ କହିବା କିମ୍ବା ସମ୍ପୂର୍ଣ୍ଣ ବର୍ଷ ପାଇଁ ଏହାକୁ କିଣିବା ବନ୍ଦ କରିବା ଠିକ୍ ନୁହେଁ। ସୁନା କ୍ରୟ ଉପରେ ଅସ୍ଥାୟୀ ନିୟନ୍ତ୍ରଣ ପାଇଁ ନରେନ୍ଦ୍ର ମୋଦିଙ୍କ ଆହ୍ୱାନ ମୁଖ୍ୟତଃ ଦେଶର ଅର୍ଥନୀତିକୁ ସୁଦୃଢ଼ କରିବା ପାଇଁ ଥିଲା। ଏହା ଦେଶର ବୈଦେଶିକ ମୁଦ୍ରାକୁ ବଞ୍ଚାଇବା, ମୁଦ୍ରାସ୍ଫୀତି ନିୟନ୍ତ୍ରଣ କରିବା, କଳାଧନକୁ ରୋକିବା ଏବଂ ଉତ୍ପାଦକ ନିବେଶ ବୃଦ୍ଧି କରିବା ପାଇଁ ଥିଲା। ଯଦିଓ ସୁନା ଭାରତୀୟ ସଂସ୍କୃତିର ଏକ ଅଂଶ, ଏହାର ଅତ୍ୟଧିକ ଆମଦାନୀ ଦେଶ ଉପରେ ଆର୍ଥିକ ଚାପ ପକାଇଥାଏ। ତେଣୁ, ଏହି ସଙ୍କଟ ସମୟରେ, ସରକାର ଏବଂ ଜନସାଧାରଣଙ୍କ ମଧ୍ୟରେ ଭଲ ବୁଝାମଣା ସହିତ ଏହି ପଦକ୍ଷେପ ନେବା ବୁଦ୍ଧିମାନର କାର୍ଯ୍ୟ ହେବ କହିଲେ ଅତ୍ୟୁକ୍ତି ହେବନାହିଁ ।

ଅରଙ୍ଗାବାଦ, ବରୀ, ଯାଜପୁର
ମୋବାଇଲ:୮୨୪୯୫୦୨୭୭୬

# ବିପନ୍ନ ହେବାରେ ଲାଗିଛି ଆଞ୍ଚଳିକ ଦଳଙ୍କ ସ୍ଥିତି



ଗୋପାଳ ମହାପାତ୍ର

ଭାରତୀୟ ରାଜନୀତିର ପରିଦୃଷ୍ୟରେ ଏକ ଏମିତି ଘଟଣା ଘଟୁଛି ଯାହାକୁ ବୁଝିବା ଓ ସେ ପ୍ରସଙ୍ଗରେ ଚିନ୍ତା କରିବା ଜରୁରୀ ହୋଇପଡ଼ିଛି। ଏକଦା ବିଜେପି "କଂଗ୍ରେସ ମୁକ୍ତ ଭାରତ"ର ସ୍ଲୋଗାନ ଦେଉଥିଲା ସେତେବେଳେ ଅନେକେ ଚିନ୍ତା କରୁଥିଲେ ଯେ ବିଜେପି ମଜା କରୁଛି ବା ମନଗଢ଼ା କଥା କହୁଛି କିନ୍ତୁ ଏବେର ରାଜନୈତିକ ଦୃଷ୍ୟ ପଟ୍ଟକୁ ଦେଖିଲେ ଏହା "ଆଞ୍ଚଳିକଦଳ ମୁକ୍ତ ଭାରତ"ର ଏକ ବଡ଼ ଯୋଜନା ଭଳି ଜଣାପଡୁଛି। ବିଜେପିର ରଣନୀତିରୁ ସ୍ପଷ୍ଟଯେ, ବିଜେପି ଅତି ଆଦରର ସହ କୌଣସି ଆଞ୍ଚଳିକ ଦଳର ହାତ ଧରୁଛି, ସେଇ ଆଞ୍ଚଳିକ ଦଳ ସହ ମିଶି ସରକାର ଗଠନ କରୁଛି। ସେଠାକାର ରାଜନୀତିର ଭିତିରି କଥାକୁ ବୁଝୁଛି ଓ ଧିରେ ଧିରେ ନିଜର ବିସ୍ତାରକରି ସେଇ ଆଞ୍ଚଳିକ ଦଳକୁ ନିର୍ମୁଳ କରିବାର ଯୋଜନା କରୁଛି।

ନୀତିଶ କୁମାର ହୁଅନ୍ତୁ ବା ଉଦ୍ଧବ ଠାକ୍‌ରେ, ନବୀନ ପଟ୍ଟନାୟକ ହୁଅନ୍ତୁ ବା ବାଦଲ ପରିବାର ଏଇ ଆଞ୍ଚଳିକ ଦଳ ମୁକ୍ତ ଭାରତ ପ୍ଲାନର କାହାଣୀ ଗୋଟିଏ ପ୍ରକାର ଲେଖାହେଲା ଭଳି ଲାଗୁଛି। ବିହାର କଥା ଆଲୋଚନା କରାଗଲେ ଜଣାପଡେ ଯେ ନୀତିଶ କୁମାର ବଡ଼ ଭାଇ ଥିଲେ ଓ ବିଜେପି ନୀତିଶଙ୍କ ପଛରେ ଥିଲା କିନ୍ତୁ ଏବେ ସ୍ଥିତି ପୁରା ଓଲଟା ହୋଇଯାଇଛି। ବିହାରରେ ଏବେ ବିଜେପି ସବୁଠାରୁ ବଡ଼ ଦଳ/ଶକ୍ତି ପାଲଟି ଯାଇଛି ଏବଂ ନୀତିଶ କୁମାର ସ୍ଥିତି ବଞ୍ଚାଇବା ପାଇଁ ସଂଘର୍ଷ କରୁଅଛନ୍ତି। ମହାରାଷ୍ଟ୍ରରେ ଯେଉଁ ଶିବସେନା ବିଜେପିର ହାତ ଧରି ହିନ୍ଦୁତ୍ୱର ରାସ୍ତା ଦେଖାଇଥିଲା ଏବେ ସେଇ ଶିବ ସେନା ଦୁଇ ଭାଗରେ ବିଭକ୍ତ ଓ ପରିଚୟ ପାଇଁ ଲଢେଇ କରୁଛି। ଓଡ଼ିଶାରେ ନବୀନ ପଟ୍ଟନାୟକଙ୍କୁ ଅପରାଜେୟ ବୋଲି କୁହାଯାଉଥିଲା। ୨୪ ବର୍ଷ ଧରି ଶାସନ କରିଥିବା ବିଜେଡି ବା ନବୀନ ପଟ୍ଟନାୟକଙ୍କ ଦଳର ଯେମିତି ବିପର୍ଯ୍ୟୟ ହେଲା ତାହା ରାଜନୈତିକ ପଣ୍ଡିତ ମାନଙ୍କୁ ଚକିତ କରିଦେଇଥିଲା। ଓଡ଼ିଶାରେ ସଂଖ୍ୟା ଗରିଷ୍ଠତା ହାସଲ କରି ବିଜେପି ସରକାର ଗଠନ କରି ସାବ୍ୟସ୍ତ କରିଦେଇଛି ଯେ କୌଣସି ଦଳର ସ୍ଥିତିକୁ କେମିତି ଭୁଷୁଡାଇ ଦିଆଯାଇପାରିବ ସେକଥା ବିଜେପିକୁ ଜଣାଅଛି। ଏକ ଦଶନ୍ଧି ପୁର୍ବରୁ ପଶ୍ଚିମବଂଗରେ ବିଜେପିର ସ୍ଥିତି ନଥିଲା କିନ୍ତୁ ଏବେ ବିଜେପି ପ୍ରଚଣ୍ଡ ବହୁମତରେ ଜିତିଛି।

ବିଜେପିର ଏଇ କାୟାବିସ୍ତାରର କ୍ଷୁଧା ପଞ୍ଜାବ ଏବଂ ଦକ୍ଷିଣ ଭାରତ ଆଡକୁ ମଧ୍ୟ ଲମ୍ବିଗଲାଣି। ପଞ୍ଜାବରେ ଅକାଳିଦଳ ସହ ସମ୍ପର୍କକୁ ଭାଙ୍ଗି ବିଜେପି ତାର ସ୍ଥିତିକୁ ଯେପରି ସୁଦୃଢ଼ କରିପାରିଛି ସେଥିରୁ ସ୍ପଷ୍ଟ ଯେ




ଆଗାମୀ ବର୍ଷ ପଞ୍ଜାବରେ ହେବାକୁ ଥିବା ପଞ୍ଜାବ ବିଧାନସଭା ନିର୍ବାଚନରେ କେଜ୍ରିୱାଲଙ୍କ ଆମ୍ ଆଦ୍‌ମୀ ପାର୍ଟି ପାଇଁ ଅସୁବିଧା ସୃଷ୍ଟି ହେବ। ଦକ୍ଷିଣ ଭାରତ ବିଜେପି ପାଇଁ ଏକ ପ୍ରୟୋଗଶାଳା ପାଲଟିଛି ଓ ବିଜେପି ସେଠି ନିତି ପ୍ରତି ନୂଆ ନୂଆ ପ୍ରୟୋଗ କରିବାରେ ଲାଗିଛି। ତାମିଲନାଡୁ ରାଜନୀତିରେ ଦୁଇଟି ଦଳ ଡିଏମ୍‌କେ ଓ ଏଆଇଡ଼ି ଏମ କେ କୁ ଲୋକେ ଗ୍ରହଣ କରିନେଇଥିଲେ। କିନ୍ତୁ ଏଆଇଡିଏମ୍ କେ ଦୁର୍ବଳ ହୋଇପଡ଼ିବା କାରଣରୁ ବିଜେପି ସେଠି ତାର ସ୍ଥିତିକୁ ବିସ୍ତାର କରିବା ପାଇଁ ଉଦ୍ୟମ ଆରମ୍ଭ କରିଛି। କେରଳରେ କଂଗ୍ରେସ ଏବଂ ବାମଦଳ ବ୍ୟତୀତ ଅନ୍ୟ କାହାରି ସ୍ଥିତି ନଥିଲା। କିନ୍ତୁ ତ୍ରିଶୁର ଆସନ ଜିତି ବିଜେପି ତାର ଭୋଟ ହାର ବଢ଼ାଇବାରେ ସକ୍ଷମ ହୋଇଛି। କଂଗ୍ରେସ ଯଦିଓ କେରଳରେ ଜିତିଛି କିନ୍ତୁ କଂଗ୍ରେସ ନେତା ମାନେ ଜାଣିଛନ୍ତି ଯେ ବିଜେପିର ନଜର ଏବେ କେରଳ ଉପରେ ରହିଛି। ବିଜେପି ମଧ୍ୟ କେରଳରେ ସ୍ଥିତି ସୁଦୃଢ଼ କରିବା ପାଇଁ ଉଦ୍ୟମ ଆରମ୍ଭ କରିଦେଇଛି।

ପଶ୍ଚିମବଂଗ ବିଧାନସଭା ଫଳାଫଳ ଘୋଷଣା ହେବା ପରେ ବିଜେପି ମୁଖ୍ୟାଳୟରେ ଦଳୀୟ ନେତାଙ୍କୁ ସମ୍ବୋଧନ କରି ପ୍ରଧାନ ମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଥିଲେ ଯେ ମହିଳା ଆରକ୍ଷଣ ବିଧେୟକକୁ ବିରୋଧ କରି ଅଖିଳେଶ ଯାଦବ ମସ୍ତବଡ଼ ଭୁଲ କରିଛନ୍ତି ଓ ଏହା ତାଙ୍କ ରାଜନୀତି ପାଇଁ ମହଙ୍ଗା ପଡ଼ିବ। ଏଥିରୁ ସ୍ପଷ୍ଟ ଯେ ବିଜେପି ଆଗାମୀ ଦିନରେ ପୁନଃ ଉତ୍ତର ପ୍ରଦେଶକୁ ହାତେଇବାର ଉଦ୍ୟମରେ ରହିଛି। ହୁଏତ ଆଗାମୀ ଦିନରେ ହେବାକୁ ଥିବା ଉତ୍ତର ପ୍ରଦେଶର ବିଧାନସଭା ନିର୍ବାଚନରେ ଅଖିଳେଶ ଯାଦବଙ୍କ ସମାଜବାଦୀ ପାର୍ଟି ମଧ୍ୟ ଖତଖାଇଯିବ। ଆଞ୍ଚଳିକ ଦଳମାନେ ଯେଉଁ ସବୁ ପ୍ରସଙ୍ଗକୁ ନେଇ ନିର୍ବାଚନ ଲଢ଼ୁଥିଲେ ସେ ସବୁ ପ୍ରସଙ୍ଗକୁ ପଛରେ ପକାଇ ଦେଇଛି ବିଜେପି। ଅନ୍ୟ ପକ୍ଷରେ କଂଗ୍ରେସର କିନ୍ତୁ ଭିନ୍ନ ତର୍କ। କଂଗ୍ରେସର ଅନେକ ନେତାଙ୍କ ମତ ହେଉଛି ଆଞ୍ଚଳିକ ଦଳମାନେ ବିଜେପିର ଆକ୍ରାମକ ବିଚାରଧାରାର ମୁକାବିଲା କରିପାରୁ ନାହାଁନ୍ତି। ଆଞ୍ଚଳିକ ଦଳ ଏବଂ ବିଜେପି ମଧ୍ୟରେ ମୁକାବିଲା ଆହୁରି ବଢ଼ିବ ଶେଷରେ ଦେଶରେ "କଂଗ୍ରେସ ବନାମ ବିଜେପି"ରହିବାର ସମୟ ଆସିବ। ଅର୍ଥାତ କଂଗ୍ରେସ ମଧ୍ୟ ଚାହୁଁଛି ଯେ ଆଞ୍ଚଳିକ ଦଳମାନେ ଦୁର୍ବଳ ହେଲେ କଂଗ୍ରେସର ଲାଭ ହେବ। କଂଗ୍ରେସ ଶାସନକୁ ଆସି ନପାରିଲେ ମଧ୍ୟ ମୁଖ୍ୟ ବିରୋଧି ଦଳ ହୋଇ ରହିବ। ଅଲାପଡ଼ି ବିଜୟଙ୍କ ଭଳି ନୂଆ ଚେହେରା ତାମିଲନାଡୁରେ ଲୋକଙ୍କ ମନରେ ଆଶା ସଞ୍ଚାର କରି ପାରନ୍ତି କିନ୍ତୁ ବିଜେପି ଯେମିତି ଷ୍ଟାଇଲରେ କାମ କରୁଛି ସେଥିରୁ ସ୍ପଷ୍ଟ ଯେ ତାମିଲନାଡୁର ବିଜୟଙ୍କ ତିଷ୍ଠିବା ମୁସ୍କିଲ ହୋଇପଡ଼ିବ।

ପ୍ରଶ୍ନ ଉଠୁଛି ଯେ ଏଭଳି ଘଟଣା କ'ଣ ଗଣତନ୍ତ୍ର ପାଇଁ ଠିକ୍ କି? ଭାରତ ଏକ ଏଭଳି ଦେଶ ଯେଉଁଠି ଅନେକ ଭାଷା ଓ ସଂସ୍କୃତି ରହିଛି। ଆଞ୍ଚଳିକ ଦଳମାନେ ସ୍ଥାନୀୟ ଭାଷା ବା ଲୋକଙ୍କ ସ୍ୱର ହୋଇଥାନ୍ତି। ଯଦି ଆଞ୍ଚଳିକ ଦଳମାନେ ନିର୍ମୁଳ ହୋଇଯିବେ ତେବେ କ'ଣ ସ୍ଥାନୀୟ ପ୍ରସଙ୍ଗ ସଂସଦରେ ଦବିଯିବ? ବିଜେପି କୌଣସି ରାଜ୍ୟରେ ଦ୍ୱିତୀୟ ବା ତୃତୀୟ ସ୍ଥାନରେ ରହିବାର ମାନସିକତାରେ ନାହିଁ। ଯଦି ଆଞ୍ଚଳିକ ଦଳ ମାନେ ଲୋପ ପାଇଯିବେ ତେବେ ଦେଶରେ ମାତ୍ର ଦୁଇଟି ଦଳ ରହିଯିବ। ଆଗକୁ କ'ଣ ହେବ ସେ କଥା ସମୟ କହିବ। ଆଞ୍ଚଳିକ ପରିଚୟ ଏବଂ ସ୍ୱରକୁ ବଞ୍ଚେଇ ରଖିବା ପାଇଁ ଲୋକେ ଚାହିଁବେ ନା ନାହିଁ?

**ରାମଚନ୍ଦ୍ରପୁର, ରଣପୁର
ମୋବାଇଲ୍:୯୪୩୮୪୮୫୦୯୪**

# ଦୁର୍ନୀତିଗ୍ରସ୍ତ ସରକାର ପାଇଁ ଭାଙ୍ଗିଲା ଛାତ୍ରଛାତ୍ରୀଙ୍କ ସ୍ୱପ୍ନ

## ନିଟ୍ ପରୀକ୍ଷା ବାତିଲ ନେଇ ସରକାରଙ୍କୁ ରାହୁଲଙ୍କ ଟାର୍ଗେଟ




ନୂଆଦିଲ୍ଲୀ,୧୨।୫: ଲୋକସଭାରେ ବିରୋଧୀ ଦଳ ନେତା ଏବଂ କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀ ନିଟ୍ ପରୀକ୍ଷା ବାତିଲକୁ ନେଇ ସରକାରଙ୍କୁ କଡା ସମାଲୋଚନା କରିଛନ୍ତି। ସେ ସରକାରଙ୍କୁ ଟାର୍ଗେଟ କରି କହିଛନ୍ତି ଯେ, ତଥାକଥିତ ଅମୃତ କାଳ ଦେଶ ପାଇଁ ବିଷ କାଳ ପାଲଟିଛି। ପେପର ଲିକ୍ ୨୨ ଲକ୍ଷ ଛାତ୍ରଛାତ୍ରୀଙ୍କ ସ୍ୱପ୍ନକୁ ଭାଙ୍ଗି ଦେଇଛି ଏବଂ ଏଥିପାଇଁ ବିଜେପିର ଦୁର୍ନୀତିଗ୍ରସ୍ତ ସରକାର ଦାୟୀ। ରାହୁଲ କହିଛନ୍ତି ଯେ, ଛାତ୍ରଛାତ୍ରୀମାନେ ପରୀକ୍ଷା ପାଇଁ ପ୍ରସ୍ତୁତ ହେବା ପାଇଁ ବ୍ୟାଙ୍କ ଋଣ ନେଇଥିଲେ। ମାଆମାନେ ସେମାନଙ୍କର ଅଳଙ୍କାର ବନ୍ଧକ ରଖିଥିଲେ।

ସରକାରଙ୍କୁ ଟାର୍ଗେଟ କରି ରାହୁଲ କହିଛନ୍ତି, ଏହା ବଦଳରେ ସେମାନଙ୍କୁ ପେପର ଲିକ୍, ସରକାରୀ ଅବହେଳା ଏବଂ ଶିକ୍ଷାରେ ସଂଗଠିତ ଦୁର୍ନୀତି ମିଳିଥାଏ। ଏହା କେବଳ ଏକ ବିଫଳତା ନୁହେଁ, ବରଂ ଏହି ଦେଶର ଯୁବପିଢ଼ିଙ୍କ ବିରୁଦ୍ଧରେ ଏକ ଅପରାଧ। ପ୍ରତ୍ୟେକ ଥର, ପେପର ମାଫିଆମାନେ ମୁକ୍ତ ହୋଇଯାଆନ୍ତି, କିନ୍ତୁ ସଚ୍ଚୋଟ ଛାତ୍ରମାନେ ଏହାର ମୂଲ୍ୟ ଦିଅନ୍ତି। ଏବେ, ଲକ୍ଷ ଲକ୍ଷ ଛାତ୍ର ପୁଣି ଥରେ ମାନସିକ ଚାପ, ଆର୍ଥିକ ବୋଝ ଏବଂ ଅନିଶ୍ଚିତତାର ସମ୍ମୁଖୀନ ହେବେ।'

ଉଲ୍ଲେଖନୀୟ ଯେ, ପେପର ଲିକ୍ ମାମଲାକୁ ନେଇ ବିରୋଧୀଙ୍କ ଆକ୍ରମଣର ଶିକାର ହୋଇଛନ୍ତି ସରକାର। ସମସ୍ତ ବିରୋଧୀ ଦଳ ସରକାରଙ୍କୁ ଘେରିଛନ୍ତି। ରାଜସ୍ଥାନର ପୂର୍ବତନ ମୁଖ୍ୟମନ୍ତ୍ରୀ ଏବଂ କଂଗ୍ରେସ ନେତା ଅଶୋକ ଗେହଲଟ୍ କେନ୍ଦ୍ର ଏବଂ ରାଜ୍ୟର ବିଜେପି ସରକାରଙ୍କୁ ଟାର୍ଗେଟ କରିଛନ୍ତି। ଅଶୋକ ଗେହଲଟ୍ ରାଜସ୍ଥାନ ସରକାରଙ୍କ ଉପରେ ଏହି ମାମଲାକୁ ଲୁଚାଉଥିବା ଅଭିଯୋଗ କରିଛନ୍ତି। ସେ କହିଛନ୍ତି, ସରକାର ଯୁବପିଢ଼ିଙ୍କ ଭବିଷ୍ୟତ ସହିତ ଖେଳୁଛି। ରାଜସ୍ଥାନର ବିଜେପି ସରକାର ଜାଣିଶୁଣି ଦୁଇ ସପ୍ତାହ ଧରି ଏହାକୁ ଲୁଚାଇବାକୁ ଚେଷ୍ଟା କରିଥିଲେ ଏବଂ ଯୁବପିଢ଼ିଙ୍କ ଭବିଷ୍ୟତ ସହିତ ଖେଳୁଥିଲେ। ଜାତୀୟ ପରୀକ୍ଷା ଏଜେନ୍ସି (ଏନଟିଏ) ପରୀକ୍ଷା ବାତିଲ କରି ସିବିଆଇକୁ ତଦନ୍ତ ଭାରତ ଦେଇ ଯୁବପୀଢ଼ିଙ୍କ ହିତରେ ଏକ ସାହସିକ ନିଷ୍ପତ୍ତି ନେଇଛନ୍ତି। ସେପଟେ ଆମ୍ ଆଦମୀ ପାର୍ଟିର ସଂଯୋଜକ ଅରବିନ୍ଦ କେଜରିଓ୍ୱାଲ ଏହାକୁ ସରକାରଙ୍କ ବିଫଳତା ବୋଲି କରିଛନ୍ତି। ସେ କହିଛନ୍ତି, ଏହା ପ୍ରଥମ ଥର ନୁହେଁ ଯେତେବେଳେ ନିଟ୍ ପରୀକ୍ଷାର ପେପର ଲିକ୍ ହୋଇଛି। ଏଭଳି ୪ ଥର ହୋଇସାରିଛି।

### ଗଣିତଜ୍ଞ ଆନନ୍ଦ କୁମାରଙ୍କ ଅସନ୍ତୋଷ



ନିଟ୍ ପରୀକ୍ଷା ବାତିଲ କରାଯିବା ପରେ ସୁପର-ଥାର୍ଟିର ପ୍ରତିଷ୍ଠାତା ତଥା ବିଶିଷ୍ଟ ଗଣିତଜ୍ଞ ଆନନ୍ଦ କୁମାର ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। କୋଚିଂ ସେଣ୍ଟରଗୁଡ଼ିକୁ କଠୋର ଭାବରେ ନିୟନ୍ତ୍ରଣ କରିବା ସହିତ ଏକ ଦୃଢ଼ ପରୀକ୍ଷା ବ୍ୟବସ୍ଥା ପାଇଁ ସେ ଦାବି କରିଛନ୍ତି। ଆନନ୍ଦ କୁମାର କହିଛନ୍ତି ଯେ, କୋଚିଂ ସେଣ୍ଟରଗୁଡ଼ିକ ଶିକ୍ଷାକୁ ଏକ ବ୍ୟବସାୟରେ ପରିଣତ କରିଛନ୍ତି। ଯେଉଁ କୋଚିଂ ସେଣ୍ଟରଗୁଡ଼ିକ ଏହିପରି ଅନିୟମିତତା କିମ୍ବା ପ୍ରଶ୍ନପତ୍ର ଲିକ୍ ମାମଲାରେ ସଂଶ୍ଳିଷ୍ଟ ଅଛନ୍ତି, ସେମାନଙ୍କ ଉପରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେ ସରକାରଙ୍କୁ ଅନୁରୋଧ କରିଛନ୍ତି। ଚୀନ୍ ଭଳି କଠୋର ନିୟମ ଲାଗି କରିବାକୁ ସେ ପରାମର୍ଶ ଦେଇଛନ୍ତି।

### ଚୀନ ଭଳି କଟକଣା ପାଇଁ ଦାବି

ନିଟ୍ ପ୍ରଶ୍ନପତ୍ର ଲିକ୍ ପରେ ଭାରତର ଶିକ୍ଷାବ୍ୟବସ୍ଥାକୁ ନେଇ ପ୍ରଶ୍ନ ଉଠିଛି। ବିଶେଷକରି ଗୁରୁତ୍ୱପୂର୍ଣ୍ଣ ପରୀକ୍ଷା କ୍ଷେତ୍ରରେ ଚୀନ୍ ଭଳି କଠୋରତା ଅବଲମ୍ବନ କରିବାକୁ ବହୁ ବୁଦ୍ଧିଜୀବୀ ଦାବି କରିଛନ୍ତି। ଚୀନ୍‌ରେ ଶିକ୍ଷାର ବ୍ୟବସାୟିକରଣକୁ ସମ୍ପୂର୍ଣ୍ଣ ନିଷିଦ୍ଧ ଘୋଷଣା କରାଯାଇଛି। ଘରୋଇ ଟ୍ୟୁଟୋରିଂ ବା ପ୍ରାଇଭେଟ୍ କୋଚିଂ ସେଣ୍ଟର ଉପରେ କଠୋର କଟକଣା ଜାରି କରିଛି। ଚୀନ ସରକାର ମୁଖ୍ୟ ପାଠ୍ୟ ବିଷୟଗୁଡ଼ିକରେ ଲାଭଜନକ ଟ୍ୟୁଟୋରିଂକୁ ନିଷେଧ କରିଛନ୍ତି। ସପ୍ତାହାନ୍ତ ଏବଂ ଛୁଟିଦିନରେ କୋଚିଂ କ୍ଲାସ୍ ଉପରେ କଟକଣା ଲଗାଯାଇଛି। ଘରୋଇ କୋଚିଂକ୍ଷେତ୍ର ଉପରେ ସରକାରୀ ନଜରକୁ ଅଧିକ କଡ଼ାକଡ଼ି କରାଯାଇଛି। କୋଚିଂ ସେଣ୍ଟରଗୁଡ଼ିକ ଉପରେ କଟକଣା କରିବାକୁ ଚୀନ୍ ଶିକ୍ଷା ମନ୍ତ୍ରଣାଳୟ ଅନେକ ନୂଆ ପଦକ୍ଷେପ ନେଇଛି। ଏଥିରେ ଅତ୍ୟାଧୁନିକ ଆଣ୍ଟି-ଚିଟିଂ ଟେକ୍ନୋଲୋଜି, ପରୀକ୍ଷା କେନ୍ଦ୍ରଗୁଡ଼ିକର କଠୋର ମନିଟରିଂ, ପ୍ରଶ୍ନପତ୍ର ପରିଚାଳନା ପାଇଁ ଉନ୍ନତ ସୁରକ୍ଷା ପ୍ରଣାଳୀ ଏବଂ ପ୍ରଶ୍ନପତ୍ର ଛପା ହେବାଠାରୁ ଆରମ୍ଭ କରି ପରୀକ୍ଷା ପରିଚାଳନା ପର୍ଯ୍ୟନ୍ତ ସମସ୍ତ ପ୍ରକ୍ରିୟା ଉପରେ ତୀକ୍ଷ୍ଣ ନଜର ରଖାଯାଉଛି।

## ନାକେଦମ୍ କରୁଛି ଗୁଗୁଲ୍




ନୂଆଦିଲ୍ଲୀ,୧୨।୫: ଭାରତରେ ହଜାର ହଜାର ଉପଭୋକ୍ତା ଗୁଗୁଲ୍ ସର୍ଚ୍ଚ ଆକ୍ସେସ୍ କରିବାରେ ସମସ୍ୟାର ସମ୍ମୁଖୀନ ହୋଇଛନ୍ତି। କିଛି ଲୋକ ତ୍ରୁଟି ବାର୍ତ୍ତା ରିପୋର୍ଟ କରିଥିବା ବେଳେ ଅନ୍ୟମାନେ ଖାଲି ପେଜ୍ ଏବଂ ସର୍ଚ୍ଚ ରେଜଲ୍ଟ ଠିକ୍ ଭାବରେ ଲୋଡ୍ ହେଉନଥିବା ରିପୋର୍ଟ କରିଛନ୍ତି। ଆଉଟେଜ୍-ଟ୍ରାକିଂ ପ୍ଲାଟଫର୍ମ ଡାଉନଡିଟେକ୍ଟର ଅନୁଯାୟୀ, ନିକଟରେ ଅଭିଯୋଗ ହଠାତ୍ ବୃଦ୍ଧି ପାଇଛି, ୩୩୦୦ରୁ ଅଧିକ ଅଭିଯୋଗ ରିପୋର୍ଟ କରାଯାଇଛି। ଅଧିକାଂଶ ଅଭିଯୋଗ ଗୁଗୁଲ୍ ସର୍ଚ୍ଚ ସହିତ ଜଡିତ ଥିଲା, ଯେତେବେଳେ ଅନେକ ଉପଭୋକ୍ତା ପେଜ ଲୋଡ୍ କରିବା ଏବଂ ୱେବସାଇଟ୍ ଆକ୍ସେସ୍ କରିବାରେ ସମସ୍ୟା ମଧ୍ୟ ରିପୋର୍ଟ କରିଥିଲେ। ଗୁଗୁଲ ବିଭ୍ରାଟ ଯୋଗୁଁ ୟୁଜରମାନେ କେବଳ ସେମାନେ ହିଁ ଏହି ସମସ୍ୟାର ସମ୍ମୁଖୀନ ହେଉଛନ୍ତି କି ନାହିଁ ଜାଣିବା ପାଇଁ ଏକ୍ସ ଏବଂ ରେଡିଟ୍ ଭଳି ପ୍ଲାଟଫର୍ମକୁ ଯାଇ ଦେଖିଥିଲେ, କିନ୍ତୁ ସେମାନେ ଜାଣିପାରିଲେ ଯେ ହଜାର ହଜାର ଲୋକ ସମାନ ସମୟରେ ସମାନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଡାଉନଡିଟେକ୍ଟର ତଥ୍ୟ ଅନୁଯାୟୀ, ୫୭ ପ୍ରତିଶତ ୟୁଜର ଗୁଗୁଲ୍ ସର୍ଚ୍ଚରେ ସମସ୍ୟାର ସମ୍ମୁଖୀନ ହୋଇଛନ୍ତି।

## ଦ୍ୱିତୀୟଥର ମୁଖ୍ୟମନ୍ତ୍ରୀ ଭାବେ ହିମନ୍ତଙ୍କ ଶପଥ

### କ୍ୟାବିନେଟ୍‌ରେ ୪ ମନ୍ତ୍ରୀ ସାମିଲ



ଗୁଆହାଟୀ,୧୨।୫: ଲଗାତାର ଦ୍ୱିତୀୟଥର ପାଇଁ ଆସାମର ମୁଖ୍ୟମନ୍ତ୍ରୀ ଭାବେ ମଙ୍ଗଳବାର ଶପଥ ନେଇଛନ୍ତି ହିମନ୍ତ ବିଶ୍ୱଶର୍ମା। ରାଜ୍ୟପାଳ ଲକ୍ଷ୍ମଣ ପ୍ରସାଦ ଆଚାର୍ଯ୍ୟ ହିମନ୍ତ ଶର୍ମାଙ୍କୁ ପଦ ଓ ଗୋପନୀୟତାର ଶପଥ ପାଠ କରାଇଛନ୍ତି। ଖାନାପଡ଼ା ଭେଟେରେନାରୀ କଲେଜ ଗ୍ରାଉଣ୍ଡରେ ଶପଥ ଗ୍ରହଣ ସମାରୋହ ଅନୁଷ୍ଠିତ ହୋଇଛି। ପ୍ରାଥମିକ ପର୍ଯ୍ୟାୟରେ ହିମନ୍ତଙ୍କ କ୍ୟାବିନେଟରେ ୪ ଜଣ ବିଧାୟକ ମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଛନ୍ତି। ଆସାମରେ ବିଜେପି ନେତୃତ୍ୱାଧୀନ ଏନଡିଏ ଲଗାତାର ୩ୟଥର ପାଇଁ ସରକାର ଗଠନ କରିଛି। ଶପଥ ସମାରୋହରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଗୃହମନ୍ତ୍ରୀ ଅମିତ୍ ଶାହ, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ, କେନ୍ଦ୍ରମନ୍ତ୍ରୀ ନୀତୀନ ଗଡକରୀଙ୍କ ସମେତ ବିଜେପି ଶାସିତ ରାଜ୍ୟର ମୁଖ୍ୟମନ୍ତ୍ରୀମାନେ ଉପସ୍ଥିତ ଥିଲେ।

୨୦୨୬ ବିଧାନସଭା ନିର୍ବାଚନରେ ହିମନ୍ତ ବିଶ୍ୱ ଶର୍ମା ଜାଲୁକବାରୀ ନିର୍ବାଚନମଣ୍ଡଳୀରୁ ପ୍ରାର୍ଥୀ ହୋଇଥିବା ବେଳେ ୮୯ ହଜାରରୁ ଅଧିକ ଭୋଟରେ ବିଜୟୀ ହୋଇଥିଲେ। ମେ ୪ ତାରିଖରେ ବିଧାନସଭା ନିର୍ବାଚନ ଫଳାଫଳରେ ଆସାମରେ ବିଜେପି ନେତୃତ୍ୱାଧୀନ ଏନଡିଏକୁ ବିପୁଳ ଜନାଦେଶ ମିଳିଥିଲା। ୧୨୬ ସଦସ୍ୟ ବିଶିଷ୍ଟ ବିଧାନସଭାରେ ବିଜେପି ଏକାକୀ ୮୨ଟି ଆସନ ଜିତିଥିଲା ବେଳେ ଏହାର ସହଯୋଗୀ ଆସାମ ଗଣ ପରିଷଦ (ଏଜିପି), ବୋଡୋଲାଣ୍ଡ ପିପୁଲ୍ସ ଫ୍ରଣ୍ଟ (ବିପିଏଫ)ଙ୍କୁ ଏହାର ମୋଟ ସଂଖ୍ୟା ୧୦୨ରେ ପହଞ୍ଚିଥିଲା।

## ବ୍ରିଟେନରେ ଚୀନର ଗୁଇନ୍ଦା ନେଟୱାର୍କ ସକ୍ରିୟ

ଲଣ୍ଡନ, ୧୨।୫: ବ୍ରିଟେନ ଓ ଚୀନ୍ ସମ୍ପର୍କରେ ପୁଣି ଅବିଶ୍ୱାସ ସୃଷ୍ଟି ହୋଇଛି। ଲଣ୍ଡନ କୋର୍ଟ ଦ୍ୱାରା ୨ ଜଣ ଚୀନ୍ ନାଗରିକ ଗୁଇନ୍ଦାଗିରି ମାମଲାରେ ଦୋଷୀ ସାବ୍ୟସ୍ତ ହେବା ପରେ ଚୀନ୍ ରାଜଦୂତ ଝୋଙ୍ଗ ଜେଗୁଆଙ୍ଗଙ୍କୁ ବ୍ରିଟେନ ତଲବ କରି ଅସନ୍ତୋଷ ପ୍ରକାଶ କରିଛି। ବ୍ରିଟେନ ବୈଦେଶିକ ମନ୍ତ୍ରାଳୟ କହିଛି ଯେ ଦେଶ ଭିତରେ କୌଣସି ବିଦେଶୀ ସରକାରଙ୍କ ଦ୍ୱାରା ଡରାଇବା, ନଜର ରଖିବା ଓ କ୍ଷତିକରିବାକୁ ଉଦ୍ୟମ କରିବା ବ୍ରିଟେନ ସାର୍ବଭୌମତ୍ୱର ଗମ୍ଭୀର ଉଲ୍ଲଂଘନ। ଏହାକୁ କୌଣସି ପ୍ରକାରରେ ବରଦାସ୍ତ କରାଯିବନି ବୋଲି ମନ୍ତ୍ରାଳୟ କହିଥିବା ବେଳେ ଲଣ୍ଡନ ସେଣ୍ଟ୍ରାଲ କ୍ରିମିନାଲ କୋର୍ଟ ୱାଇ.ଚି. ଲେଉଙ୍ଗ ଓ ୟୁ.ଏନ. ଚୁଙ୍ଗ-ବିୟୁ ନାମରେ ଦୁଇ ଜଣଙ୍କୁ ଚୀନ୍ ପକ୍ଷରୁ ଗୋଇନ୍ଦାଗିରି ପାଇଁ ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ସେମାନେ ବ୍ରିଟେନରେ ରହି ହଂକଂ ସମର୍ଥକ ଗଣତନ୍ତ୍ର କାର୍ଯ୍ୟକର୍ତ୍ତାଙ୍କ ଉପରେ ନଜର ରଖୁଥିଲେ ଓ ସେମାନଙ୍କ ସୂଚନା ବେଜିଂ ପଠାଉଥିଲେ। ଏଥିରୁ ୱାଇ ଚୁଂ ଲେଉଙ୍ଗ ବ୍ରିଟେନ ଇମିଗ୍ରେସନ ବିଭାଗରେ କାମ କରୁଥିଲା।

ଯାଞ୍ଚ ଏଜେନ୍ସୀଙ୍କ ଅନୁସାରେ ସେ ହେଥ୍ରୋ ଏୟାରପୋର୍ଟରେ ବ୍ରିଟିଶ ବର୍ଡର ଫୋର୍ସରେ କାମ କରୁଥିବା ବେଳେ ସରକାରୀ ଡାଟା ବେସ୍ ର ତ୍ରୁଟିପୂର୍ଣ୍ଣ ଉପଯୋଗ କରି ଗୋପନୀୟ ସୂଚନା ସଂଗ୍ରହ କରୁଥିବାର ଜଣାପଡିଥିଲା। ବ୍ରିଟିଶ ଯାଞ୍ଚ ଏଜେନ୍ସୀ କହିଛନ୍ତି ଯେ ଦୁଇ ଗୁପ୍ତଚର ହଂକଂ ସରକାର ସମ୍ପର୍କିତ ଲୋକଙ୍କ ସମ୍ପର୍କରେ ଥିଲେ। ସେମାନଙ୍କ ଉପରେ ବ୍ରିଟେନରେ ଶରଣ ନେଇଥିବା ହଂକଂ ଗଣତନ୍ତ୍ର ସମର୍ଥକଙ୍କ ଗୁଇନ୍ଦାଗିରି କରିବାର ଆରୋପ ରହିଛି।

## ଏଆଇଏଡିଏମକେରେ ଫାଟ, ଫାଇଦା ନେବ ଟିଭିକେ



ଚେନ୍ନାଇ, ୧୨।୫: ଟିଭିକେ ମୁଖ୍ୟ ଭାବରେ ବିଜୟ ସରକାର ଗଠନ କରିବା ପରେ ଏଆଇଏଡିଏମକେ ଦଳ ଭିତରେ ଭୟଙ୍କର ହଲଚଲ ଆରମ୍ଭ ହୋଇଛି। ଦୀର୍ଘବର୍ଷର ଏହି ପ୍ରତିଷ୍ଠିତ ଆଞ୍ଚଳିକ ଦଳରେ ଫାଟ ସୃଷ୍ଟି ହୋଇଛି। ଦଳର ବିଦ୍ରୋହୀ ଗୋଷ୍ଠୀ ମୁଖ୍ୟମନ୍ତ୍ରୀ ବିଜୟଙ୍କ ନେତୃତ୍ୱାଧୀନ ଟିଭିକେ ସରକାରକୁ ସମର୍ଥନ ଦେବା କଥା ବରିଷ୍ଠ ନେତା ସି.ଭି. ସନମୁଗମ ମଙ୍ଗଳବାର ସୂଚନା ଦେଇଛନ୍ତି। ସନମୁଗମଙ୍କ ସୂଚନା ପରେ ଟିଭିକେରେ ଶକ୍ତିବୃଦ୍ଧିର ସମ୍ଭାବନା ସୃଷ୍ଟି ହୋଇଛି।

ସୂଚନାଯୋଗ୍ୟ ଯେ, ରାଜ୍ୟରେ ନୂଆ ସରକାର ଗଠନ କରିଥିବା ଟିଭିକେକୁ ୧୩ ତାରିଖରେ ବିଧାନ ସଭାରେ ଆସ୍ଥା ଭୋଟ୍‌ର ସମ୍ମୁଖୀନ ହେବାକୁ ପଡ଼ିବ। ଏବେ କଂଗ୍ରେସ ଓ ସିପିଆଇ ଭଳି ଅନ୍ୟ ଛୋଟଦଳର ସହାୟତାରେ ବିଜୟଙ୍କ ପାଖରେ ୧୨୦ଟି ଆସନ ରହିଛି। ଏଭଳି ସ୍ଥିତିରେ ଏଆଇଏଡିଏମକେ ବିଦ୍ରୋହୀ ଗୋଷ୍ଠୀର ସମର୍ଥନ ତାଙ୍କ ସରକାରକୁ ସ୍ଥାୟିତ୍ୱ ପ୍ରଦାନ କରିବ ବୋଲି ରାଜନୈତିକ ପର୍ଯ୍ୟବେକ୍ଷକମାନେ କହିଛନ୍ତି। ସନମୁଗମ କହିଛନ୍ତି ଯେ, ଏଆଇଏଡିଏମକେକୁ ବଞ୍ଚାଇବା ପାଇଁ ଡିଏମକେ ସହ ମେଣ୍ଟ କରିବାକୁ ପ୍ରସ୍ତାବ ଆସିଥିଲା। ଆମେ ୫୩ ବର୍ଷ ଧରି ଡିଏକେ ବିରୋଧରେ ଲଢ଼ି ଆସୁଛୁ। ସେମାନଙ୍କ ସହ ମେଣ୍ଟକଲେ ଦଳର ଅସ୍ତିତ୍ୱ ରହିବ ନାହିଁ। ଏଥିପାଇଁ ଆମେ ଟିଭିକେକୁ ସମର୍ଥନ କରିବାକୁ ନିଷ୍ପତ୍ତି ନେଇଛୁ।

### ବ୍ୟକ୍ତିଗତ ଜ୍ୟୋତିଷଙ୍କୁ ସରକାରରେ ନିଯୁକ୍ତି



ଟିଭିକେ ସରକାର ଗଠନ କରିବା ପରେ ମୁଖ୍ୟମନ୍ତ୍ରୀ ବିଜୟ ଥାଲାପତି ତାଙ୍କର ବ୍ୟକ୍ତିଗତ ଜ୍ୟୋତିଷ ରାଧନ ପଣ୍ଡିତ ଭେଟ୍ରିଭେଲଙ୍କୁ ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର କାର୍ଯ୍ୟ ଅଧିକାରୀ ଭାବେ ନିଯୁକ୍ତ କରିଛନ୍ତି। ବିଜୟ ନିଜର ଶପଥ ଗ୍ରହଣ ସମୟ ପାଇଁ ପୂର୍ବରୁ ମେ' ୧୦ ତାରିଖ ଅପରାହ୍ନ ୩ଟା ୪୫ ମିନିଟ୍ ସମୟ ସ୍ଥିର କରିଥିଲେ। କିନ୍ତୁ ଭେଟ୍ରିଭେଲଙ୍କ ପରାମର୍ଶ କ୍ରମେ 'ଶୁଭ ମୁହୂର୍ତ୍ତ'କୁ ଧ୍ୟାନରେ ରଖି ଏହାକୁ ସକାଳ ୧୦ଟାକୁ ଘୁଞ୍ଚାଇ ଦିଆଯାଇଥିଲା। ବିଜୟଙ୍କ ରାଜନୈତିକ ସଫଳତା ପଛରେ ଭେଟ୍ରିଭେଲଙ୍କ ଗଣନା ଏବଂ ମାର୍ଗଦର୍ଶନର ବଡ଼ ହାତ ରହିଥିବା କୁହାଯାଉଛି। ରାଧନ ପଣ୍ଡିତ ପୂର୍ବତନ ମୁଖ୍ୟମନ୍ତ୍ରୀ ଜୟଲଳିତାଙ୍କର ମଧ୍ୟ ଜଣେ ବିଶ୍ୱସ୍ତ ପରାମର୍ଶଦାତା ଥିଲେ। ବିଜେପି, କଂଗ୍ରେସ, ଡିଏମକେ ଏବଂ ଏଆଇଏଡିଏମକେ ଭଳି ଦଳର ନେତାମାନେ ତାଙ୍କ ପାଖକୁ ପରାମର୍ଶ ପାଇଁ ଆସନ୍ତି। ଭେଟ୍ରିଭେଲ ନିର୍ବାଚନ ପୂର୍ବରୁ ବିଜୟଙ୍କ କୁଣ୍ଡଳୀ ଦେଖି ଭବିଷ୍ୟବାଣୀ କରିଥିଲେ ଯେ, ରାଜନୀତିରେ ତାଙ୍କର ଏକ ସୁନାମୀ ଭଳି ବିଜୟ ହେବ। ଏହି ପୂର୍ବାନୁମାନ ପ୍ରାୟ ସଠିକ୍ ସାବ୍ୟସ୍ତ ହୋଇଛି। ଟିଭିକେ ନିର୍ବାଚନରେ ୨୩୪ଟି ଆସନରୁ ୧୦୮ଟି ଆସନ ଜିତିଛି।

## ୧୫ରୁ ମୋଦିଙ୍କ ୬ ଦିନିଆ ବିଦେଶ ଗସ୍ତ

ନୂଆଦିଲ୍ଲୀ,୧୨।୫: ମେ' ୧୫ ତାରିଖ ଶୁକ୍ରବାରଠାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୬ ଦିନିଆ ବିଦେଶ ଯାତ୍ରା ଆରମ୍ଭ ହେଉଛି। ଏହି ଅବସରରେ ସେ ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ), ନେଦରଲ୍ୟାଣ୍ଡ, ସ୍ୱିଡେନ୍, ନରୱେ ଏବଂ ଇଟାଲୀ ଆଦି ୫ଟି ଦେଶ ଗସ୍ତ କରିବା ସହିତ ବୈଶ୍ୱିକ ଉତ୍ତେଜନା ମଧ୍ୟରେ ଏହି ଦେଶଗୁଡ଼ିକ ସହିତ ଭାରତର ଦ୍ୱିପାକ୍ଷିକ ସମ୍ପର୍କକୁ ମଜଭୁତ କରିବା ପାଇଁ ବିଭିନ୍ନ ଦେଶର ଶିଖର ସମ୍ମିଳନୀରେ ଯୋଗଦେବେ।

ପ୍ରାପ୍ତ ସୂଚନା ଅନୁଯାୟୀ, ମେ' ୧୫ରେ ୟୁଏଇ ଗସ୍ତକରି ରାଷ୍ଟ୍ରପତି ଶେଖ ମହମ୍ମଦ ବିନ୍ ଜାଏଦ ଅଲ୍ ନାହ୍ୟାନଙ୍କୁ ଭେଟିବେ। ପ୍ରଧାନମନ୍ତ୍ରୀଙ୍କ ୟୁଏଇ ଗସ୍ତ ଭାରତ ଏବଂ ୟୁଏଇ ବାଣିଜ୍ୟ ଓ ନିବେଶ ସମ୍ପର୍କକୁ ବୃଦ୍ଧି କରିବ ବୋଲି ବୈଦେଶିକ ମନ୍ତ୍ରଣାଳୟ କହିଛି। ଏହାପରେ ନେଦରଲ୍ୟାଣ୍ଡ ଗସ୍ତରେ ଯାଇ ଡଚ୍ ପ୍ରଧାନମନ୍ତ୍ରୀ ରବ୍ ଜେଟେନଙ୍କ ପ୍ରତିରକ୍ଷା, ସୁରକ୍ଷା, ନବସୃଜନ, ସବୁଜ ହାଇଡ୍ରୋଜେନ, ସେମିକଣ୍ଡକ୍ଟର ଏବଂ ଜଳ କ୍ଷେତ୍ରରେ ରଣନୈତିକ ସହଭାଗୀତା ଆଦି କ୍ଷେତ୍ରରେ ଆଲୋଚନା କରିବେ।

ସ୍ୱିଡେନ ଗସ୍ତରେ ଯାଇ ପ୍ରଧାନମନ୍ତ୍ରୀ ମୋଦି ତାଙ୍କର ସ୍ୱିଡେନ ପ୍ରତିପକ୍ଷ ଉଲଫ୍ କ୍ରିଷ୍ଟରସନଙ୍କୁ ଭେଟିବାର କାର୍ଯ୍ୟକ୍ରମ ରହିଛି। ପ୍ରଧାନମନ୍ତ୍ରୀ ଗସ୍ତ ଅବସରରେ କୃତ୍ରିମ ବୁଦ୍ଧିମତ୍ତା, ଉଦୀୟମାନ ପ୍ରଯୁକ୍ତିବିଦ୍ୟା, ଷ୍ଟାର୍ଟଅପ୍, ପ୍ରତିରକ୍ଷା, ଜଳବାୟୁ ପରିବର୍ତ୍ତନ ପ୍ରଭୃତି ପ୍ରସଙ୍ଗ ଉପରେ ଆଲୋଚନା ହେବାର କାର୍ଯ୍ୟକ୍ରମ ରହିଛି।

ଗସ୍ତର ଚତୁର୍ଥ ପର୍ଯ୍ୟାୟରେ ପିଏମ୍ ମୋଦି ନରୱେ ଯିବା ସହ ତୃତୀୟ ଭାରତ-ନୋର୍ଡିକ୍ ଶିଖର ସମ୍ମିଳନୀ ଓ ଦ୍ୱିପାକ୍ଷିକ କାର୍ଯ୍ୟକ୍ରମରେ ସାମିଲ ହେବାର କାର୍ଯ୍ୟକ୍ରମ ରହିଛି।

## ପୁଣି ସନାତନ ଧର୍ମକୁ ଉଦୟନିଧିଙ୍କ ଟାର୍ଗେଟ୍



ନୂଆଦିଲ୍ଲୀ,୧୨।୫: ତାମିଲନାଡୁର ପୂର୍ବତନ ମୁଖ୍ୟମନ୍ତ୍ରୀ ଏମକେ ଷ୍ଟାଲିନଙ୍କ ପୁଅ ଉଦୟନିଧି ଷ୍ଟାଲିନ୍ ସନାତନ ଧର୍ମକୁ ନେଇ ପୁଣିଥରେ ବିବାଦୀୟ ବୟାନ ଦେଇଛନ୍ତି। ସେ ପୁଣିଥରେ ସନାତନ ଧର୍ମକୁ ଶେଷ କରିବା କଥା କହିଛନ୍ତି। ଡିଏମକେ ନେତା ଉଦୟନିଧି ଷ୍ଟାଲିନ୍ ମଙ୍ଗଳବାର ତାମିଲନାଡୁ ବିଧାନସଭାରେ ବିରୋଧି ଦଳ ନେତା ରୂପରେ ନିଜର ପ୍ରଥମ ଭାଷଣ ଦେଇଛନ୍ତି। ନିଜର ଏହି ଗୁରୁତ୍ୱପୂର୍ଣ୍ଣ ଭାଷଣରେ ସେ ପୁଣିଥରେ 'ସନାତନ ଧର୍ମ'କୁ ଶେଷ କରିବା କଥା ଦୋହରାଇଛନ୍ତି ଓ ରାଜ୍ୟର ପାରମ୍ପାରିକ୍ ଗୀତ 'ତାମିଲ ଥାଇ ଭଜଥୁ'ର ଅସମ୍ମାନକୁ ନେଇ ନୂଆ ସରକାରଙ୍କୁ କଡା ବାର୍ତ୍ତା ଦେଇଛନ୍ତି।

ତାଙ୍କ ଭାଷଣ ସମୟରେ ସେ କହିଥିଲେ, 'ଲୋକଙ୍କୁ ବିଭାଜିତ କରିଥିବା ସନାତନକୁ ଧ୍ୱଂସ କରାଯିବା ଉଚିତ।' ମୁଖ୍ୟମନ୍ତ୍ରୀ ସି. ଜୋସେଫ ବିଜୟ ଏହି ବକ୍ତବ୍ୟ ଦେବା ସମୟରେ ବିଧାନସଭା ଭିତରେ ଉପସ୍ଥିତ ଥିଲେ। ସନାତନ ଧର୍ମ ଉପରେ ଉଦୟନିଧି ଷ୍ଟାଲିନଙ୍କ ଏହି ବିବାଦୀୟ ବୟାନ ପୁରା ଦେଶରେ ଉତ୍ତେଜନା ସୃଷ୍ଟି କରିଥିଲା। ସେପ୍ଟେମ୍ବର ୨୦୨୩ ରେ ଉଦୟନିଧି ଷ୍ଟାଲିନ୍ ମଞ୍ଚରୁ କହିଥିଲେ, ସନାତନ ଧର୍ମର କେବଳ ବିରୋଧ କରିବା ଉଚିତ ନୁହେଁ, ବଂର ଏହାକୁ ଡେଙ୍ଗୁ, ମାଲେରିଆ ଓ କରୋନା ଭଳି ମୂଳରୁ ଶେଷ କରିଦେବା ଦରକାର।'

ଏହି ବୟାନ ପରେ ପୁରା ଦେଶରେ ହମଙ୍ଗା ସୃଷ୍ଟି ହୋଇଥିଲା, ଜଣେ ଦାୟୀତ୍ୱବାନ ନେତା ଭଳି କ୍ଷମା ମାଗିବା ବଦଳରେ ଉଦୟନିଧି ଓ ତାଙ୍କ ବାପା ଏମକେ ଷ୍ଟାଲିନ୍ ନିଜର କଥା ଉପରେ ଅଡି ରହିଥିଲେ। ସେ ଏହାକୁ 'ଅଭିବ୍ୟକ୍ତିର ସ୍ୱାଧୀନତା' ଓ 'ଦ୍ରାବିଡ୍ ବିଚାରଧାରା'ର ନାଁ ଦେଇ ଏହାକୁ ଠିକ୍ ବୋଲି କହିବାକୁ ଚେଷ୍ଟା କରିଥିଲେ। ନ୍ୟାୟପାଳିକା ତାଙ୍କୁ କଡା ସମାଲୋଚନା କରିଥିଲେ। ସୁପ୍ରିମକୋର୍ଟ କଡା ଭାବରେ କହିଥିଲେ, ଆପଣ କୌଣସି ସାଧାରଣ ଲୋକ ନୁହେଁ, ଆପଣ ଜଣେ ମନ୍ତ୍ରୀ। ଆପଣଙ୍କୁ ଜଣାପଡିବା ଦରକାର ଯେ, ଆପଣଙ୍କ ବୟାନ ସମାଜ ଉପରେ କ'ଣ ପ୍ରଭାବ ପକାଇବ।' ତେବେ ତତ୍କାଳୀନ ଉପମୁଖ୍ୟମନ୍ତ୍ରୀ ଉଦୟନିଧି ଷ୍ଟାଲିନ ଅଭିଯୋଗ ଆଣିଥିଲେ ସନାତନ ଧର୍ମ ଉପରେ ସେ ଦେଇଥିବା ମନ୍ତବ୍ୟକୁ ଅତିରଞ୍ଜିତ କରି କୁହାଯାଇଥିଲା।

### ବ୍ରିଟେନରେ ରାଜନୈତିକ ସଂକଟ

## ପ୍ରଧାନମନ୍ତ୍ରୀଙ୍କ ଇସ୍ତଫା ଦାବିକଲେ ଲେବର ସାଂସଦ



ଲଣ୍ଡନ, ୧୨।୫: ବ୍ରିଟେନରେ ଭୟଙ୍କର ରାଜନୈତିକ ସଂକଟ ସୃଷ୍ଟି ହୋଇଛି। ଆଞ୍ଚଳିକ ନିର୍ବାଚନରେ ଶୋଚନୀୟ ପରାଜୟ ହେବା ପରେ ଶାସକ ଲେବର ଦଳରେ ଅସନ୍ତୋଷ ସୃଷ୍ଟିହେବା ସହ ହାଉସ ଅଫ୍ କମନ୍‌ରେ ଖୋଦ୍ ଲେବର ଦଳର ନିର୍ବାଚିତ ପ୍ରତିନିଧିମାନେ ପ୍ରଧାନମନ୍ତ୍ରୀ କିର ଷ୍ଟାରମରଙ୍କ ଇସ୍ତଫା ଦାବି କରିଛନ୍ତି। ପ୍ରାୟ ୭୦ରୁ ଅଧିକ ଲେବର ସାଂସଦ ଷ୍ଟାରମରଙ୍କ ନେତୃତ୍ୱ ଉପରେ ଅନାସ୍ଥା ପ୍ରକଟ କରିବା ସହିତ ସେ ତୁରନ୍ତ ଇସ୍ତଫା ଦିଅନ୍ତୁ ନହେଲେ କେବେ ଇସ୍ତଫା ଦେବେ ତାହାର ସମୟ ସ୍ଥିର କରନ୍ତୁ ବୋଲି ଦାବି କରିଥିବା ବିବିସି ସୂତ୍ରରୁ ଜଣାପଡ଼ିଛି। ସ୍ୱର ଉତ୍ତୋଳନ କରିଛନ୍ତି।

ବିବିସିର ତଥ୍ୟ ଅନୁଯାୟୀ, ସୋମବାର ଚାରିଜଣ ମନ୍ତ୍ରୀସ୍ତରୀୟ ସହାୟକ ନିଜ ପଦରୁ ଇସ୍ତଫା ଦେଇଥିଲେ। ବୈଦେଶିକ ସଚିବ ଇଭେଟ୍ କୁପର ଏବଂ ଆଭ୍ୟନ୍ତରୀଣ ମନ୍ତ୍ରୀ ଶାବାନା ମହମୁଦଙ୍କ ଭଳି ବରିଷ୍ଠ ନେତାମାନେ ମଧ୍ୟ ଷ୍ଟାରମରଙ୍କୁ କ୍ଷମତା ହସ୍ତାନ୍ତର କରିବା ପ୍ରକ୍ରିୟା ଆରମ୍ଭ କରିବାକୁ ପରାମର୍ଶ ଦେଇଛନ୍ତି। ଲେବର ପାର୍ଟିର ନିୟମ ଅନୁଯାୟୀ, ଯଦି ୮୧ ଜଣ ସାଂସଦ ଆନୁଷ୍ଠାନିକ ଭାବେ ଦାବି କରନ୍ତି, ତେବେ ନେତୃତ୍ୱ ପରିବର୍ତ୍ତନ ପାଇଁ ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହୋଇପାରିବ।

ଷ୍ଟାରମର କହିଛନ୍ତି ଯେ, ମୁଁ ଜାଣେ ଲୋକମାନେ ମୋ ଉପରେ ସନ୍ଦେହ ପ୍ରକଟ କରୁଛନ୍ତି। କିନ୍ତୁ ମୁଁ ସେମାନଙ୍କୁ ଭୁଲ୍ ପ୍ରମାଣିତ କରିବି। ମୁଁ ପଦ ଛାଡ଼ି ପଳାଇବା ବ୍ୟକ୍ତି ନୁହେଁ। ଆର୍ଥିକ ମାନ୍ଦାବସ୍ଥା ଏବଂ ବଢ଼ୁଥିବା ମୁଦ୍ରାସ୍ଫୀତିକୁ ନେଇ ଷ୍ଟାରମର ସମାଲୋଚନାର ଶିକାର ହୋଇଥିବା ବେଳେ ନୂଆ ନୀତି ଅବଲମ୍ବନ କରି ସେ ଦଳକୁ ସଜାଡ଼ିବେ ବୋଲି କହିଛନ୍ତି।

## ଜେଲରୁ ମୁକ୍ତ ହେଲେ ଥାଇଲ୍ୟାଣ୍ଡର ପୂର୍ବତନ ପ୍ରଧାନମନ୍ତ୍ରୀ

ବ୍ୟାଂକକ୍, ୧୨।୫: ଥାଇଲ୍ୟାଣ୍ଡର ପୂର୍ବତନ ପ୍ରଧାନମନ୍ତ୍ରୀ ଥାକସିନ ସିନାୱାତ୍ରାଙ୍କୁ ସୋମବାର ଜେଲରୁ ମୁକ୍ତ କରିଦିଆଯାଇଛି। ତାଙ୍କୁ ପ୍ୟାରୋଲରେ ଏକ ବର୍ଷ ଦଣ୍ଡର ଶେଷ ୪ ମାସ ଘରେ ପୁରା କରିବାକୁ ଅନୁମତି ଦିଆଯାଇଛି। କୋର୍ଟଙ୍କ ଏହି ନିଷ୍ପତ୍ତି ପରେ ଥାକସିନଙ୍କୁ ୮ ମାସ ଜେଲ୍ ରେ ବିତାଇବାକୁ ପଡିଛି। ତେବେ ସେ ଜେଲ ଦଣ୍ଡରୁ ବର୍ତ୍ତିବା ପାଇଁ ହସ୍ପିଟାଲରେ ରହିବାର ବାହାନା କରିଥିଲେ। ବ୍ୟାଂକକ୍ କ୍ଲୋଙ୍ଗ ପ୍ରେମ ସେଣ୍ଟ୍ରାଲ ଜେଲ ବାହାରେ ତାଙ୍କୁ ଭବ୍ୟ ସ୍ୱାଗତ କରାଯାଇଛି। ଥାକସିନ୍ ଧଳା ପୋଲୋ ଟି-ସାର୍ଟ ଓ ନିଳ ପ୍ୟାଣ୍ଟରେ ଜେଲରୁ ବାହାରକୁ ବାହାରିଛନ୍ତି।

ଜେଲ ବାହାରେ ତାଙ୍କ ପରିବାର ଲୋକେ ଓ ରାଜନୈତିକ ସହଯୋଗୀ ତାଙ୍କୁ ସ୍ୱାଗତ କରିଥିବା ବେଳେ ସେ ଗଣମାଧ୍ୟମକୁ ଟାଳି ଯାଇଛନ୍ତି। ଥାକସିନ ସିନାୱାତ୍ରା ଦୂରସଞ୍ଚାର ବ୍ୟବସାୟ ସହ ଜଡିତ। ସେ



୧୯୯୮ ମସିହାରେ ନିଜର ରାଜନୈତିକ ଦଳ ଗଠନ କରିଥିଲେ ଓ ୨୦୦୧ ମସିହାରେ ଥାଇଲ୍ୟାଣ୍ଡର ପ୍ରଧାନମନ୍ତ୍ରୀ ହୋଇଥିଲେ। ତେବେ ୨୦୦୬ ମସିହାରେ ସେନା ଶାସନକୁ ହାତକୁ ନେଇ ତାଙ୍କ ସରକାର ଭାଙ୍ଗି ଦେଇଥିଲା। ତେବେ ସେନା କାର୍ଯ୍ୟାନୁଷ୍ଠାନ କାଳରେ ଥାକସିନ ବିଦେଶ ଗସ୍ତରେ ଥିଲେ। ଏହା ପରେ ଥାଇ ରାଜନୀତି ପାଖାପାଖି ୨ ଦଶନ୍ଧି ଧର ସଂକଟ ମଧ୍ୟରେ ଗତି କରିଥିଲା। ଥାକସିନଙ୍କ ଉପରେ କ୍ଷମତାରୁ ଦୁରୁପଯୋଗ, ନିଜ ବ୍ୟବସାୟୀକ ହିତକୁ ରାଜନୀତିରେ ଗୁରୁତ୍ୱ ଦେବା ଓ ସରକାରୀ ଲଟେରୀ ଯୋଜନାରେ ଅନିୟମିତତାର ଅଭିଯୋଗ ହୋଇଥିଲା। ତାଙ୍କୁ ଦେଶରେ ଅନୁପସ୍ଥିତି କାଳରେ ଦୋଷୀ ସାବ୍ୟସ୍ତ କରାଯାଇଥିଲା। ତେବେ ୨୦୨୩ରେ ସେ ସ୍ୱଦେଶ ଫେରି କୋର୍ଟରେ ଆତ୍ମସମର୍ପଣ କରିଥିଲେ। ପ୍ରାରମ୍ଭରେ ତାଙ୍କୁ ୮ ବର୍ଷ ଜେଲଦଣ୍ଡାଦେଶ ହୋଇଥିଲା, ତେବେ ପରେ ଥାଇଲ୍ୟାଣ୍ଡ ରାଜା ମହା ୱଜିରାଲୋଙ୍ଗକୋର୍ଣ୍ଣ ତାଙ୍କ ଦଣ୍ଡକୁ ହ୍ରାସ କରି ୧ ବର୍ଷ କରିଦେଇଥିଲେ।

ନିକଟରେ ନ୍ୟାୟମନ୍ତ୍ରାଳୟଙ୍କ ଏକ କମିଟି ତାଙ୍କର ଭଲ ବ୍ୟବହାର, ବଢ଼ୁଥିବା ବୟସ ଓ ଦ୍ୱିତୀୟବାର ଅପରାଧର କମ୍ ସମ୍ଭାବନାକୁ ନଜରରେ ରଖି ତାଙ୍କ ପାରୋଲ ନିବେଦନକୁ ମଞ୍ଜୁରୀ ଦେଇଥିଲେ। ଜେଲରୁ ମୁକ୍ତ ହେବା ପରେ ଆଗାମୀ ୪ ମାସ ପର୍ଯ୍ୟନ୍ତ ତାଙ୍କୁ ନଜରବନ୍ଦୀ ରଖାଯିବ।

## ଜୁଲାଇରୁ ସାରା ଦେଶରେ ଭିବି-ଜି ରାମ-ଜି

ନୂଆଦିଲ୍ଲୀ,୧୨।୫: ବିକଶିତ ଭାରତ-ଗ୍ୟାରେଣ୍ଟି ଫର୍ ରୋଜଗାର ଆଣ୍ଡ ଆଜୀବିକା ମିଶନ (ଗ୍ରାମୀଣ) ବା ଭିବି-ଜି ରାମ ଜି ଆସନ୍ତା ଜୁଲାଇ ପହିଲାରୁ ଦେଶବ୍ୟାପୀ କାର୍ଯ୍ୟକାରୀ ହେବ। ଜୁନ୍ ୩୦ ପରେ ବନ୍ଦ ହେବ ମନରେଗା ଯୋଜନା। 'ଭିବି-ଜି ରାମ ଜି'କୁ ନେଇ କେନ୍ଦ୍ର ସରକାର ବଡ଼ ଅପଡେଟ୍ ଦେଇଛନ୍ତି। ମନରେଗା ଶ୍ରମିକଙ୍କ ପାଇଁ ଏକ ବଡ଼ ଘୋଷଣା କରିଛନ୍ତି। କେନ୍ଦ୍ର ସରକାର ସୋମବାର ଘୋଷଣା କରିଛନ୍ତି ଯେ ଭିବି-ଜି ରାମ-ଜି ଯୋଜନା ଜୁଲାଇ ୧ରୁ ସାରା ଦେଶରେ କାର୍ଯ୍ୟକାରୀ ହେବ। ଏହି ଯୋଜନା ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଯୁକ୍ତି ଗ୍ୟାରେଣ୍ଟି ଆଇନକୁ ବଦଳାଇବ । କେନ୍ଦ୍ର ସରକାର କହିଛନ୍ତି ଯେ, ନୂତନ ଆଇନରେ ଏକ ନୂତନ ଢାଞ୍ଚା ରହିବ ଯାହା ଗ୍ରାମୀଣ ପରିବାରକୁ ୧୨୫ ଦିନର ବୈଧାନିକ ଦରମାପ୍ରାପ୍ତ ନିଯୁକ୍ତି ପ୍ରତିଶ୍ରୁତି ଦେବ।



### ୧୦୦ ନୁହେଁ, ୧୨୫ ଦିନ ମିଳିବ କାମ

ଏକ ବିବୃତ୍ତିରେ ଗ୍ରାମୀଣ ବିକାଶ ମନ୍ତ୍ରଣାଳୟ ଏହାକୁ ବିକଶିତ ଭାରତ-୨୦୪୭ର ଦୃଷ୍ଟିକୋଣ ସହିତ ଭାରତର ଗ୍ରାମୀଣ ବିକାଶ ଗଠନରେ ଏକ ଐତିହାସିକ ପରିବର୍ତ୍ତନ ଭାବରେ ବର୍ଣ୍ଣନା କରିଛି। ମନ୍ତ୍ରଣାଳୟ ଦ୍ୱାରା ଜାରି ଏକ ବିଜ୍ଞପ୍ତି ଅନୁଯାୟୀ, ଏହି ଆଇନ ଜୁଲାଇ ୧ରୁ ସମସ୍ତ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକରେ କାର୍ଯ୍ୟକାରୀ ହେବ ଏବଂ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଯୁକ୍ତି ଗ୍ୟାରେଣ୍ଟି ଆଇନ ସେହି ଦିନ ସମାପ୍ତ ହେବ।

ଏହାଯୋଗୁ ଶ୍ରମିକଙ୍କ କାମ ଉପରେ କୌଣସି ପ୍ରଭାବ ପଡିବ ନାହିଁ। ଏହା କାହାକୁ ରୋଜଗାରରୁ ବଞ୍ଚିତ କରିବନାହିଁ। ଗେଜେଟ୍ ବିଜ୍ଞପ୍ତି ଅନୁସାରେ, ଜୁନ ୩୦ ସୁଦ୍ଧା ମନରେଗାରେ ଯେଉଁ କାମ ଚାଲୁଥିବ, ତାହାକୁ ନୂଆ ବ୍ୟବସ୍ଥାରେ ସେହି ଭଳି ଭାବେ ଜାରି ରହିବ। ଏହା ଦ୍ୱାରା ପ୍ରକଳ୍ପ ଉପରେ କୌଣସି ପ୍ରଭାବ ପଡିବ ନାହିଁ। ଇ-କେୱାଇସ୍ ଯାଞ୍ଚ ହେବା ସହିତ ନୂଆ ଗ୍ରାମୀଣ ରୋଜଗାର ଗ୍ୟାରେଣ୍ଟି କାର୍ଡ ଜାରି ହେବା ପର୍ଯ୍ୟନ୍ତ ଶ୍ରମିକଙ୍କ ମନରେଗା ଜବ୍ କାର୍ଡ ବୈଧ ରହିବ।

ସରକାର ଆହୁରି ସ୍ପଷ୍ଟ କରିଛନ୍ତି ଯେ, ଯେଉଁ ଶ୍ରମିକମାନଙ୍କର ଇ-କେୱାଇସି ଏବେ ବି ବାକି ଅଛି ସେମାନଙ୍କୁ କାମରୁ ବାରଣ କରାଯିବ ନାହିଁ। ଯେଉଁମାନଙ୍କ ପାଖରେ ଜବ୍ କାର୍ଡ ନାହିଁ, ସେମାନଙ୍କର ପଞ୍ଜିକରଣ ଗ୍ରାମ ପଞ୍ଚାୟତ ସ୍ତରରେ ପୂର୍ବଭଳି ଜାରି ରହିବ। ଗ୍ରାମୀଣ ବିକାଶ ପଞ୍ଚାୟତ ସ୍ତରରେ ପୂର୍ବଭଳି ଜାରି ରହିବ । ଗ୍ରାମୀଣ ବିକାଶ ମନ୍ତ୍ରଣାଳୟ କହିଛି ଯେ ମଜୁରି ଦେୟ, ଅଭିଯୋଗ ପ୍ରତିକାର, ପାଣ୍ଠି ଆବଣ୍ଟନ ଏବଂ ସ୍ଥାନାନ୍ତରଣ ସହ ଜଡ଼ିତ ନିୟମଗୁଡିକର ଚିଠା ପ୍ରସ୍ତୁତ କରାଯାଉଛି। ଏହାକୁ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳଗୁଡିକ ସହ ଚର୍ଚ୍ଚା କରାଯିବା ପରେ ଖୁବଶୀଘ୍ର ସାର୍ବଜନୀନ କରାଯିବ। ସରକାର ଗ୍ରାମ ପଞ୍ଚାୟତଗୁଡ଼ିକୁ ଗ୍ରାମୀଣ ପରିବର୍ତ୍ତନର କେନ୍ଦ୍ରୀୟ ସ୍ତମ୍ଭ ଦର୍ଶାଇଛନ୍ତି। ନୂଆ ଆଇନରେ ଏବେ ବର୍ଷକୁ ୧୨୫ ଦିନର କାମ ଦେବାକୁ ଗ୍ୟାରେଣ୍ଟି ମିଳିବ, ଯାହା ପୂର୍ବରୁ ୧୦୦ ଦିନ ଥିଲା। ଏହାଦ୍ୱାରା ଗ୍ରାମାଞ୍ଚଳରେ ବାସ କରୁଥିବା ପରିବାରକୁ ଅଧିକ କାମ ମିଳିବ ଏବଂ ସେମାନଙ୍କ ଆର୍ଥିକ ସୁରକ୍ଷା ସୁଦୃଢ଼ ହେବ।

## ଚୁପ୍‌ଚାପ୍ ଖାଦ୍ୟ, ପାନୀୟ ଓ ସାର ଠୁଳ କରୁଛି ଚୀନ୍

ନୂଆଦିଲ୍ଲୀ, ୧୨।୫: ଯୁଦ୍ଧ ଯୋଗୁଁ ସାରା ବିଶ୍ୱରେ ହାହାକାର। ଗ୍ୟାସ୍ ଏବଂ ତୈଳ ଦର ଆକାଶ ଛୁଆଁ। ବୈଶ୍ୱିକ ଯୋଗାଣ ଶୃଙ୍ଖଳା ସମ୍ପୂର୍ଣ୍ଣ ଠପ୍। ଯୁଦ୍ଧ ବନ୍ଦ ହେବା ନେଇ ସମ୍ଭାବନା ବହୁ କ୍ଷୀଣ। ଆଗକୁ ଉପୁଜିବ ଆହୁରି ବିକଟ ସ୍ଥିତି। ଇନ୍ଧନ ବଞ୍ଚାଇବାକୁ ୨୪ ଘଣ୍ଟା ମଧ୍ୟରେ ୨ଥର ଅପିଲ୍ କଲେଣି ମୋଦି। ଆର୍ଥିକ ସଙ୍କଟର ମୁକାବିଲା ଲାଗି ସୁନା ନକିଣିବାକୁ ପରାମର୍ଶ ଦେଇଛନ୍ତି ପିଏମ୍। ସେପଟେ ଚୁପ୍‌ଚାପ୍ ଖାଦ୍ୟ, ପାନୀୟ ଏବଂ ସାର ଠୁଳ କରିବାରେ ବ୍ୟସ୍ତ ଚୀନ। ବିଶ୍ୱ ବ୍ୟାଙ୍କର ପୂର୍ବତନ ଅଧ୍ୟକ୍ଷ ଡେଭିଡ ମାଲପାସଙ୍କ ଚେତାବନୀ। ଏବେଠୁ ଡ୍ରାଗନକୁ ନ ଅଟକାଇଲେ ଆହୁରି ଗମ୍ଭୀର ହେବ ସ୍ଥିତି। ବିଶ୍ୱର ସବୁଠୁ ବଡ଼ ଖାଦ୍ୟ ଏବଂ ଖାଦ ଭଣ୍ଡାର ହେଉଛି ଚୀନ। ବୈଶ୍ୱିକ ସଙ୍କଟ ଭିତରେ ଏହାକୁ ଆହୁରି ସମୃଦ୍ଧ କରିବାରେ ଲାଗି ପଡିଛି ଡ୍ରାଗନ୍। ଭବିଷ୍ୟତକୁ ଦୃଷ୍ଟିରେ ରଖି ମାର୍ଚ୍ଚ ମାସରୁ ସାର ରପ୍ତାନୀ ବନ୍ଦ କରି ଦେଇଛି ବେଜିଂ। ଘରୋଇ ଉତ୍ପାଦ ଅଭାବ ଆଳରେ ନିଜ ଦେଶରେ ଠୁଳ କରୁଛନ୍ତି ସି ଜିନପିଙ୍ଗ। ଏହାଦ୍ୱାରା ପ୍ରଭାବିତ ହୋଇଛନ୍ତି ବହୁ କୃଷିପ୍ରଧାନ ଦେଶ। ଏଥିରୁ ବାଦ୍ ପଡିନି ଭାରତ। ବିଦେଶୀ ଗଣମାଧ୍ୟମର ରିପୋର୍ଟ କହୁଛି, ଯୁଦ୍ଧ ପୂର୍ବରୁ ଭାରତ ୟୁରିଆ ଟନ୍ ପିଛା ପ୍ରାୟ ୫୧୨ ଡଲାର ଦେଇ କିଣୁଥିଲା। ହେଲେ ଏବେ ଦୁଇ ଗୁଣା ମୂଲ୍ୟ ଦେଇ ସାର କିଣୁଛି ନୂଆଦିଲ୍ଲୀ।



ହୋର୍ମୁଜ୍ ବନ୍ଦ ପାଇଁ ସାରା ବିଶ୍ୱରେ ଯୋଗାଣ ଶୃଙ୍ଖଳା ପୁରାପୁରି ଠପ୍ ହୋଇଯାଇଛି। ଆଗକୁ ଘୋର୍ ଅକାଳ ପଡିବା ଆଶଙ୍କାରେ ଚୀନ ଏପରି କରୁଥାଇପାରେ ବୋଲି କୁହାଯାଉଛି। ସେପଟେ ଚୀନର ଏହି ଚାଲ୍ ପଛରେ ବଡ଼ ରଣନୀତି ଥାଇପାରେ ବୋଲି ବିଶେଷଜ୍ଞମାନେ ଅନୁମାନ କରୁଛନ୍ତି। ସମ୍ପୂର୍ଣ୍ଣ ଖାଦ୍ୟ ଶୃଙ୍ଖଳାକୁ ନିଜ ନିୟନ୍ତ୍ରଣକୁ ନେଇ ବିଶ୍ୱ ଉପରେ ଚାପ ପକାଇବାକୁ ଚେଷ୍ଟା କରୁଛି।

## 'ରୋଟି'ରେ ରାଜସ୍ୱ ମନ୍ତ୍ରୀ, ଅଧିକାରୀଙ୍କୁ ପରାମର୍ଶ

# ଲୋକଙ୍କୁ ମାଲିକ ଭାବି କାମ କର

### ହାଇଟେକ୍ ସର୍ଭେ ସମ୍ବନ୍ଧରେ ସଚେତନ ହୁଅ



ଭୁବନେଶ୍ୱର,୧୨।୫(ସଂଚାର ବ୍ୟୁରୋ): ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ମନ୍ତ୍ରୀ ସୁରେଶ ପୂଜାରୀ ଗୋଠପାଟଣାଠାରେ ରାଜସ୍ୱ ଅଧିକାରୀ ପ୍ରଶିକ୍ଷଣ ପ୍ରତିଷ୍ଠାନ (ରୋଟି) ପରିଦର୍ଶନ କରି ଏକ ସ୍ୱତନ୍ତ୍ର ସଭାରେ ଯୋଗଦେଇ ଓଡ଼ିଶା ରାଜସ୍ୱ ସେବାର ୭୪ ଜଣ ଓଡ଼ିଶା ରାଜସ୍ୱ ସେବା ପ୍ରଶିକ୍ଷାର୍ଥୀ (ଓଆରଏସ୍ ଟ୍ରେନି)ଙ୍କ ସହ ଆଲୋଚନା ଓ ଭାବ ବିନିମୟ କରିବା ସହ ନିଷ୍ଠା ଓ ପ୍ରତିବଦ୍ଧତାର ସହ ଲୋକସେବାରେ ବ୍ରତୀ ହେବାକୁ ପରାମର୍ଶ ଦେଇଛନ୍ତି।

କାର୍ଯ୍ୟକ୍ରମ ପ୍ରାରମ୍ଭରେ 'ରୋଟି'ର ପାଠ୍ୟକ୍ରମ ସଂଯୋଜକ ସୌମ୍ୟକାନ୍ତ ସୌମ୍ୟଦର୍ଶୀ ପ୍ରଶିକ୍ଷଣ ସମ୍ବନ୍ଧୀୟ ସମ୍ପୂର୍ଣ୍ଣ ପାଠ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ରାଜସ୍ୱ ମନ୍ତ୍ରୀ ରାଜସ୍ୱ ସେବା ସମ୍ପର୍କିତ ବିଭିନ୍ନ ଆଇନ ତଥା ନିୟମ ସମ୍ବନ୍ଧରେ ପ୍ରଶିକ୍ଷାର୍ଥୀଙ୍କ ସହ ଆଲୋଚନା କରିଥିଲେ। ପ୍ରଶିକ୍ଷଣରେ ପଢ଼ାଯାଇଥିବା ବିଭିନ୍ନ ବିଷୟରେ ପଚାରି ବୁଝିବା ସହ ଜନସାଧାରଣଙ୍କ ନିମନ୍ତେ ରାଜସ୍ୱ ସେବା କିପରି ସହଜଲବ୍ଧ ହୋଇପାରିବ, ସେ ସମ୍ପର୍କରେ ସମସ୍ତେ ଯତ୍ନବାନ୍ ହେବାକୁ ପରାମର୍ଶ ଦେଇଥିଲେ। ରାଜ୍ୟରେ ରାଜସ୍ୱ ସେବା ଦିଗରେ ଥିବା ବିଭିନ୍ନ ଆହ୍ୱାନ ସମ୍ବନ୍ଧରେ ଆଲୋଚନା କରିବା ସହ ହାଇଟେକ୍ ସର୍ଭେ ସମ୍ବନ୍ଧରେ ନୂଆ ଅଧିକାରୀମାନେ ଅଧିକ ସଚେତନ ହେବାକୁ ପରାମର୍ଶ ଦେଇଥିଲେ। ଜମି ଅଧିଗ୍ରହଣ ଆଇନ, ପୁନର୍ବାସ ଓ ଥଇଥାନ ନିୟମ ସମ୍ବନ୍ଧରେ ଆଲୋଚନା କରି ସର୍ବପ୍ରଥମେ ସାଧାରଣ ଲୋକଙ୍କ ପକ୍ଷଧର ହେବାକୁ ଅଧିକାରୀମାନଙ୍କୁ ସେ ପରାମର୍ଶ ଦେଇଥିଲେ।

ଏହି ପରିପ୍ରେକ୍ଷୀରେ ରାଜସ୍ୱ ସେବା ପ୍ରଶିକ୍ଷଣ ପ୍ରତିଷ୍ଠାନକୁ ବୈଷୟିକ ଦୃଷ୍ଟିକୋଣରୁ ଅଧିକ ଦକ୍ଷତାସମ୍ପନ୍ନ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ବ୍ୟବସ୍ଥା କରିବାକୁ ରାଜସ୍ୱ ମନ୍ତ୍ରୀ ପରାମର୍ଶ ଦେଇଥିଲେ। ସମ୍ବଲପୁର, ସୋନପୁର ଓ ଦେବଗଡ଼ ଆଦି ଜିଲ୍ଲାରେ ହାଇଟେକ ସର୍ଭେ ପ୍ରକ୍ରିୟା ସଫଳତାର ସହ ଚାଲିଥିବା ବେଳେ ଆଗାମୀ ଦିନରେ ଅନ୍ୟ ସ୍ଥାନମାନଙ୍କରେ ମଧ୍ୟ ଏହାର ଆବଶ୍ୟକତା ଯୋଗୁ ରାଜସ୍ୱ ଅଧିକାରୀମାନେ ଅଧିକ ଦକ୍ଷ ହେବାର ଆବଶ୍ୟକତା ରହିଛି ବୋଲି ସେ ମତ ପ୍ରକାଶ କରିଥିଲେ।

## ଡୁଙ୍ଗୁରିପାଲିରେ ଜଳ ସମସ୍ୟା ଉତ୍କଟ

ବଲାଙ୍ଗିର,୧୨।୫(ସଂଚାର ବ୍ୟୁରୋ): ବଲାଙ୍ଗିର ଜିଲ୍ଲା ଆଗଲପୁର ବ୍ଲକ କୁଟାସିଂହା ପଞ୍ଚାୟତ ଡୁଙ୍ଗୁରିପାଲିରେ ଜଳ ସମସ୍ୟା ଉତ୍କଟ ରୂପ ଧାରଣ କରିଛି। ବସୁଧା ଯୋଜନାରେ ଗାଁରେ ଏକ ବଡ଼ ଓଭର ହେଡ଼ ଟାଙ୍କି ରହିଛି। ଅଙ୍ଗ ନଦୀରୁ ଏଠାକୁ ପାଣି ଆସିଥାଏ। ହେଲେ କିଛିଦିନ ହେବ ନଦୀର ସ୍ରୋତ ଶୁଖି ଯିବାରୁ ପ୍ରକଳ୍ପ କାମ କରୁନାହିଁ। ଫଳରେ ପାଣି ପାଇଁ ଗାଁରେ ହାହାକାର ସୃଷ୍ଟି ହୋଇଛି। ଗ୍ରାମରେ ଦୁଇଟି ମାତ୍ର ନଳକୂଅ ଅଛି। ଗୋଟିଏ ସୋଲାର ସିଷ୍ଟମ ହୋଇଥିବା ବେଳେ ଶିବମନ୍ଦିର ସମ୍ମୁଖରେ ଥିବା ନଳକୂପରେ ପର୍ଯ୍ୟାପ୍ତ ପାଣି ବାହାରୁ ନାହିଁ। ଏଭଳି ସ୍ଥିତିରେ ପାଣି ପାଇଁ ଗ୍ରାମବାସୀ ଉହଳ ବିକଳ ହେଉଥିବା ଅଭିଯୋଗ ହେଉଛି। ଗ୍ରାମବାସୀଙ୍କ କହିବା ଅନୁସାରେ, ଡୁଙ୍ଗୁରିପାଲି ଗ୍ରାମର ଜନସଂଖ୍ୟା ୨୦୦୦ରୁ ଅଧିକ। ଗାଁ ଦେଇ ପ୍ରବାହିତ କୁଠି ଯୋର ମଧ୍ୟ ଦେଢ଼ମାସ ହେବ ଶୁଖିଗଲାଣି। ଗ୍ରୀଷ୍ମ ପ୍ରବାହ ଆହୁରି ୨ ମାସ ଜାରି ରହିବ। ପାଣି ସମସ୍ୟା ଆହୁରି ଗମ୍ଭୀର ହେବ ବୋଲି ଗ୍ରାମବାସୀ ଜଣାଇଛନ୍ତି। ଏଥିପ୍ରତି ପ୍ରଶାସନ ଦୃଷ୍ଟିଦେଇ ଟ୍ୟାଙ୍କର ଯୋଗେ ପାଣି ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ବାଲ୍ୟ ବିବାହ ନିରାକରଣ ପାଇଁ ଟାସ୍କଫୋର୍ସ ବୈଠକ

ଭବାନୀପାଟଣା,୧୨।୫(ସଂଚାର ବ୍ୟୁରୋ): କଳାହାଣ୍ଡି ଜିଲାରେ ବାଲ୍ୟବିବାହ ନିରାକରଣକୁ ଅଧିକ ଗତିଶୀଳ କରିବା ଉଦ୍ଦେଶ୍ୟରେ ମଙ୍ଗଳବାର ଜିଲ୍ଲାସ୍ତରୀୟ ଟାସ୍କ ଫୋର୍ସ ବୈଠକ ଅତିରିକ୍ତ ଜିଲାପାଳ ତନ୍ମୟ କୁମାର ଦର୍ବାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବାଲ୍ୟ ବିବାହ ନିରାକରଣ ପାଇଁ ଜିଲ୍ଲା କାର୍ଯ୍ୟ ଖସଡା ଅନୁମୋଦନ, ବାଲ୍ୟ ବିବାହ ରୋକଥାମ, କିଶୋରୀମାନଙ୍କ ସୁରକ୍ଷା, ଶିକ୍ଷାରେ ଅବିରତ ସହଭାଗିତା, ଅବହେଳିତ ଶିଶୁଙ୍କୁ ସରକାରୀ ଯୋଜନାରେ ଅନ୍ତର୍ଭୁକ୍ତ କରିବା, ସମୁଦାୟ ସଚେତନତା ଓ ଆଇନଗତ କାର୍ଯ୍ୟାନୁଷ୍ଠାନକୁ ଅଧିକ ସୁଦୃଢ଼ କରିବା ପାଇଁ ବିଭିନ୍ନ ପଦକ୍ଷେପ ଓ ରଣନୀତି ଉପରେ ଆଲୋଚନା କରାଯାଇଥିଲା।

ଅତିରିକ୍ତ ଜିଲାପାଳ କହିଥିଲେ ଯେ, ବାଲ୍ୟ ବିବାହ ମୁକ୍ତ କଳାହାଣ୍ଡି ଗଠନ ପାଇଁ ପ୍ରଶାସନ, ଅଭିଭାବକ, ଶିକ୍ଷକଓ ଯୁବ ସମାଜଙ୍କ ସମନ୍ୱିତ ପ୍ରୟାସ ଆବଶ୍ୟକ। ପ୍ରତ୍ୟେକ ଶିଶୁଙ୍କୁ ଶିକ୍ଷା, ସୁରକ୍ଷା ଓ ସୁନ୍ଦର ଭବିଷ୍ୟତର ଅଧିକାର ମିଳିବା ଦରକାର। ଜିଲ୍ଲାରେ ବାଲ୍ୟ ବିବାହ ନିରାକରଣକୁ ଏକ ସାମାଜିକ ଆନ୍ଦୋଳନର ରୂପ ଦେବା ପାଇଁ ସେ ଆହ୍ୱାନ କରିଥିଲେ। ଏହି ବୈଠକରେ ପୋଲିସ ବିଭାଗ, ଶିକ୍ଷା ବିଭାଗ, ମହିଳା ଓ ଶିଶୁ ବିକାଶ ବିଭାଗ, ମିଶନ ଶକ୍ତି, ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍, ସ୍ୱାସ୍ଥ୍ୟ ବିଭାଗ, ୟୁନିସେଫ୍ ଏବଂ ବିଭିନ୍ନ ସହଯୋଗୀ ସଂସ୍ଥାର ପ୍ରତିନିଧିମାନେ ଯୋଗଦେଇଥିଲେ। ଗ୍ରାମ ପଞ୍ଚାୟତ ସ୍ତରରେ ଚାଲୁଥିବା ସଚେତନତା କାର୍ଯ୍ୟକ୍ରମ, ବିବାହ ପୂର୍ବ ସୂଚନା ରେଜିଷ୍ଟରର ରକ୍ଷଣାବେକ୍ଷଣ, ସନ୍ଦିଗ୍ଧ ବାଲ୍ୟ ବିବାହ ଚିହ୍ନଟ ଓ ତ୍ୱରିତ ରେସ୍କ୍ୟୁ କାର୍ଯ୍ୟର ସମୀକ୍ଷା କରାଯାଇଥିଲା।

## ନାବାଳିକା ଅପହରଣ ମାମଲାରେ ୨ ବର୍ଷ ସଶ୍ରମ କାରାଦଣ୍ଡ

ଜୟପୁର, ୧୨।୫ (ସଂଚାର ବ୍ୟୁରୋ): କୋରାପୁଟ ଜିଲ୍ଲା ସିମିଳିଗୁଡ଼ା ଥାନା ଅନ୍ତର୍ଗତ ଉପରମାନିଆ ଗ୍ରାମର ନାବାଳିକା ଅପହରଣ ମାମଲାରେ ଅଭିଯୁକ୍ତ ନରେଶ ବିରୟ ଓରଫ ପ୍ରଧାନ (୨୫)ଙ୍କୁ ୨ ବର୍ଷ ସଶ୍ରମ କାରାଦଣ୍ଡ ସହ ୫୦୦୦ ଟଙ୍କା ଜରିମାନାରେ ଦଣ୍ଡିତ କରାଯାଇଛି। ଅପହରଣ ଘଟଣାରେ ମୋଟ ୮ ଜଣ ସାକ୍ଷୀଙ୍କ ସାକ୍ଷ୍ୟ ଓ ପ୍ରମାଣକୁ ଭିତ୍ତିକରି ଜୟପୁର ଅତିରିକ୍ତ ଜିଲ୍ଲା ଜଜ୍ ତଥା ପୋକ୍ସୋ କୋର୍ଟ ସଙ୍ଘମିତ୍ରା ଦାସ ମଙ୍ଗଳବାର ଏହି ରାୟ ଘୋଷଣା କରିଛନ୍ତି। ଜରିମାନା ଅନାଦେୟ ଅଭିଯୁକ୍ତକୁ ଅତିରିକ୍ତ ୪ ମାସ ସଶ୍ରମ କାରାଦଣ୍ଡ ଭୋଗିବାକୁ ପଡ଼ିବ। ସରକାରଙ୍କ ପକ୍ଷରୁ ସ୍ୱାଧୀନ ଓକିଲ ପି. ସନ୍ୟାସୀ ରାଓ ମାମଲାର ପରିଚାଳନା କରିଥିଲେ।

## ଅନୁପ୍ରବେଶ ଉଦ୍ୟମ ପଣ୍ଡ

ଜମ୍ମୁ-କାଶ୍ମୀର : ଜମ୍ମୁ-କାଶ୍ମୀରର ନିୟନ୍ତ୍ରଣ ରେଖା (ଏଲଓସି)ର କେଜି ସେକ୍ଟରରେ ଭାରତୀୟ ସେନା ଏକ ଅନୁପ୍ରବେଶ ଉଦ୍ୟମକୁ ପଣ୍ଡ କରି ଦେଇଛି। ଯବାନମାନେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଜଣେ ଆତଙ୍କବାଦୀକୁ ହତ୍ୟା କରିଛନ୍ତି। ସମଗ୍ର ଅଞ୍ଚଳରେ ସର୍ଚ୍ଚ ଅପରେସନ ଜାରି ରହିଛି।ସ୍ଥିତି ଉପରେ କ୍ରମାଗତ ନଜର ରଖାଯାଇଛି। ଜମ୍ମୁ-କାଶ୍ମୀରର ରାଜୌରୀ ଜିଲ୍ଲାରେ ପୁଲିସ ସୋମବାର ଆତଙ୍କବାଦୀଙ୍କ ଏକ ପୁରୁଣା ଆଡ୍ଡା ଉପରେ ଚଢ଼ାଉ କରିଥିଲା। ଏହି ସମୟରେ ସେହି ସମୟର ସାମଗ୍ରୀ ଜବତ କରାଯାଇଛି, ଯେତେବେଳେ ଆତଙ୍କବାଦ ଚରମ ସୀମାରେ ଥିଲା। ଅଧିକାରୀମାନେ ଜଣାଇଛନ୍ତି ଯେ , ଏହି ସାମଗ୍ରୀଗୁଡ଼ିକ ମଧ୍ୟରେ ଆଇଇଡି ଏବଂ ଦୂରବୀକ୍ଷଣ ଯନ୍ତ୍ର ସାମିଲ ଅଛି।

## ମରଣାନ୍ତକ ଆକ୍ରମଣ, ୧ ଗିରଫ

ସମ୍ବଲପୁର, ୧୨।୫ (ସଂଚାର ବ୍ୟୁରୋ): ସମ୍ବଲପୁର ଜିଲ୍ଲା ବୁର୍ଲା ଥାନା ଅନ୍ତର୍ଗତ ଟିଆରପଡ଼ା ଜଗନ୍ନାଥ ମନ୍ଦିର ସମ୍ମୁଖରେ ଜଣେ ଯୁବକଙ୍କୁ ହତ୍ୟା ଆକ୍ରମଣ ଘଟଣାରେ ବୁର୍ଲା ଥାନା ପୁଲିସ ଜଣେ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଛି। ସୂଚନା ଅନୁସାରେ, କ୍ଷେତପଡ଼ା ନିବାସୀ ସହଦେବ ନାରାୟଣ ରାୟ ସୋମବାର ରାତିରେ ତାଙ୍କ ପୁଅ ବିକି ରାୟଙ୍କୁ ପ୍ରେମ ବାବୁ, ଟୁଲୁ, ଶିବ କୁମାର, ଛୋଟୁ ମହାନନ୍ଦ ଓ ଛୋଟୁ ବାଡ଼ି ଓ ଅନ୍ୟମାନେ ମାଡ଼ମାରି ଟିଆରପଡ଼ା ଜଗନ୍ନାଥ ମନ୍ଦିର ସମ୍ମୁଖରେ ଫିଙ୍ଗି ଦେଇ ଯାଇଥିବା ବୁର୍ଲା ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୁଲିସ ବୁର୍ଲା ଥାନା ଅନ୍ତର୍ଗତ ମହତାବ ନଗରର ତନ୍ମୟ ବନଛୋର ଓରଫ ଟୁଲୁକୁ ମଙ୍ଗଳବାର ଗିରଫ କରି କୋର୍ଟ ଚାଲାଣ କରିଛି।

## ପୁଅ ନିଶା ଖାଇବାକୁ ମନା କରିବାରୁ ବାପା ପିଇଲେ କୀଟନାଶକ


କନ୍ଧମାଳ,୧୨।୫(ସଂଚାର ବ୍ୟୁରୋ): ପୁଅ ନିଶା ଖାଇବାକୁ ମନା କରିବାରୁ ବାପା କୀଟନାଶକ ପିଇ ଆତ୍ମହତ୍ୟା କରିଛନ୍ତି। କନ୍ଧମାଳ ଜିଲ୍ଲାର ଦାରିଙ୍ଗବାଡ଼ି ଥାନା ଅନ୍ତର୍ଗତ ବାଡ଼ାବାଙ୍ଗାର ବାଲୁବାଙ୍ଗା ଗାଁରେ ଘଟିଥିବା ଏହି ଘଟଣା ଘଟିଛି। ମୃତକ ହେଉଛନ୍ତି ସୀତାରାମ ନାୟକ (୬୨)। ସୂଚନା ଅନୁଯାୟୀ, ସୋମବାର ସନ୍ଧ୍ୟାରେ ସୀତାରାମ ନିଶାଶକ୍ତ ଅବସ୍ଥାରେ ଘରକୁ ଫେରିବାରୁ ପୁଅ ମୁରଲୀ ନାୟକ ତାଙ୍କୁ ବିରୋଧ କରିବା ସହ ମଦ ପିଇବାକୁ ବାରଣ କରିଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ସୀତାରାମ କୋବି ଚାଷରେ ପକାଇବା ପାଇଁ ଘରେ ରଖାଯାଇଥିବା କୀଟନାଶକ ପିଇ ଦେଇଥିଲେ। ତାଙ୍କୁ ତୁରନ୍ତ ଦାରିଙ୍ଗବାଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଫୁଲବାଣୀ ସ୍ଥାନାନ୍ତର କରାଯାଉଥିବା ବେଳେ ଅଧାବାଟରେ ସୀତାରାମଙ୍କ ମୃତ୍ୟୁ ହୋଇଥିଲା। ସେ ଏ ବାବଦରେ ଦାରିଙ୍ଗବାଡି ଥାନାରେ ଲିଖିତ ଅଭିଯୋଗ କରିଥିଲେ।

## ଦାଦନ ଖଟିବାକୁ ଯାଇ ଶ୍ରମିକ ନିଖୋଜ

ଜୟପୁର,୧୨।୫(ସଂଚାର ବ୍ୟୁରୋ): କୋରାପୁଟ ଜିଲ୍ଲା ବୋରିଗୁମ୍ମା ବ୍ଲକ ମୁଞ୍ଜା ପଞ୍ଚାୟତ ଚୌପାଡ଼ି ଗ୍ରାମର ରାମ ଘୋଷଙ୍କ ପୁଅ ଭଗବାନ ଘୋଷ ତେଲେଙ୍ଗାନା ଦାଦନ ଯାଇ ମାସେ ହେବ ନିଖୋଜ ଅଛନ୍ତି। ଭଗବାନ ଓ ତାଙ୍କ ପିତା ରାମଚନ୍ଦ୍ର ଘୋଷ ଚୌପାଡ଼ି ଗ୍ରାମର କିଛି ଲୋକଙ୍କ ସହିତ ତେଲେଙ୍ଗାନାର ରାଜମପେଟ ଅଞ୍ଚଳକୁ ଶ୍ରମିକ ଭାବରେ ଦାଦନ ଯାଇଥିଲେ। ସେଠାରେ କିଛିଦିନ କାମ କଲା ପରେ ସେମାନେ ରହିବା ସ୍ଥାନରୁ ଭଗବାନ କେଉଁ ଆଡେ ଚାଲିଯାଇଥିଲା। ବହୁ ଖୋଜାଖୋଜି କରିବା ପରେ ମଧ୍ୟ ମିଳି ନ ଥିଲା। ଏହାକୁ ନେଇ ରାଜମପେଟ ଥାନାରେ ଲିଖିତ ଅଭିଯୋଗ କରାଯାଇଥିଲା। ତେବେ ମାସେରୁ ଉର୍ଦ୍ଧ୍ୱ ହେବ ଭଗବାନର କୌଣସି ସୂଚନା ମିଳିନାହିଁ।

### ସଞ୍ଜୟ କପୁରଙ୍କ ବହୁକୋଟି ସମ୍ପତ୍ତି ବିବାଦ

## ମେ' ୧୪ରେ ପରବର୍ତ୍ତୀ ଶୁଣାଣି



ମୁମ୍ବାଇ,୧୨।୫: ଅଭିନେତ୍ରୀ କରିଶ୍ମା କପୁରଙ୍କ ପୂର୍ବତନ ସ୍ୱାମୀ ତଥା ଦିବଂଗତ ବ୍ୟବସାୟୀ ସଞ୍ଜୟ କପୁରଙ୍କ ସମ୍ପତ୍ତିକୁ ନେଇ ଚାଲିଥିବା ପାରିବାରିକ ବିବାଦ ପୁଣିଥରେ ଚର୍ଚ୍ଚାରେ ରହିଛି। ଦିବଂଗତ ଉଦ୍ୟୋଗପତି ସଞ୍ଜୟ କପୁରଙ୍କ ମା' ରାନି କପୁର ଓ ତାଙ୍କ ପତ୍ନୀ ପ୍ରିୟା କପୁରଙ୍କ ଭିତରେ ପାରିବାରିକ ଟ୍ରଷ୍ଟକୁ ନେଇ ସୁପ୍ରିମକୋର୍ଟରେ ବିବାଦ ଜାରି ରହିଛି।

ମଙ୍ଗଳବାର ସୁପ୍ରିମକୋର୍ଟରେ ୮୦ ବର୍ଷୀୟ ରାନିଙ୍କ ଆବେଦନ ଉପରେ ଶୁଣାଣି ହୋଇଥିଲା। ଏହି ସମୟରେ ଜଷ୍ଟିସ୍ ପାଦରିୱାଲା କହିଥିଲେ, ଆମେ ମଇଦାନକୁ ଓହ୍ଲାଇଛୁ। ଏହା ଆଗରେ ମହାଭାରତ ଭଳି ଯୁଦ୍ଧ ବି ଛୋଟ ଲାଗିବ। ଆମେ ଏହି ମାମଲାକୁ ଦେଖିବୁ।' ବର୍ତ୍ତମାନ କୋର୍ଟ ଏହି ଆବେଦନ ଉପରେ ଶୁଣାଣି ପାଇଁ ୧୪ ମଇକୁ ତାରିଖ ଧାର୍ଯ୍ୟ କରିଛନ୍ତି। ସୁପ୍ରିମକୋର୍ଟରେ ଦାଖଲ କରାଯାଇଥିବା ଆବେଦନାରେ ରାନି କପୁର ଏକ ବଡ଼ ଦାବି କରିଛନ୍ତି। ସେ କୋର୍ଟଙ୍କୁ ଅପିଲ କରିଛନ୍ତି, ଯେଉଁ ପର୍ଯ୍ୟନ୍ତ ମଧ୍ୟସ୍ଥତାର ପ୍ରକ୍ରିୟା ଚାଲିଛି, ସେ ପର୍ଯ୍ୟନ୍ତ ପ୍ରିୟା ସଚଦେବ କପୁର ଓ ଅନ୍ୟ ଲୋକଙ୍କୁ ଆରକେ ଫ୍ୟାମିଲି ଟ୍ରଷ୍ଟର କାମରେ ହସ୍ତକ୍ଷେପ କରିବାକୁ ରୋକ ଲଗାଇବାର ଦାବି କରାଯାଇଛି। ଏହି ମିଟିଂ ରଘୁବଂଶୀ ଇନଭେଷ୍ଟମେଣ୍ଟ ପ୍ରାଇଭେଟ୍ ଲିମିଟେଡ୍ ନୋଟିସରେ ଡକାଯାଇଥିଲା। ଯାହାର ବିବାଦୀୟ ସମ୍ପତ୍ତିର ଏକ ବଡ଼ ଅଂଶ ଉପରେ ଦଖଲ ରହିଛି। ଆବେଦନରେ ଏହା ମଧ୍ୟ କୁହାଯାଇଛି ଯେ, ମିଟିଂର ପ୍ରକୃତ ଉଦ୍ଦେଶ୍ୟ ବୋର୍ଡରେ ନିଜର ପସନ୍ଦଯୋଗ୍ୟ ନୂଆ ଡାଇରେକ୍ଟର ନିଯୁକ୍ତ କରିବା।

ଉଲ୍ଲେଖନୀୟ ଯେ, ୭ ମଇ ଗୁରୁବାର ସୁପ୍ରିମକୋର୍ଟ ଜଷ୍ଟିସ୍ ଚନ୍ଦ୍ରଚୂଡଙ୍କୁ ଏହି ମାମଲାରେ ମଧ୍ୟସ୍ଥି ଭାବରେ ନିଯୁକ୍ତ କରିଛନ୍ତି। କୋର୍ଟ ସମସ୍ତ ପକ୍ଷକୁ ଶାନ୍ତିପୂର୍ଣ୍ଣ ଭାବରେ ସମସ୍ତ ପ୍ରକ୍ରିୟାରେ ଭାଗ ନେବାକୁ କହିଛନ୍ତି। ଏହା ସହ ସାର୍ବଜନୀକ ଭାବରେ କୌଣସି ବୟାନବାଜି ନକରିବାକୁ କିମ୍ବା ବିବାଦ ବିଷୟରେ ସୋସିଆଲ ମିଡିରେ କୌଣସି ପୋଷ୍ଟ ନକରିବାକୁ କହିଛପନ୍ତି। ଏହାକୁ କେବଳ ପରିବାର ସଦସ୍ୟଙ୍କ ପର୍ଯ୍ୟନ୍ତ ସୀମିତ ରଖିବାକୁ ଦିଆଯାଉ। କୋର୍ଟ କହିଛନ୍ତି, ଆମେ ମଧ୍ୟସ୍ଥତା ଦ୍ୱାରା ପ୍ରାରମ୍ଭିକ ରିପୋର୍ଟ ମିଳିବା ଯାଏଁ ଅପେକ୍ଷା କରନ୍ତୁ ଓ ଏହାପରେ ମାମଲାରେ ଆଗକୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବୁ।'

## ଏୟାରୱେଜର ପ୍ରତିଷ୍ଠାତାଙ୍କୁ ଲଣ୍ଡନ ଯିବାକୁ ଅନୁମତି



ମୁମ୍ବାଇ,୧୨।୫: ସ୍ୱାସ୍ଥ୍ୟ ସମ୍ପର୍କୀତ ପରାମର୍ଶ ପାଇଁ ଜେଟ୍ ଏୟାରୱେଜର ପ୍ରତିଷ୍ଠାତା ନରେଶ ଗୋୟଲଙ୍କୁ ୪ ସପ୍ତାହ ପାଇଁ ଲଣ୍ଡନ ଯିବାକୁ ମୁମ୍ବାଇର ଏକ ସ୍ୱତନ୍ତ୍ର ଅଦାଲତ ମଙ୍ଗଳବାର ଅନୁମତି ଦେଇଛନ୍ତି। ପ୍ରିଭେନସନ୍ ଅଫ୍ ମନି ଲଣ୍ଡ୍ରିଂ ଆଇନ ଅନୁଯାୟୀ ତାଙ୍କ ବିରୋଧରେ ରୁଜୁ ହୋଇଥିବା ଏକ ମାମଲାର ଶୁଣାଣି କରି ସ୍ୱତନ୍ତ୍ର ଜଜ୍ ଆର.ବି.ରୋଟେ ମାନବାଧିକାର ଆଧାରରେ ଗୋୟଲଙ୍କୁ ଏହି ଅନୁମତି ଦିଆଯାଇଛି ବୋଲି କହିଛନ୍ତି। ପତ୍ନୀ ବିୟୋଗ ଯୋଗୁ ଗୋୟଲ ଭୟଙ୍କର ଡିପ୍ରେସନରେ ପୀଡ଼ିତ ହେବା ସହ ତାଙ୍କଠାରେ ଆତ୍ମହତ୍ୟା ପ୍ରବଣତା ଦେଖାଦେଇଛି ବୋଲି ଗୋୟଙ୍କ ଓକିଲ କୋର୍ଟକୁ ଜଣାଇବା ସହିତ ତାଙ୍କୁ ସ୍ୱାସ୍ଥ୍ୟଗତ ପରାମର୍ଶ ନିମନ୍ତେ ବିଦେଶ ଗସ୍ତ କରିବାକୁ ଅନୁମତି ଦେବା ପାଇଁ ଆବେଦନ କରିଥିଲେ। ତେବେ ଗୋୟଲଙ୍କୁ କାନାଡ଼ା ବ୍ୟାଙ୍କରେ ଥିବା ସାଧାରଣ ଲୋକଙ୍କ ୫,୭୧୬ କୋଟି ଟଙ୍କା ଠକେଇ ମାମଲାର ମୁଖ୍ୟ ସୂତ୍ରଧର ଦର୍ଶାଇ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ପକ୍ଷରୁ ଏହି ଆବେଦନକୁ ବିରୋଧ କରାଯାଇଥିଲା।

### ମାଟ୍ରିକ୍ ମେଧାବୀଙ୍କୁ ସମ୍ବର୍ଦ୍ଧିତ କଲା ଜିଲ୍ଲା ପ୍ରଶାସନ

## 'ପରଫର୍ମିଂ ଗ୍ରେଡିଂ ଇଣ୍ଡେକ୍ସ'ରେ ପ୍ରଥମରେ ଝାରସୁଗୁଡ଼ା

### ଚଳିତ ବର୍ଷ ଜିଲ୍ଲାର ୭୮ ଜଣ ପାଇଛନ୍ତି 'ଏ ୱାନ୍' ଗ୍ରେଡ୍

ଭୁବନେଶ୍ୱର,୧୨।୫(ସଂଚାର ବ୍ୟୁରୋ): ବାର୍ଷିକ ହାଇସ୍କୁଲ ସାର୍ଟିଫିକେଟ୍ ପରୀକ୍ଷାରେ ଝାରସୁଗୁଡ଼ା ଜିଲ୍ଲାର ଏ-ୱାନ୍ ଗ୍ରେଡ୍ ରଖିଥିବା ଅର୍ଥାତ୍ ଶତକଡ଼ା ନବେ ପ୍ରତିଶତରୁ ଅଧିକ ରଖିଥିବା ଛାତ୍ରଛାତ୍ରୀମାନଙ୍କ ପାଇଁ ଏକ ସମ୍ବର୍ଦ୍ଧନା ସମାରୋହ ଝାରସୁଗୁଡ଼ା ଇଞ୍ଜିନିୟରିଂ ସ୍କୁଲ ଅଡିଟୋରିୟମ୍‌ଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଲୋକସେବା ଭବନରୁ ଆଭାସୀ ମାଧ୍ୟମରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଯୋଗଦେଇ ମେଧାବୀ ଛାତ୍ରଛାତ୍ରୀମାନଙ୍କ ସହ ବ୍ୟକ୍ତିଗତ ଭାବେ ବାର୍ତ୍ତାଳାପ କରିବା ସହ ସେମାନଙ୍କୁ ଆହୁରି ସମୃଦ୍ଧ ଓ ଉଜ୍ଜ୍ୱଳ ଭବିଷ୍ୟତ ଗଢ଼ିବା ନିମନ୍ତେ ଉତ୍ସାହିତ କରିଥିଲେ। ଏହି ଅବସରରେ ରାଜସ୍ୱ ମନ୍ତ୍ରୀ କହିଛନ୍ତି ଯେ ଏକ ବିକଶିତ ତଥା ନୂଆ ଓଡ଼ିଶା ଗଠନ ପାଇଁ ସଫଳ, ସୁଦକ୍ଷ ତଥା ସୁନାଗରିକଙ୍କର ଏକାନ୍ତ ଆବଶ୍ୟକତା ରହିଛି। ବିଦ୍ୟାଳୟ ହେଉଛି 'ମଣିଷ ତିଆରି କାରଖାନା' ଓ ଶିକ୍ଷକମାନେ ହେଉଛନ୍ତି ଏହାର ନିପୁଣ କାରିଗର। ଶିକ୍ଷା କ୍ଷେତ୍ରରେ ଝାରସୁଗୁଡା ଯେପରି ସମଗ୍ର ଦେଶରେ ଏକ ନୂତନ ପରିଚୟ ସୃଷ୍ଟି କରିବ, ସେଥିପାଇଁ ଜିଲ୍ଲା ପ୍ରଶାସନ ଏକ ଦୃଢ଼ 'ରୋଡ୍ ମ୍ୟାପ୍' ପ୍ରସ୍ତୁତ କରନ୍ତୁ ଓ କୌଣସି ବି ଛାତ୍ର ଯେପରି ଗୁଣାତ୍ମକ ଶିକ୍ଷାରୁ ବଞ୍ଚିତ ନ ହୁଅନ୍ତି, ସେଥିପ୍ରତି ସତର୍କ ଦୃଷ୍ଟି ଦିଅନ୍ତୁ। ଝାରସୁଗୁଡ଼ା ଜିଲ୍ଲା କ୍ରମାଗତ ଭାବେ ଶିକ୍ଷା କ୍ଷେତ୍ରରେ ସମୃଦ୍ଧ ହେଉଛି ଓ ଏହା ପାଖରେ ଆହୁରି ଅଧିକ ସଫଳ ହେବା ନିମନ୍ତେ ପ୍ରଚୁର ସାମର୍ଥ୍ୟ ଓ ସମ୍ଭାବନା ଅଛି। ଆଜି ସଫଳ ହୋଇଥିବା ଛାତ୍ରଛାତ୍ରୀମାନେ ଆଗାମୀ ଦିନରେ ନିଜର ବଡ଼ ସ୍ୱପ୍ନ ପୂରଣ କରି ଝାରସୁଗୁଡ଼ା ଜିଲ୍ଲାର ସେବା କରିବା ସହ ଜିଲ୍ଲାର ଉନ୍ନତି ନିମନ୍ତେ ନିଷ୍ଠିତ ଉଦ୍ୟମ କରି ନିଶ୍ଚୟ ସଫଳ ହୁଅନ୍ତୁ। ଚଳିତ ବର୍ଷ ଝାରସୁଗୁଡା ଜିଲ୍ଲାରେ ପାସ୍ ହାର ୯୭.୮୯ ପ୍ରତିଶତ ରହିଛି, ଯାହା ଗତବର୍ଷ ତୁଳନାରେ ଯଥେଷ୍ଟ ଅଧିକ। ସେହିପରି ପୂର୍ବତନ ଜିଲ୍ଲାପାଳ ଆବୋଲି ସୁନୀଲ ନରଭାଣେଙ୍କ ଉଦ୍ୟମରେ ଆରମ୍ଭ ହୋଇଥିବା 'ଉଦିଆଁ ତାରା' ଅଭିଯାନର ପାଇଁ ଝାରସୁଗୁଡ଼ା ଜିଲ୍ଲା ଏପରି ସଫଳତା ଲାଭ କରିବାରେ ସମର୍ଥ ହୋଇଛି। ଜିଲ୍ଲାର ମୋଟ ୧୨୦ଟି ଉଚ୍ଚ ବିଦ୍ୟାଳୟ ମଧ୍ୟରୁ ୬୫ଟି ବିଦ୍ୟାଳୟ ଶତପ୍ରତିଶତ ସଫଳତା ହାସଲ କରିବା ଜିଲ୍ଲା ପାଇଁ ଏକ ବଡ଼ ଉପଲବ୍ଧି।

# ଏସ୍‌ସି/ଏସ୍‌ଟି ଅତ୍ୟାଚାର, ଦଣ୍ଡବିଧାନ ହାର ନଗଣ୍ୟ

ଭୁବନେଶ୍ୱର,୧୨।୫: ଅନୁସୂଚିତ ଜାତି ଓ ଜନଜାତି (ଏସ୍‌ସି/ଏସ୍‌ଟି)ଙ୍କ ପ୍ରତି ଘଟୁଥିବା ଅତ୍ୟାଚାର ଜନିତ ଅପରାଧ କ୍ଷେତ୍ରରେ ଓଡ଼ିଶାରେ ଅଭିଯୁକ୍ତଙ୍କ ପ୍ରତି ଦଣ୍ଡବିଧାନ ହାର ଅତ୍ୟନ୍ତ ନଗଣ୍ୟ। କେବଳ ସେତିକି ନୁହେଁ, ଏହି କିସମର ମାମଲା ବର୍ଷରେ ୧ ପ୍ରତିଶତ ମଧ୍ୟ ଫଇସଲା ହୋଇପାରୁ ନାହିଁ।

ସଦ୍ୟ ପ୍ରକାଶିତ ଭାରତ ସରକାରଙ୍କ ସ୍ୱରାଷ୍ଟ୍ର ମନ୍ତ୍ରାଳୟର କ୍ରାଇମ୍ ଇନ୍ ଇଣ୍ଡିଆ ରିପୋର୍ଟରେ ପ୍ରକାଶିତ ତଥ୍ୟ ମୁତାବକ ଏସ୍‌ସିମାନଙ୍କ ପ୍ରତି ଘଟୁଥିବା ଅତ୍ୟାଚାର ଓ ଅନ୍ୟ ଅପରାଧ ସଂକ୍ରାନ୍ତୀୟ ୨୩୯୭୮ଟି ମାମଲା ୨୦୨୪ରେ ବିଚାର ପାଇଁ ଥିଲା। ଏଥିରୁ ମାତ୍ର ୧୧ଟିରେ ଦଣ୍ଡବିଧାନ ହୋଇଥିôବାବେଳେ ୯୧ଟିରେ ଅଭିଯୁକ୍ତମାନେ ଖଲାସ ହୋଇଯାଇଥିଲେ। ୨୦୨୫ ଆରମ୍ଭ ବେଳକୁ ଏହି କିସମର ୨୩୮୭୩ଟି ମାମଲା ବିଚାର ପାଇଁ ବଳକା ରହିଥିଲା। ମୋଟାମୋଟି ଭାବେ ଏଭଳି ମାମଲାରେ ଦଣ୍ଡବିଧାନ ହାର ୧୦.୮ ପ୍ରତିଶତ ଥିବାବେଳେ ଫଇସଲା ହାର ମାତ୍ର ଦଶମିକ ୪ ପ୍ରତିଶତ ରହିଥିବା ଜାତୀୟ ଅପରାଧ ନଥି ସଂସ୍ଥାନ ଦ୍ୱାରା ଚଳିତ ମାସରେ ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି।

ସେହିଭଳି ଅନୁସୂଚିତ ଜନଜାତି ବା ଏସ୍‌ଟି ବର୍ଗର ଲୋକଙ୍କ ପ୍ରତି ଅତ୍ୟାଚାର ଓ ଅନ୍ୟାନ୍ୟ ଅପରାଧ ସଂକ୍ରାନ୍ତୀୟ ୭୭୯୭ଟି ମାମଲା ୨୦୨୪ ବର୍ଷରେ ବିଚାର ପାଇଁ ଥିଲା। ଏଥିରୁ ମାତ୍ର ୩୪ଟି ମାମଲା ଉକ୍ତ ବର୍ଷ ଫଇସଲା ହୋଇଥିବା ବେଳେ ସେଥିରୁ ୨ଟିରେ ଦଣ୍ଡବିଧାନ ହୋଇଛି ଓ ୩୨ଟିରେ ଅଭିଯୁକ୍ତମାନେ ଖଲାସ ହୋଇଛନ୍ତି। ୨୦୨୫ ଆରମ୍ଭ ବେଳକୁ ଏହି କିସମର ୭୭୬୩ଟି ବଳକା ମାମଲା ରହିଥିଲା। ଏଭଳି ମାମଲାରେ ଦଣ୍ଡବିଧାନ ହାର ମାତ୍ର ୫.୯ ପ୍ରତିଶତ ଥିବାବେଳେ ଫଇସଲା ହାର ଦଶମିକ ୪ ପ୍ରତିଶତ (.୪%) ରହିଛି।

ତେବେ ଜାତୀୟ ସ୍ତରରେ ଏଭଳି କିସମର ମାମଲା ଫଇସଲା ହାର ସାମାନ୍ୟ ଅଧିକ ଥିବାବେଳେ ଦଣ୍ଡବିଧାନ ହାର ବି ଓଡ଼ିଶା ତୁଳନାରେ ଢେର ଅଧିକ ରହୁଛି। ଅନୁସୂଚିତ ଜାତି ବର୍ଗର ଲୋକଙ୍କ ପ୍ରତି ଅତ୍ୟାଚାର ଓ ଅନ୍ୟ ଅପରାଧ ମାମଲାରେ ଦଣ୍ଡବିଧାନ ହାର ୨୦୨୪ ବର୍ଷରେ ସାରା ଦେଶରେ ୩୩.୯ ପ୍ରତିଶତ ରେକର୍ଡ କରାଯାଇଥିବାବେଳେ ୪.୮ ପ୍ରତିଶତ ମାମଲା ଫଇସଲା ହୋଇଛି। ସେହିଭଳି ଅନୁସୂଚିତ ଜନଜାତି ବର୍ଗର ଲୋକଙ୍କ ପ୍ରତି ଅତ୍ୟାଚାର ମାମଲାରେ ୨୦୨୪ ବର୍ଷରେ ସାରା ଦେଶରେ ଦଣ୍ଡବିଧାନ ହାର ୩୩.୨ ପ୍ରତିଶତ ଥିବାବେଳେ ଏହି କିସମର ମାତ୍ର ୬.୯ ପ୍ରତିଶତ ମାମଲା ଫଇସଲା ହୋଇଥିବା ଭାରତ ସରକାରଙ୍କ ରିପୋର୍ଟରୁ ସ୍ପଷ୍ଟ ଜଣାପଡିଛି।(ତଥ୍ୟ)

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଖୋଳତାଡ଼...

ବିଶ୍ୱାସ କରିବାକୁ ଛାତ୍ର, ଅଭିଭାବକ ଓ ସାଧାରଣ ଲୋକଙ୍କୁ ନିବେଦନ କରିଛି ଏନଟିଏ। ନିଟ ପେପର ଲିକ୍ ମାମଲାରେ ରାଜସ୍ଥାନ ପୁଲିସର ସ୍ପେଶାଲ୍ ଅପରେସନ୍ସ ଗ୍ରୁପ୍ (ଏସଓଜି) ୪୫ରୁ ଅଧିକ ଲୋକଙ୍କୁ ଅଟକ ରଖିଛି। ବିଭିନ୍ନ ରାଜ୍ୟରେ ଚଢ଼ାଉ ଓ ପଚରାଉଚରା ଚାଲିଛି। ଚଳିତ ବର୍ଷ ପ୍ରାୟ ୨୨ ଲକ୍ଷ ନିୟୁତ ଛାତ୍ର ନିଟ୍ ପରୀକ୍ଷାରେ ଅଂଶଗ୍ରହଣ କରିଥିଲେ। ଏହି ସମୟରେ ରାଜସ୍ଥାନରେ ପେପର ଲିକ୍ ହୋଇଥିବା ନେଇ ଖବର ପ୍ରକାଶ ପାଇଥିଲା। ପୁଲିସର ସ୍ୱତନ୍ତ୍ର ଅପରେସନ୍ସ ଗ୍ରୁପ୍ ବର୍ତ୍ତମାନ ଦୁଇଟି ପ୍ରମୁଖ ଦୃଷ୍ଟିକୋଣରୁ ପେପର୍ ଲିକ୍ ମାମଲାର ତଦନ୍ତ କରୁଛି। ପ୍ରଥମତଃ, ପରୀକ୍ଷା ପ୍ରଶ୍ନପତ୍ର ମୁଦ୍ରଣ ସମୟରେ ଓ ପ୍ରେସକୁ ବିତରଣ ସମୟରେ ପେପର୍ ଲିକ୍ ହୋଇଥାଇପାରେ। ଦ୍ୱିତୀୟତଃ, ତଦନ୍ତକାରୀ ସଂସ୍ଥାଗୁଡ଼ିକ ସନ୍ଦେହ କରୁଛନ୍ତି ଯେ ପେପର୍ ସେଟିଂରେ ସମ୍ପୃକ୍ତ କେହି ଜଣେ ବ୍ୟକ୍ତି ପ୍ରଶ୍ନପତ୍ର ଲିକ୍ କରିଥାଇପାରନ୍ତି। ମାମଲାର ଗମ୍ଭୀରତାକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର ତଦନ୍ତ ଦାୟିତ୍ୱ ସିବିଆଇକୁ ହସ୍ତାନ୍ତର କରିଛନ୍ତି।

ଏନଟିଏ ଡିଜି ଅଭିଷେକ ସିଂହ କହିଛନ୍ତି, ୭ରୁ ୧୦ ଦିନ ଭିତରେ ସାନି ପରୀକ୍ଷା ନେଇ ତାରିଖ ଘୋଷଣା କରାଯିବ। ପରୀକ୍ଷାରେ ବିଳମ୍ବ କରାଯିବନି କି ଏକାଡେମିକ ବର୍ଷ ବାଧାପ୍ରାପ୍ତ ହେବନି। କାହାକୁ ଛଡ଼ାଯିବ ନାହିଁ, ଯେଉଁମାନେ ଏହି ପ୍ରଶ୍ନପତ୍ର ଲିକ୍ ଘଟଣାରେ ସମ୍ପୃକ୍ତ ସମସ୍ତେ ଜେଲ୍ ଯିବେ। "ଆମେ ସିବିଆଇକୁ ଅନୁରୋଧ କରୁଛୁ ଯେ ଭିତରର ହେଉ କିମ୍ବା ବାହାରର, ଦାୟୀ ଲୋକଙ୍କୁ ଗିରଫ କରି ଦଣ୍ଡ ଦିଅ। ଯାହା ଦ୍ୱାରା ଏହି ସମସ୍ୟାର ସମାଧାନ ହୋଇପାରିବ। ୧୨୦ ପ୍ରଶ୍ନ କାହିଁକି, ଗୋଟିଏ ବି ପ୍ରଶ୍ନ ମ୍ୟାଚ କଲେ ପରୀକ୍ଷାର୍ଥୀ ପ୍ରଭାବିତ ହେବେ। ଯେପରି ଜଣେ ହେଲେ ପରୀକ୍ଷାର୍ଥୀ ପ୍ରଭାବିତ ନ ହେବେ ତାହାକୁ ଗୁରୁତ୍ୱ ଦିଆଯାଉଥିବା ସେ କହିଛନ୍ତି।

ସୂଚନାନୁଯାୟୀ, ଛାତ୍ରଛାତ୍ରୀଙ୍କୁ ପୁଣିଥରେ ନୂଆ କରି ପଞ୍ଜୀକରଣ କରିବାକୁ ପଡ଼ିବ ନାହିଁ। ଏଥିସହ ପୂର୍ବରୁ ଦେଇଥିବା ପରୀକ୍ଷା ଫି' ବି ଫେରସ୍ତ କରାଯିବ ଏବଂ ଏନଟିଏ ନିଜସ୍ୱ ସମ୍ବଳରେ ପୁନଃପରୀକ୍ଷା କରାଇବ। ଏନଟିଏ ପକ୍ଷରୁ କୁହାଯାଇଛି ଯେ ପରୀକ୍ଷାରେ ବିଶ୍ୱସନୀୟତା ଓ ସ୍ୱଚ୍ଛତା ରକ୍ଷା କରିବା ଆମର ପ୍ରାଥମିକତା। ଯଦିଓ ଏହି ନିଷ୍ପତ୍ତି ଯୋଗୁଁ ଲକ୍ଷ ଲକ୍ଷ ଛାତ୍ରଛାତ୍ରୀ ଓ ସେମାନଙ୍କ ଅଭିଭାବକ ଅସୁବିଧାର ସମ୍ମୁଖୀନ ହେବେ, କିନ୍ତୁ ମେଧାବୀ ଛାତ୍ରଛାତ୍ରୀଙ୍କ ସ୍ୱାର୍ଥରକ୍ଷା ପାଇଁ ଏହା ଏକ ଜରୁରୀ ପଦକ୍ଷେପ।

### ସଭ୍ୟତାକୁ...

କରୁଛି। ମହିଳା ସଶକ୍ତିକରଣକୁ ମୋଦି ସରକାର ଗୁରୁତ୍ୱ ଦେଉଛନ୍ତି। ଗବେଷଣା ଓ ବିକାଶ ଓ ଭିତ୍ତିଭୂମି ବିକାଶରେ ସରକାରୀ ପୁଞ୍ଜିନିବେଶ ସହ ଶିଳ୍ପ ଜଗତର ଅଧିକ ସହଭାଗିତା ପାଇଁ ସେ ଆହ୍ୱାନ ଦେଇଛନ୍ତି।

ଶ୍ରୀ ପ୍ରଧାନ କହିଛନ୍ତି ଯେ ଏକ ଦକ୍ଷ, ସାକ୍ଷର ଓ ନବସୃଜନ-ଆଧାରିତ ଭାରତ ଗଠନ ପାଇଁ ଶିକ୍ଷାନୁଷ୍ଠାନ ଓ ଶିଳ୍ପ ଜଗତ ମଧ୍ୟରେ ଏକ ଦୃଢ଼ ସାଧାରଣ ସହଭାଗିତା ଆବଶ୍ୟକ। ଏହା କେବଳ ଭାରତର ଆଶା ପୂରଣ କରିବ ନାହିଁ, ବରଂ ବିଶ୍ୱର ବିଭିନ୍ନ ସମସ୍ୟାର ସମାଧାନ ପାଇଁ ମାର୍ଗ ପ୍ରଶସ୍ତ କରିବ। ଶିକ୍ଷା କ୍ଷେତ୍ରରେ ସରକାରୀ ପୁଞ୍ଜିନିବେଶ ସହ ଶିଳ୍ପ ଜଗତର ସକ୍ରିୟ ସହଭାଗିତା ଜରୁରୀ। ବିଶେଷ କରି ଗବେଷଣା ଓ ବିକାଶ, ଭିତ୍ତିଭୂମି ବିକାଶ, ପୁଷ୍ଟିଯୁକ୍ତ ଖାଦ୍ୟ ଓ ନବସୃଜନ କ୍ଷେତ୍ରରେ ଘରୋଇ ସଂସ୍ଥାମାନଙ୍କର ସହଯୋଗ ଦେଶର ଶିକ୍ଷା ବ୍ୟବସ୍ଥାରେ ଥିବା ଶୂନ୍ୟସ୍ଥାନକୁ ପୂରଣ କରିପାରିବ ବୋଲି କେନ୍ଦ୍ର ଶିକ୍ଷା ମନ୍ତ୍ରୀ କହିଛନ୍ତି। କାର୍ଯ୍ୟକ୍ରମରେ ସଫଳ ମହିଳା ଅଧିକାରୀମାନଙ୍କୁ 'ୱିମେନ ଏକଜେମ୍ପଲାର ଆୱାର୍ଡ' ମାଧ୍ୟମରେ ସମ୍ମାନିତ କରିଥିବାରୁ ଶ୍ରୀ ପ୍ରଧାନ ସିଆଇଆଇର ପ୍ରୟାସକୁ ପ୍ରଶଂସା କରିଛନ୍ତି।

### ମହିଳାଙ୍କୁ ସ୍ୱାବଲମ୍ବୀ...

ପ୍ରତିଶତ ଡାଉନ୍ ପେମେଣ୍ଟ ଭାବେ ମଧ୍ୟ ରାଜ୍ୟ ସରକାର ବହନ କରୁଛନ୍ତି। ସରକାର ଗ୍ୟାରେଣ୍ଟର୍ ରହି ଗାଡ଼ିର କ୍ରେଡିଟ୍ ଗ୍ୟାରେଣ୍ଟି ଚାର୍ଜ ଓ ସମସ୍ତ ସୁଧ ଖର୍ଚ୍ଚ ବହନ କରୁଛନ୍ତି। ଆଗାମୀ ୪ ବର୍ଷ ମଧ୍ୟରେ ରାଜ୍ୟରେ ୧,୧୦୦ 'ଆତ୍ମନିର୍ଭର ମହିଳା ସୁବାହକ' ସୃଷ୍ଟି କରିବା ପାଇଁ ସରକାର ୪୬.୬୬ କୋଟି ଟଙ୍କାର ବ୍ୟୟବରାଦ କରିଛନ୍ତି। ଏହି ଯୋଜନାରେ ଓଏସ୍ଆର୍‌ଟିସି, କ୍ରୁଟ୍‌ର ମହିଳା ଚାଳକ, ସ୍ୱୟଂ ସହାୟିକା ଗୋଷ୍ଠୀ ସଦସ୍ୟା ଓ 'ସୁଭଦ୍ରା' ଯୋଜନାର ହିତାଧିକାରୀଙ୍କୁ ପ୍ରାଥମିକତା ଦିଆଯାଉଛି। ଏହି କାର୍ଯ୍ୟକ୍ରମରେ ବାଣିଜ୍ୟ ଓ ପରିବହନ ବିଭାଗର ପ୍ରମୁଖ ଶାସନ ସଚିବ ଏନ୍‌ବିଏସ୍ ରାଜପୁତ ଓ ପରିବହନ ଆୟୁକ୍ତ ଅମିତାଭ ଠାକୁରଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହି ଭାନୁପ୍ରିୟା ବେହେରାଙ୍କୁ ଗାଡ଼ି ଚାବି ପ୍ରଦାନ କରିବା ସହ ପରିବହନ କ୍ଷେତ୍ରରେ ତାଙ୍କ ଅଂଶଗ୍ରହଣ ବୃଦ୍ଧି ପାଇଁ ଉତ୍ସାହିତ କରିଥିଲେ।

### ପଥର ଚାଲାଣ...

ବହୁ ଦିନରୁ ଅଜିତ ଓ ତାଙ୍କ ବନ୍ଧୁ ଏହିଭଳି ଭାବେ ବେଆଇନ ଦାଦାବଟି ଆଦାୟ କରୁଥିଲେ। ଟ୍ରକ ଦୁଇଟିକୁ ଅଟକାଯିବା ନେଇ ଡ୍ରାଇଭରଠାରୁ ମାଲିକ ପୂର୍ଣ୍ଣଚନ୍ଦ୍ର ନାୟକ ଓରଫ ଦୀପୁ ଖବର ପାଇଥିଲା। ଅଜିତ ଓ ଦୀପୁଙ୍କ ମଧ୍ୟରେ ଦାଦାବଟିକୁ ନେଇ ପାଟିତୁଣ୍ଡ ଚାଲିଥିବା ବେଳେ ଅନ୍ୟ ଅଭିଯୁକ୍ତ ଜଗନ୍ନାଥ ପଣ୍ଡା, ମହନ୍ତ ନାୟକ, ମାନସ ବେହେରା, ଶ୍ରୀଧର ସାହୁ, ରବୀନ୍ଦ୍ର ଭଞ୍ଜ ଓ ମୁନ୍ନା ସାହୁ ଏକ ମହିନ୍ଦ୍ରା ଟିୟୁଭି କାର ଓ ବାଇକରେ ସେଠାରେ ପହଞ୍ଚିଥିଲେ।

ଅଜିତ ବାରମ୍ବାର ଏଭଳି ଟ୍ରକ ଅଟକାଇ ଦାଦାବଟି ଆଦାୟ କରୁଥିବାରୁ ସେମାନଙ୍କ ମଧ୍ୟରେ ଜୋରଦାର ପାଟିତୁଣ୍ଡ ହୋଇଥିଲା। ପୂର୍ବରୁ ଏହି ଦାଦାବଟିକୁ ନେଇ ମୃତ ଅଜୟ ମାନସକୁ ମାଡ଼ ମାରିଥିଲା। ଯେଉଁଥିପାଇଁ ମାନସ ପ୍ରତିଶୋଧ ପାଇଁ ସୁଯୋଗକୁ ଅପେକ୍ଷା କରିଥିଲେ। ଦାଦାବଟିକୁ ନେଇ ଉଭୟଙ୍କ ମଧ୍ୟ ତର୍କ ବଢ଼ିବା ପରେ ମହନ୍ତ ନାୟକ ଅଜିତର ବେକକୁ ଧରି ରାସ୍ତାରେ ବସାଇଦେଇଥିଲା। ତା'ପରେ ଜଗନ୍ନାଥ, କାଳୁ, ପୂର୍ଣ୍ଣଚନ୍ଦ୍ର ଓ ଅନ୍ୟମାନେ ମହିନ୍ଦ୍ରା ଟିୟୁଭିରୁ ଖଣ୍ଡା ବାହାର କରି ଆକ୍ରମଣ କରିଥିଲେ। ଖଣ୍ଡାରେ ବାରମ୍ବାର ଆକ୍ରମଣ ପରେ ତା'ର ଗୋଟିଏ ହାତ ଛିଣ୍ଡିଯାଇଥିଲା ଏବଂ ଅନ୍ୟ ଗୋଟିଏ ହାତ ଅଧା କଟି ଝୁଲି ରହିଥିଲା। ଏହି ଆକ୍ରମଣରେ ଘଟଣାସ୍ଥଳରେ ହିଁ ଅଜିତର ମୃତ୍ୟୁ ହୋଇଯାଇଥିଲା। ଏଥିରେ ମୁଖ୍ୟ ଅଭିଯୁକ୍ତ ପୂର୍ଣ୍ଣଚନ୍ଦ୍ର, ମହନ୍ତ, ମାନସ, ଶ୍ରୀଧରକୁ ପୁଲିସ ୨୪ ଘଣ୍ଟା ମଧ୍ୟରେ ଗିରଫ କରି କୋର୍ଟ ଚାଲାଣ କରିଛି। ଏଥିସହ ଅନ୍ୟମାନଙ୍କୁ ଧରିବାକୁ ସ୍ୱତନ୍ତ୍ର ଟିମ ଗଠନ କରାଯାଇଛି। ଏଥିସହ ଆଇନଶୃଙ୍ଖଳା ବଜାୟ ରଖିବାକୁ ସ୍ଥାନୀୟ ଅଞ୍ଚଳରେ ପର୍ଯ୍ୟାପ୍ତ ଫୋର୍ସ ମୁତୟନ ହୋଇଥିବା ପୁଲିସ ସୂଚନା ଦେଇଛି।


## ସାମାନ୍ୟ ବଚସାରୁ ଛୁରାମାଡ଼

କଟକ,୧୨।୫(ସଂଚାର ବ୍ୟୁରୋ): କଟକ କ୍ୟାଣ୍ଟନମେଣ୍ଟ ରୋଡ ଅଞ୍ଚଳରେ ଯୁବକଙ୍କୁ ଛୁରାରେ ମରଣାନ୍ତକ ଆକ୍ରମଣ। ସାମାନ୍ୟ ବଚସାରୁ ଯୁବକଙ୍କୁ ଛୁରାମାଡ଼ ହୋଇଥିବା ବେଳେ ତାଙ୍କ ନାମ ହେଉଛି ମହମ୍ମଦ ଇମ୍‌ତିଆଜ। ମହମ୍ମଦ ଇମତିଆଜ ସେହି ଅଞ୍ଚଳରେ ଏକ ହୋଟେଲ ନିକଟରେ ବସିଥିବା ବେଳେ କୌଣସି କାରଣରୁ ବଚସା ହୋଇଥିଲା। ଏହି ସମୟରେ ହୋଟେଲ ମାଲିକ ଛୁରୀରେ ଅତର୍କିତ ଭାବେ ଆକ୍ରମଣ କରିଥିଲେ। ଏହି ଆକ୍ରମଣରେ ମହମ୍ମଦ ଇମତିଆଜଙ୍କ ଶରୀରର ବିଭିନ୍ନ ସ୍ଥାନରେ ଗଭୀର କ୍ଷତ ସୃଷ୍ଟି ହୋଇଥିଲା। ତାଙ୍କୁ ଚିକିତ୍ସା ପାଇଁ ଏସସିବି ମେଡିକାଲରେ ଭର୍ତ୍ତି କରାଯାଇଛି। ଏହି ଘଟଣାରେ କ୍ୟାଣ୍ଟନମେଣ୍ଟ ଥାନା ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

## ରିଫିଲିଂ କଳାବଜାରୀ ଚଢ଼ାଉ, ୬୦ରୁ ଉର୍ଦ୍ଧ୍ୱ ସିଲିଣ୍ଡର ଜବତ

ସମ୍ବଲପୁର,୧୨।୫ (ସଂଚାର ବ୍ୟୁରୋ): ସମ୍ବଲପୁର ଜିଲ୍ଲା ଯୁଯୁମୁରା ଥାନା ଅଞ୍ଚଳରେ ସକ୍ରିୟ ଥିବା ଏଲପିଜି ଗ୍ୟାସ ରିଫିଲିଂ ଓ କଳାବଜାରୀ ରାକେଟ୍‌ର ପୁଲିସ୍ ପର୍ଦ୍ଦାଫାଶ କରିଛି। ଏହି ଘଟଣାରେ ପୁଲିସ ଜଣେ ନାବାଳକ ସହିତ ୨ ଜଣକୁ ଗିରଫ କରିଛି। ଯୁଯୁମୁରା ଥାନାର କେସ୍ ୮୫/୨୬ ଅନୁସାରେ ୧୨ ତାରିଖ ଭୋର ସମୟରେ ଯୁଯୁମୁରା ଅଞ୍ଚଳର ଚର୍ଚ୍ଚିତ ରାଜସ୍ଥାନୀ ଢାବାରେ ପୋଲିସ ଚଢ଼ଉ କରିଥିଲା। ଚଢ଼ଉ ବେଳେ ସେଠାରେ ଅବୈଧ ଭାବେ ଏଲପିଜି ଗ୍ୟାସ ରିଫିଲିଂ କାରବାର ଚାଲୁଥିବା ଧରାପଡ଼ିଥିଲା। ତଦନ୍ତରେ ଜଣାପଡ଼ିଛି ଯେ, ଗତ ତିନି ମାସ ଧରି ଗିରିଧାରୀ ରାମଜୀ ନେତୃତ୍ୱରେ ଢାବା ମାଲିକ ସୋହନ ମିଳିତ ଭାବେ ଅବୈଧ ଗ୍ୟାସ କାରବାର କରୁଥିଲେ। ଅଭିଯୁକ୍ତମାନେ ବ୍ୟବସାୟିକ ଗ୍ୟାସ ସିଲିଣ୍ଡରରୁ ଖାଲି ସିଲିଣ୍ଡରକୁ ଅବୈଧ ଭାବେ ଗ୍ୟାସ ଭରୁଥିଲେ। ପାରାଦୀପରୁ ରାୟପୁର ଓ ଅନ୍ୟାନ୍ୟ ସ୍ଥାନକୁ ଯାଉଥିବା ଗ୍ୟାସ ଭର୍ତ୍ତି ଟ୍ରକ୍‌ଗୁଡ଼ିକ ଏହି ଢାବାରେ ଅଟକୁଥିବା ବେଳେ କେତେକ ଚାଳକଙ୍କ ସହଯୋଗରେ ଏହି ଗ୍ୟାସ ଚୋରାଚାଲାଣ କରାଯାଉଥିଲା। ଗ୍ୟାସ ଅଭାବର ସୁଯୋଗ ନେଇ ଅଭିଯୁକ୍ତମାନେ ନିକଟସ୍ଥ ଢାବା ଓ ହୋଟେଲ ଗୁଡ଼ିକୁ ଚଢ଼ା ଦରରେ ଅବୈଧ ଗ୍ୟାସ ସିଲିଣ୍ଡର ବିକ୍ରି କରି ବେଶ୍ ମୋଟା ଅଙ୍କର ଅର୍ଥଲାଭ କରୁଥିଲେ। ଚଢ଼ଉ ସମୟରେ ପୋଲିସ ୪୦ଟି ବ୍ୟବସାୟିକ ଗ୍ୟାସ ସିଲିଣ୍ଡର, ୨୨ଟି ଘରୋଇ ସିଲିଣ୍ଡର ଏବଂ ସିଜି ୦୭ ବିୱାଇ ୯୨୩୮ ନମ୍ବରର ଏକ ପିକଅପ୍ ଗାଡ଼ି ଜବତ କରିଛି। ଏହି ଘଟଣାରେ ସୁବାଶ ବିଷ୍ଣୋଇ ନାମକ ଜଣେ ୧୯ ବର୍ଷିୟ ଯୁବକଙ୍କୁ ଅଟକ ରଖିବା ସହ ଜଣେ ଅପ୍ରାପ୍ତ ବୟସ୍କ ପିଲାକୁ ମଧ୍ୟ ଧରିଥିବା ଜଣାପଡ଼ିଛି। ପୋଲିସ ଏହି ଅବୈଧ ଗ୍ୟାସ୍ ଚୋରାଚାଲାଣ ଘଟଣାର ଅଧିକ ତଦନ୍ତ ଜାରି ରଖିଛି।

# ବ୍ୟାସନଗର ଷ୍ଟାଡିୟମ ଉନ୍ନତିକରଣର ଶିଳାନ୍ୟାସ



ଯାଜପୁର ରୋଡ଼,୧୨ା୫ (ସଂଚାର ବ୍ୟୁରୋ): ଓଡ଼ିଶାର କ୍ରିଡ଼ା ଓ ଯୁବ କଲ୍ୟାଣ, ଉଚ୍ଚ ଶିକ୍ଷା ଏବଂ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ଦ୍ୱାରା ଆଜି ବ୍ୟାସନଗର ପୌରାଞ୍ଚଳ ସହରରେ ଥିବା ବ୍ୟାସନଗର ଷ୍ଟାଡିୟମ ଉନ୍ନତିକରଣର ଶୁଭ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି ।

ଏହି କାର୍ଯ୍ୟକ୍ରମରେ କୋରେଇ ବିଧାୟକ ତଥା ଯାଜପୁର ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଆକାଶ ଦାସନାୟକ ଯୋଗଦେଇ ଅଂଚଳରେ କ୍ରିଡ଼ା ପ୍ରତିଯୋଗିତା କ୍ଷେତ୍ରରେ ସ୍ଥାନୀୟ ଯୁବପିଢ଼ିଙ୍କ ପାଇଁ ଉତ୍ତମ ଖେଳ ଓ ବିନୋଦନ ସୁବିଧା ସୃଷ୍ଟି ହେବା ସହ ଅଂଚଳର ସାମଗ୍ରୀକ ଉନ୍ନତି ହେବ ବୋଲି କହିଥିଲେ। ମନ୍ତ୍ରୀ ଶ୍ରୀ ସୂର୍ଯ୍ୟବଂଶୀ ସୂରଜ ଯାଜପୁର ଜିଲ୍ଲାର ଯୋଜନା ବୋର୍ଡ ଅଧ୍ୟକ୍ଷ ଶ୍ରୀ ଆକାଶ ଦାସନାୟକଙ୍କୁ ପ୍ରଶଂସା କରିବା ସହିତ ତାଙ୍କ କାର୍ଯ୍ୟପନ୍ଥା, ଓଡ଼ିଆ ସଂସ୍କୃତି ବିଷୟରେ ଆଲୋକପାତ କରିବା ସହ ଅଂଚଳର କ୍ରିଡ଼ାବିତ ମାନଙ୍କୁ ଉତ୍ସାହିତ କରିଥିଲେ।

ଏହି ଷ୍ଟାଡିୟମର ଉନ୍ନତିକରଣ ପାଇଁ ପାଖାପାଖି ୩୫ କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି ସୁଚନା ମିଳିଥିବା ବେଳେ ନେସନାଲ ଷ୍ଟାଡିୟମ ସଦୃଶ୍ୟ ହେବ ବୋଲି ବିଧାୟକ ଶ୍ରୀ ଦାସନାୟକ ଜଣାଇଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଓ ବିଜେପି ସରକାରଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଥିଲା।

## କୋଭିଡ ଗୃହରେ ଚାଲୁଛି ସ୍ୱାସ୍ଥ୍ୟସେବା

# କେବେ ସରିବ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର କୋଠା କାମ ?




ଆନନ୍ଦପୁର,୧୨ା୫ (ସଂଚାର ବ୍ୟୁରୋ): କେନ୍ଦୁଝର ଜିଲ୍ଲା ଆନନ୍ଦପୁର ପୌରାଞ୍ଚଳ ଫକୀରପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଏବେ ରୋଗୀ ସେବାକୁ ନେଇ ଗଭୀର ଚିନ୍ତା ପ୍ରକାଶ ପାଇଛି। ପୁରୁଣା କୋଭିଡ୍ ଗୃହରେ ଅସ୍ଥାୟୀ ଭାବେ ଚାଲୁଥିବା ସ୍ୱାସ୍ଥ୍ୟ ସେବା ଯୋଗୁଁ ରୋଗୀ ଓ କର୍ମଚାରୀ ମାନେ ଅସୁରକ୍ଷିତ ପରିବେଶରେ ରହୁଥିବା ଅଭିଯୋଗ ହୋଇଛି। ଅନ୍ୟପଟେ ନୂତନ କୋଠା ନିର୍ମାଣ କାମ ଦୀର୍ଘଦିନ ଧରି ଧିମେଇ ଧିମେଇ ଚାଲୁଥିବା ବେଳେ ଠିକାଦାରଙ୍କ ଅହେତୁକ ବିଳମ୍ବକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ବଢ଼ୁଛି ଅସନ୍ତୋଷ।

ଆନନ୍ଦପୁର ପୌରାଞ୍ଚଳ ଫକୀରପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଉପରେ ଅନେକ ଗ୍ରାମର ଲୋକ ନିର୍ଭର କରୁଥିବା ବେଳେ ବର୍ତ୍ତମାନ ଏଠାରେ ସ୍ୱାସ୍ଥ୍ୟ ସେବା ବ୍ୟବସ୍ଥା ଅବ୍ୟବସ୍ଥିତ ହୋଇପଡ଼ିଛି। ପୁରୁଣା କୋଭିଡ୍ ଗୃହରେ ରୋଗୀଙ୍କୁ ଚିକିତ୍ସା ଦିଆଯାଉଥିବାରୁ ସୁରକ୍ଷା ଓ ସ୍ୱାସ୍ଥ୍ୟକର ପରିବେଶକୁ ନେଇ ଉଠିଛି ପ୍ରଶ୍ନ। ବର୍ଷା ଦିନ ଆସୁଥିବା ବେଳେ ଭଙ୍ଗାରୁଜ ଓ ଅସୁରକ୍ଷିତ ପରିବେଶ ଭିତରେ ରୋଗୀମାନେ ଚିକିତ୍ସା ପାଉଥିବା ଦୃଶ୍ୟ ସାଧାରଣ ଲୋକଙ୍କ ଚିନ୍ତା ବଢ଼ାଇଛି। ସ୍ୱାସ୍ଥ୍ୟ କେନ୍ଦ୍ରର ନୂତନ କୋଠା ନିର୍ମାଣ କାମ ଦୀର୍ଘଦିନ ହେଲା ଆରମ୍ଭ ହୋଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ସରିନାହିଁ। କାର୍ଯ୍ୟସ୍ଥଳରେ କୌଣସି ବିଭାଗୀୟ ଅଧିକାରୀଙ୍କୁ ଦେଖିବାକୁ ମିଳୁନଥିବା ବେଳେ ଠିକାଦାର ମନମୁଖୀ ଭାବରେ କାମ କରୁଥିବା ଅଭିଯୋଗ ହେଉଛି। ଅନ୍ୟପଟେ ଘଟଗାଁରେ ଅଧିକାରୀମାନେ ବସିଥିବା ବେଳେ ପ୍ରକୃତ କାର୍ଯ୍ୟସ୍ଥଳରେ ନିରୀକ୍ଷଣର ଅଭାବ ସ୍ପଷ୍ଟ ହୋଇପଡ଼ିଛି। ସ୍ଥାନୀୟ ଲୋକମାନେ ଦାବି କରିଛନ୍ତି ଯେ ଶୀଘ୍ର ନୂତନ କୋଠା ନିର୍ମାଣ କାମ ସମ୍ପୂର୍ଣ୍ଣ କରାଯାଇ ସୁରକ୍ଷିତ ପରିବେଶରେ ରୋଗୀ ସେବା ଆରମ୍ଭ କରାଯାଉ। ନହେଲେ ଆଗାମୀ ଦିନରେ ବଡ଼ ଧରଣର ଅସୁବିଧା ସୃଷ୍ଟି ହେବା ସହ ରୋଗୀଙ୍କ ଜୀବନ ବିପଦରେ ପଡ଼ିପାରେ ବୋଲି ଆଶଙ୍କା କରିଛନ୍ତି ଅଞ୍ଚଳବାସୀ।

ଏହି ବିଷୟରେ ମେଡିକାଲ ଅଫିସର୍ କହିଛନ୍ତି ଆମ ହାତରେ କିଛି ନାହିଁ ଏହି ସବୁ ରାସ୍ତା ଓ ଗୃହ ନିର୍ମାଣ ବିଭାଗରେ ରହିଛି। ସେ ମଝିରେ ମଝିରେ ଆସି ବୁଲିକି ଯାଉଛନ୍ତି। କେବେ ସରିବ ଆମେ ଜାଣି ନାହୁଁ, ଶିଘ୍ର ସରିଲେ ଭଲ ହୁଅନ୍ତା।

## ଉଦ୍ୟୋଗୀ ଓଡ଼ିଶା ସମ୍ମାନ-୨୦୨୬ରେ ସମ୍ମାନିତ ହେଲେ ଶକୁନ୍ତଳା ପ୍ରଧାନ



ବାଲିଆପାଳ,୧୨ା୫ (ସଂଚାର ବ୍ୟୁରୋ): ଉଦ୍ୟାଗୀ ଓଡ଼ିଶା ସମ୍ମାନ ୨୦୨୬ରେ ସମ୍ମାନୀତ ହେଲେ ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ଟଗରା ଗ୍ରାମରେ ଅବସ୍ଥିତ ମଦର ଟେରେସା ସେବା ସଂଘ ବିଦ୍ୟାଳୟର ସଂଯୋଜିକା ଶକୁନ୍ତଳା ପ୍ରଧାନ। ଭୁବନେଶ୍ୱର ପଟିଆ ସ୍ଥିତ ହୋଟେଲ କ୍ରାଉନ୍ କ୍ରିଷ୍ଟାଲ ଠାରେ ଘୋରଇ ଚ୍ୟାନେଲ ଏମବିସି ଟିଭିର ଷୋହଳତମ ପ୍ରତିଷ୍ଠା ଦିବସ ଅନୁଷ୍ଠିତ ଅବସରରେ ଉଦ୍ୟୋଗୀ ଓଡ଼ିଶା ସମ୍ମାନ -୨୦୨୬ ପ୍ରଦାନ କରାଯାଇଛି । ଶକୁନ୍ତଳା ଜଣେ ଆଦର୍ଶ ଶିକ୍ଷୟିତ୍ରୀ ଭାବରେ କାର୍ଯ୍ୟରତ। ମାତ୍ର ସେବାକୁ ନିଜ ଜୀବନର ବ୍ରତ ଭାବେ ଗ୍ରହଣ କରି ମଦର ଟେରେସା ସେବା ସଂଘ ଭିନ୍ନକ୍ଷମ ବିଦ୍ୟାଳୟରେ ନିଜକୁ ନିୟୋଜିତ କରିପାରିଛନ୍ତି। ଏହା ବ୍ୟତିତ ବିଭିନ୍ନ ସାମାଜିକ ଅନୁଷ୍ଠାନ ଏବଂ ନାରୀ ସଚେତନତାରେ ଜଡ଼ିତ ରହି ବାଲିଆପାଳରେ ବହୁ ଗୃହ ଉଦ୍ୟୋଗୀ ସୃଷ୍ଟି କରିପାରିଛନ୍ତି ଏଥିପାଇଁ ଶ୍ରୀମତୀ ପ୍ରଧାନଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି । ଆୟୋଜିତ ଉତ୍ସବରେ ମଞ୍ଚରେ ଅତିଥି ଭାବେ ପଞ୍ଚାୟତ ରାଜ ମନ୍ତ୍ରୀ ରବିନାରାୟଣ ନାଏକ, ଏମବିସି ଟିଭି ମୁଖ୍ୟ ସମ୍ପାଦକ ଡ଼ଃ ବଦ୍ରିନାଥ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହି ଶ୍ରୀମତୀ ପ୍ରଧାନଙ୍କୁ ଉତ୍ତରୀୟ ଓ ସମ୍ବର୍ଦ୍ଧନା ପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ । ଏହି ସମ୍ମାନ ମିଳିବା ପରେ ମଦର ଟେରେସା ସେବା ସଂଘରେ ଖୁସିର ଲହରୀ ଖେଳିଯାଇଛି । ଶକୁନ୍ତଳାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି ।

## ତାଲା ପକାଇ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା



ନବରଙ୍ଗପୁର/ଉମରକୋଟ,୧୨ା୫ (ସଂଚାର ବ୍ୟୁରୋ): ନବରଙ୍ଗପୁର ଜିଲ୍ଲା ଉମରକୋଟ ବ୍ଲକରେ ତାଲା ପକାଇ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଛନ୍ତି ସରପଞ୍ଚ, ସମିତି ଓ ଜିଲ୍ଲା ପରିଷଦ ସଭ୍ୟ। ଶାସକ ଦଳର ମନ୍ତ୍ରୀ, ସାଂସଦ, ବିଧାୟକଙ୍କ ଚାପରେ ପଲ୍ଲୀସଭା ଗ୍ରାମସଭାରେ ପ୍ରସ୍ତୁତ ଏକ୍ସନ ପ୍ଲାନ, ନିର୍ବାଚିତ ପ୍ରତିନିଧି ଦେଇଥିବା ଯୋଜନାକୁ ଶାସକ ଦଳର ଚାପରେ ପରିବର୍ତ୍ତନ କରାଯାଉଛି। ବିଡିଓ ଶାସକ ଦଳର ଚାପରେ କାମ କରୁଥିବା ଅଭିଯୋଗ କରିଛନ୍ତି। ଦୁଇ ବର୍ଷ ହେଲା ଉମରକୋଟ ବ୍ଲକରେ ଅନୁଷ୍ଠିତ ପଲ୍ଲୀସଭା ଓ ଗ୍ରାମସଭା ନିଆଯାଉଥିବା ନିଷ୍ପତ୍ତି ଅନୁଯାୟୀ ଉନ୍ନୟନ ମୂଳକ କାର୍ଯ୍ୟ ହେଉନି। ପଲ୍ଲୀସଭା ଓ ଗ୍ରାମସଭାରେ ପ୍ରସ୍ତୁତ ହେଇଥିବା ଖସଡ଼ା କାର୍ଯ୍ୟକାରୀ ହେଉନି ପଲ୍ଲୀସଭା ଓ ଗ୍ରାମସଭା ରେ ଅନୁମୋଦିତ ଉନ୍ନୟନ କାର୍ଯ୍ୟ ଗୁଡ଼ିକ ସରପଞ୍ଚଙ୍କ ଅଜାଣତରେ ଅନ୍ୟ ନାରେ ନାମିତ କରାଯାଇ କାମ କରାଯାଉଛି। ଏହି ସମ୍ପର୍କରେ ପୂର୍ବରୁ ବହୁଥର ବିଡିଓଙ୍କ ସହ ଆଲୋଚନା ହେଇଛି କିନ୍ତୁ କୌଣସି ନିଷ୍କର୍ଷ ବାହାରି ନଥିବା ଯୋଗୁ ବ୍ଲକ କାର୍ଯ୍ୟାଳୟକୁ ତାଲା ପକେଇବା ସହ ଧାରଣାରେ ବସିଛନ୍ତି।


## ସତ୍ୟବାଦୀ ଥାନାରେ ନିୟମିତ ବ୍ରିଫିଂ

### ଲୋକଙ୍କୁ ମିଳିବ ସ୍ୱଚ୍ଛ ପୁଲିସ ସେବା



ସତ୍ୟବାଦୀ, ୧୨ା୫ (ସଂଚାର ବ୍ୟୁରୋ): ଅଧୁନା ରାଜ୍ୟରେ ବର୍ଦ୍ଧିତ ଅପରାଧିକ ମାମଲାକୁ ଦୃଷ୍ଟିରେ ରଖି ପୁରୀ ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କ ନିର୍ଦ୍ଦେଶକ୍ରମେ ସତ୍ୟବାଦୀ ଥାନାରେ ପୁଲିସ ସେବାକୁ ଅଧିକ ସୁଦୃଢ଼ ଓ ଜନକଲ୍ୟାଣକାରୀ କରିବା ପାଇଁ ଏକ ଅଭିନବ ପ୍ରୟାସ ଆରମ୍ଭ ହୋଇଛି। ଥାନା ପରିସରରେ ଏବେ ପ୍ରତିଦିନ ନିୟମିତ ଭାବେ ବ୍ରିଫିଂ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ଥାନା ଅଧିକାରୀ ସୌମ୍ୟ ରଞ୍ଜନ ମହାଲିକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ପ୍ରକ୍ରିୟା ଜାରି ରହିଛି। ଯେଉଁଥିରେ ଥାନାର ସମସ୍ତ ବିଭାଗର କର୍ମଚାରୀମାନେ ସାମିଲ ହେଉଛନ୍ତି। ପ୍ରତିଦିନ ପ୍ରାୟ ୧୫ରୁ ୨୦ ମିନିଟ୍ ଧରି ଚାଲୁଥିବା ଏହି ବ୍ରିଫିଂରେ ଥାନାର ଡ୍ୟୁଟି ଅଫିସର (ଡିସିଓ), ପାଟ୍ରୋଲିଂ ଷ୍ଟାଫ୍ ଏବଂ ନାଇଟ୍ ପାଟ୍ରୋଲିଂ ଟିମ୍ ସହ ସମସ୍ତ କର୍ମଚାରୀ ଯୋଗ ଦେଉଛନ୍ତି। ଏହି ବୈଠକର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଥାନାକୁ ବିଭିନ୍ନ ସମସ୍ୟା ଓ ଅଭିଯୋଗ ନେଇ ଆସୁଥିବା ସାଧାରଣ ଜନତାଙ୍କୁ କିପରି ତ୍ୱରିତ ଓ ସଠିକ୍ ଆଇନଗତ ସେବା ଯୋଗାଇ ଦିଆଯାଇପାରିବ। ଥାନା ଅଧିକାରୀ ଶ୍ରୀ ମହାଲିକ କର୍ମଚାରୀମାନଙ୍କୁ ଲୋକଙ୍କ ସହ ଉତ୍ତମ ବ୍ୟବହାର ପ୍ରଦର୍ଶନ କରିବା ଓ ସେମାନଙ୍କ ସମସ୍ୟାର ସମାଧାନ ଦିଗରେ ଯତ୍ନଶୀଳ ହେବାକୁ ପରାମର୍ଶ ଦେଉଛନ୍ତି। ପୋଲିସ କାର୍ଯ୍ୟପ୍ରଣାଳୀରେ ସ୍ୱଚ୍ଛତା ଆଣିବା ସହ ଜନସାଧାରଣଙ୍କ ମଧ୍ୟରେ ଥିବା ଅସନ୍ତୋଷକୁ କିପରି ଦୂର କରାଯାଇପାରିବ, ସେନେଇ ଏଠାରେ ଗୁରୁତ୍ୱାରୋପ କରାଯାଉଛି। ଏହାଦ୍ୱାରା ଅପରାଧ ନିୟନ୍ତ୍ରଣ ସହ ପୋଲିସ ଓ ଜନତାଙ୍କ ମଧ୍ୟରେ ଉତ୍ତମ ସମନ୍ୱୟ ରକ୍ଷା ହୋଇପାରିବ ବୋଲି ଆଶା କରାଯାଉଛି।

## ସମ ହସ୍ପିଟାଲ୍ କ୍ୟାମ୍ପସ-୨ ପକ୍ଷରୁ ଆନ୍ତର୍ଜାତିକ ନର୍ସେସ ଦିବସ ପାଳିତ



ଭୁବନେଶ୍ୱର,୧୨ା୫ (ସଂଚାର ବ୍ୟୁରୋ): ଆଇଏମ୍ଏସ୍ ଆଣ୍ଡ ସମ ହସ୍ପିଟାଲ୍ କ୍ୟାମ୍ପସ-୨ ଫୁଲନଖରା ଅଧିନସ୍ଥ ନର୍ସିଂ ବିଭାଗ ପକ୍ଷରୁ ମଙ୍ଗଳବାର ଆନ୍ତର୍ଜାତିକ ନର୍ସେସ୍ ଦିବସ ଉପଲକ୍ଷେ ଏକ ସ୍ୱତନ୍ତ୍ର ଉତ୍ସବ ପାଳନ କରାଯାଇଛି। ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ନର୍ସମାନଙ୍କର ଅବଦାନକୁ ସମ୍ମାନ ଜଣାଇବା ସହ ତାଙ୍କ କାର୍ଯ୍ୟଧାରାକୁ ପ୍ରୋତ୍ସାହନ ଦେବାର ଲକ୍ଷ୍ୟ ନେଇ ହସ୍ପିଟାଲ ପକ୍ଷରୁ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।

ମଙ୍ଗଳବାର ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶିକ୍ଷା ଓ ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ନର୍ସମାନଙ୍କର ସମାଜ ପ୍ରତି ଯଥେଷ୍ଟ ଅବଦାନ ରହିଛି ବୋଲି କହିଥିଲେ। ନର୍ସମାନେ ସମାଜର ସ୍ୱାସ୍ଥ୍ୟ ସେବାକୁ ସୁରକ୍ଷା ଦେଉଛନ୍ତି ତେଣୁ ସେମାନେ ସମାଜର ମେରୁଦଣ୍ଡ ବୋଲି ପ୍ରଫେସର ନନ୍ଦ କହିଥିଲେ। ଏହି ଅବସରରେ ଆଇଏମ୍ଏସ୍ ଆଣ୍ଡ ସମ ହସ୍ପିଟାଲ ଭୁବନେଶ୍ୱରର ପୂର୍ବତନ ଡିନ୍ ପ୍ରଫେସର ଗଙ୍ଗାଧର ସାହୁ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇ ନର୍ସମାନଙ୍କର କାର୍ଯ୍ୟଧାରାକୁ ପ୍ରଶଂସା କରିବା ସହ ସେମାନେ ସବୁବେଳେ ହସ ହସ ମୁହଁରେ ରୋଗୀଙ୍କ ସେବା କରନ୍ତୁ ବୋଲି କହିଥିଲେ।

କାର୍ଯ୍ୟକ୍ରମରେ ପ୍ରଫେସର ସାହୁ ଆଇଏମ୍ଏସ୍ ଆଣ୍ଡ ସମ ହସ୍ପିଟାଲ୍ କ୍ୟାମ୍ପସ-୨ର ନର୍ସିଂ ସୁପରିଟେଣ୍ଡେଣ୍ଟ କମଳିନୀ ମଲ୍ଲିକଙ୍କର କୋଭିଡ ମହାମାରୀ ସମୟର କାର୍ଯ୍ୟଧାରା ଓ ରୋଗୀ ସେବାକୁ ଉଚ୍ଚ ପ୍ରଶଂସା କରିବା ସହ ତାଙ୍କୁ ଫ୍ଲୋରେନ୍ସ ନାଇଟିଂଗଲ ଆଖ୍ୟା ଦେଇଥିଲେ।

ସୋଆର ଉପକୁଳପତି ପ୍ରଫେସର (ଡାକ୍ତର) ପ୍ରସେନଜିତ ମହାନ୍ତି, ଆଇଏମ୍ଏସ୍ ଆଣ୍ଡ ସମ ହସ୍ପିଟାଲ୍ କ୍ୟାମ୍ପସ-୨ର ମେଡିକାଲ୍ ସୁପରିଟେଣ୍ଡେଣ୍ଟ ପ୍ରଫେସର (ଡାକ୍ତର) ରାଜେଶ କୁମାର ଲେଙ୍କା ଏବଂ ଆଡିସ୍‌ନାଲ୍ ମେଡିକାଲ ସୁପରିଟେଣ୍ଡେଣ୍ଟ ପ୍ରଫେସର (ଡାକ୍ତର) ତାପସୀ ପତି ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଚଳିତ ବର୍ଷ ଆନ୍ତର୍ଜାତିକ ନର୍ସେସ ଦିବସର ପ୍ରସଙ୍ଗ "ଆୱାର ନର୍ସେସ୍, ଆୱାର ଫ୍ୟୁଚର, ଏମ୍ପାୱାରଡ ନର୍ସେସ୍ ସେଭ ଲାଇଭ୍ସ" ଉପରେ ଗୁରୁତ୍ୱାରୋପ କରିଥିଲେ।

## ପ୍ରଜାପିତା ବ୍ରହ୍ମାକୁମାରୀ ପକ୍ଷରୁ 'ଡିଭାଇନ୍ ଭର୍ଚୁସ୍ ସମର କ୍ୟାମ୍ପ' ଆୟୋଜିତ



ଯୋଡ଼ା, ୧୨ା୫ (ସଂଚାର ବ୍ୟୁରୋ): ଯୋଡ଼ା ସ୍ଥିତ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ଆୟୋଜିତ "ଡିଭାଇନ୍ ଭର୍ଚୁସ୍ ସମର କ୍ୟାମ୍ପ"ର ଭବ୍ୟ ଉଦ୍‌ଘାଟନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ପିଲାମାନଙ୍କ ମଧ୍ୟରେ ଆଧ୍ୟାତ୍ମିକତା, ନୈତିକତା ଓ ସାମାଜିକ ମୂଲ୍ୟବୋଧର ବିକାଶ କରିବା ଲକ୍ଷ୍ୟରେ ଏହି ଶିବିରର ଆୟୋଜନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ସେବା ଗ୍ରୁପ୍‌ର ସମ୍ପାଦକ ଶ୍ରୀ ବିନୋଦ ଭାଉ ସିଂହ ଓ ଅଞ୍ଚଳର ବିଶିଷ୍ଟ ଚିକିତ୍ସକ ଡାକ୍ତର ଚନ୍ଦନ ବାରିକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଯୁଗ୍ମ ଭାବେ ଶିବିରର ଉଦ୍‌ଘାଟନ କରିଥିଲେ।

ଶିବିରରେ ପିଲାମାନଙ୍କ ମାନସିକ ଓ ଆଧ୍ୟାତ୍ମିକ ବିକାଶକୁ ପ୍ରାଥମ୍ୟ ଦିଆଯାଇଛି। ଏକାଗ୍ରତା ବୃଦ୍ଧି ପାଇଁ ରାଜଯୋଗ ମେଡିଟେସନ୍‌ର ଶିକ୍ଷା ଦିଆଯାଉଥିବା ବେଳେ ସକାରାତ୍ମକ ଚିନ୍ତାଧାରା ମାଧ୍ୟମରେ ମାନସିକ ସ୍ୱାସ୍ଥ୍ୟ ସୁଦୃଢ଼ କରିବା ଉପରେ ଗୁରୁତ୍ୱ ଦିଆଯାଉଛି।

ସାମାଜିକ ଦାୟିତ୍ୱବୋଧ ଓ ସ୍ୱଚ୍ଛତା ସମ୍ପର୍କରେ ମଧ୍ୟ ପିଲାମାନଙ୍କୁ ସଚେତନ କରାଯାଉଛି। ବାଟଘାଟରେ ଅଳିଆ ନଫିଙ୍ଗିବା, ଡଷ୍ଟବିନ୍ ବ୍ୟବହାର କରିବା ପାଇଁ ଶପଥ କରାଯାଇଛି। ଏଥିସହ ବୃଦ୍ଧ, ଅସହାୟ ଓ ଭିନ୍ନକ୍ଷମଙ୍କୁ ସାହାଯ୍ୟ କରିବା, ମହିଳାଙ୍କୁ ସମ୍ମାନ ଦେବା ଓ ଶୃଙ୍ଖଳିତ ଜୀବନଯାପନ କରିବାକୁ ପ୍ରେରିତ କରାଯାଉଛି। ନୈତିକ ଶିକ୍ଷା ଓ ସଂସ୍କାର ଉପରେ ମଧ୍ୟ ବିଶେଷ ଜୋର ଦିଆଯାଇଛି।

## ପିଡିଏସ୍ ଚାଉଳ ଚୋରି ସନ୍ଦେହରେ ଦୁଇ ଅଟକ



ଫୁଲବାଣୀ,୧୨ା୫ (ସଂଚାର ବ୍ୟୁରୋ): ରାତି ଅଧରେ ଗୋଦାମ ଘରୁ ପିଡିଏସ୍ ଚାଉଳ ଚୋରି ସନ୍ଦେହରେ ଦୁଇ ଜଣଙ୍କୁ ଅଟକ ରଖିଲେ ଗ୍ରାମବାସୀ । ଏଭଳି ଏକ ଘଟଣା ଦେଖିବାକୁ ମିଳିଛି କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ଥାନା ଅନ୍ତର୍ଗତ ମହାସିଙ୍ଗି ପଞ୍ଚାୟତରେ । ସୂଚନା ଅନୁଯାୟୀ ରବିବାର ଡିୟୁଟି ସାରି ଗୋଦାମ ଘର ଏବଂ ଚାଉଳ ବିତରଣ କେନ୍ଦ୍ର ତାଲା ଦେଇ ବନ୍ଦ କରି ଯାଇଥିଲେ ଯୋଗାଣ ସହାୟକ । ସୋମବାର ସକାଳେ ଗୋଦାମ ଘର ତାଲା ଭାଙ୍ଗି ଖୋଲାଥିବା ଦେଖି ମହାସିଙ୍ଗି ସରପଞ୍ଚ ରଞ୍ଜିତ ମଲ୍ଲିକଙ୍କୁ ଜଣାଇଥିଲେ ଅଞ୍ଚଳବାସୀ । ସରପଞ୍ଚ ଘଟଣା ସ୍ଥଳକୁ ଯାଇ ଦେଖିବା ପରେ କ.ନୁଆଗାଁ ବ୍ଲକ୍ ଯୋଗାଣ ନିରୀକ୍ଷକ ପ୍ରୀତିରଞ୍ଜନ ବିଶ୍ୱାଳଙ୍କୁ ଜଣାଇଥିଲେ । ଯୋଗାଣ ନିରୀକ୍ଷକ ଘଟଣାସ୍ଥଳରେ ପହଞ୍ଚି ଷ୍ଟକ୍ ଯାଞ୍ଚ୍ କରିବା ପରେ ଗୋଦାମ ଘରେ ସମୁଦାୟ ୯୬୩ ବସ୍ତା ଚାଉଳ ଥିଲା ଏବଂ ସେଥିରୁ ୯ ବସ୍ତା ଚାଉଳ ଚୋରି ହୋଇଥିବା ଅଭିଯୋଗ ହୋଇଛି । ଅଭିଯୋଗ ପ୍ରକାରେ ଘଟଣାସ୍ଥଳରେ ବାଲିଗୁଡ଼ା ପୁଲିସ୍ ପହଁଚି ତଦନ୍ତ ଆରମ୍ଭ କରିଥିବା ବେଳେ ଚୋରି ସନ୍ଦେହରେ ଗ୍ରାମବାସୀ କାବୁ କରିଥିବା ଦୁଇଜଣ ଯୁବକଙ୍କୁ ପୁଲିସର ଜିମା ଦେଇଥିବା ଜଣାପଡିଛି ।

## ନୀଳାଚଳ କାରଖାନାରେ ଦୁର୍ଘଟଣା, ସୁପରଭାଇଜର ମୃତ

ଯାଜପୁର,୧୨ା୫ (ସଂଚାର ବ୍ୟୁରୋ): ଯାଜପୁର ଜିଲା କଳିଙ୍ଗନଗର ଶିଳ୍ପାଞ୍ଚଳସ୍ଥ ନୀଳାଚଳ ଇସ୍ପାତ ନିଗମ (ଟାଟା ଲଙ୍ଗ ପ୍ରଡକ୍ଟ ଅଧିନସ୍ଥ) ପରିସରରେ ଆଜି ଦୁର୍ଘଟଣା ଘଟି ଜଣେ ସୁପରଭାଇଜରଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ କେଉଁଝର ଟାଉନର ଲିଙ୍କୁନ ପାଢ଼ୀ (୩୨) । ସେ ନୀଳାଚଳ କାରଖାନାରେ ଅ୍ରୋଜେକ୍ଟ କାମ କରୁଥିବା ରାଣ୍ଡସାଣ୍ଡ କମ୍ପାନୀର ସାଇଡ ସୁପରଭାଇଜର। ଆଜି କନ୍‌ଷ୍ଟ୍ରକ୍ସନ କାମ ଚାଲୁଥିବା ବେଳେ ଲିଙ୍କୁନ କାମ ସାଇଡକୁ ଯାଇଥିଲେ । ହଠାତ କାମ ଦେଖିଥିବା ବେଳେ ସେ ଉପରୁ ତଳକୁ ଖସି ପଡ଼ିଥିଲେ । ତାଙ୍କୁ ଗୁରୁତର ଅବସ୍ଥାରେ ସ୍ଥାନୀୟ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନିଆଯାଇଥିଲେ ମଧ୍ୟ ଡାକ୍ତର ତାଙ୍କର ମୃତ ଘୋଷଣା କରିଥିଲେ ।

## ବିଜେପିର ଜନ ଆକ୍ରୋଶ ମହିଳା ସମାବେଶ




ହିଞ୍ଜିଳିକାଟୁ, ୧୨ା୫ (ସଂଚାର ବ୍ୟୁରୋ): ହିଞ୍ଜିଳିକାଟୁ ଠାରେ ବିଜେପି ମହିଳା ମୋର୍ଚ୍ଚା ପକ୍ଷରୁ ଜନ ଆକ୍ରୋଶ ମହିଳା ପଦଯାତ୍ରା ମହିଳା ମୋର୍ଚ୍ଚା ସଭାପତି ଗୀତାଞ୍ଜଳି ପାଢ଼ୀଙ୍କ ନେତୃତ୍ୱରେ ମଙ୍ଗଳବାର ଦିନ ଅନୁଷ୍ଠିତ ହୋଇଯାଇଛି । ଭାରତରେ ମହିଳା ସଂରକ୍ଷଣ ନିମନ୍ତେ ୩୩ ପ୍ରତିଶତ ବିଲ୍ ପାରିତ କରିବା ନିମନ୍ତେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଲୋକ ସଭାରେ ପାରିତ କରିବା ପାଇଁ ଯାଉଥିଲେ କିନ୍ତୁ ସେହି ବିଲ୍ କୁ ଏପ୍ରିଲ ୧୬, ୧୭, ୧୮ ରେ କଂଗ୍ରେସ ଓ ବିଜେଡ଼ି ଦଳ ତାକୁ ବିରୋଧ କରିଥିଲେ। ଏହି ବିରୋଧରେ କଂଗ୍ରେସ ନେତା ରାହୁଲ ଗାନ୍ଧୀ ଓ ବିଜେଡି ନେତା ନବୀନ ପଟ୍ଟନାୟକଙ୍କ କୁଶ ପୁତ୍ତଳିକା ଦାହ କରିଥିଲେ।

ମହିଳା ମୋର୍ଚ୍ଚା ସଭାପତିଙ୍କ ନେତୃତ୍ୱରେ ଶତାଧିକ ମହିଳାମାନେ ଆରଏମସି ଛକ ଠାରୁ ଏକ ରାଲିରେ ବାହାରି ପୌର ପରିଷଦ ପର୍ଯ୍ୟନ୍ତ ନଗର ପରିକ୍ରମା କରିଥିଲେ । କିଛି ବିରୋଧି ଦଳ ମହିଳା ବିଲ୍‌କୁ ବିରୋଧ କରିଥିବା ଯୋଗୁଁ ତାକୁ ନେଇ ବିଜେପି ମହିଳା ମୋର୍ଚ୍ଚା ସ୍ଲୋଗାନ ଦେଇଥିଲା। ଏହି ପଦଯାତ୍ରାରେ ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶିଶିର ମିଶ୍ରଙ୍କ ସମେତ ଶହ ଶହ ମହିଳା ଏହି ସମାବେଶରେ ଯୋଗ ଦେଇଥିଲେ ।

## ଓଡ଼ିଶା ବେସରକାରୀ ଅଧ୍ୟାପକ ଓ କର୍ମଚାରୀ ସଂଘ ପକ୍ଷରୁ ଉପବାଚସ୍ପତିଙ୍କୁ ଦାବିପତ୍ର



ସୁନ୍ଦରଗଡ଼, ୧୨ା୫ (ସଂଚାର ବ୍ୟୁରୋ): ଓଡିଶା ବେସରକାରୀ ଅଧ୍ୟାପକ ଓ କର୍ମଚାରୀ ସଂଘ ସୁନ୍ଦରଗଡ ଶାଖା ତରଫରୁ ୨୦୦୮ରୁ ୨୦୧୮ ମଧ୍ୟରେ ନିଯୁକ୍ତ ଅଧ୍ୟାପକ ଓ କର୍ମଚାରୀ ମାନଙ୍କୁ ଅନୁଦାନ ପ୍ରଦାନ ଦାବିକୁ ନେଇ ସରକାରଙ୍କ ଦୃଷ୍ଟି ଆକର୍ଷଣ ପାଇଁ "ଅନୁଦାନ ସମ୍ପର୍କ ଅଭିଯାନ " ଆରମ୍ଭ ହୋଇଛି । ଏହି କ୍ରମରେ ସୁନ୍ଦରଗଡ଼ ତଳସରା ବିଧାୟକ ତଥା ଓଡିଶା ବିଧାନ ସଭାର ଉପବାଚସ୍ପତି ଭବାନୀ ଶଙ୍କର ଭୋଇଙ୍କୁ ଭେଟି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରେରଣ ପାଇଁ ଅନୁରୋଧ କରାଯାଇଛି । ସଂଘର ଅଭିଯୋଗ ମୁତାବକ ରାଜ୍ୟର ବିଭିନ୍ନ ଅନୁଦାନ ପ୍ରାପ୍ତ ଓ ଅଣ ଅନୁଦାନ ପ୍ରାପ୍ତ ମହାବିଦ୍ୟାଳୟ ମାନଙ୍କରେ ୨୦୦୮ ଜୁନ ୧ ରୁ ୨୦୧୮ ଜୁନ ୧ ତାରିଖ ମଧ୍ୟରେ ନିଯୁକ୍ତ ଅଧ୍ୟାପକ ଓ କର୍ମଚାରୀ ମାନଙ୍କୁ ବର୍ତ୍ତମାନ ପର୍ଯ୍ୟନ୍ତ ଅନୁଦାନ ପରିସର ଭୁକ୍ତ କରାଯାଇ ନାହିଁ । ଏହି ନ୍ୟାର୍ଯ୍ୟ ଦାବୀ ପାଇଁ ପୂର୍ବରୁ ସଂଘ ତରଫରୁ କାର୍ଯ୍ୟ ବନ୍ଦ ଆନ୍ଦୋଳନ ଧାରଣା ଅନଶନ ଭଳି ପଦକ୍ଷେପ ଗ୍ରହଣ କରାଯାଇ ସାରିଛି। ସଂଘର ସୂଚନା ମୁତାବକ ଗତ ୨୦୨୫ରେ ଉଚ୍ଚ ଶିକ୍ଷା ମନ୍ତ୍ରୀଙ୍କ ପ୍ରତିନିଧି ବାବୁ ସିଂ, ଆଶ୍ରିତ ପଟ୍ଟନାୟକ ଏବଂ ବିଭାଗୀୟ ସଚିବଙ୍କ ଉପସ୍ଥିତିରେ ଏକ ଉଚ୍ଚ ସ୍ତରୀୟ ବୈଠକ ହୋଇଥିଲା । ନୂଆପଡା ଉପନିର୍ବାଚନ ପରେ ପରେ ଏକ ନୂତନ ଅନୁଦାନ ନୀତି ପ୍ରଣୟନ ପାଇଁ ପ୍ରତିଶ୍ରୁତି ମିଳିଥିଲା । ଏହା ପରେ ମୁଖ୍ୟମନ୍ତ୍ରୀ ଅବସର ପ୍ରାପ୍ତ ପ୍ରଶାସକ ଅଶୋକ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ କରିଥିଲେ । କମିଟି ସହ ଆଲୋଚନା ଶେଷ ହେବାର ୪ ମାସ ବିତି ଯାଇଥିଲେ ସୁଦ୍ଧା ଏ ପର୍ଯ୍ୟନ୍ତ କୌଣସି ସୁଫଳ ମିଳି ନ ଥିବାରୁ କର୍ମଚାରୀ ମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ସଂଘର ଜିଲ୍ଲା ସଂଯୋଜିକା ଅଧ୍ୟାପିକା ଜସ୍ମିନ ପୁରୋହିତଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ତଳସରା ବିଧାୟକ ତଥା ଓଡିଶା ବିଧାନସଭା ଉପ ବାଚସ୍ପତିଙ୍କୁ ଭେଟି ଦାବିପତ୍ର ଦେଇଥିଲେ ।

# ଅବହେଳିତ ଅବସ୍ଥାରେ ରୋହିଣୀ କୁଣ୍ଡ ମଠ

## ପୁନରୁଦ୍ଧାର ଦାବି



କାକଟପୁର/ଅସ୍ତରଙ୍ଗ, ୧୨ା୫ (ସଂଚାର ବ୍ୟୁରୋ): ପୁଣ୍ୟତୋୟା ପ୍ରାଚୀ ନଦୀ କୂଳରେ ବହୁ ମୁନି ଋଷିମାନଙ୍କର ଆଶ୍ରମ ଓ ମଠ ରହିଅଛି। ସେଥି ମଧ୍ୟରୁ ଏବେ ଧ୍ୱଂସାଭିମୁଖୀ ପୁରୀ ଜିଲ୍ଲାର କାକଟପୁର ବଲରା ଗ୍ରାମ ନିକଟରେ ଥିବା ବହୁ ପ୍ରାଚୀନ ରୋହିଣୀ କୁଣ୍ଡ ମଠ । ଅବହେଳିତ ଅବସ୍ଥାରେ ପଡ଼ିରହିଛି ଏହି ମଠ। କେବେ ପଡିବ ସରକାରଙ୍କ ଦୃଷ୍ଟି ।

ନିମାପଡ଼ାରୁ କାକଟପୁର ମୁଖ୍ୟ ରାସ୍ତାର ବଲରା ଗ୍ରାମ ନିକଟରୁ ଏକ କିଲୋମିଟର ଦକ୍ଷିଣ ଦିଗକୁ ଗଲେ ପ୍ରାଚୀ ନଦୀ କୂଳରେ ରହିଛି ରୋହିଣୀ କୁଣ୍ଡ ମଠ। କିମ୍ବଦନ୍ତୀ ଅନୁଶାରେ ଏହି ମଠଟି ପୁରୀର ହାତୀ ଆଖଡା ମଠର ଏକ ଅଂଶ। ଏହି ମଠରେ ପୂଜା ପାଉଛନ୍ତି ଜଗନ୍ନାଥ ବଳଭଦ୍ର। କାଞ୍ଚି ଅଭିଯା ସମୟରେ, ଜଗନ୍ନାଥ,ବଳଭଦ୍ର ଦୁଇ ଠାକୁର ୧୨ ହାତ ଖଣ୍ଡା ଧରି ଧଳା କଳା ଘୋଡ଼ାରେ ଯିବାର ମୂର୍ତ୍ତି ଦେଖିବାକୁ ମିଳିଥିବା ବେଳେ ମା ଲକ୍ଷ୍ମୀ ମଧ୍ୟ ପୂଜା ପାଇଥାନ୍ତି ଏହି ମଠରେ । ମଠ ମଧ୍ୟରେ ମଠ ମହନ୍ତଙ୍କ ମୂର୍ତ୍ତି ସହିତ ବହୁ ପୁରାତନ ପଥର ମୂର୍ତ୍ତି ମଠ ପରିସରେ ଦେଖିବା ପାଇଁ ମିଳେ। ମଠକୁ ଲାଗିକରି ରହିଛି ରୋହିଣୀ କୁଣ୍ଡ ପୋଖରୀ । କିମ୍ବଦନ୍ତୀ ଅନୁସାରେ ତାରକା ଅଶୁରକୁ ବଧ କରିବା ପାଇଁ ଗୌଉତ୍ତମ ଋଷି ହିଁ ତ୍ରେତୟା ଯୁଗରେ ଏହି ସ୍ଥାନକୁ ପ୍ରଥମେ ଆସିଥିଲେ ଏହି ପୋଖରୀରେ ସ୍ନାନ କରିବା ପରେ ଯଜ୍ଞ ଆରମ୍ଭ କରିଥିଲେ ।

ବିଶ୍ୱାସ ରହିଛି ଏହି କୁଣ୍ଡରେ ବୁଡ଼ ପକାଇଲେ ବହୁ ଦୂରାରୋଗ୍ୟରୁ ମୁକ୍ତି ମିଳିଥାଏ ବୋଲି ପ୍ରାଚୀ ଗବେଷକ ପଣ୍ଡିତ ତ୍ରିଲୋଚନ ମିଶ୍ର ଓ ମଠ ମହନ୍ତ ସୁରେନ୍ଦ୍ର ଦାଶ କହିଛନ୍ତି।

ରକ୍ଷଣାବେକ୍ଷଣ ନହେବାରୁ ଅବହେଳିତ ଅବସ୍ଥାରେ ରୋହିଣୀ କୁଣ୍ଡ ମଠ। ଯିବାପାଇଁ ଭଲ ରାସ୍ତାଟିଏ ନଥିବା ବେଳେ ପିଇବା ପାଣିର ସୁବିଧା ନାହିଁ ବୋଲି ଏଠାକୁ ଆସୁଥିବା ଶ୍ରଦ୍ଧାଳୁ ମାନେ କହିଛନ୍ତି। ତେବେ ଏହି ସର୍ବପୁରାତନ ମଠ ଆଜିବି ଅବହେଳିତ ଅବସ୍ଥାରେ ରହିଛି। ସରକାରଙ୍କ ଦ୍ୱାରା ଏହି ମଠର ପୁନଃରୁଦ୍ଧାର ହେଲେ ଓଡ଼ିଶାର ଏହି ସ୍ଥାନ ପର୍ଯ୍ୟଟନସ୍ଥଳୀ ହୋଇପାରନ୍ତା ବୋଲି ସ୍ଥାନୀୟ ବାସୀନ୍ଦା ଦାବି କରିଛନ୍ତି ।


**GOVERNMENT OF ODISHA, DEPARTMENTOF WATER RESOURCES**
**Office of the Addl. Chief Engineer, Mechanical Circle, Bhubaneswar**

Email Address: semechcircle104@gmail.com
**e-Procurement Notice- Bid Identification No.- ACEM/MDC-01/2026-27**

| | | |
|---|---|---|
| 1. | Name of the Work | : Mechanical Gate Works |
| 2. | No. of Works | : 01 (One) |
| 3. | Category of executors | : SSI Units registered under DIC/ NSIC/ MSME for Irrigation Shutters / Hydro mechanical gates. |
| 4. | Bid Identification No. | : ACEM/MDC-01/2026-27 |
| 5. | Estimated Cost | : Rs. 10,47,044 /- |
| 6. | Period of Completion | : 01 (One) calendar month. |
| 7. | Date & time of availability of bid documents in the Portal | : From dt.14.05.2026(10.00 AM) to dt.25.05.2026(5.30 PM) |
| 8. | Last date/ time for receipt of bid In the Portal | : dt.25.05.2026 (up to 5.30 PM) |
| 9. | Date and Place of opening of Bid | : dt.26.05.2026(11.00 AM onwards in the O/O the undersigned) |
| 10. | Name of the Officer inviting bid | : Addl. Chief Engineer, Mechanical Circle, Bhubaneswar |

Further details can be seen from the e-procurement portal https://tendersodisha.gov.in. Any further issue of Addenda/ Corrigenda/ Cancellation Notice shall be uploaded in the aforesaid website only.

Addl. Chief Engineer,
Mechanical Circle Bhubaneswar

ପ୍ରାକ୍ ବାତ୍ୟା ପ୍ରସ୍ତୁତି ବୈଠକ

# ବିପର୍ଯ୍ୟୟ ପ୍ରସ୍ତୁତିରେ ରାଜ୍ୟ ସୁନାମକୁ ଅକ୍ଷୁଣ୍ଣ ରଖିବାକୁ ଗୁରୁତ୍ୱ



ସମୟୋପଯୁକ୍ତ ପଦକ୍ଷେପ ନେବାକୁ ନିର୍ଦ୍ଦେଶ

ଭୁବନେଶ୍ୱର,୧୨।୫(ସଂଚାର ବ୍ୟୁରୋ): ଆଜି ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ପ୍ରାକ୍ ବାତ୍ୟା ପ୍ରସ୍ତୁତି ସମ୍ପର୍କିତ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସ୍ୱତନ୍ତ୍ର ରିଲିଫ କମିଶନର ରାଜେଶ ପ୍ରଭାକର ପାଟିଲ କହିଥିଲେ ଯେ ବଙ୍ଗୋପସାଗର କୂଳରେ ଭୌଗୋଳିକ ଅବସ୍ଥିତି କାରଣରୁ ଓଡ଼ିଶା ବାତ୍ୟା ପ୍ରତି ଅତ୍ୟନ୍ତ ସମ୍ବେଦନଶୀଳ। ପରିବର୍ତ୍ତିତ ଜଳବାୟୁ ପରିସ୍ଥିତି ଫଳରେ ବାତ୍ୟାର ଅନିଶ୍ଚିତତା ବୃଦ୍ଧି ପାଇଛି। ପ୍ରସ୍ତୁତି, ସମନ୍ୱୟ ଓ ପୂର୍ବ ସତର୍କ ସୂଚନା ମାଧ୍ୟମରେ 'ଶୂନ୍ୟ ମୃତାହତ' ଲକ୍ଷ୍ୟ ରାଜ୍ୟ ସରକାରଙ୍କ ପ୍ରତିବଦ୍ଧତା। ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପାଣିପାଗ ନିର୍ଦ୍ଦେଶିକା ଡ଼. ମନୋରମା ମହାନ୍ତି ସୂଚନା ଦେଇଥିଲେ ଯେ ବର୍ତ୍ତମାନ ଓଡ଼ିଶା ଉପକୂଳରେ କୌଣସି ବାତ୍ୟାର ସମ୍ଭାବନା ନାହିଁ। ତେବେ ପ୍ରାକ୍ ବାତ୍ୟା ପ୍ରସ୍ତୁତି ସ୍ୱରୂପ ସମସ୍ତ ସ୍ତରରେ ପ୍ରସ୍ତୁତି ଜାରି ରଖିବାକୁ ସେ ରାଜ୍ୟ ସରକାରଙ୍କୁ ପରାମର୍ଶ ଦେଇଥିଲେ। ପ୍ରାକ୍ ବାତ୍ୟା ପ୍ରସ୍ତୁତି ପରିପ୍ରେକ୍ଷୀରେ ବିଭିନ୍ନ ବିଭାଗର ପ୍ରସ୍ତୁତି ସମ୍ପର୍କରେ ଆଲୋଚନା ଏଡିସି ସୂଚନା ଦେଇ କହିଛନ୍ତି ଯେ ଏବେ ୩ଟି ଓଡ୍ରାଫ ଟିମ ପ୍ରସ୍ତୁତ ରହିଛନ୍ତି। ସେହିଭଳି ଜଳସମ୍ପଦ, ସ୍ୱାସ୍ଥ୍ୟ, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ, ଶକ୍ତି, ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ, ପୂର୍ତ୍ତ, କୃଷି, ପଞ୍ଚାୟତିରାଜ ଓ ପାନୀୟ ଜଳ, ଗ୍ରାମ୍ୟ ଉନ୍ନୟନ ଏବଂ ଗୃହ ଓ ନଗର ଉନ୍ନୟନ ଆଦି ବିଭାଗ ପକ୍ଷରୁ ଜଳଭଣ୍ଡାର ପରିଚାଳନା, ରାସ୍ତା ଓ ବିଦ୍ୟୁତ ସେବା, ପୁନରୁଦ୍ଧାର, ସୁରକ୍ଷିତ ପାନୀୟ ଜଳ ଯୋଗାଣ, ଔଷଧ, ପଶୁ ଚିକିତ୍ସା ଓ ଅତ୍ୟାବଶ୍ୟକ ସାମଗ୍ରୀ ମହଜୁଦ ସହ ଜରୁରୀକାଳୀନ ପ୍ରକ୍ରିୟା ବ୍ୟବସ୍ଥା ନେଇ ମୁଖ୍ୟ ଶାସନ ସଚିବଙ୍କୁ ଅବଗତ କରିଥିଲେ। ବୈଠକରେ ମୁଖ୍ୟ ଶାସନ ସଚିବ ବିପର୍ଯ୍ୟୟ ପରିଚାଳନା ଓ ପ୍ରସ୍ତୁତି କ୍ଷେତ୍ରରେ ଓଡ଼ିଶାର ସୁନାମ ରହିଛି। କିନ୍ତୁ ଏଥିପାଇଁ କୌଣସି ପ୍ରକାର ଆତ୍ମସନ୍ତୁଷ୍ଟିରେ ନ ରହି ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିବାକୁ ସେ ସମସ୍ତ ବିଭାଗଙ୍କୁ ପରାମର୍ଶ ଦେଇଥିଲେ। ସମୟୋପଯୁକ୍ତ ପଦକ୍ଷେପ, ନିର୍ଦ୍ଧାରିତ ମାର୍ଗଦର୍ଶିକାର କଡ଼ାକଡ଼ି ପାଳନ ଓ ଜରୁରୀକାଳୀନ ସମୟରେ ତ୍ୱରିତ ସୂଚନା ପ୍ରସାର ମାଧ୍ୟମରେ ରାଜ୍ୟର ବିପର୍ଯ୍ୟୟ ପ୍ରସ୍ତୁତି ଓ ପରିଚାଳନାର ସୁନାମକୁ ଅକ୍ଷୁଣ୍ଣ ରଖିବାକୁ ସେ ଗୁରୁତ୍ୱାରୋପ କରିଥିଲେ।

# ଟଙ୍କଧରଙ୍କୁ ସୁପ୍ରିମ୍‌କୋର୍ଟଙ୍କ ଝଟ୍‌କା

- ହାଇକୋର୍ଟଙ୍କ ରାୟ ସୁପ୍ରିମକୋର୍ଟରେ କାଏମ
- ଖାରଜ ହେଲା ଟଙ୍କଧରଙ୍କ ଆବେଦନ



ଭୁବନେଶ୍ୱର,୧୨।୫(ସଂଚାର ବ୍ୟୁରୋ): ଝାରସୁଗୁଡ଼ା ବିଧାନସଭା ନିର୍ବାଚନୀ ବିବାଦକୁ ନେଇ ବିଜେପି ନେତା ଟଙ୍କଧର ତ୍ରିପାଠୀଙ୍କୁ ସୁପ୍ରିମକୋର୍ଟରୁ ବଡ଼ ଝଟ୍‌କା ଲାଗିଛି। ଟଙ୍କଧରଙ୍କ ପକ୍ଷରୁ ଦାଖଲ ହୋଇଥିବା ଆବେଦନକୁ ସୁପ୍ରିମକୋର୍ଟ ଆଜି ଖାରଜ କରିଦେଇଛନ୍ତି। ଏଥିସହ ଓଡ଼ିଶା ହାଇକୋର୍ଟ ପୂର୍ବରୁ ଯେଉଁ ରାୟ ଦେଇଥିଲେ, ତାହାକୁ ମଧ୍ୟ ସୁପ୍ରିମକୋର୍ଟ କାଏମ ରଖିଛନ୍ତି।

ଟଙ୍କଧରଙ୍କ ବିଜୟକୁ ଚ୍ୟାଲେଞ୍ଜ କରି ବିଜେଡି ନେତ୍ରୀ ଦୀପାଳି ଦାସ ଓଡ଼ିଶା ହାଇକୋର୍ଟରେ ନିର୍ବାଚନ ମାମଲା ରୁଜୁ କରିଥିଲେ। ମାମଲାରେ ନିର୍ବାଚନ ପ୍ରକ୍ରିୟା ଓ କେତେକ ଅଭିଯୋଗକୁ ଆଧାର କରି ଟଙ୍କଧରଙ୍କ ବିଜୟ ଉପରେ ପ୍ରଶ୍ନଚିହ୍ନ ଲଗାଯାଇଥିଲା। ପରେ ଟଙ୍କଧରଙ୍କ ପକ୍ଷରୁ ମୂଳ ମାମଲାକୁ ବିନା ଶୁଣାଣିରେ ଖାରଜ କରିବାକୁ ହାଇକୋର୍ଟରେ ଆବେଦନ କରାଯାଇଥିଲା। କିନ୍ତୁ ହାଇକୋର୍ଟ ସେହି ଆବେଦନକୁ ଖାରଜ କରି ମୂଳ ନିର୍ବାଚନୀ ମାମଲାର ଶୁଣାଣି ଜାରି ରଖିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ଟଙ୍କଧର ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

ସୁପ୍ରିମକୋର୍ଟରେ ଶୁଣାଣି ସମୟରେ ଟଙ୍କଧରଙ୍କ ପକ୍ଷରୁ ହାଇକୋର୍ଟଙ୍କ ରାୟକୁ ଚ୍ୟାଲେଞ୍ଜ କରାଯାଇଥିଲା। କିନ୍ତୁ ସର୍ବୋଚ୍ଚ ଅଦାଲତ ହାଇକୋର୍ଟଙ୍କ ନିଷ୍ପତ୍ତିରେ କୌଣସି ହସ୍ତକ୍ଷେପ କରିବାକୁ ସ୍ପଷ୍ଟ ମନା କରିଥିଲେ। ଫଳରେ ବର୍ତ୍ତମାନ ମୂଳ ନିର୍ବାଚନୀ ମାମଲାର ଶୁଣାଣି ଓଡ଼ିଶା ହାଇକୋର୍ଟରେ ପୂର୍ବବତ ଜାରି ରହିବ। ଏହି ରାୟ ପରେ ଝାରସୁଗୁଡ଼ାର ରାଜନୈତିକ ପରିବେଶ ପୁଣି ସରଗରମ ହୋଇଛି। ଦୁଇ ଦଳର ନେତାମାନେ ଏହାକୁ ନେଇ ନିଜ ନିଜ ପ୍ରତିକ୍ରିୟା ଦେଉଥିବା ବେଳେ ଆଗାମୀ ଦିନରେ ମାମଲାର ଶୁଣାଣି କେଉଁ ଦିଗକୁ ଗତି କରିବ, ସେଥିପାଇଁ ସମସ୍ତଙ୍କ ନଜର ହାଇକୋର୍ଟଙ୍କ ଉପରେ ରହିଛି।

### ଅର୍ବାନ ଚ୍ୟାଲେଞ୍ଜ ଫଣ୍ଡ୍‌ର ପ୍ରଥମ ଜାତୀୟ ବୈଠକ

# ରାଜ୍ୟ ପକ୍ଷରୁ ପ୍ରଦର୍ଶିତ ହେଲା ୫ ହଜାର କୋଟିର ରୋଡମ୍ୟାପ୍



ଭୁବନେଶ୍ୱର,୧୨।୫(ସଂଚାର ବ୍ୟୁରୋ): ସହରୀ ପ୍ରଶାସନ କ୍ଷେତ୍ରରେ ନିଜର ଜାତୀୟ ନେତୃତ୍ୱକୁ ଅଧିକ ସୁଦୃଢ଼ କରି ରାଜ୍ୟ ସରକାର ଗତକାଲି ନୂଆଦିଲ୍ଲୀଠାରେ ଅନୁଷ୍ଠିତ 'ଅର୍ବାନ ଚ୍ୟାଲେଞ୍ଜ ଫଣ୍ଡ'ର ପ୍ରଥମ ଜାତୀୟ ଆପେକ୍ସ କମିଟି ବୈଠକରେ 'ପରବର୍ତ୍ତୀ ପିଢ଼ିର ସହରୀ ବିକାଶ ରୋଡମ୍ୟାପ୍' ଉପସ୍ଥାପନ କରିଛନ୍ତି। କେନ୍ଦ୍ର ଗୃହ ନିର୍ମାଣ ଓ ସହରୀ ବ୍ୟାପାର ମନ୍ତ୍ରୀ ମନୋହର ଲାଲ ଖଟ୍ଟରଙ୍କ ଅଧ୍ୟକ୍ଷତାରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା। ଓଡ଼ିଶା ପକ୍ଷରୁ ପ୍ରତିନିଧିତ୍ୱ କରି ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଉଷା ପାଢ଼ୀ ୫ ହଜାର କୋଟି ଟଙ୍କାରୁ ଅଧିକ ମୂଲ୍ୟର ୫ଟି ପ୍ରମୁଖ ସହରୀ ଭିତ୍ତିଭୂମି ପ୍ରକଳ୍ପ ପ୍ରଦର୍ଶିତ କରିଥିଲେ। ଏହି ପ୍ରକଳ୍ପଗୁଡ଼ିକ ଲୋକକୈନ୍ଦ୍ରିକ, ପରିବେଶ ସନ୍ତୁଳିତ ଓ ଦୀର୍ଘସ୍ଥାୟୀ ଭିତ୍ତିଭୂମି ସୃଷ୍ଟି ଆଧାରରେ ପ୍ରସ୍ତୁତ କରାଯାଇଛି।

ଏଥିରେ ଏପରି ସହରଗୁଡ଼ିକର ପରିକଳ୍ପନା କରାଯାଇଛି, ଯାହା କେବଳ ଅର୍ଥନୈତିକ ଭାବେ ଗତିଶୀଳ ଓ ବୈଷୟିକ ଜ୍ଞାନକୌଶଳରେ ସମୃଦ୍ଧ ହେବ ନାହିଁ, ବରଂ ପରିବେଶ ଅନୁକୂଳ ଓ ସାମାଜିକ ଭାବେ ଅନ୍ତର୍ଭୁକ୍ତିକାରୀ ମଧ୍ୟ ହେବ। ପ୍ରସ୍ତାବିତ ପ୍ରକଳ୍ପଗୁଡ଼ିକରେ ବନ୍ୟା ନିୟନ୍ତ୍ରଣ, ବୈଜ୍ଞାନିକ ଜଳ ନିଷ୍କାସନ ବ୍ୟବସ୍ଥା, ସହରୀ ସବୁଜ ବଳୟର ସମ୍ପ୍ରସାରଣ, ସ୍ଥାୟୀ ଜଳ ପରିଚାଳନା ଓ ଜଳବାୟୁ-ଅନୁକୂଳ ଭିତ୍ତିଭୂମି ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଛି। ଏହି ଅବସରରେ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ କହିଛନ୍ତି ଯେ ଓଡ଼ିଶାର ଦୂରଦୃଷ୍ଟି କେବଳ ପାରମ୍ପରିକ ଭିତ୍ତିଭୂମି ସମ୍ପ୍ରସାରଣ ମଧ୍ୟରେ ସୀମିତ ନୁହେଁ। ଆମର ଲକ୍ଷ୍ୟ ହେଉଛି ସ୍ଥାୟୀ ଓ ଭବିଷ୍ୟତ-ଉପଯୋଗୀ ସହରୀ ପରିବେଶ ସୃଷ୍ଟି କରିବା। ଅର୍ବାନ ଚ୍ୟାଲେଞ୍ଜ ଫଣ୍ଡ ମାଧ୍ୟମରେ ଓଡ଼ିଶା ଏପରି ଅଭିନବ ସମାଧାନ କାର୍ଯ୍ୟକାରୀ କରିବାକୁ ପ୍ରତିବଦ୍ଧ, ଯାହା ଦ୍ରୁତ ଅର୍ଥନୈତିକ ଅଭିବୃଦ୍ଧି ସହ ପରିବେଶ ସନ୍ତୁଳନ ଓ ସାମାଜିକ ନ୍ୟାୟ ରକ୍ଷା କରିପାରିବ।

# ବଢୁଥିବା ଅପରାଧକୁ ନେଇ କ୍ଷୁବ୍ଧ ଡିଜିପି

- ବେପରୁଆ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ସଙ୍କେତ
- ସବୁ ସମ୍ବେଦନଶୀଳ ଘଟଣାର ବିସ୍ତୃତ ରିପୋର୍ଟ ମାଗିଲେ



ଭୁବନେଶ୍ୱର,୧୨।୫(ସଂଚାର ବ୍ୟୁରୋ): ରାଜ୍ୟରେ ଏବେ ଅପରାଧୀ ବେଲଗାମ୍ ହୋଇପଡ଼ିଛନ୍ତି। କେଉଁଠି ପନିକିରେ ହାଣି ଯୁବକଙ୍କୁ ଲହୁଲୁହାଣ କରାଯାଉଛି ତ କେଉଁଠି ହତ୍ୟା ପରେ ପୋଡ଼ି ଦେଉଛନ୍ତି ମୃତଦେହ। ବାଲିଅନ୍ତାଠାରୁ କଣାସ ଓ ନୟାଗଡ଼ରୁ ବାଲେଶ୍ୱର ସବୁଠି ରକ୍ତର ଛିଟା। ରାଜ୍ୟରେ ବିଗୁଡୁଥିବା ଏଭଳି ଆଇନଶୃଙ୍ଖଳା ପରିସ୍ଥିତିକୁ ନେଇ ଏବେ ଗମ୍ଭୀର ହୋଇଛନ୍ତି ପୁଲିସ ମୁଖିଆ। ପୁଲିସ ଡିଜି ୱାଇବି ଖୁରାନିଆ ବେପରୁଆ ଅଫିସରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନର ସଙ୍କେତ ଦେବା ସହ ସମ୍ବେଦନଶୀଳ ମାମଲାରେ ସରଜମିନ ରିପୋର୍ଟ ମାଗିଛନ୍ତି। ବାଲିଅନ୍ତା ହତ୍ୟାକାଣ୍ଡରେ ପୁଲିସର କାର୍ଯ୍ୟଶୈଳୀକୁ ନେଇ ପ୍ରଶ୍ନ ଉଠିବା ପରେ ଯୋଗାଯୋଗ ଓ ସହଯୋଗ ଅଭାବକୁ ଦାୟୀ କରିଛନ୍ତି ପୁଲିସ ଡିଜି। ଘଟଣା ଘଟିବାଠାରୁ ଉଦ୍ଧାର ପର୍ଯ୍ୟନ୍ତ ପୁଲିସର କାର୍ଯ୍ୟଶୈଳୀ ସବୁକିଛିକୁ ନେଇ ପ୍ରଶ୍ନ ଉଠୁଛି, ଯାହାକୁ ନେଇ ଆଗାମୀ ସମୟରେ ଆଉ କିଛି ବରିଷ୍ଠ ଅଧିକାରୀମାନଙ୍କ ଉପରେ ହୋଇପାରେ ବଡ଼ ଧରଣର କାର୍ଯ୍ୟାନୁଷ୍ଠାନ ବୋଲି ଅନୁମାନ କରାଯାଉଛି। ବାଲିଅନ୍ତା ଘଟଣାରେ କାହିଁକି ଯୋଗାଯୋଗ ଓ ସମନ୍ୱୟ ଫେଲ କରିଥିଲା, ସେନେଇ ପୁଲିସ ଡିଜି ଜବାବ ମାଗିଥିବା ସୂଚନା ମିଳିଛି।

କେବଳ ବାଲିଅନ୍ତା ଘଟଣା ନୁହେଁ, କଣାସ, ନୟାଗଡ଼, ବେଲପାହାଡ଼, ବାଲେଶ୍ୱର ଓ ସୋରରେ ଘଟିଥିବା ଜଘନ୍ୟ ଆଇନଶୃଙ୍ଖଳା ପରିସ୍ଥିତି ନେଇ ମଧ୍ୟ ଡିଜି ବିସ୍ତୃତ ରିପୋର୍ଟ ମାଗିଛନ୍ତି।

ଏଥିସହ ଏଣିକି କ୍ରାଇମସ୍ପଟ୍‌ରେ ପହଞ୍ଚୁଥିବା ପିସିଆରରେ କାର୍ଯ୍ୟରତ ଅଧିକାରୀ, କନଷ୍ଟେବଲ ଓ ହୋମଗାର୍ଡଙ୍କୁ ପିପୁଲ ଫ୍ରେଣ୍ଡଲି ହେବାକୁ ବି ନିର୍ଦ୍ଦେଶ ଦିଆଯାଇଛି। ଏହାଦ୍ୱାରା ଉତ୍ତେଜନାପୂର୍ଣ୍ଣ ଘଟଣାରେ ଭିଡ଼ ନିୟନ୍ତ୍ରଣ ସହଜ ହୋଇପାରିବ ବୋଲି ଡିଜିପି ଆଶା ରଖିଛନ୍ତି।

## ବାରଙ୍ଗରେ ବୁଲିଲା ଖଣ୍ଡା, ୩ ଗୁରୁତର



ଭୁବନେଶ୍ୱର,୧୨।୫(ସଂଚାର ବ୍ୟୁରୋ): କଟକର ବାରଙ୍ଗ ଅଞ୍ଚଳରେ ଖଣ୍ଡାରେ ଆକ୍ରମଣ କରାଯିବା ଫଳରେ ୩ ଜଣ ଯୁବକ ଗୁରୁତର ଭାବେ ଆହତ ହୋଇଛନ୍ତି। ସେମାନଙ୍କୁ କଟକ ଏସସିବି ମେଡିକାଲରେ ଭର୍ତ୍ତି କରାଯାଇଛି। କାଣ୍ଡ ଭିଆଇବା ପରେ ଘଟଣାସ୍ଥଳରୁ ଦୁର୍ବୃତ୍ତମାନେ ଚମ୍ପଟ ମାରିଛନ୍ତି। ତେବେ କେଉଁ କାରଣରୁ ଏଭଳି ମରଣାନ୍ତକ ଆକ୍ରମଣ କରାଯାଇଛି, ତା'ର କାରଣ ସ୍ପଷ୍ଟ ହୋଇପାରିନାହିଁ। ଖବର ପାଇ ବାରଙ୍ଗ ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରୁଛି। ମିଳିଥିବା ସୂଚନାନୁଯାୟୀ, ଆଜି ଅପରାହ୍ନ ପ୍ରାୟ ୧ଟା ସମୟରେ ସାନମୁଣ୍ଡଳୀ ଗାଁର କାହ୍ନୁ ଚରଣ ଦଳେଇ ମୁଣ୍ଡଳୀ ବ୍ରିଜ ନିକଟସ୍ଥ କେନାଲ ବନ୍ଧରେ ଥିବା ଏକ ଦହିବରା ଦୋକାନ ନିକଟରେ ବସିଥିଲେ। ଏହି ସମୟରେ ହଠାତ ୫ରୁ ୬ ଜଣ ଯୁବକ ହାତରେ ଖଣ୍ଡା ଧରି ତାଙ୍କ ଉପରେ ଅତର୍କିତ ଆକ୍ରମଣ କରିଥିଲେ। ଏଥିରେ କାହ୍ନୁ ରକ୍ତାକ୍ତ ହୋଇଯାଇଥିଲେ। ତେବେ ସେ ନିଜ ଜୀବନ ବଞ୍ଚାଇବା ସକାଶେ ସେଠାରୁ ପଳାଇ ଯାଇଥିବା ବେଳେ ନିକଟରେ ଥିବା ଦହିବାର ଦୋକାନୀ ଓ ପାନ ଦୋକାନୀ ଉକ୍ତ ଦୁର୍ବୃତ୍ତଙ୍କୁ ବିରୋଧ କରିଥିଲେ। କିନ୍ତୁ ଦୁର୍ବୃତ୍ତମାନେ ସେମାନଙ୍କୁ ମଧ୍ୟ ଖଣ୍ଡାରେ ଆକ୍ରମଣ କରିଥିଲେ। ଆକ୍ରମଣ କରି ଦୁର୍ବୃତ୍ତମାନେ ମୁଣ୍ଡଳୀ ବ୍ରିଜ ଦେଇ ଆଠଗଡ଼ ଆଡ଼କୁ ଚାଲିଯାଇଥିଲେ। ଏହି ମରଣାନ୍ତକ ଆକ୍ରମଣରେ ତିନି ଜଣ ଯୁବକ ଗୁରୁତର ଭାବେ ଆହତ ହୋଇଥିବା ବେଳେ ସେମାନଙ୍କୁ ଚିକିତ୍ସା ପାଇଁ କଟକ ଏସସିବିରେ ଭର୍ତ୍ତି କରାଯାଇଛି। ସେମାନଙ୍କ ଅବସ୍ଥା ସଙ୍କଟାପନ୍ନ ଥିବା ବେଳେ କେଉଁ କାରଣ ପାଇଁ ଉକ୍ତ ଦୁର୍ବୃତ୍ତମାନେ ଏପରି ସଂଘବଦ୍ଧ ଆକ୍ରମଣ କରିଛନ୍ତି, ତାହା ଅସ୍ପଷ୍ଟ ରହିଛି।

ଯୁବକଙ୍କୁ ପନିକିରେ ହାଣିବା ପରେ ବୁଲେଟ୍ ଚଢ଼ାଇବା ମାମଲା

## ଦୁଇଦିନିଆ ରିମାଣ୍ଡ୍‌ରେ ଯିବେ ମୁଖ୍ୟ ଅଭିଯୁକ୍ତ ସୁଧାଂଶୁ

କଣାସ,୧୨।୫(ସଂଚାର ବ୍ୟୁରୋ): କଣାସରେ ଜନୈକ ଯୁବକଙ୍କୁ ପନିକିରେ ହାଣି ପରେ ବୁଲେଟ୍ ଚଢ଼ାଇବା ଘଟଣାରେ ଗତକାଲି ମୁଖ୍ୟ ଅଭିଯୁକ୍ତ ସୁଧାଂଶୁ ମହାପାତ୍ର ଓରଫ୍ ହାପି ଆତ୍ମସମର୍ପଣ କରିଛନ୍ତି। ତାଙ୍କୁ ଅଧିକ ଜେରା କରିବା ସକାଶେ ପୁଲିସ୍ ୨ଦିନିଆ ରିମାଣ୍ଡରେ ନେବ। ପୁଲିସ୍ ପକ୍ଷରୁ ୭ଦିନିଆ ରିମାଣ୍ଡ ପାଇଁ ଆବେଦନ କରାଯାଇଥିଲେ ହେଁ କୋର୍ଟ କେବଳ ୨ଦିନିଆ ରିମାଣ୍ଡ ପାଇଁ ଅନୁମତି ଦେଇଛନ୍ତି। ଏଥିସହ ଅଭିଯୁକ୍ତଙ୍କ ବ୍ୟାଙ୍କ୍ ଆକାଉଣ୍ଟ୍‌କୁ ଫ୍ରିଜ୍ କରାଯାଇଛି। ହାପିଙ୍କ ପରିବାର ଲୋକେ ବି ସ୍କାନରରେ ଅଛନ୍ତି। ମୁଖ୍ୟ ଅଭିଯୁକ୍ତଙ୍କୁ ରିମାଣ୍ଡରେ ଆଣିବା ପରେ ପ୍ରକୃତ ସତ୍ୟ ଉନ୍ମୋଚନ ହେବ ବୋଲି ପୁଲିସ୍ ପକ୍ଷରୁ କୁହାଯାଇଛି। ସୂଚନାଯୋଗ୍ୟ ଯେ ଗତ ୨ ତାରିଖ ସକାଳେ ମୃତ୍ୟୁଞ୍ଜୟ ମହାଲିକ ସ୍ଥାନୀୟ ଗୋଲାବଜାରକୁ ମାଛ ଆଣିବା ପାଇଁ ଆସିଥିଲେ। ତେବେ ସେଠାରେ ତାଙ୍କୁ ହାପି ସମେତ ୭ ଜଣ ପନିକିରେ ହାଣିବା ପରେ ତାଙ୍କ ଉପରେ ବୁଲେଟ୍ ଚଢ଼ାଇ ମାରିଦେବା ସକାଶେ ଉଦ୍ୟମ କରିଥିଲେ। ଏନେଇ ମୃତ୍ୟୁଞ୍ଜୟଙ୍କ ଭାଇ ସୌମ୍ୟରଞ୍ଜନ ମହାଲିକ କଣାସ ଥାନାରେ ଅଭିଯୋଗ କରିବା ପରେ ପୁଲିସ୍ ଗତ ୪ ତାରିଖରେ ଏହି ମାମଲା ସହ ଜଡ଼ିତ ଅଭିଯୁକ୍ତଙ୍କ ମଧ୍ୟରୁ ୪ ଜଣଙ୍କୁ ଗିରଫ କରିଥିବା ବେଳେ ଅଦ୍ୟାବଧି ଏହି ମାମଲାରେ ୬ ଜଣଙ୍କୁ ଗିରଫ କରାଯାଇସାରିଛି।

# ନ୍ୟାୟ ପାଇଁ ସାଇକେଲ୍‌ରେ ଶବକୁ ବୋହିଲେ ୧୫ କିମି

### ଛାତ ପଡ଼ିବା ବେଳେ ଆକ୍ରମଣରେ ୨ ଜଣ ଗୁରୁତର ହୋଇଥିଲେ



ସୋର,୧୨।୫(ସଂଚାର ବ୍ୟୁରୋ): ନ୍ୟାୟ ଦାବିରେ ପରିବାର ଲୋକେ ସାଇକେଲରେ ଦୀର୍ଘ ୧୫ କିମି ବୁହା ହେଲା ମୃତଦେହ। ବାଲେଶ୍ୱର ଜିଲ୍ଲା ଖଇରା ଥାନା ହରିପୁର ଗାଁରୁ ସାମ୍ନାକୁ ଆସିଛି ଏଭଳି କିଛି ଦୃଶ୍ୟ। ଗତ ୧୦ ତାରିଖରେ ଘର ଛାତ ପକାଇବାକୁ ନେଇ ଦୁଇ ପରିବାର ମଧ୍ୟରେ ଗଣ୍ଡଗୋଳ ହୋଇଥିବା ବେଳେ ପଡ଼ୋଶୀ ଭରତ ଜେନାଙ୍କ ପରିବାର ଲୋକ ସୁରେନ୍ଦ୍ର ସେଠୀଙ୍କ ପରିବାରକୁ କୋଦାଳରେ ଆକ୍ରମଣ କରିଥିଲେ। ଏହି ରକ୍ତାକ୍ତ ସଂଘର୍ଷରେ ସୁରେନ୍ଦ୍ରଙ୍କ ଭଉଣୀ କମଳା ସେଠୀଙ୍କର ମୃତ୍ୟୁ ହୋଇଥିବା ବେଳେ ସ୍ତ୍ରୀ ଶକୁନ୍ତଳା ଗୁରୁତର ହୋଇ କଟକ ଏସ୍‌ସିବିରେ ଚିକିତ୍ସିତ ହେଉଛନ୍ତି। ଏହି ଘଟଣାରେ ଖଇରା ପୁଲିସ କେତେକ ଅଭିଯୁକ୍ତଙ୍କୁ ଗିରଫ କରିଛି।

ମିଳିଥିବା ସୂଚନାନୁଯାୟୀ, ବାଲେଶ୍ୱର ଜିଲ୍ଲା ଖଇରା ଥାନା ଅଧୀନସ୍ଥ ହରିପୁର ଗାଁରେ ସୁରେନ୍ଦ୍ର ସେଠୀଙ୍କ ଘର ଛାତ ପଡ଼ିବା ଲାଗି ସେଣ୍ଟ୍ରିଙ୍ଗ କାମ ହେଉଥିଲା। ଏହି ସମୟରେ ସେଣ୍ଟ୍ରିଙ୍ଗ ପଟା ପଡ଼ୋଶୀ ଭରତଙ୍କ ସୀମାକୁ ବଢ଼ି ଯାଇଥିବାରୁ ଏହାକୁ ନେଇ ଉଭୟ ପରିବାର ମଧ୍ୟରେ ଝଗଡ଼ା ହୋଇଥିଲା। ପରେ ଭରତ ଓ ତାଙ୍କ ପୁଅ ମାନସ ଉତ୍ତ୍ୟକ୍ତ ହୋଇ ସୁରେନ୍ଦ୍ରଙ୍କ ଭଉଣୀ କମଳା, ତାଙ୍କ ଭାଉଜ ଶକୁନ୍ତଳାଙ୍କୁ କଟୁରି ଓ କୋଦାଳରେ ଆକ୍ରମଣ କରି ମୁଣ୍ଡକୁ ହାଣିବା ସହ ହାତୁଡ଼ିରେ ପିଟିଥିଲେ। କମଳା ଓ ଶକୁନ୍ତଳା ଗୁରୁତର ଭାବେ ଆହତ ହୋଇଥିବା ବେଳେ ସେମାନଙ୍କୁ ପରିବାର ଲୋକେ ଖଇରା ମେଡିକାଲକୁ ନେଇଥିଲେ। କିନ୍ତୁ ସେଠାରେ ସେମାନଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ଭଦ୍ରକ ଓ ପରେ କଟକ ମେଡିକାଲକୁ ନିଆଯାଇଥିଲା। କିନ୍ତୁ ଗତ ରବିବାର ରାତିରେ ସେଠାରେ କମଳାଙ୍କର ମୃତ୍ୟୁ ଘଟିଥିଲା। ସୁରେନ୍ଦ୍ର ଏନେଇ ଖଇରା ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରିବା ସହ ଘଟଣାସ୍ଥଳରେ ପହଞ୍ଚି କୋଦାଳ ଓ ହାତୁଡ଼ି ଜବତ କରିଛି। ଏଥିସହ ଏହି ଘଟଣାରେ କେତେକଙ୍କୁ ଗିରଫ ମଧ୍ୟ କରାଯାଇଛି। ତେବେ ଫେରାର ଅଭିଯୁକ୍ତଙ୍କୁ ଗିରଫ କରିବା ସକାଶେ କମଳାଙ୍କ ମୃତଦେହକୁ ଘରଠାରୁ ପାଖାପାଖି ୧୫ କିମି ଦୂର ଥାନା ପର୍ଯ୍ୟନ୍ତ ବୋହି ପରିବାର ଲୋକେ ସାଇକେଲ୍‌ରେ ବୋହି ଆଣି ଥାନା ଆଗରେ ପ୍ରତିବାଦ କରିଥିବା ଜଣାପଡ଼ିଛି।

## ଫାଶରେ ଝୁଲି କଲରାପତରିଆ ବାଘ ମୃତ



ନୀଳଗିରି,୧୨।୫(ସଂଚାର ବ୍ୟୁରୋ): ନୀଳଗିରି ସଂରକ୍ଷିତ ଜଙ୍ଗଲ ପାଟଣା ବିଟ୍ କାଠଗୋଛି ନିକଟରେ ଏକ କଲରାପତରିଆ ବାଘର ମୃତ୍ୟୁ ଘଟିଛି। ଘଟଣାସ୍ଥଳରେ ଉକ୍ତ ବାଘର ମୃତଦେହ ପଡ଼ିରହିଥିବା ବେଳେ ଆଜି ସକାଳେ ଫରେଷ୍ଟ ଗାର୍ଡମାନେ ପାଟ୍ରୋଲିଂ କରୁଥିବା ସମୟରେ ଉକ୍ତ ମୃତଦେହ ଦେଖିବାକୁ ପାଇଥିଲେ। ଗତକାଲି ବିଳମ୍ବିତ ରାତିରେ ବାଘଟି ନିକଟସ୍ଥ କୁଲଡ଼ିହା ଅଭୟାରଣ୍ୟରୁ ପଳାଇ ଆସି ନୀଳଗିରି ରେଞ୍ଜରେ ମୃତ୍ୟୁବରଣ କରିଥିବା ଅନୁମାନ କରାଯାଉଛି। ଖବର ପାଇ ଘଟଣାସ୍ଥଳରେ ନୀଳଗିରି ବନ ଅଧିକାରି ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଆଜି ସକାଳେ ବାଘର ଗର୍ଜନ ଶୁଣି ସ୍ଥାନୀୟ ଲୋକେ ଘଟଣାସ୍ଥଳକୁ ଧାଇଁ ଯାଇଥିଲେ। ସେମାନେ ବାଘଟିକୁ ଫାଶରେ ପଡ଼ିଥିବା ଦେଖିବାକୁ ପାଇଥିଲେ। ତେବେ କିଛି ସମୟ ପରେ ବାଘଟି ମୃତ୍ୟୁବରଣ କରିଥିଲା। ଖବର ପାଇ ବନ ବିଭାଗର କର୍ମଚାରୀ ଓ ଅଧିକାରୀମାନେ ସେଠାରେ ପହଞ୍ଚିଥିବା ଜଣାପଡ଼ିଛି।

## ଉଦ୍ଧାର ହେଲା ଟ୍ରେଞ୍ଚରେ ପଡ଼ିଥିବା ହାତୀଛୁଆ



ଅନୁଗୋଳ,୧୨।୫(ସଂଚାର ବ୍ୟୁରୋ): ଟ୍ରେଞ୍ଚରେ ପଡ଼ିଥିବା ଏକ ହାତୀଛୁଆକୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଛି। ଖାଦ୍ୟ ଅନ୍ୱେଷଣରେ ଆସିଥିବା ହାତୀପଲ ମଧ୍ୟରୁ ଉକ୍ତ ହାତୀଛୁଆଟି ଟ୍ରେଞ୍ଚରେ ପଡ଼ିଯାଇଥିଲା। ବନ ବିଭାଗ ପକ୍ଷରୁ ହାତୀଛୁଆକୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଛି। ତେବେ ଉକ୍ତ ହାତୀଛୁଆଟି ଟ୍ରେଞ୍ଚ୍ ଭିତରେ ଖସି ପଡ଼ିବା ପରେ ତାକୁ ଚାରି ପାଖରେ ଉକ୍ତ ହାତୀପଲ ଜଗି ରହିଥିଲେ। ଖବର ପାଇ ବନ ବିଭାଗ ଟିମ ଘଟଣାସ୍ଥଳରେ ପହଞ୍ଚି ହାତୀ ଛୁଆଟିକୁ ଉଦ୍ଧାର କରିବା ସକାଶେ ଉଦ୍ୟମ ଚଳାଇଥିଲେ। ଅନୁଗୁଳ ପମ୍ପାସର ରେଞ୍ଜ ନୂଆସାହି ନୂଆପଡ଼ାରେ ଦେଖିବାକୁ ମିଳିଥିଲା ଏମିତି ଦୃଶ୍ୟ। ନୂଆସାହି ନୂଆପଡ଼ା ନିକଟରେ ହାତୀପଲ ଯାଉଥିବା ବେଳେ ଆଜି ଭୋର୍‌ରେ ଉକ୍ତ ଛୋଟ ହାତୀଟି ବନ ବିଭାଗ ଖୋଳିଥିବା ଟ୍ରେଞ୍ଚ ଭିତରେ ଖସିପଡ଼ିଥିଲା। ଛୁଆ ହାତୀକୁ ଉଦ୍ଧାର କରିବା ପାଇଁ ହାତୀପଲ ରଡ଼ି କରି ଟ୍ରେଞ୍ଚ ଚାରି ପାଖରେ ଘୂରି ବୁଲୁଥିଲେ।

## ଦେଶୀ ବନ୍ଧୁକ ସହ ଦୁଇ ଶିକାରୀ ଗିରଫ



ଫୁଲବାଣୀ,୧୨।୫(ସଂଚାର ବ୍ୟୁରୋ): କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ବନ ବିଭାଗ ପକ୍ଷରୁ ଦୁଇ ଜଣ ଶିକାରୀଙ୍କୁ ଗିରଫ କରାଯିବା ସହ ସେମାନଙ୍କଠାରୁ ଦୁଇଟି ଦେଶୀ ବନ୍ଧୁକ ମଧ୍ୟ ଜବତ ହୋଇଛି ମିଳିଥିବା ସୂଚନାନୁସାରେ, ବାଲିଗୁଡ଼ା ବନାଞ୍ଚଳ କାର୍ଯ୍ୟାଳୟର କର୍ମଚାରୀମାନେ ଢାକା ଜଙ୍ଗଲରେ ରାତ୍ରିକାଳୀନ ପାଟ୍ରୋଲିଂ ସମୟରେ ଦୁଇ ଜଣ ଯୁବକ ଜଙ୍ଗଲରେ ନିଆଁ ଲଗାଇ ଜଙ୍ଗଲ ଜନ୍ତୁଙ୍କୁ ଶିକାର କରିବା ସକାଶେ ପ୍ରସ୍ତୁତ ହେଉଥିଲେ। ଏହି ସମୟରେ ବନ ବିଭାଗର କର୍ମଚାରୀମାନେ ଉକ୍ତ ଦୁଇ ଯୁବକ ସୁଇଲା ମଲିକ (୨୮) ଓ ଲକ୍ଷ୍ମଣ କହଁର (୨୮)ଙ୍କୁ ଗିରଫ କରିବା ସହ ସେମାନଙ୍କଠାରୁ ଦୁଇଟି ବନ୍ଧୁକ ସହ କେତେକ ସାମଗ୍ରୀ ଜବତ କରିଛନ୍ତି। ଏନେଇ ବାଲିଗୁଡା ବନ ବିଭଗ ପକ୍ଷରୁ ୧୭/୨୬ରେ ଏକ ମାମଲା ରୁଜୁ କରାଯିବା ସହ ଉଭୟ ଗିରଫ ଶିକାରୀଙ୍କୁ ଏସଡିଜେଏମ କୋର୍ଟକୁ ଚାଲାଣ କରାଯାଇଥିବା ବନାଞ୍ଚଳ ଅଧିକାରୀ ଡି. ସୁବାଷ ସୂଚନା ଦେଇଛନ୍ତି। ଏହି ଚଢ଼ାଉ ସମୟରେ ବନପାଳ ଟିକେଶ୍ୱର ବେହେରା, ଗାର୍ଡ ସୁରେଶ ମୁଠାମାଝି, ଯୁଧିଷ୍ଠିର ଦିଗାଲ ଓ ନାସିମୁଲ ହକ ସାମିଲ ଥିଲେ।

### ଯୌତୁକ ପାଇଁ ବଧୂହତ୍ୟା

## ସ୍ୱାମୀ, ଶାଶୂ ଓ ଶ୍ୱଶୂର ଗିରଫ

ନନ୍ଦପୁର,୧୨।୫(ସଂଚାର ବ୍ୟୁରୋ): କୋରାପୁଟ ଜିଲ୍ଲା ନନ୍ଦପୁର ବ୍ଲକ ଖୁର୍ଜୀ ପଞ୍ଚାୟତ ନନ୍ଦୀଗାଁରେ ଗତକାଲି ଜଣେ ନବବିବାହିତାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର ଘଟଣାରେ ନୂଆ ମୋଡ଼ ନେଇଛି। ଝିଅ ଘର ପକ୍ଷରୁ ଯୌତୁକ ପାଇଁ ବଧୂହତ୍ୟା ଅଭିଯୋଗ ହେବା ପରେ ନନ୍ଦପୁର ପୁଲିସ ମାମଲା (ନଂ. ୬୬/୨୬) ରୁଜୁ କରି ତଦନ୍ତ ଚଳାଇଥିଲା। ଏହି ଘଟଣାରେ ମଙ୍ଗଳବାର ପୁଲିସ ୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ହୋଇଥିବା ୩ ଜଣ ହେଲେ ସ୍ୱାମୀ ମନୋଜ ଚମ୍ପି, ଶାଶୁ ଜମ୍ବୁବତୀ ଚମ୍ପି ଓ ଶ୍ୱଶୁର କୁଶ ଚମ୍ପି। ପରିବାର ପକ୍ଷରୁ ଦିଆଯାଇଥିବା ଏତଲାରେ ମୃତକଙ୍କ ବୟସ ୧୭ ବର୍ଷ ଉଲ୍ଲେଖ ଥିଲା। ମାତ୍ର ଆଧାର କାର୍ଡ ଓ ସ୍କୁଲ ପ୍ରମାଣପତ୍ର ଯାଞ୍ଚ ପରେ ମୃତ ନବବଧୂ ଈଶ୍ୱରୀଙ୍କ ବୟସ ୧୯ ବର୍ଷ ବୋଲି ଜଣାପଡ଼ିଛି। ସେ ନାବାଳିକା ନୁହନ୍ତି, ବରଂ ସାବାଳିକା ବୋଲି ଥାନାଧିକାରୀ ତ୍ରିନାଥ ତୋଟାପାଡ଼ିଆ ସୂଚନା ଦେଇଛନ୍ତି।

ମିଳିଥିବା ସୂଚନାନୁସାରେ, ନନ୍ଦପୁର ବ୍ଲକ ବାଲଡ଼ା ଗ୍ରାମର ଡମ୍ବୁରୁ ଜାନାମଙ୍କ ଝିଅ ଈଶ୍ୱରୀଙ୍କ ସହ ନନ୍ଦୀଗାଁ ଗ୍ରାମର ମନୋଜଙ୍କର ବର୍ଷେ ତଳେ ପ୍ରେମ ସମ୍ପର୍କ ଗଢ଼ିଉଠିଥିଲା। ପରେ ମନୋଜ ତାଙ୍କୁ ବିବାହ କରିବାକୁ କହି ନିଜ ଗାଁକୁ ନେଇଯାଇଥିଲେ। ଉଭୟ ପରିବାର ପୁଅ-ଝିଅଙ୍କ ଇଚ୍ଛାକୁ ସମ୍ମାନ ଦେଇ ବିବାହକୁ ସ୍ୱୀକୃତି ମଧ୍ୟ ଦେଇଥିଲେ। କିନ୍ତୁ ସୋମବାର ସକାଳୁ ଈଶ୍ୱରୀଙ୍କ ଝୁଲନ୍ତା ମୃତଦେହ ଶାଶୂଘରୁ ଉଦ୍ଧାର କରାଯାଇଥିଲା। ଶାଶୂଘର ଲୋକେ ଏହାକୁ ଆତ୍ମହତ୍ୟା ବୋଲି କହୁଥିବା ବେଳେ ଝିଅର ଦାଦା ତ୍ରିଲୋଚନ ଜାନାମ ତାଙ୍କ ଝିଆରୀକୁ ଯୌତୁକ ନିର୍ଯାତନା ଦେଇ ହତ୍ୟା କରାଯାଇଥିବା ନେଇ ଥାନାରେ ଏତଲା ଦେଇଥିଲେ। ପୁଲିସ ମାଜିଷ୍ଟ୍ରେଟ୍, ସାଇଣ୍ଟିଫିକ୍ ଦଳ ଓ ଏସଡିପିଓଙ୍କ ଉପସ୍ଥିତିରେ ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ସକାଶେ ପଠାଇଥିଲା। ଅନ୍ୟପକ୍ଷରେ ଗିରଫ ଶାଶୂ ଓ ଶ୍ୱଶୂର ଯୌତୁକ ଦାବି ଅଭିଯୋଗକୁ ଅସ୍ୱୀକାର କରିଛନ୍ତି। ବରଂ ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ କଳହ ଯୋଗୁଁ ଈଶ୍ୱରୀ ଆତ୍ମହତ୍ୟା ଭଳି ଚରମ ନିଷ୍ପତ୍ତି ନେଇଥାଇପାରନ୍ତି ବୋଲି କହିଛନ୍ତି।

ଝାରସୁଗୁଡ଼ାରେ ଏନ୍‌କାଉଣ୍ଟର୍

## ପୁଲିସ ଗୁଳିରେ ୨ ଅପରାଧୀ ଆହତ



ଝାରସୁଗୁଡ଼ା,୧୨।୫(ସଂଚାର ବ୍ୟୁରୋ): ଝାରସୁଗୁଡ଼ାରେ ଆଜି ପୁଲିସ୍ ଏନକାଉଣ୍ଟର୍‌ରେ ୨ ଜଣ ଅପରାଧୀ ଆହତ ହୋଇଛନ୍ତି। ଉକ୍ତ ଅପରାଧୀଦ୍ୱୟ ହେଲେ ସୁନୀଲ ମହାନନ୍ଦ ଓ ଚାନ୍ଦ ବନଛୋର୍। ଗତକାଲି ଝାରସୁଗୁଡ଼ା ବେଲପାହାଡ଼ ଫାଟକରେ ଭୁଜାଲି ମାଡ଼ରେ ଜଣଙ୍କ ମୃତ୍ୟୁ ଘଟଣାରେ ଏହି ଦୁଇ ଅପରାଧୀ ମୁଖ୍ୟ ଅଭିଯୁକ୍ତ ଥିଲେ। ଗତକାଲି ଅଭିଯୁକ୍ତମାନେ ଏକ କାରରେ ଯାଉଥିବା ସମୟରେ ସେମାନଙ୍କ କାର୍ ବାଇକ୍‌ରେ ଯାଉଥିବା ରାହୁଲ ମହତ ଓ ସ୍କୁଟିରେ ଯାଉଥିବା ଆକାଶ ସାହୁଙ୍କୁ ବେଲପାହାଡ଼ ଫାଟକ ନିକଟସ୍ଥ ଗାନ୍ଧି ନଗରଠାରେ ଧକ୍କା ଦେଇଥିଲା। ଏହାକୁ ନେଇ ସେମାନଙ୍କ ମଧ୍ୟରେ ପାଟିତୁଣ୍ଡ ହେବାରୁ ଚାନ୍ଦ ବନଛୋର ଓ ବାବୁ ବନଛୋର ସେମାନଙ୍କୁ ଭୁଜାଲିରେ ଆକ୍ରମଣ କରିଥିଲେ। ଭୁଜାଲି ମାଡ଼ରେ ରାହୁଲ୍‌ଙ୍କର ମୃତ୍ୟୁ ହୋଇଥିଲା। ତେବେ ପୂର୍ବରୁ ୩ ଅଭିଯୁକ୍ତ ଅଟକ ଥିବା ବେଳେ ଏହି ମାମଲାରେ ସମ୍ପୃକ୍ତ ୨ ମୁଖ୍ୟ ଅଭିଯୁକ୍ତ ସୁନୀଲ ଓ ଚାନ୍ଦ ଫେରାର ଥିଲେ। ସେମାନଙ୍କୁ ଧରିବା ପାଇଁ ପୁଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଥିଲା। ଆଜି ସକାଳୁ ଖବର ପାଇ ପୁଲିସ ଉଭୟଙ୍କୁ ଗିରଫ କରିବା ପାଇଁ ଯାଇଥିବା ସମୟରେ ସେମାନେ ପୁଲିସ ଉପରକୁ ୪ ରାଉଣ୍ଡ ଗୁଳିଚାଳନା କରିଥିଲେ। ପୁଲିସର ପାଲଟା ଗୁଳିମାଡ଼ରେ ୨ ଜଣ ଆହତ ହୋଇଛନ୍ତି। ଦୁଇ ଅଭିଯୁକ୍ତଙ୍କ ଜଙ୍ଘରେ ଗୁଳି ବାଜିଥିବା ନେଇ ସୂଚନା ଦେଇଛନ୍ତି ବେଲପାହାଡ଼ ଆଇଆଇସି। ଆହତ ଦୁଇ ଜଣଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଉଭୟଙ୍କ ନାଁରେ ସମ୍ବଲପୁର ଓ ବୁର୍ଲାରେ ଏକାଧିକ ମାମଲା ରହିଛି।

ପୁଲିସ ବାବୁ ଦେଖାଇଲେ ଦବଙ୍ଗଗିରି

## ପାର୍କିଂ ବିବାଦରୁ ପଡ଼ୋଶୀଙ୍କ କାର୍ କଲେ ଚୂନା

ଭୁବନେଶ୍ୱର,୧୨।୫(ସଂଚାର ବ୍ୟୁରୋ): ପୁଲିସ୍ ବାବୁଙ୍କ ଦବଙ୍ଗଗିରି ଦେଖିବାକୁ ମିଳିଛି ରାଜଧାନୀ ଭୁବନେଶ୍ୱରରେ। ପାର୍କିଂ ବିବାଦକୁ ନେଇ ପଡ଼ୋଶୀଙ୍କ ଉପରେ ରାଗ ଶୁଝାଇଛନ୍ତି ପୁଲିସ୍ ବାବୁ ଜଣଙ୍କ। ତାଙ୍କ କାର ପାର୍କିଂ କରିବାକୁ ଜାଗା ନ ପାଇବାରୁ ଅନ୍ୟ ଏକ ଗାଡ଼ିକୁ ଲୁହା ରଡ୍‌ରେ ବାଡ଼େଇ ଚୂନା କରିଦେଇଛନ୍ତି ସେ। ପୁଲିସ୍ ବାବୁଙ୍କ ଏପରି ଦବଙ୍ଗଗିରିର ଦୃଶ୍ୟ ସିସିଟିଭିରେ କଏଦ ହୋଇଛି। ଅଭିଯୋଗକାରୀ ଶାସ୍ତ୍ରୀନଗରର ସୁଜିତ୍ କୁମାର ନାଏକ ପ୍ଲଟ୍ ନଂ-୩୬୪ରେ ଭଡ଼ାରେ ରହନ୍ତି। ସେ କିଛି ଦିନ ତଳେ ଏକ ଦାମୀ କାର୍ କିଣିଥିଲେ। ସେ ତାଙ୍କ କାରକୁ ଘର ସାମ୍ନା ରାସ୍ତାକଡ଼ରେ ପାର୍କିଂ କରିଥିଲେ। ତା'ର ୨ ଦିନ ପରେ ସେ ଅଫିସ କାମରେ ମାଲେସିଆ ଯାଇଥିଲେ। ସୁଜିତଙ୍କ ଘରକୁ ଲାଗି ଅତିରିକ୍ତ ଏସ୍‌ପି ଜଣଙ୍କ ମଧ୍ୟ ଭଡ଼ାରେ ରହୁଛନ୍ତି। ତେବେ ତାଙ୍କ କାର ରଖିବାକୁ ଅସୁବିଧା ହେବାରୁ ଅତିରିକ୍ତ ଏସ୍‌ପି ବାବୁ ଜଣଙ୍କ ବିରକ୍ତ ପ୍ରକାଶ କରିବା ସହ ସୁଜିତ୍‌ଙ୍କ କାରଟିକୁ ଭାଙ୍ଗିଦେଇଥିଲେ। ସୁଜିତ ବିଦେଶରୁ ଫେରିବା ସିସିଟିଭିରୁ ସବୁକିଛି ସ୍ପଷ୍ଟ ହେବା ପରେ ଏନେଇ ଖାରବେଳ ନଗର ଥାନାରେ ଏତଲା ଦେଇଛନ୍ତି। ପୁଲିସ୍ ମଧ୍ୟ ଏକ ମାମଲା ରୁଜୁ କରି ଛାନ୍‌ଭିନ ଆରମ୍ଭ କରିଛି।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776
Editor: Himanshu Bhusan Kar ସମ୍ପାଦକ: ହିମାଂଶୁ ଭୂଷଣ କର
Chief Editor: Ajit Kumar Dash ମୁଖ୍ୟ ସମ୍ପାଦକ: ଅଜିତ କୁମାର ଦାଶ

# ଭାରତରେ କୋଟିଏ ଟଙ୍କିଆ ବାଇକ୍ 'ଡୁକାଟି ପାନିଗେଲ ଭି-୪ ଲାମ୍ବୋରଘିନି' ଲଞ୍ଚ୍



ନୂଆଦିଲ୍ଲୀ,୧୧।୫ଃ ଇଟାଲୀର ପ୍ରସିଦ୍ଧ ମୋଟରସାଇକେଲ ନିର୍ମାତା ଡୁକାଟି ଭାରତରେ ଏହାର ଅତ୍ୟନ୍ତ ସ୍ୱତନ୍ତ୍ର ଏବଂ ସୀମିତ ସଂସ୍କରଣ ସୁପରବାଇକ 'ଡୁକାଟି ପାନିଗେଲ ଭି-୪ ଲାମ୍ବୋରଘିନି' ଆନୁଷ୍ଠାନିକ ଭାବରେ ଲଞ୍ଚ କରିଛି। ଏହି ସୁପରବାଇକର ପ୍ରଥମ ଡେଲିଭରି ମୁମ୍ବାଇର ଜଣେ ଗ୍ରାହକଙ୍କୁ ହସ୍ତାନ୍ତର କରାଯାଇଛି। ଉଲ୍ଲେଖନୀୟ ଯେ, ଏହି ବାଇକ ପୂର୍ବରୁ ବିଶ୍ୱ ସ୍ତରରେ ସମ୍ପୂର୍ଣ୍ଣ ବିକ୍ରି ହୋଇସାରିଛି ଏବଂ ଭାରତୀୟ ବଜାର ପାଇଁ କେବଳ ସୀମିତ ସଂଖ୍ୟକ ୟୁନିଟ ଆବଣ୍ଟିତ ହୋଇଛି। ସବୁଠାରୁ ଆଶ୍ଚର୍ଯ୍ୟଜନକ ଦିଗ ହେଉଛି ଏହାର ମୂଲ୍ୟ, ଯାହା ପ୍ରାୟ 1 କୋଟି (ଏକ୍ସ-ଶୋରୁମ) ରଖାଯାଇଛି। ଏହି ମୂଲ୍ୟ ପାଇଁ ଜଣେ ଦୁଇଟି ଟୋୟଟା ଫର୍ଚ୍ୟୁନର ଏସୟୁଭି କିଣିପାରିବେ। ଏହି ମୋଟରସାଇକେଲ ଡୁକାଟି ଏବଂ ଲାମ୍ବୋରଘିନି ମଧ୍ୟରେ ସହଭାଗୀତା ମାଧ୍ୟମରେ ବିକଶିତ ହୋଇଥିଲା। ଏହା ଉଭୟଙ୍କ ମଧ୍ୟରେ ତୃତୀୟ ସହଯୋଗୀ ପ୍ରକଳ୍ପ। ଏହା ପୂର୍ବରୁ ଦୁଇଟି କମ୍ପାନୀ ପୂର୍ବରୁ ଡାୟାଭେଲ୍ ୧୨୬୦ ଲାମ୍ବୋରଘିନି ଏବଂ ଷ୍ଟ୍ରିଟ୍‌ଫାଇଟର୍ ଭି-୪ ଲାମ୍ବୋରଘିନି ଭଳି ସ୍ୱତନ୍ତ୍ର ମଡେଲ ଲଞ୍ଚ କରିସାରିଛନ୍ତି। ନୂତନ ପାନିଗେଲ ଭି-୪ ଲାମ୍ବୋରଘିନିକୁ ଲାମ୍ବୋରଘିନିର ପ୍ରମୁଖ ସୁପରକାର, ଲାମ୍ବୋରଘିନି ରେଭ୍ୟୁଲ୍‌ଟୋରୁ ପ୍ରେରଣା ନେଇ ଡିଜାଇନ କରାଯାଇଛି।

କମ୍ପାନୀ ଅନୁଯାୟୀ, ଏହି ମୋଟରସାଇକେଲ ଉନ୍ନତ ପ୍ରଯୁକ୍ତିବିଦ୍ୟା, ଅସାଧାରଣ କାର୍ଯ୍ୟଦକ୍ଷତା ଏବଂ ପ୍ରିମିୟମ ଡିଜାଇନର ଏକ ଉତ୍କୃଷ୍ଟ ମିଶ୍ରଣକୁ ପ୍ରତିନିଧିତ୍ୱ କରେ। ଡୁକେଟି ପାନିଗେଲ ଭି-୪ ଲାମ୍ବୋରଘିନି ୧୧୦୩ସିସି ଭି-୪ ଡେସ୍‌ମୋସେଡିସି ଷ୍ଟ୍ରେଡାଲ୍ ଇଞ୍ଜିନ ଦ୍ୱାରା ପରିଚାଳିତ। ଏହି ଇଞ୍ଜିନ ୨୧୬ବିଏଚପି ପାୱାର। ବାଇକରେ ଏକ ଟାଇଟାନିୟମ ସାଇଲେନ୍ସର ଏବଂ ଏକ ଅନନ୍ୟ ଇଞ୍ଜିନ କାଲିବ୍ରେସନ ରହିଛି, ଯାହା ଏହାର କାର୍ଯ୍ୟଦକ୍ଷତା କ୍ଷମତାକୁ ଆହୁରି ବୃଦ୍ଧି କରିଥାଏ। ମାତ୍ର ୧୮୫ କିଲୋଗ୍ରାମ (ଶୁଷ୍କ ଓଜନ) ଓଜନ ବିଶିଷ୍ଟ, ଏହି ସୁପରବାଇକ ଅସାଧାରଣ ଭାବରେ ଦ୍ରୁତ ଏବଂ ହାଲୁକା। କମ୍ପାନୀ ଦାବି କରିଛି ଯେ, ଏହା ପ୍ରତି କିଲୋଗ୍ରାମରେ ୧.୧୭ ବିଏଚପି ପାୱାର-ଟୁ-ୱେଟ ଅନୁପାତ ପ୍ରଦାନ କରେ।

ଏହି ମୋଟରସାଇକେଲର ନିର୍ମାଣ ସମୟରେ କାର୍ବନ ଫାଇବରର ବ୍ୟାପକ ବ୍ୟବହାର ଦେଖାଯାଏ। ଫେୟାରିଂ, ମଡ୍‌ଗାର୍ଡ, ଚେନ ଗାର୍ଡ ଏବଂ ଅନ୍ୟାନ୍ୟ ବିଭିନ୍ନ ଉପାଦାନରେ କାର୍ବନ ଫାଇବର ଉପାଦାନ ମିଳିପାରିବ। ମୋଟରସାଇକେଲର ଡିଜାଇନ ଲାମ୍ବୋର୍ଗିନି ରେଭ୍ୟୁଏଲ୍ଟୋ ସୁପରକାରରୁ ପ୍ରେରଣା ନେଇଥାଏ। ଏହାର ଟେଲ ସେକ୍ସନ, ୱିଙ୍ଗଲେଟ ଏବଂ ସ୍ୱତନ୍ତ୍ର ଆଲୁମିନିୟମ ଚକଗୁଡ଼ିକୁ ଲାମ୍ବୋର୍ଗିନିର ଡିଜାଇନ ଅନୁସାରେ ତିଆରି କରାଯାଇଛି। ସିଟ ଡିଜାଇନ ମଧ୍ୟ ରେଭ୍ୟୁଏଲ୍ଟୋର କ୍ୟାବିନ ଦ୍ୱାରା ଅନୁପ୍ରାଣିତ ବୋଲି କୁହାଯାଉଛି।

# ଟଙ୍କା ମୂଲ୍ୟ ୩୫ ପଇସା ହ୍ରାସ

ମୁମ୍ବାଇ, ୧୧।୫ଃ ଡଲାର ତୁଳନାରେ ଟଙ୍କା ମୂଲ୍ୟ ଆହୁରି ତଳକୁ ଖସିଛି। ଟଙ୍କା ମୂଲ୍ୟ ଆଜି ୩୫ ପଇସା ହ୍ରାସ ଘଟି ସର୍ବକାଳୀନ ସର୍ବନିମ୍ନ ୯୫.୬୩ ସ୍ତରରେ ପହଞ୍ଚିଛି। ଅର୍ଥାତ ୧ ଡଲାର ପାଇବା ପାଇଁ ୯୫ ଟଙ୍କା ୬୩ ପଇସା ଖର୍ଚ୍ଚ କରିବାକୁ ପଡ଼ିଛି। ବ୍ୟାଙ୍କଗୁଡ଼ିକର ବିଦେଶୀ ମୁଦ୍ରା ବିନିମୟ ବଜାରରେ ୧ ଡଲାରର କାରବାର ୯୫ ଟଙ୍କା ୫୭ ପଇସାରୁ ଆରମ୍ଭ ହୋଇଥିଲା। କିନ୍ତୁ କାରବାର ମଝିରେ ଏହା ସର୍ବକାଳୀନ ସର୍ବନିମ୍ନ ୯୫ ଟଙ୍କା ୭୪ ପଇସାକୁ ହ୍ରାସ ପାଇଥିଲା। କାରବାର ଶେଷବେଳକୁ ଏହା ୯୫ ଟଙ୍କା ୬୩ ପଇସାରେ ବନ୍ଦ ହୋଇଛି। ସୋମବାର ଟଙ୍କା ୭୯ ପଇସା ଦୁର୍ବଳ ହୋଇଥିଲା। ୧ ଡଲାର ମୂଲ୍ୟ ୯୫ ଟଙ୍କା ୨୮ ପଇସାରେ ବନ୍ଦ ହୋଇଥିଲା। ଅନ୍ୟପକ୍ଷରେ ଅଶୋଧିତ ତେଲ ଦର ଆଜି ୩.୦୯ ପ୍ରତିଶତ ବୃଦ୍ଧି ଘଟି ବ୍ୟାରେଲ ପିଛା ୧୦୭.୪୩ ଡଲାରରେ ପହଞ୍ଚିଛି। ଇରାନର ଶାନ୍ତି ପ୍ରସ୍ତାବକୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଖାରଜ କରିଦେବା ପରେ ମଧ୍ୟପ୍ରାଚ୍ୟକୁ ନେଇ ଅନିଶ୍ଚିତତା ଆହୁରି ବଢ଼ିଯାଇଛି। ଏଥିସହିତ ପ୍ରଧାନମନ୍ତ୍ରୀ ନିକଟରେ ପେଟ୍ରୋଲ, ଡିଜେଲ ବ୍ୟବହାର କମାଇବା ସହିତ ସୁନା କ୍ରୟ ଓ ବିଦେଶ ଭ୍ରମଣକୁ ବର୍ଷେ ପାଇଁ ସ୍ଥଗିତ ରଖିବା ଲାଗି ଦେଇଥିବା ମନ୍ତବ୍ୟ ମଧ୍ୟ ବଜାରରେ ଭୟ ସୃଷ୍ଟି କରିଛି। ଏଥିସହିତ ଅଶୋଧିତ ତେଲଦର ବୃଦ୍ଧି ସହିତ ଡଲାର ମଜଭୁତ ହେଉଥିବାରୁ ଟଙ୍କା ମୂଲ୍ୟ କମୁଛି ବୋଲି କିଛି ବିଶେଷଜ୍ଞ କହିଛନ୍ତି। ଉଲ୍ଲେଖଯୋଗ୍ୟ, ତେହେରାନ ଦେଇଥିବା ଶାନ୍ତି ପ୍ରସ୍ତାବକୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପ୍ରତ୍ୟାଖ୍ୟାନ କରିଦେବା ପରଦିନ କହିଛନ୍ତି ଯେ ଇରାନ ସହ ହୋଇଥିବା ଯୁଦ୍ଧବିରତି ସବୁଠୁ ଦୁର୍ବଳ ସ୍ତରରେ ଏବଂ ଜୀବନ ରକ୍ଷାକାରୀ ବ୍ୟବସ୍ଥାରେ ରହିଛି। ତାଙ୍କର ଏଭଳି ମନ୍ତବ୍ୟର ପ୍ରଭାବ ମୁଦ୍ରା ବିନିମୟଠାରୁ ଆରମ୍ଭ କରି ଅଶୋଧିତ ତେଲ ଏବଂ ପୁଞ୍ଜି ବଜାର ଆଦି ଉପରେ ପଡ଼ିଛି।



# ମୋଦିଙ୍କ ଆହ୍ୱାନ ସତ୍ତ୍ୱେ ବଢ଼ିଲା ସୁନା ଓ ରୁପା ଦର

ନୂଆଦିଲ୍ଲୀ, ୧୨।୫ଃ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସୁନା ନ କିଣିବାକୁ ଲୋକଙ୍କୁ ନିବେଦନ କରିବା ସତ୍ତ୍ୱେ, ଆଜି, ମେ ୧୨ ତାରିଖରେ ସୁନା ଓ ରୁପା ମୂଲ୍ୟ ବୃଦ୍ଧି ପାଇଛି। ଇଣ୍ଡିଆ ବୁଲିଅନ୍ ଆଣ୍ଡ୍ ଜୁଏଲର୍ସ ଆସୋସିଏସନ୍ (IBJA) ଅନୁଯାୟୀ,ଏକ କିଲୋଗ୍ରାମ ରୁପାର ମୂଲ୍ୟ ₹୧୧,୬୨୦ ବୃଦ୍ଧି ପାଇ ₹୨୬୭,୮୨୦ ଟଙ୍କା ହୋଇଛି। ପୂର୍ବରୁ, ସୋମବାର ଏହାର ମୂଲ୍ୟ କିଲୋଗ୍ରାମ ପ୍ରତି ₹୨.୫୬ ଲକ୍ଷ ଥିଲା। ସେହିପରି ୨୪ କ୍ୟାରେଟ୍ ସୁନାର ୧୦ ଗ୍ରାମ ମୂଲ୍ୟରେ ୧,୫୯୨ ଟଙ୍କା ବୃଦ୍ଧି ପାଇ ₹୧,୫୧,୯୫୪ ରେ ପହଞ୍ଚିଛି। ଯାହା ମେ ୧୧ ତାରିଖରେ ₹୧,୫୦,୩୬୨ ଥିଲା। ଗୋଲ୍ଡ ରିଟର୍ଣ୍ଣର ସୂଚନା ଅନୁସାରେ ବର୍ତ୍ତମାନ ଭୁବନେଶ୍ୱରରେ ୨୨ କ୍ୟାରେଟ ୧୦ ଗ୍ରାମ ସୁନା ଦର ୧ ଲକ୍ଷ ୧ ହଜାର ୧୫୦ ଟଙ୍କା ରହିଛି। ସେହିପରି ୨୪ କ୍ୟାରେଟ ସୁନା ଦର ଭରି ଦାମ ୧ ଲକ୍ଷ ୫୩ ହଜାର ୧୯୦ ଟଙ୍କାରେ ପହଞ୍ଚିଛି। ଚଳିତ ବର୍ଷ, ସୁନା ଏବଂ ରୁପାର ମୂଲ୍ୟରେ ନିୟମିତ ପରିବର୍ତ୍ତନ ହେଉଛି। ୨୦୨୬ ମସିହାରେ ଏପର୍ଯ୍ୟନ୍ତ ସୁନା ୧୮,୭୫୫ ଟଙ୍କା ଏବଂ ରୁପା ୩୭,୪୦୦ ଟଙ୍କା ବୃଦ୍ଧି ପାଇଛି। ୩୧ ଡିସେମ୍ବର ୨୦୨୫ରେ ୧୦ ଗ୍ରାମ ସୁନାର ମୂଲ୍ୟ ୧.୩୩ ଲକ୍ଷ ଟଙ୍କା ଥିଲା, ଯାହା ଏବେ ୧.୫୨ ଲକ୍ଷ ଟଙ୍କାରେ ପହଞ୍ଚିଛି।

ଏହି ଅବଧି ମଧ୍ୟରେ ରୁପା ମୂଲ୍ୟରେ ମଧ୍ୟ ଜବରଦସ୍ତ ବୃଦ୍ଧି ଘଟିଛି। ଗତବର୍ଷ ଡିସେମ୍ବର ୩୧ ତାରିଖରେ ରୁପା ମୂଲ୍ୟ ପ୍ରତି କିଲୋଗ୍ରାମ ୨.୩୦ ଲକ୍ଷ ଟଙ୍କା ଥିଲା, ଏବେ ଏହା ୨.୬୮ ଲକ୍ଷ ଟଙ୍କାରେ ପହଞ୍ଚିଛି। ତେବେ ଚଳିତ ବର୍ଷ ଜାନୁଆରୀ ମାସରେ ସୁନା ଓ ରୁପା ସର୍ବୋଚ୍ଚ ସ୍ତରରେ ପହଞ୍ଚିଥିଲା। ଜାନୁଆରୀ ୨୯ ତାରିଖରେ ସୁନା ₹୧.୭୬ ଲକ୍ଷ ଏବଂ ରୁପା ୩.୮୬ ଲକ୍ଷର ସର୍ବକାଳୀନ ସର୍ବାଧିକ ମୂଲ୍ୟ ହାସଲ କରିଥିଲା। ପଶ୍ଚିମ ଏସିଆ ସଙ୍କଟ ମଧ୍ୟରେ ପ୍ରଧାନମନ୍ତ୍ରୀ



ନରେନ୍ଦ୍ର ମୋଦୀ ରବିବାର (୧୦ ମେ,୨୦୨୬) ସମସ୍ତ ଭାରତୀୟ ନାଗରିକଙ୍କୁ ପେଟ୍ରୋଲିୟମ ଉତ୍ପାଦଗୁଡ଼ିକୁ କମ୍ ବ୍ୟବହାର କରିବାକୁ ଅନୁରୋଧ କରିଛନ୍ତି। ତା' ସହିତ ବର୍ଷକ ପାଇଁ ସୁନା ନ କଣିବାକୁ ମଧ୍ୟ ଆହ୍ୱାନ ଦେଇଥିଲେ। ପିଏମ୍ କହିଥିଲେ ଯେ ଦିନ ଥିଲା ଦେଶ ହିତ ପାଇଁ ଲୋକେ ସୁନା ଦାନ କରୁଥିଲେ। ହେଲେ ଏବେ ସମୟ ଆସିଛି ସୁନା ଦାନ କରିବାର ନୁହେଁ, ସୁନା ନ କିଣିବାର। ଯେହେତୁ ଭାରତ ସୁନା ବିଦେଶରୁ ଆମଦାନୀ କରୁଛି, ତେଣୁ ଅଧିକ ସୁନା ଆମଦାନୀ କରିବା ଦ୍ୱାରା ବିଦେଶୀ ମୁଦ୍ରା ଖର୍ଚ୍ଚ କରିବାକୁ ପଡୁଛି। ମିଡିଆ ରିପୋର୍ଟ ଅନୁସାରେ, ଆର୍ଥିକ ବର୍ଷ ୨୦୨୫ ରେ ସୁନା ଆମଦାନୀ ୫୮ ବିଲିୟନ ଡଲାରରୁ ବୃଦ୍ଧି ପାଇ ୨୦୨୬ ରେ ୭୨ ବିଲିୟନ ଡଲାର ହୋଇଛି। ତେଣୁ ବର୍ଷକ ପାଇ ସୁନା ନ କିଣିବାକୁ ଦେଶବାସୀଙ୍କୁ ଆହ୍ୱାନ ଦେଇଛନ୍ତି ପ୍ରଧାନମନ୍ତ୍ରୀ। ସେହିଭଳି ପେଟ୍ରୋଲ, ଡିଜେଲ ଓ ସାର ଆଦିର କମ ବ୍ୟବହାର କରିବାକୁ ମୋଦୀ ଆହ୍ୱାନ ଦେଇଛନ୍ତି।

# ଲିମିଟ୍‌ଠାରୁ ପକାଇପାରିବେନି ଅଧିକ ତେଲ

ଭୁବନେଶ୍ୱର,୧୨।୫ଃ ଭୁବନେଶ୍ୱରରେ ମଧ୍ୟ ତେଲକୁ ନେଇ ଦେଖାଦେଇଛି ସମସ୍ୟା। ଅନେକ ଟାଙ୍କିରେ ତେଲ ସରିବା ପରେ ଟାଙ୍କିକୁ ତେଲ ଆସୁଛି। ଏଥିପାଇଁ ୪ରୁ ୫ ଘଣ୍ଟା ମଧ୍ୟ ଅପେକ୍ଷା କରିବାକୁ ପଡୁଛି। ପୂର୍ବରୁ ଷ୍ଟକ ସରିବା ପୂର୍ବରୁ ତେଲ ଟାଙ୍କିରେ ଲୋଡ ହେଉଥିଲା ବର୍ତ୍ତମାନ ତାହା ହେଉ ନାହିଁ। ଚାରି ଚକିଆ ବାହାନ ପାଇଁ ୪୫ ରୁ ୫୦ ଲିଟର ତେଲ ଦେବା ପାଇଁ ପେଟ୍ରୋଲ ପମ୍ପ ଗୁଡିକକୁ ନିର୍ଦ୍ଦେଶ ହୋଇଛି। ଏପଟେ ପ୍ରଧାନମନ୍ତ୍ରୀଙ୍କ ଆହ୍‌ୱାନ ମଧ୍ୟ ଲୋକଙ୍କୁ ଚିନ୍ତାରେ ପକେଇଛି। ପେଟ୍ରୋଲ ଓ ଡିଜେଲକୁ ନେଇ ଟାଙ୍କିମାନଙ୍କୁ ଆସିଛି ନିର୍ଦ୍ଦେଶ। ଚାରି ଚକିଆ ବାହାନକୁ ୪୫ ରୁ ୫୦ ଲିଟର ପର୍ଯ୍ୟନ୍ତ ତେଲ ଦିଆଯିବ। ତା ଠାରୁ ଅଧିକ କାହାକୁ ତେଲ ନ ଦେବା ପାଇଁ ନିର୍ଦ୍ଦେଶ ହୋଇଛି। ସେପରି ବସ ଓ ଟ୍ରକ ପାଇଁ ଡିଜେଲ ଦେବାକୁ ନେଇ ମଧ୍ୟ ଲିମିଟ୍ କରାଯାଇଛି। ୪୦୦ରୁ ୫୦୦ ଲିଟର ଡିଜେଲରୁ



ଅଧିକ ଦିଆଯିବ ନାହିଁ। ଯଦି କୌଣସି ଟାଙ୍କି ଅଧିକ କେଉଁ ଗାଡିକୁ ଦେଉଛନ୍ତି ତେବେ ଟାଙ୍କି ଲକ୍ ହେଇଯାଉଛି। ତେଣୁ ଏହି ନିୟମକୁ କଡାକଡି ପାଳନ କରିବା ପାଇଁ ନିର୍ଦ୍ଦେଶ ରହିଛି। ଆନ୍ଧ୍ରରେ ଅନେକ ପେଟ୍ରୋଲ ପମ୍ପରେ ତେଲ ନଥିବା ବେଳେ ଓଡିଶାରେ ଅନେକ ସ୍ଥାନରେ ପେଟ୍ରୋଲ ନଥିବା ପରି ସମସ୍ୟା ସାମନାକୁ ଆସିଛି। ଗତ ୨୪ ଘଣ୍ଟା ମଧ୍ୟରେ ଦ୍ୱିତୀୟ ଥର ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଶବାସୀଙ୍କୁ ତେଲ ସଞ୍ଚୟ କରିବାକୁ ନିବେଦନ କରିଥିଲେ। ଭଦୋଦରାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ସେ କହିଥିଲେ, ପଶ୍ଚିମ ଏସିଆରେ ଚାଲିଥିବା ସଂଘର୍ଷ ଗତ କିଛି ବର୍ଷ ମଧ୍ୟରେ ସବୁଠାରୁ ଗମ୍ଭୀର ସଙ୍କଟ ମଧ୍ୟରୁ ଗୋଟିଏ। ସେ ବିଶ୍ୱାସ ପ୍ରକାଶ କରିଛନ୍ତି ଯେ ଯେପରି ଭାରତ କରୋନା ମହାମାରୀରୁ ସଫଳତାର ସହ ବାହାରିଛି ଏବଂ ଆଗକୁ ବଢ଼ିଛି, ସେହିପରି ମଧ୍ୟ ଏହି ସଙ୍କଟରୁ ବାହାରି ଆସିବ।

# ଏପ୍ରିଲରେ ବଢ଼ିଲା ଖୁଚୁରା ମୁଦ୍ରାସ୍ଫୀତି

ନୂଆଦିଲ୍ଲୀ,୧୧।୫ଃ ବିଭିନ୍ନ ଖାଦ୍ୟ ସାମଗ୍ରୀର ମୂଲ୍ୟ ବୃଦ୍ଧି ଯୋଗୁ ଏପ୍ରିଲ ମାସରେ ଖୁଚୁରା ମୁଦ୍ରାସ୍ଫୀତିରେ ସାମାନ୍ୟ ବୃଦ୍ଧି ଘଟିଛି। ଏପ୍ରିଲରେ ଖୁଚୁରା ମୁଦ୍ରାସ୍ଫୀତି ୦.୦୮ ପ୍ରତିଶତକୁ ବୃଦ୍ଧି ପାଇଛି। ଅବଶ୍ୟ ମୁଦ୍ରାସ୍ଫୀତି ଏବେବି RBIର ଧାର୍ଯ୍ୟ ସୀମା ବା ଟଲରାନ୍ସ ଲେବୁଲ ସ୍ତର ୪ ପ୍ରତିଶତ ତଳେ ରହିଛି। ତେବେ ବଡ଼ କଥା ହେଲା ଅକ୍ଟୋବରଠାରୁ ମୁଦ୍ରାସ୍ଫୀତି କ୍ରମାଗତ ଭାବରେ ବୃଦ୍ଧି ପାଉଛି। ବିଶେଷଜ୍ଞଙ୍କ ମତରେ ଯଦି ମଧ୍ୟପ୍ରାଚ୍ୟ ସଙ୍କଟ ଦୀର୍ଘ ସମୟ ଧରି ଜାରି ରହେ, ତେବେ ଆଗାମୀ ଦିନରେ ମୁଦ୍ରାସ୍ଫୀତିରେ ବଡ଼ ବୃଦ୍ଧି ଦେଖିବାକୁ ମିଳିବ। ସରକାରୀ ତଥ୍ୟ ଅନୁସାରେ, ଦେଶରେ ଖୁଚୁରା ମୁଦ୍ରାସ୍ଫୀତି ଏପ୍ରିଲ ମାସରେ ୩.୪୮% ସ୍ତରରେ ପହଞ୍ଚିଛି। ଏହା ପୂର୍ବରୁ ମାର୍ଚ୍ଚରେ ଏହା ୩.୪୦% ରହିଥିଲା। ବଡ଼ କଥା ହେଲା ୨୦୨୫ ଅକ୍ଟୋବରରେ ଖୁଚୁରା ମୁଦ୍ରାସ୍ଫୀତି ୦.୨୫ ପ୍ରତିଶତରେ ପହଞ୍ଚିଥିଲା। ହେଲେ ଏହା ପରଠାରୁ କିନ୍ତୁ ଲଗାତାର ବଢ଼ିବାରେ ଲାଗିଛି। ନଭେମ୍ବରରେ ଏହା ୦.୭୧ ପ୍ରତିଶତ, ଡିସେମ୍ବରରେ ୧.୩୩ ପ୍ରତିଶତ, ଜାନୁଆରୀରେ



୨.୭୪ ପ୍ରତିଶତ, ଫେବୃଆରୀରେ ୩.୨୧ ପ୍ରତିଶତରେ ପହଞ୍ଚିଥିଲା। ଖୁଚୁରା ମୁଦ୍ରାସ୍ଫୀତି ବୃଦ୍ଧିର ମୁଖ୍ୟ କାରଣ ହେଉଛି ଖାଦ୍ୟ ପଦାର୍ଥର ଦାମ୍ ବୃଦ୍ଧି। ୨୦୨୫ ଏପ୍ରିଲ ତୁଳନାରେ ୨୦୨୬ ଏପ୍ରିଲରେ ସର୍ବଭାରତୀୟ ଗ୍ରାହକ ଖାଦ୍ୟ ମୂଲ୍ୟ ସୂଚକାଙ୍କ, ୪.୨୦ ପ୍ରତିଶତ ରହିଛି। ସେହିଭଳି ଗ୍ରାମୀଣ ଏବଂ ସହରାଞ୍ଚଳ ପାଇଁ ଅନୁରୂପ ମୁଦ୍ରାସ୍ଫୀତି ହାର ଯଥାକ୍ରମେ ୪.୨୬ ପ୍ରତିଶତ ଏବଂ ୪.୧୦ ପ୍ରତିଶତ ରହିଛି। ଏହାର ଅର୍ଥ ସହରାଞ୍ଚଳ ତୁଳନାରେ ଗ୍ରାମାଞ୍ଚଳରେ ଖାଦ୍ୟ ମୁଦ୍ରାସ୍ଫୀତି ଅଧିକ ବୃଦ୍ଧି ପାଇଛି। ଉଲ୍ଲେଖଯୋଗ୍ୟ, ମାର୍ଚ୍ଚ ମାସରେ ଖାଦ୍ୟ ମୁଦ୍ରାସ୍ଫୀତି ୩.୮୭ ପ୍ରତିଶତ ଥିଲା।



# ଆଜିର ସୁନା ଦର

ଗହଣା କିଣିବା ପୂର୍ବରୁ ନଜର ପକାନ୍ତୁ କେଉଁ ସହରରେ କେତେ ରହିଛି ସୁନା ଦର । ତବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜିର ସୁନା ଦର। ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୫୨,୪୬୦ ଟଙ୍କା ରହିଛି । ସେହିପରି ୨୨ କ୍ୟାରେଟ ସୁନା ଦର ୧,୩୯,୭୫୦ ଟଙ୍କା ଛୁଇଁଛି । ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୫୨,୪୬୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ ସୁନାର ମୂଲ୍ୟ ହଜାର ୧,୩୯,୭୫୦ ଟଙ୍କାକୁ ପହଞ୍ଚିଛି । ସେହିପରି ମୁମ୍ବାଇରେ ୨୪ କ୍ୟାରେଟ ମୂଲ୍ୟ ୧,୫୨,୪୬୦ ଟଙ୍କା ଓ ୨୨ କ୍ୟାରେଟ ମୂଲ୍ୟ ୧,୩୯,୭୫୦ ଟଙ୍କା ରହିଛି । ନୂଆଦିଲ୍ଲୀରେ ୨୪ କ୍ୟାରଟେ୍ ୧,୫୨,୩୯୦ ଟଙ୍କା ଓ ୨୨ କ୍ୟାରେଟ ୧,୩୯,୯୦୦ ଟଙ୍କା ରହିଛି । ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରଟେ ମୂଲ୍ୟ ୧,୫୩,୮୩୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧,୪୧,୦୧୦ ଟଙ୍କା ରହିଛି । ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୫୨,୪୬୦ ଓ ୨୨ କ୍ୟାରଟ ମୂଲ୍ୟ ୧,୩୯,୭୫୦ ଟଙ୍କା ରହିଛି । ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୨,୭୦,୦୦୦ ଟଙ୍କା ହୋଇଛି ।



# ଆଜିର ପେଟ୍ରୋଲ, ଡିଜେଲ୍ ଦର

ଗାଡ଼ିରେ ପେଟ୍ରୋଲ କିମ୍ବା ଡିଜେଲ ପକାଇବା ପୂର୍ବରୁ ଜାଣି ନିଅନ୍ତୁ ଦର । ପ୍ରତିଦିନ ତେଲର ନୂଆ ଦର ନିର୍ଦ୍ଧାରଣ କରାଯାଇଥାଏ । ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୦.୯୪ ଟଙ୍କା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨.୫୨ ପଇସା ରହିଛି । ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି । ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୪ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି । ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫.୪୫ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୦୨ ପଇସା ରହିଛି । ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୮୪ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୮୧ ପଇସା ରହିଛି ।

## ନାଭିଦତ୍ୟ ଦିଗାଲଙ୍କୁ ଜାତୀୟ ଉତ୍କଳ ସନ୍ଥକବି ଭୀମଭୋଇ କାବ୍ୟ ରୌପ୍ୟ ରତ୍ନ ସମ୍ମାନ



**ଫୁଲବାଣୀ,୧୨।୫ (ସଂଚାର ବ୍ୟୁରୋ):** ଝାରସୁଗୁଡା ଜିଲ୍ଲାର ଜିଲ୍ଲା ସଂସ୍କୃତି ଭବନଠାରେ ଏକାଦଶତମ ରାଜ୍ୟ ସ୍ତରୀୟ ବାର୍ଷିକ ଉତ୍ସବ ୨୦୨୬ ଓଡ଼ିଶା ସାହିତ୍ୟ ଏକାଡେମୀ ଭୁବନେଶ୍ୱର, ଓଡ଼ିଶା ଏବଂ ଓଡିଶା ସାହିତ୍ୟିକ ସଂଗଠନ ଭୁବନେଶ୍ୱର, ଓଡିଶା ତରଫରୁ ମୁଖ୍ୟ ଅତିଥି ତଥା ଉଦ୍ ଘାଟକ ମାନ୍ୟବର ବିଧାୟକ ଟଙ୍କଧର ତ୍ରିପାଠୀ ଝାରସୁଗୁଡା, ସ୍ୱତନ୍ତ୍ର ସମ୍ମାନୀୟ ଅଧିକାରୀ କୁନାଲ ମୋତିରାମ ଚୌହାନ ଆଇଏଏସ୍ ଜିଲ୍ଲାପାଳ ଝାରସୁଗୁଡା, ସଭାପତି ଡା. ନବକିଶୋର ସତପଥୀ, ଚିକିତ୍ସକ ତଥା ବିଶିଷ୍ଟ ସ୍ତମ୍ଭକାର ଭୁବନେଶ୍ୱରଙ୍କ ତତ୍ତ୍ୱାବଧାନରେ ଈଶାନ ଚନ୍ଦ୍ର ମିଶ୍ର, ଏକାମ୍ର ବାଘ, ଅନନ୍ତ ରାମ ସାହୁ ଗୀତାଞ୍ଜଳି ମହାପାତ୍ର, ନିରଞ୍ଜନ ପଣ୍ଡା, ଅରୁଣ କୁମାର ପାତ୍ର,ଦେବରାଜ ଛତ୍ରିଆ,ସ୍ୱର୍ଣ୍ଣଲତା ଲେଙ୍କା, ବିଷ୍ଣୁ ପ୍ରସାଦ ତ୍ରିପାଠୀ, ରାଜ୍ୟ ମୁଖ୍ୟ ସଂପାଦକ ତଥା ମୁଖ୍ୟ ପରିଚାଳକ ଡଃ ମଙ୍ଗୁଲୁ କୁମାର ଦାସଙ୍କ ଉପସ୍ଥିତିରେ ଏକ ଦିବସୀୟ ଆଲୋଚନା ଚକ୍ର, କବିତା ପାଠୋତ୍ସବ, ପୁସ୍ତକ ଉନ୍ମୋଚନ ଭଳି ଭାଷା, ସାହିତ୍ୟ, ସସ୍କୃତି ଓଡ଼ିଆ ଅସ୍ମିତାର ଗତ ୧୦ ତାରିଖ ରବିବାର ଦିନ କାର୍ଯ୍ୟକ୍ରମ ଅନୁଷ୍ଠିତ କରାଯାଇଥିଲା। କାର୍ଯ୍ୟକ୍ରମରେ ପୁଷ୍ପାଞ୍ଜଳି ପଣ୍ଡା ଓ ଡଃ କୈବଲ୍ୟ ଚନ୍ଦ୍ର ମିଶ୍ର ସଂଯୋଜନା ଦାୟିତ୍ୱ ସଂପାଦନା କରିଥିଲେ ଏହି ୧୧ ତମ ରାଜ୍ୟ ସ୍ତରୀୟ ବାର୍ଷିକ ଉତ୍ସବ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଉପାନ୍ତ ଅଞ୍ଚଳ କନ୍ଧମାଳ ଜିଲ୍ଲାର କବି ନାଭିଦତ୍ୟ ଦିଗାଲଙ୍କୁ ଜାତୀୟ ଉତ୍କଳ ସନ୍ଥକବି ଭୀମଭୋଇ କାବ୍ୟ ରୌପ୍ୟ ରତ୍ନ ସମ୍ମାନରେ ସମ୍ମାନିତ କରାଯାଇଛି।

## ଖପୁରି କଛାର ଗ୍ରାମବାସୀଙ୍କୁ ଏନଟିପିସି ତୁଲଙ୍ଗା କର୍ତ୍ତୃପକ୍ଷଙ୍କ ପ୍ରତିଶ୍ରୁତି



**ସୁନ୍ଦରଗଡ଼,୧୨।୫ (ସଂଚାର ବ୍ୟୁରୋ):** ମେ ୧୧ ତାରିଖ ସୋମବାର ଦିନ ସୁନ୍ଦରଗଡ ବିଧାୟକ ଯୋଗେଶ କୁମାର ସିଂଙ୍କ ତତ୍ତ୍ୱାବଧାନରେ ହେମଗିର ତହସିଲଦାର, ଏସଡ଼ିପିଓ ସୁନ୍ଦରଗଡ଼, ହେମଗିର ଥାନା ଅଧିକାରୀ, ସାନଘୁମୁଡ଼ା ସରପଞ୍ଚ, ଏନଟିପିସି ତୁଲଙ୍ଗା କୋଇଲା ଖଣି କର୍ତ୍ତୃପକ୍ଷ ଜିଏମ, ଏଜିଏମ, ଡ଼ିଜିଏମ ଓ ଖପୁରି କଛାର ଗ୍ରାମବାସୀଙ୍କ ଉପସ୍ଥିତିରେ ତାଙ୍କର ଷ୍ଟକଚର ପେମେଣ୍ଟ ପାଇଁ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଉକ୍ତ ବୈଠକରେ ଉପସ୍ଥିତ ଗ୍ରାମବାସୀଙ୍କ ଦାବି ହେତୁ ବିଧାୟକଙ୍କ ନିର୍ଦ୍ଦେଶ କ୍ରମେ ଜୁନ ୧ ତାରିଖ ସୁଦ୍ଧା ଏନଟିପିସି କର୍ତ୍ତୃପକ୍ଷ ଷ୍ଟକଚର ପେମେଣ୍ଟ ଦେଇ ପ୍ରକ୍ରିୟା ସମ୍ପୂର୍ଣ୍ଣ କରିବା ପାଇଁ ଧାର୍ଯ୍ୟ କରାଯାଇଛି। ଜୁନ ୧ ତାରିଖ ସୁଦ୍ଧା ସମସ୍ତ ହିତାଧିକାରୀଙ୍କ ଯାହା ଆରପିଡ଼ିଏସି ନିୟମ ଅନୁସାରେ ସ୍ଥିର କରାଯାଇଛି ସେହି ମୂଲ୍ୟକୁ ତହସିଲ ଅଫିସରେ ଜମା କରିବେ ବୋଲି ଏନଟିପିସି କର୍ତ୍ତୃପକ୍ଷ ପ୍ରତିଶ୍ରୁତି ଦେଇଥିଲେ ।

## ଚୋରା ବାଲି ଓ ପଥର ମାଫିଆଙ୍କ ଉପରେ ପ୍ରଶାସନର କଡ଼ା କାର୍ଯ୍ୟାନୁଷ୍ଠାନ



**ସତ୍ୟବାଦୀ,୧୨।୫ (ସଂଚାର ବ୍ୟୁରୋ):** ସତ୍ୟବାଦୀ ଅଞ୍ଚଳରେ ବେଆଇନ ଚୋରା ବାଲି ଓ ପଥର ଚାଲାଣକୁ ରୋକିବା ପାଇଁ ପ୍ରଶାସନ ପକ୍ଷରୁ କଡ଼ା ଅଭିଯାନ ଜାରି ରହିଛି। ଦୁଇ ମାସ ମଧ୍ୟରେ ୧୦୦ରୁ ଅଧିକ ଚୋରା ବାଲି ଓ ପଥର ବୋଝେଇ ଟ୍ରକ ଜବତ କରାଯାଇଥିବା ସତ୍ତ୍ୱେ ମାଫିଆଙ୍କ କାର୍ଯ୍ୟକଳାପ କମିବାର ନାଁ ନେଉନଥିବା ଅଭିଯୋଗ ହେଉଛି। ସତ୍ୟବାଦୀ ତହସିଲ ଓ ପୋଲିସର ପ୍ରଶାସନର ସଂଯୁକ୍ତ ଚଢ଼ାଉରେ ଭୁବନେଶ୍ୱର- ପୁରୀ ୩୧୬ ନମ୍ବର ଜାତୀୟ ରାଜପଥ ଏବଂ ପୁରୀ- ଖୋର୍ଦ୍ଧା ନୂଆ ଜଗନ୍ନାଥ ସଡକର ବିଭିନ୍ନ ସ୍ଥାନରୁ ୧୦ରୁ ଅଧିକ ଚୋରା ବାଲି ଓ ପଥର ଚାଲାଣ ଗାଡ଼ି ଜବତ କରାଯାଇଛି।

ସୂଚନାନୁଯାୟୀ, ସତ୍ୟବାଦୀ ତହସିଲଦାର ସନ୍ତୋଷ କୁମାର ପାଣିଗ୍ରାହୀ, ଅତିରିକ୍ତ ତହସିଲଦାର ଓମ ପ୍ରକାଶ ପରିଡା ଓ ସତ୍ୟବାଦୀ ଥାନା ଅଧିକାରୀ ସୌମ୍ୟ ରଞ୍ଜନ ମହାଲିକଙ୍କ ନେତୃତ୍ୱରେ ଏକ ଚଢ଼ାଉ କରାଯାଇଥିଲା। ବେଆଇନ ଭାବେ ବାଲି ଓ ପଥର ଚାଲାଣ କରାଯାଉଥିବା ବେଳେ ପ୍ରଶାସନ ଗାଡ଼ିଗୁଡ଼ିକୁ ଜବତ କରିଥିଲା। ଜବତ ଗାଡ଼ିଗୁଡ଼ିକୁ ସତ୍ୟବାଦୀ ଥାନା ସମ୍ମୁଖରେ ଲମ୍ବା ଧାଡ଼ିରେ ରଖାଯାଇଥିବା ଦେଖିବାକୁ ମିଳିଛି। ଅନ୍ୟପଟେ, ସତ୍ୟବାଦୀ ଗବକୁଣ୍ଡ ନିକଟସ୍ଥ ଭାର୍ଗବୀ ନଦୀ ପଠାରେ ବେଆଇନ ବାଲି ଓ ମାଟି ଚାଲାଣକୁ ରୋକିବା ପାଇଁ ପ୍ରଶାସନ ପକ୍ଷରୁ ଧାରା ୧୬୩ ଲାଗୁ କରାଯାଇଛି। ପ୍ରଶାସନର ଏହି ପଦକ୍ଷେପ ଚୋରା ଖଣିଜ ଚାଲାଣ ଉପରେ ରୋକ ଲଗାଇବାରେ ସହାୟକ ହେବ ବୋଲି ସ୍ଥାନୀୟ ମହଲରେ ଆଶା ପ୍ରକାଶ ପାଇଛି।

## ଟାଟା ଷ୍ଟିଲ୍ ପକ୍ଷରୁ ଜନଜାତି ଐତିହ୍ୟ ସଂରକ୍ଷଣ ପାଇଁ

# 'ସଂବାଦ ଫେଲୋସିପ୍'ର ୧୦ମ ସଂସ୍କରଣ ଶୁଭାରମ୍ଭ



**ଯାଜପୁର,୧୨।୫ (ସଂଚାର ବ୍ୟୁରୋ):** ଟାଟା ଷ୍ଟିଲ୍ ଫାଉଣ୍ଡେସନ (ଟିଏସଏଫ) ପକ୍ଷରୁ ଗୋବରଘାଟି ଫେଜ୍-୨ ସ୍ଥିତ ଆଦିବାସୀ ଯୁଥ କ୍ଲବ୍‌ଠାରେ 'ସଂବାଦ ଫେଲୋସିପ୍'ର ୧୦ମ ସଂସ୍କରଣ ଶୁଭାରମ୍ଭ ହୋଇଯାଇଛି। ୨୦୧୭ ମସିହାରେ ଆରମ୍ଭ ହୋଇଥିଲା 'ସଂବାଦ ଫେଲୋସିପ୍', । ଏହି ଅବସରରେ ଯାଜପୁର ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷ ରାଜେନ୍ଦ୍ର ଜାଲୁଣ୍ଡିଆ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସ୍ଥାନୀୟ ପରମ୍ପରାକୁ ସୁରକ୍ଷିତ ରଖିବାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ।

ଅନ୍ୟମାନଙ୍କ ମଧ୍ୟରେ ଟାଟା ଷ୍ଟିଲ୍ କଳିଙ୍ଗନଗରର ପୁନର୍ବାସ ଓ ଥଇଥାନ ବିଭାଗ ମୁଖ୍ୟ ରଶ୍ମିରଞ୍ଜନ ନାୟକ ଏବଂ ଟିଏସଏଫ କଳିଙ୍ଗନଗର ଇଞ୍ଚାର୍ଜ କୁନ୍ତଳ ମୁଖ୍ୟ ଦେବାଞ୍ଜନ ମୁଖାର୍ଜୀଙ୍କ ସମେତ ଟାଟା ଷ୍ଟିଲ୍ ଓ ଟିଏସଏଫର ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ଜନଜାତି ଭାଷା ଶିକ୍ଷକ, ସଂବାଦ ଫେଲୋ ଏବଂ ପୂର୍ବତନ ସଦସ୍ୟ, ନୀଳାଚଳ ଇସ୍ପାତ ନିଗମ (ଏନଆଇଏନଏଲ)ର ପ୍ରତିନିଧି ଏବଂ କଳିଙ୍ଗନଗର ୱାର୍କ କମିଟିର ସଦସ୍ୟଙ୍କ ସମେତ ପ୍ରାୟ ୧୨୦ ଜଣ କମ୍ୟୁନିଟି ମେମ୍ବର ଅଂଶଗ୍ରହଣ କରିଥିଲେ।

ମୁଖ୍ୟତଃ ଦାନଗଡି, ବ୍ରାହ୍ମଣୀପାଳ ଏବଂ ସୁକିନ୍ଦା ଅଞ୍ଚଳର ୨୪ଟି ପଞ୍ଚାୟତରୁ ୧୮ ରୁ ୩୫ ବର୍ଷ ବୟସ୍କ ଜନଜାତି ଯୁବବର୍ଗ ଏକତ୍ରିତ ହୋଇ ନିଜର ସମୃଦ୍ଧ ଐତିହ୍ୟକୁ ଆଗାମୀ ପିଢ଼ି ପାଇଁ ଏକ ଜୀବନ୍ତ ପରମ୍ପରା ଭାବେ ବଞ୍ଚାଇ ରଖିବାର ଚିନ୍ତାଧାରା ବିଷୟରେ ଆଲୋଚନା କରିବା ସହ କାର୍ଯ୍ୟ ପ୍ରଣାଳୀ ପ୍ରସ୍ତୁତ କରିଥିଲେ। ଗତ ୧୦ ବର୍ଷ ମଧ୍ୟରେ, ଏହି ଫେଲୋସିପ୍ ୬୪ ଜଣ ଫେଲୋଙ୍କୁ ସହାୟତା ପ୍ରଦାନ କରିବା ସହ ୩୩୪ ଟି ସାହିତ୍ୟିକ ରଚନା, ୩୨ ଟି ସଙ୍ଗୀତ, ୧୧ ଟି ପ୍ରାମାଣିକ ଚଳଚ୍ଚିତ୍ର ଏବଂ ଦୁଇଟି ସ୍ଥାନୀୟ ଅଞ୍ଚଳର ଐତିହ୍ୟ ଅନୁଷ୍ଠାନ ଗଠନରେ ସହାୟକ ହୋଇଛି।

# ମେଡିକାଲ୍ ରାସ୍ତା ହେଉଛି ସଙ୍କୋଚିତ



**ଆନନ୍ଦପୁର,୧୨।୫ (ସଂଚାର ବ୍ୟୁରୋ):** ମେଡ଼ିକାଲ୍ ରାସ୍ତା ଧୀରେ ଧୀରେ ହେଉଛି ସଙ୍କୋଚିତ। ଘଷିପୁରା ରେ ଜବର ଦଖଲ ଉଚ୍ଛେଦ କେବେ ? ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତା ଏବେ ଜବରଦଖଲକାରୀଙ୍କ କବଜାରେ ଥିବା ଅଭିଯୋଗ ହୋଇଛି। ରାସ୍ତା ସଙ୍କୁଚିତ ହେବା ଫଳରେ ଯାତାୟତ ବାଧାପ୍ରାପ୍ତ ହେଉଥିବା ବେଳେ ପ୍ରତିଦିନ ଦୁର୍ଘଟଣା ଆଶଙ୍କା ବଢୁଛି। ସ୍ଥାନୀୟ ଲୋକେ ତୁରନ୍ତ ଉଚ୍ଛେଦ ଦାବୀ କରିଛନ୍ତି। କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟକୁ ଯିବା ପାଇଁ ଥିବା ମୁଖ୍ୟ ରାସ୍ତା ଏବେ ସମସ୍ୟାର କାରଣ ପାଲଟିଛି।

ଝାଡେଶ୍ୱର୍ ହାଇସ୍କୁଲ ସମ୍ମୁଖରେ ଥିବା ଏହି ରାସ୍ତା ଦୀର୍ଘ ଦିନ ଧରି ଜବର ଦଖଲକାରୀଙ୍କ କବଜାରେ ରହିଥିବା ଅଭିଯୋଗ ହେଉଛି।

### ଘଷିପୁରାରେ ଜବରଦଖଲ ଉଚ୍ଛେଦ କେବେ ?

ଉଭୟ ପାର୍ଶ୍ୱରେ ଦୋକାନ, ଅସ୍ଥାୟୀ ନିର୍ମାଣ ଓ ଅନ୍ୟାନ୍ୟ ଦଖଲ କାରଣରୁ ରାସ୍ତା ଦିନକୁ ଦିନ ସଙ୍କୁଚିତ ହେବାରେ ଲାଗିଛି। ଏହି ରାସ୍ତା ଦେଇ ପ୍ରତିଦିନ ରୋଗୀ, ଆମ୍ବୁଲାନ୍ସ, ଡାକ୍ତର ଓ ସାଧାରଣ ଲୋକ ଯାତାୟତ କରୁଥିବା ବେଳେ ରାସ୍ତା ସଙ୍କୁଚିତ ହୋଇଯାଇଥିବାରୁ ଅନେକ ସମୟରେ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି। ବିଶେଷ କରି ଜରୁରୀକାଳୀନ ସମୟରେ ଆମ୍ବୁଲାନ୍ସ ଯାତାୟତରେ ବାଧା ସୃଷ୍ଟି ହେଉଥିବା ନେଇ ସ୍ଥାନୀୟ ଲୋକ ଅସନ୍ତୋଷ ପ୍ରକାଶ କରିଛନ୍ତି।

ସାଧାରଣ ଲୋକଙ୍କ କହିବା ଅନୁଯାୟୀ, ଯଦି ଶୀଘ୍ର ଜବର ଦଖଲ ଉଚ୍ଛେଦ କରାନଯାଏ, ତେବେ ଆଗାମୀ ଦିନରେ ବଡ଼ ଧରଣର ଦୁର୍ଘଟଣା ଘଟିପାରେ। ତେଣୁ ପ୍ରଶାସନ ତୁରନ୍ତ ଦୃଷ୍ଟି ଦେଇ ରାସ୍ତାକୁ ଜବରଦଖଲ ମୁକ୍ତ କରିବା ପାଇଁ ସ୍ଥାନୀୟ ଅଞ୍ଚଳବାସୀ ଦାବୀ କରିଛନ୍ତି।

## ଗଞ୍ଜେଇ ସହ ସ୍କର୍ପିଓ ଜବତ, ଦୁଇ ଗିରଫ



**ଫୁଲବାଣୀ,୧୨।୫ (ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲା ବାଲିଗୁଡା ପୋଲିସକୁ ଗଞ୍ଜେଇ ବିରୋଧୀ ଅଭିଯାନରେ ଆଉ ଏକ ସଫଳତା ମିଳିଛି। ବିଶ୍ୱସନୀୟ ସୂଚନା ଆଧାରରେ ବାଲିଗୁଡା ଥାନା ପୋଲିସ ପାଟ୍ରୋଲିଂ କରୁଥିବା ସମୟରେ ୮୧ କେଜି ଗଞ୍ଜେଇ ସହ ଏକ ସ୍କର୍ପିଓ ଗାଡି ଜବତ କରିଥିବା ବେଳେ ଏହି ଘଟଣାରେ ସଂଶ୍ଲିଷ୍ଟ ଥିବା ନୟାଗଡ ଜିଲ୍ଲା ଫତେଗଡ଼ ଥାନା ଅନ୍ତର୍ଗତ ଦାଣ୍ଡାଶାସି ଅଞ୍ଚଳ ର ଲୋକନାଥ ରାଉତ (୩୪) ଏବଂ ଦେବ ପ୍ରସାଦ ସ୍ୱାଇଁ (୩୭) ଦୁଇ ଜଣଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ପୋଲିସ ଚଢାଉ ସମୟରେ ଗଞ୍ଜେଇ ପରିବହନରେ ବ୍ୟବହୃତ ଏକ ସ୍କର୍ପିଓ ଗାଡ଼ି ନଂ.ଓଡି -୦୨-ବିଏଫ-୦୨୫୮ କୁ ମଧ୍ୟ ଜବତ କରାଯାଇଛି। ଏ ନେଇ ବାଲିଗୁଡା ଥାନାରେ କେସ ନଂ. ୧୧୫/୨୬ ରେ ଏନଡିପିଏସ ଆଇନର ଧାରା ୨୦(ବି) ଅନୁଯାୟୀ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଅବ୍ୟାହତ ଥିବା ବିଷୟ ଥାନା ଅଧିକାରୀ ଶିବ ଶଙ୍କର ସିଂ ପ୍ରକାଶ କରିଛନ୍ତି।

### ଆଇନ ଶୃଙ୍ଖଳା, ଅପରାଧପ୍ରବଣ, ଅପରାଧୀଙ୍କ ଉପରେ ନଜର

## ବିଭିନ୍ନ ଥାନାରେ ବ୍ରିଫିଙ୍ଗ ପ୍ୟାରେଡ୍



**କାକଟପୁର/ଆସ୍ତରଙ୍ଗ,୧୨।୫ (ସଂଚାର ବ୍ୟୁରୋ):** ଆଇନ ଶୃଙ୍ଖଳା ଓ ଅପରାଧ ରୋକିବାରେ ପ୍ରମୁଖ ଭୂମିକା ନେଇଥାନ୍ତି ଥାନା ପ୍ରେଟ୍ରୋଲିଂ ଗାଡି । କ୍ରଣ୍ଟ୍ରୋଲ ରୁମକୁ ଖବର ଯିବାପରେ ପୋଲିସ ପ୍ରଥମେ ଘଟଣା ସ୍ଥଳରେ ପହଁଚିଥାନ୍ତି। ହେଲେ ଅଧିକାଂଶ ସମୟରେ ସେମାନେ ସ୍ଥିତି ନିୟନ୍ତ୍ରଣ କରିବାରେ ବିଫଳ ହୋଇଥାନ୍ତି। ଯାହାର ଜ୍ୱଳନ୍ତ ଉଦ୍ଧହରଣ ପୁରୀଜିଲ୍ଲା ଅସ୍ତରଙ୍ଗ ଥାନା ଅଧିନ ଓଲିହାଁ ଗ୍ରାମ । ଶିବ ମନ୍ଦିର ନିକଟରେ ଦୋକାନ ପୋଡି ଘଟଣାରେ ଅଭିଯୁକ୍ତକୁ ଖସେଇ ଦବା ଅଭିଯୋଗରେ ସ୍ଥାନୀୟ ଅଂଚଳ ବାସୀ ପୋଲିସ ଗାଡିକୁ ଦୀର୍ଘ ସମୟ ଅଟକ ରଖିଥିଲେ। ସେହିପରି କିଛି ବର୍ଷ ପୂର୍ବେ ନଗର ପଞ୍ଚାୟତ ଦିନାଡିଆ ସେତୁ ନିକଟରେ ଶବ ସତ୍କାରକୁ ନେଇ ପୋଲିସ ଉପସ୍ଥିତିରେ ଇଟା ପଥର ମାଡ଼ ପରସ୍ପର ମଧ୍ୟରେ ହୋଥିଲା ।ଯାହାକି ଅପରାଧ ନିଅନ୍ତ୍ରଣ କରିବାରେ ପୋଲିସ ସମ୍ପୂର୍ଣ୍ଣ ଅସମର୍ଥ ହୋଇଥିଲା ।

ଆଇନଶୃଙ୍ଖଳା ବ୍ୟବସ୍ଥାକୁ କଡ଼ାକଡ଼ି କରିବା ପାଇଁ ଡିଜିପିୱାଇ ବି ଖୁରାନିଆଙ୍କ ନିର୍ଦ୍ଦେଶରେ ରାଜ୍ୟର ସମସ୍ତ ଥାନାରେ ସକାଳେ ବ୍ରିଫିଙ୍ଗ ପରେଡ ଅନୁଷ୍ଠିତ ହୋଇଛି। ଏହି କ୍ରମରେ ପୁରୀ ଜିଲ୍ଲା କାକଟପୁର ନିର୍ବାଚନ ମଣ୍ଡଳୀରେ ଥିବା କାକଟପୁର ଥାନା,ଅସ୍ତରଙ୍ଗ ଥାନା ଓ ନୂଆଗଡ଼ ସାମୁଦ୍ରିକ ଥାନାରେ ସକାଳେ ବ୍ରିଫିଙ୍ଗ ପରେଡ୍ ଅନୁଷ୍ଠିତ ହୋଇଥିଲା ।

ବ୍ରିଫିଙ୍ଗ ପିରେଡରେ ସାମିଲ ହୋଇଥିବା ଥାନା କର୍ମଚାରୀମାନଙ୍କୁ ବିଭିନ୍ନ ଦାୟିତ୍ୱ ପ୍ରଦାନ କରାଯିବ ସହ ମାମଲା ଗୁଡ଼ିକର ତଦନ୍ତ କେଉଁ ପର୍ଯ୍ୟାୟରେ ରହିଛି ତାର ସମୀକ୍ଷା କରାଯାଇଥିଲା।

## ଗାଈ ଚୋରି ନେଇ ଥାନାରେ ଅଭିଯୋଗ

**ନିଶ୍ଚିନ୍ତକୋଇଲି,୧୨।୫ (ସଂଚାର ବ୍ୟୁରୋ):** ନିଶ୍ଚିନ୍ତକୋଇଲି ଥାନା ଅଧିନସ୍ଥ ଅସୁରେଶ୍ୱର ପଞ୍ଚାୟତ ଅଣସରପୁର ଗ୍ରାମର ଦଳିତ ବିଧବା ମହିଳା ସ୍ୱର୍ଗତ ପରୀକ୍ଷିତ କାଣ୍ଡିଙ୍କ ପତ୍ନୀ ମମତା କାଣ୍ଡିଙ୍କ ଗୁହାଳୁ ଗତ ସୋମବାର ରାତିରେ ଏକ ଗର୍ଭବତୀ ଗାଈ ଚୋରୀ ହୋଇଥିବା ନେଇ ସେ ନିଶ୍ଚିନ୍ତକୋଇଲି ଥାନାରେ ଅଭିଯୋଗ କରିଛନ୍ତି। ସୋମବାର ରାତିରେ ସେ ଖାଇ ପିଇ ଶୋଇବା ପରେ କେହି ଦୁର୍ବୃତ୍ତ ତାଙ୍କ ଗୁହାଳେ ପଶି ଗାଈ ଚୋରୀ କରି ନେଇ ଯାଇଛନ୍ତି। ଏହାଛଡା ଗତ ୫/୬ ଦିନ ପୂର୍ବରୁ ମଧ୍ୟ ଏହି ଗ୍ରାମର ଜନୈକ ବ୍ୟକ୍ତିଙ୍କ ଗୁହାଳୁ ଗୋଟିଏ ଗାଈ ଚୋରୀ ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା।

ଏହାପୂର୍ବରୁ ଏହି ପଞ୍ଚାୟତର ଦିକ୍ଷିତ୍‌ପଡ଼ା ଗ୍ରାମରେ ବିଳମ୍ବିତ ରାତିରେ ଦୁଇ ଜଣ ଦୁର୍ବୃତ୍ତ ଜନୈକ ବ୍ୟକ୍ତିଙ୍କ ଗୁହାଳୁ ଗାଈ ଚୋରୀ କରି ନେଉଥିଲା ବେଳେ ଲୋକଙ୍କ ହାବୁଡରେ ପଡ଼ିଯିବାରୁ ଭୟରେ ଗାଈ ଛାଡି ଚାଲିଯାଇଥିଲେ।

# ସିଟିଜେନ୍ସ ହ୍ୟୁମାନ ରାଇଟ୍ସ କ୍ଲିନିକର ପ୍ରତିଷ୍ଠା ଦିବସ ପାଳିତ




**ବାରିପଦା,୧୨।୫ (ସଂଚାର ବ୍ୟୁରୋ):** ସ୍ଥାନୀୟ ରୋଟାରୀ କ୍ଲବ, ବାରିପଦା ପରିସରରେ ସିଟିଜେନ୍ସ ହ୍ୟୁମାନ ରାଇଟ୍ସ କ୍ଲିନିକ, ବାରିପଦା ଶାଖାର ପ୍ରତିଷ୍ଠା ଦିବସ ଓ ୧୭ ତମ ରାଷ୍ଟ୍ରୀୟ ମାନବାଧିକାର ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏହି ସମ୍ମିଳନୀରେ "ମାନବିକ ଅଧିକାର ଓ ତାର ସୁରକ୍ଷା, ପ୍ରାଣୀ ଅଧିକାର ଓ ତାର ସୁରକ୍ଷା ଏବଂ ପରିବେଶ ଓ ତାର ସୁରକ୍ଷା" ଉପରେ ଗୁରୁତ୍ୱାରୋପ କରାଯାଇଥିଲା । ଏହି ଅବସରରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡଃ କୃଷ୍ଣଚନ୍ଦ୍ର ମହାପାତ୍ର ଯୋଗଦେଇ ମାନବ ଅଧିକାରର ସୁରକ୍ଷା ଓ ସାଧାରଣ ଜନତାଙ୍କ ସାମ୍ବିଧାନିକ ଅଧିକାର ବିଷୟରେ ଆଲୋକପାତ କରିବା ସହ ଏକ ସୁସ୍ଥ ସମାଜ ଗଠନ ପାଇଁ ପ୍ରତ୍ୟେକ ନାଗରିକ ନିଜ ଅଧିକାର ଓ କର୍ତ୍ତବ୍ୟ ଉପରେ ସଚେତନ ହେବା ଜରୁରୀ ବୋଲି ପ୍ରକାଶ କରିଥିଲେ ।

ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଦୀପକ ଗୋଛାୟତ, ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର କୁଳପତି ପ୍ରୋ. ମହେନ୍ଦ୍ର କୁମାର ମହାନ୍ତି, ବାରିପଦା ପୌରପରିଷଦର ଉପାଧ୍ୟକ୍ଷା ସୀମା ଦାସ ପ୍ରମୁଖ ଯୋଗଦେଇ ମାନବାଧିକାର କ୍ଲିନିକର ଏହି ପ୍ରାୟସକୁ ପ୍ରଶଂସା କରିବା ସହ ସାଧାରଣ ଲୋକଙ୍କୁ ଆଇନଗତ ସହାୟତା ଯୋଗାଇ ଦେବାରେ ଏହା ଏକ ମାଇଲଖୁଣ୍ଟ ସାବ୍ୟସ୍ତ ହେବ ବୋଲି ମତ ଦେଇଥିଲେ । ଏହି ଅବସରରେ କୃତୀ ଛାତ୍ରଛାତ୍ରୀ ଓ ବିଶିଷ୍ଟ ବ୍ୟକ୍ତିଙ୍କୁ ସମ୍ମାନିତ କରାଯାଇଥିଲା ।

# ମୟୂରଭଞ୍ଜ ଗାନ୍ଧି ଶରତ ଚନ୍ଦ୍ର ଦାସଙ୍କ ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ଦାବ



**ବାରିପଦା,୧୨।୫ (ସଂଚାର ବ୍ୟୁରୋ):** ମୟୂରଭଞ୍ଜ ପ୍ରଜା ମଣ୍ଡଳ ଆନ୍ଦୋଳନର ମୁଖ୍ୟ ତଥା ଭାରତ ସ୍ୱାଧୀନତା ପରେ ସ୍ୱାଧୀନ ମୟୁରଭଞ୍ଜ ରାଜ୍ୟର ପ୍ରଧାନମନ୍ତ୍ରୀ ମୟୁରଭଞ୍ଜ ଗାନ୍ଧୀ ବୋଲାଉଥିବା ସ୍ୱର୍ଗତ ଶରତ ଚନ୍ଦ୍ର ଦାସଙ୍କ ସ୍ମୃତିରକ୍ଷା ଉଦେଶ୍ୟରେ ତାଙ୍କର ଏକ ପ୍ରତିମୂର୍ତ୍ତି ସ୍ଥାପନା ସହ ତାଙ୍କ ଦ୍ୱାରା ନିର୍ମିତ ମୟୁରଭଞ୍ଜ ସ୍ୱରାଜ ଆଶ୍ରମର ପୁନଃରୁଦ୍ଧାର ସହ ସୌନ୍ଦର୍ଯ୍ୟକରଣ କରାଯିବା ନିମନ୍ତେ ପାଣ୍ଠି ଯୋଗାଇ ଦେବାପାଇଁ ଓଡ଼ିଆ ଜାଗରଣ ମଞ୍ଚ ତରଫରୁ ଦାବୀ କରାଯାଇଅଛି । ଓଡ଼ିଆ ଜାଗରଣ ମଞ୍ଚ ପକ୍ଷରୁ ଏକ ପ୍ରତିନିଧି ଦଳ ମଞ୍ଚର ପ୍ରତିଷ୍ଠା ସଭାପତି ଶରତ ଚନ୍ଦ୍ର ନାୟକ ଙ୍କ ନେତୃତ୍ୱରେ ଅତିରିକ୍ତ ଜିଲ୍ଲାପାଳ ଙ୍କ ମାଧ୍ୟମରେ ଏକ ଦାବିପତ୍ର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମଝିଙ୍କୁ ପ୍ରଦାନ କରିଛନ୍ତି।

୧୯୪୮ ମସିହା ପରେ ଶରତ ଚନ୍ଦ୍ର ଦାସ ମୟୂରଭଞ୍ଜ ଗଡ଼ଜାତ ରାଜ୍ୟରେ ରାଜ୍ୟ ବିଧାନ ପରିଷଦ ଗଠନ କରିଥିଲେ ଓ ପ୍ରଜା ମାନଙ୍କ ମତ ନେଇ ରାଜ୍ୟ ଶାସନ କରୁଥିଲେ। ୧୯୪୮ ମସିହା ଅକ୍ଟୋବର ମାସ ୧୭ ତାରିଖରେ ଏହି ଗଡ଼ଜାତ ରାଜ୍ୟ ଭାରତ ସରକାରଙ୍କ ମିଶ୍ରଣ ଚୁକ୍ତିପତ୍ର ସ୍ୱାକ୍ଷର କରି ଭାରତ ସହିତ ମିଶ୍ରଣ ହୋଇ ଏହା କେନ୍ଦ୍ରାଞ୍ଚଳ ଭାବେ ଶାସିତ ହୋଇଥିଲା। ପର ପର୍ଯ୍ୟାୟରେ ଓଡିଶା ସହିତ ଏହା ଏକ ଜିଲ୍ଲା ଭାବରେ ମିଶିଯାଇଥିଲା। ସେ ସମୟରେ ସ୍ୱର୍ଗତ ଶରତଚନ୍ଦ୍ର ଦାସ ପ୍ରଧାନମନ୍ତ୍ରୀ ରୂପେ ଶାସନ ଭାର ଗ୍ରହଣ କରି ରାଜ୍ୟକୁ ଚଳେଇ ଆସୁଥିଲେ। ୧୯୪୯ ମସିହା ଜାନୁଆରୀ ୧ ତାରିଖ ଦିନ ଓଡିଶା ସରକାରଙ୍କ ସହିତ ମୟୂରଭଞ୍ଜ ମିଶିଗଲା ଏବଂ ଏହା ଏକ ଜିଲ୍ଲା ଭାବରେ ପରିଚାଳିତ ହେଲା। ଏଣୁ ଏଭଳି ଜଣେ ସ୍ୱାଧୀନତା ସଂଗ୍ରାମୀଙ୍କର ସ୍ମୃତିକୁ ଉଦଜୀବିତ ରଖିବା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ନିବେଦନ କରାଯାଇଛି।

# ଶ୍ରମ କୋଡ୍ ବିରୋଧରେ ନିର୍ମାଣ ଶ୍ରମିକଙ୍କ ବିକ୍ଷୋଭ




**ଢେଙ୍କାନାଳ,୧୨।୫ (ସଂଚାର ବ୍ୟୁରୋ):** କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ନିର୍ମାଣ ଶ୍ରମିକ ବିରୋଧୀ ନୀତି ଓ ଶ୍ରମ ଆଇନରେ ବ୍ୟାପକ ପରିବର୍ତ୍ତନ କରି ଶ୍ରମ କୋଡ୍ ଲାଗୁ କରିବା ପ୍ରତିବାଦରେ ଆଜି ଢେଙ୍କାନାଳ ଜିଲ୍ଲା ନିର୍ମାଣ ଶ୍ରମିକ ସଙ୍ଘ (ସି.ଆଇ.ଟି.ୟୁ) ପକ୍ଷରୁ ବ୍ୟାପକ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଶତାଧିକ ଶ୍ରମିକ ଷ୍ଟେସନ ଛକରୁ ଏକ ବିରାଟ ଶୋଭାଯାତ୍ରାରେ ବାହାରି ଜିଲ୍ଲା ଶ୍ରମ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ ଏବଂ ଜିଲ୍ଲା ଶ୍ରମ ଅଧିକାରୀଙ୍କ ଜରିଆରେ ମୁଖ୍ୟମନ୍ତ୍ରୀ ଓ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି।

ଆଜି ସକାଳ ୯ଟାରେ ସି.ଆଇ.ଟି.ୟୁ ଢେଙ୍କାନାଳ ଜିଲ୍ଲା କମିଟି ନେତୃତ୍ୱରେ ପ୍ରାୟ ୩୦ରୁ ଅଧିକ ନିର୍ମାଣ ଶ୍ରମିକ, ମହିଳା ଓ ପୁରୁଷ ଷ୍ଟେସନ ଛକଠାରେ ଏକାଠି ହୋଇଥିଲେ। "ଶ୍ରମ କୋଡ୍ ହଟାଅ, ଶ୍ରମିକ ବଞ୍ଚାଅ", "ସାମାଜିକ ସୁରକ୍ଷା ଆମର ଅଧିକାର", "ନିର୍ମାଣ ଶ୍ରମିକ ବିରୋଧୀ ନୀତି ବନ୍ଦ କର" ଭଳି ସ୍ଲୋଗାନ ଦେଇ ଶୋଭାଯାତ୍ରା ଶ୍ରମ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲା। ସେଠାରେ ପ୍ରାୟ ଏକ ଘଣ୍ଟା ଧରି ବିକ୍ଷୋଭ ସଭା ଅନୁଷ୍ଠିତ ହୋଇଥିଲା।

ସଙ୍ଘର ଜିଲ୍ଲା ସାଧାରଣ ସଂପାଦକ ସୋରଜ ଶତପତି କହିଛନ୍ତି, "କେନ୍ଦ୍ର ସରକାର ୪ଟି ଶ୍ରମ ଆଇନକୁ ବାତିଲ କରି ୪ଟି ଶ୍ରମ କୋଡ୍ ଲାଗୁ କରିବାକୁ ଯାଉଛନ୍ତି। ଏହା ଦ୍ୱାରା ନିର୍ମାଣ ଶ୍ରମିକଙ୍କ ପଞ୍ଜୀକରଣ, ଇଏସ୍‌ଆଇ, ପିଏଫ୍, ପେନ୍‌ସନ୍ ଓ ଦୁର୍ଘଟଣା ସହାୟତା ଭଳି ସମସ୍ତ ସାମାଜିକ ସୁରକ୍ଷା ବ୍ୟବସ୍ଥା ଛିନ୍ନଭିନ୍ନ ହୋଇଯିବ।"

ସି.ଆଇ.ଟି.ୟୁ ସର୍ବଜ୍ଞ ସାହୁ କହିଛନ୍ତି, "ସରକାର କର୍ପୋରେଟ୍ ଘରାନାଙ୍କ ସ୍ୱାର୍ଥରେ ଶ୍ରମିକଙ୍କୁ ଦାସ ବନାଇବାକୁ ଚାହୁଁଛନ୍ତି। ଶ୍ରମ କୋଡ୍ ଲାଗୁ ହେଲେ ୮ ଘଣ୍ଟା କାମ, ସମାନ କାମକୁ ସମାନ ଦରମା ଭଳି ଅଧିକାର ଶେଷ ହୋଇଯିବ। ଏହା ବିରୋଧରେ ଆମେ ଦେଶବ୍ୟାପୀ ଆନ୍ଦୋଳନ କରିବୁ।"

ଜିଲ୍ଲା ଶ୍ରମ ଅଧିକାରୀ କହିଛନ୍ତି, "ଶ୍ରମିକମାନଙ୍କ ଦାବିକୁ ଉପରିସ୍ଥ ଅଧିକାରୀ ତଥା ସରକାରଙ୍କ ନିକଟକୁ ପଠାଇ ଦିଆଯିବ। ଜିଲ୍ଲା ସ୍ତରରେ ସମସ୍ୟା ସମାଧାନ ପାଇଁ ଆମେ ଚେଷ୍ଟା କରିବୁ।"

ଶ୍ରମ କୋଡ୍‌କୁ ନେଇ ଦେଶବ୍ୟାପୀ ଟ୍ରେଡ୍ ୟୁନିୟନ ମାନଙ୍କ ମଧ୍ୟରେ ଅସନ୍ତୋଷ ରହିଛି। ଓଡ଼ିଶାରେ ପ୍ରାୟ ୨୫ ଲକ୍ଷ ପଞ୍ଜୀକୃତ ନିର୍ମାଣ ଶ୍ରମିକ ଅଛନ୍ତି। ଆଗକୁ ଏହି ପ୍ରସଙ୍ଗ ଆହୁରି ତୀବ୍ର ହେବାର ସମ୍ଭାବନା ଅଛି।

## ଚାଷ କ୍ଷେତରେ ଟଳିପଡ଼ିଲେ ଯୁବ ଚାଷୀ

**ନିଶ୍ଚିନ୍ତକୋଇଲି,୧୨।୫ (ସଂଚାର ବ୍ୟୁରୋ):** କଟକ ଜିଲ୍ଲା ନିଶ୍ଚିନ୍ତକୋଇଲି ତହସିଲ ଓ ନେମାଳ ଥାନା ଅଧିନସ୍ଥ ତିଳକଣା ପଞ୍ଚାୟତ କୂଆଁଡ଼ୋଳ ଗ୍ରାମର ବୁଦ୍ଧିଆ ମଲିକଙ୍କ ପୁତ୍ର ଯୁବ ଚାଷୀ କୁନା ମଲିକ(୩୪)ବର୍ଷ ମଙ୍ଗଳବାର ମଧ୍ୟାହ୍ନରେ ନିଜ ବିଲରେ ଚାଷ କାର୍ଯ୍ୟ କରୁଥିଲା ବେଳେ ବିଲରେ ଅଚେତ ହୋଇ ପଡ଼ିଯାଇଥିଲେ। ଦୀର୍ଘ ସମୟ ଧରି ସେ ଘରକୁ ନଫେରିବାରୁ ଘର ଲୋକେ ଖୋଜାଖୋଜି କରି ଶେଷରେ ତାଙ୍କୁ ଅଚେତ ଅବସ୍ଥାରେ ବିଲରେ ପଡ଼ିଥିବା ଦେଖିଥିଲେ। ପରିବାର ଲୋକେ ତାଙ୍କୁ ସେଠାରୁ ଉଦ୍ଧାର କରି ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ ହେଁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଅଂଶୁଘାତରେ କୁନାଙ୍କ ମୃତ୍ୟୁ ହୋଇଥିବା ପରିବାର ଲୋକେ କହୁଥିବା ବେଳେ ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ଜଣାପଡ଼ିବ। ଘଟଣାସ୍ଥଳରେ ନେମାଳ ଥାନା ପୋଲିସ ପହଞ୍ଚି ଶବ ବ୍ୟବଚ୍ଛେଦ ପାଇଁ କଟକ ବଡ଼ଡାକ୍ତରଖାନାକୁ ପଠାଇଥିଲେ। ମୃତ ଚାଷୀଙ୍କ ଅସହାୟା ପତ୍ନୀ ଓ ବୃଦ୍ଧ ପିତାଙ୍କୁ ସରକାରୀ ସହାୟତା ପ୍ରଦାନ ପାଇଁ ଗ୍ରାମବାସୀମାନେ ଦାବି କରିଛନ୍ତି।

## ଅପରାଧିକ ମାମଲା ରୋକିବାକୁ ପ୍ରସ୍ତୁତି ବୈଠକ



**ନୀଳଗିରି,୧୨।୫ (ସଂଚାର ବ୍ୟୁରୋ):** ଜିଲ୍ଲାର ସମସ୍ତ ଥାନାରେ ଅପରାଧ ରୋକିବା ଠାରୁ ଆରମ୍ଭକରି ନିଷ୍ଠାର ସହିତ ଡ୍ୟୁଟି କରିବା ପାଇଁ ଡିଜିପି ନିର୍ଦ୍ଦେଶ ଦେଇଛନ୍ତି।ଏନେଇ ଆଜି ପୂର୍ବାହ୍ନ ରେ୧୧ଘଟିକା ସମୟରେ ନୀଳଗିରି ଥାନା ପକ୍ଷରୁ ଅପରାଧ ରୋକିବା ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକ ରେ ଆଇଆଇସି ଗୋବର୍ଦ୍ଧନ ନାୟକ, ଏଏସଆଇ ଜିତେନ୍ କୁମାର ନାୟକ,ଏଏସଆଇ ଶ୍ରୀନିବାସ ରାଉତ, ଏଏସଆଇ ଠାକୁର ଦାସ ମୁର୍ମୁ, ଏସଆଇ ନଳିନୀ ପ୍ରଭା ଜେନା, ପିଏସଆଇ ରଣଜିତ ବେହେରା ପ୍ରମୁଖ ସମସ୍ତ ଥାନା କର୍ମଚାରୀ ଉପସ୍ଥିତ ରହି ଅପରାଧର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ସମସ୍ତ କାର୍ଯ୍ୟରତ ପୋଲିସ ଷ୍ଟାଫମାନେ ସକାଳ ୯ ସୁଧା କର୍ମ କ୍ଷେତ୍ରରେ ଯୋଗଦାନ ସହିତ ଶୃଙ୍ଖଳାରେ କାର୍ଯ୍ୟ ସମ୍ପାଦନା କରିବା ପାଇଁ ପରାମର୍ଶ ଦିଆଯାଇଥିଲା। ଅପରାଧ ନିୟନ୍ତ୍ରଣ, ଚୋରି, ଛିନତାଇ, ରାହାଜାନି, ଜାମିନୀ ବିହୀନ ପରୱାନା, ଜୁଭେନାରୀ ଭଳି ପ୍ରମୁଖ ଅପରାଧିକ ମାମଲାରେ ତୁରନ୍ତ ଦୋଷୀଙ୍କୁ ଗିରଫ କରିବା, ସାଧାରଣ ଜନତାଙ୍କୁ ନ୍ୟାୟ ପ୍ରଦାନ ପାଇଁ ପ୍ରତିଶ୍ରୁତି ବଦ୍ଧ ହୋଇଥିଲେ।




# ପୋଦିନା ଚା ସ୍ୱାସ୍ଥ୍ୟ ପାଇଁ ହିତକର



ଗାଁ ହେଉ ଅବା ସହର ସବୁଠି ସମସ୍ତେ ଚା' ପିଇବାକୁ ଖୁବ୍ ଭଲ ପାଇଥାନ୍ତି। ଚା' ପିଇଦେଲେ ଫ୍ରେସ୍ ଅନୁଭବ ହୋଇଥାଏ। ଅନେକ ଚା ପ୍ରେମୀ ଥିବାବେଳେ ଅଧିକାଂଶ ଲୋକଙ୍କୁ ଚା ବିଲକୁଲ ପସନ୍ଦ ହୋଇନଥାଏ। ଗଳି ଗଳିରେ ଚା' ଷ୍ଟଲ ନିଶ୍ଚିନ୍ତ ଦେଖିବାକୁ ମିଳିଥାଏ। ବିଶେଷ କରି ସକାଳ ସମୟରେ ଚା' ଷ୍ଟଲରେ ଅଧିକ ଭିଡ଼ ଜମିଥାଏ। ବର୍ଷା ହେବା ମାତ୍ରେ ସ୍ନାକ୍ସ ସହିତ ଚା' ପିଇବାକୁ ଖୁବ୍ ପସନ୍ଦ କରିଥାନ୍ତି ଲୋକମାନେ। ଅନେକ ଲୋକ ଅନେକ ପ୍ରକାରର ଚା' ବର୍ତ୍ତମାନ ସମୟରେ ପିଉଛନ୍ତି। ଯେମିତିକି ନାଲି ଚା', ଧଳା ଚା', ତୁଳସୀ ଚା', ପୋଦିନା ଚା' ଏବଂ ଗ୍ରୀନ୍ ଟି। ବର୍ତ୍ତମାନ ସମୟର ଯୁବପିଢ଼ିଙ୍କୁ ଏହି ଚା'ର ନିଶା ଜୋରଦାରରେ ଘାରିଛି। ସେହି ସବୁ ଚା' ମଧ୍ୟରୁ ଆମେ ଆଜି ପୋଦିନା ଚା'ର ଖୁବ୍ ନିଆରା।

ମୌସୁମୀର ଝିପିଝିପି ବର୍ଷା, ମାଟିର ସୁସ୍ୱାଦୁ ବାସ୍ନାକୁ ଗରମ ଚା'ର କପ୍ ଏହି ତିନୋଟି ଏକାଠି ହେଲେ ପାଗ ଆହୁରି ସୁନ୍ଦର ହୋଇଯାଏ। କିନ୍ତୁ ଯଦି ଏହି ଚା'ରେ ପୁଦିନା ପତ୍ର ମିଶାଉଛନ୍ତି। ତେବେ ଏହା କେବଳ ସ୍ୱାଦକୁ ବଢ଼ାଇ ନଥାଏ ବରଂ ଏହା ଅନେକ ସ୍ୱାସ୍ଥ୍ୟଗତ ଲାଭ ପ୍ରଦାନ କରିଥାଏ।

ଏହାରି ମଧ୍ୟରେ ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ କହିଛନ୍ତି ଯେ, ବିଶେଷକରି ମୌସୁମୀରେ, ପୋଦିନା ଚା ପିଇବା ଦ୍ୱାରା ଆମେ ଅନେକ ଋତୁକାଳୀନ ରୋଗରୁ ରକ୍ଷା ପାଇପାରିବେ। ତେବେ ଏହା ଅନ୍ୟ କେଉଁ କେଉଁ ସବୁ ରୋଗ ସମସ୍ୟାରୁ ମୁକ୍ତି ଦେଇଥାଏ ଆସନ୍ତୁ ପ୍ରଥମେ ଏହାର ଉପକାରୀ ଗୁଣ ସମ୍ପର୍କରେ ଜାଣିବା।

ଔଷଧିୟ ଗୁଣରେ ପରିପୂର୍ଣ୍ଣ ପୋଦିନାକୁ ସେବନ କରି ଆପଣ ନିଜକୁ ଅନେକ ରୋଗରୁ ରକ୍ଷା କରିପାରିବେ। ଏମିତିରେ ତ' ଆମେ ପୋଦିନାକୁ ଚଟଣି ଆକାରରେ ବ୍ୟବହାର କରିଥାଉ। ପୋଦିନା ପତ୍ର ଖାଇବା ସ୍ୱାସ୍ଥ୍ୟ ପାଇଁ ଅନେକ ଉପାୟରେ ଲାଭଦାୟକ ହୋଇଥାଏ। ଏଥିରେ ମୁଖ୍ୟତଃ ୨ଟି ଭିଟାମିନ୍ ଥାଏ। ଗୋଟିଏ ହେଉଛି ଭିଟାମିନ୍ C ଏବଂ ଦ୍ୱିତୀୟଟି ହେଉଛି ଭିଟାମିନ୍ A। ଏହି ଦୁଇଟି ଭିଟାମିନ୍ ବ୍ୟତୀତ ପୋଦିନା ପତ୍ରରେ ପୋଟାସିୟମ୍, ଆଇରନ୍, କ୍ୟାଲସିୟମ୍, ଆଣ୍ଟି-ଭାଇରାଲ୍, ଆଣ୍ଟି-ମାଇକ୍ରୋବାୟଲ୍, ଆଣ୍ଟିଅକ୍ସିଡାଣ୍ଟ ଏବଂ ଥିଏମାଇନ୍ ଭଳି ଉପାଦାନ ଭରପୁର ମାତ୍ରାରେ ରହିଛି । ସେଥିପାଇଁ ଆପଣ ଯେକୌଣସି ପ୍ରକାରର ସମସ୍ୟା ଥିଲେ ମଧ୍ୟ ପୋଦିନା ପତ୍ର ଖାଇପାରିବେ। ଏହା ବ୍ୟତୀତ ପେଟ ଜନିତ ସମସ୍ୟା ପାଇଁ ଏହା ବହୁତ ପ୍ରଭାବଶାଳୀ ହୋଇଥାଏ। ପୋଦିନାରେ ଆଣ୍ଟିଅକ୍ସିଡାଣ୍ଟ ଏବଂ ଭିଟାମିନ୍ ସି ଥିବାରୁ ରୋଗ ପ୍ରତିରୋଧକ ଶକ୍ତିକୁ ବଢାଇଥାଏ। ଥଣ୍ଡା ଏବଂ ଜ୍ୱର ପାଇଁ ପୋଦିନା ପତ୍ର ଚା' ବେଷ୍ଟ ହୋଇଥାଏ। ଆପଣଙ୍କର ମୁଣ୍ଡବିନ୍ଧା ହେଉଛି କି? ଯଦି ହଁ ତେବେ ଆଜି ହିଁ ଏହାର ବ୍ୟବହାର କରନ୍ତୁ। ଯାହା ପିଇବା ଦ୍ୱାରା ଚୁଟକିରେ ମୁଣ୍ଡବିନ୍ଧା ଭଳି ସମସ୍ୟା ଦୂର ହୋଇଥାଏ। ଏହା ପିଇବା ଦ୍ୱାରା ଚର୍ମ ଜନିତ ସମସ୍ୟାଠାରୁ ମଧ୍ୟ ମୁକ୍ତି ଦେଇଥାଏ। ସାଇନସ୍ କିମ୍ବା ଆଲର୍ଜି ସମସ୍ୟା ଥିବା ଲୋକଙ୍କ ପାଇଁ ପୁଦିନା ଚା ବହୁତ ଲାଭଦାୟକ। ସହଜରେ ନିଶ୍ୱାସ ନେବାରେ ସାହାଯ୍ୟ କରିଥାଏ।

# ଥଣ୍ଡା କମାଇବାରେ ସାହାଯ୍ୟ କରେ ହଳଦୀ



ହଳଦୀରେ ଅନେକ ପ୍ରକାର ସ୍ୱାସ୍ଥ୍ୟୋପକାରୀ ଗୁଣ ଭରି ରହିଛି। ଏଥିରେ କୁର୍‌କୁମିନ୍ ନାମକ ଏକ ତତ୍ତ୍ୱ ରହିଛି, ଯାହା ଆମ ଶରୀର ପାଇଁ ବେଶ୍ ଉପକାରୀ ସାବ୍ୟସ୍ତ ହୋଇଥାଏ। ଏହି ତତ୍ତ୍ୱ ଶରୀରରେ ଥଣ୍ଡା କମାଇବାରେ କେତେକାଂଶରେ ସାହାଯ୍ୟ କରେ। ବିଶେଷଭାବରେ ଶରୀରରେ ଥଣ୍ଡା ସୃଷ୍ଟି କରୁଥିବା କୋଷଗୁଡ଼ିକୁ ଏହା ନଷ୍ଟ କରିଦିଏ, ଯାହା ଦ୍ୱାରା ଆମେ ଏଭଳି ସମସ୍ୟାରୁ କେତେକାଂଶରେ ଉପଶମ ଲାଭ କରିଥାଉ। ଉଷୁମ କ୍ଷୀର ସହ ହଳଦୀ, ଗୋଲମରିଚ, ଅଳେଇଚ ଆଦି ମିଶାଇ ପିଇପାରନ୍ତି। ସବୁଠାରୁ ଖାସ୍ କଥା ହେଲା ହଳଦୀ ଶରୀରରେ ଇନ୍‌ସୁଲିନ୍‌କୁ ନିୟନ୍ତ୍ରଣରେ ରଖେ। ହଳଦୀ ଖାଇବା ଦ୍ୱାରା ଏହା ଆମ ଶରୀରର ମାଂସପେଶୀ ଶକ୍ତ ରହିଥାଏ ବୋଲି ଟୋକିଓ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ଏକ ସର୍ଭେରୁ ଜାଣିପାରିଛନ୍ତି। ଏହା ମଧ୍ୟ ମସ୍ତିଷ୍କର କାର୍ଯ୍ୟଧାରାକୁ ଆହୁରି ସକ୍ରିୟ କରେ। ଉକ୍ତ ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରକାଶିତ ଏହି ସର୍ଭେ ରିପୋର୍ଟରେ ପୁଣି ଉଲ୍ଲେଖ କରାଯାଇଛି ଯେ ସ୍ମରଣ ଶକ୍ତିକୁ ବୃଦ୍ଧି କରିବାରେ ହଳଦୀ ମଧ୍ୟ ସାହାଯ୍ୟ କରେ।



# ମହିଳାଙ୍କ ପାଇଁ ପୁଶ୍ ଅପସ୍

ପୁଶ୍ ଅପସ୍। ଏଭଳି ଏକ ଏକ୍ସରସାଇଜ୍ ଯାହା ସମ୍ପୂର୍ଣ୍ଣ ବଡି ସିଷ୍ଟମକୁ ରିବୁଟ୍ କରିଦିଏ। ଏହି ଏକ୍ସରସାଇଜ୍ କରିବା ଦ୍ୱାରା ବହୁ ସ୍ୱାସ୍ଥ୍ୟଗତ ଲାଭ ମିଳିଥାଏ। ଉଭୟ ପୁରୁଷ ଓ ମହିଳା ଏହି ବ୍ୟାୟାମ କରୁଛନ୍ତି। ଏଥିପାଇଁ ନା ଜିମ୍ ଯିବାକୁ ପଡ଼ିବ ନା କୌଣସି ଉପକରଣର ଆବଶ୍ୟକ ପଡ଼ିବ। ଏବେ ପ୍ରଶ୍ନ ଉଠୁଛି ଏହି ବ୍ୟାୟାମ ମହିଳାମାନେ କରିବା ଉଚିତ କି ନାହିଁ? ଏଭଳି କରିବା ଦ୍ୱାରା ମହିଳାମାନଙ୍କୁ କଣ ଲାଭ ମିଳେ ? କେତେ ଥର ଏହି ବ୍ୟାୟାମ କରିବା ଉଚିତ? ଘର ଯାକର ତାମଝାମ୍ ଓ ଅଫିସର ଚାପ ଭିତରେ ମହିଳାମାନଙ୍କୁ ନିଜ ପାଇଁ ସମୟ ମିଳେ ନାହିଁ। ସେମାନେ ଜିମ୍ ଯାଇପାରନ୍ତି ନାହିଁ। ତେଣୁ ନିଜକୁ ଫିଟ୍ ରଖିବାକୁ ମହିଳାଙ୍କ ପାଇଁ ପୁଶ୍ ଅପସ୍ ସବୁଠୁ ସହଜ ଏବଂ ପ୍ରଭାବୀ ଏକ୍ସରସାଇଜ୍। ଏହା ମହିଳାଙ୍କ ଆତ୍ମବିଶ୍ୱାସ ଉପରେ ବି ପ୍ରଭାବ ପକାଏ। ତେବେ ପ୍ରଶ୍ନ ଉଠୁଛି ପୁଶ୍ ଅପସ୍ ସବୁ ବର୍ଗର ମହିଳା କରିପାରିବେ କି ନାହିଁ ? ପୁଶ୍ ଅପସ୍ ମହିଳାଙ୍କ ମାଂସପେଶୀକୁ ମଜବୁତ କରେ। ଏହା ଏକ କମ୍ପାଉଣ୍ଡ ଏକ୍ସରସାଇଜ୍। ଅର୍ଥାତ୍ ଏକାସଙ୍ଗରେ ଏକାଧିକ ମାଂସପେଶୀ କାମ କରେ। କାନ୍ଧ, ଛାତି, ଟ୍ରାଇସେପ୍ସ, କୋର୍, ପିଠି ଏବଂ ହିପ୍ସ ଉପରେ ଏହାର ପ୍ରଭାବ ପଡେ। ଏହାଦ୍ୱାରା ମହିଳାଙ୍କୁ ଅଧିକ ଓଜନ ଉଠାଇବା ଆବଶ୍ୟକ ନାହିଁ କେବଳ ନିଜ ଶରୀରର ଓଜନ ଉଠାଇବାକୁ ପଡ଼ିବ। ଏହାଦ୍ୱାରା ପେଟରୁ ମୋଟାପଣ କମିଯାଏ। ଫ୍ୟାଟ୍ ବର୍ଣ୍ଣିଂ ହୁଏ। ପ୍ରତିଦିନ ୫ ରୁ ୧୦ ପୁଶ୍ ଅପସ୍ କରିବା ଉଚିତ୍। ଧୀରେ ଧୀରେ ଏହାକୁ ବଢାଇ ୧୫ ରୁ ୨୦ ଥର କରିବା ଉଚିତ୍ ବୋଲି ବିଶେଷଜ୍ଞମାନେ ମତ ଦେଇଛନ୍ତି। ଅଧିକ ସମୟ ଅଫିସ୍‌ରେ ବସିବା ଯୋଗୁଁ ବ୍ୟାକ୍ ପେନ୍ ହୁଏ। ପୁଶ୍ ଅପସ୍ କରିବା ଦ୍ୱାରା ଏହି ସମସ୍ୟା ଦୂର ହୁଏ। ସ୍ପାଇନ୍ ସପୋର୍ଟ ବଢେ।

# ଡାଇବେଟିସ୍ ରୋଗୀଙ୍କ ପାଇଁ ଗ୍ରୀନ ମଟର ନା



ଶୀତ ଋତୁରେ ବଜାରରେ ଗ୍ରୀନ୍ ମଟର ବହୁଳ ଭାବରେ ବିକ୍ରି ହୁଏ। ଲୋକମାନେ ଏହି ଋତୁରେ ଏହାକୁ ପ୍ରଚୁର ପରିମାଣରେ ଖାଇଥାନ୍ତି। ଗ୍ରୀନ୍ ମଟରରୁ ତିଆରି ପରଟା, ତରକାରୀ ଏବଂ ଚାଟ୍ ଶରୀରରେ ପୁଷ୍ଟିସାର ମଧ୍ୟ ବୃଦ୍ଧି କରେ। ଗ୍ରୀନ୍ ମଟର ଭିଟାମିନ୍ ଏ, ଡ଼, ଡି ଏବଂ 'ସି'ରେ ଭରପୂର। ଏହାକୁ ଖାଇବା ଦ୍ୱାରା ଶରୀରକୁ ଅନେକ ଲାଭ ମିଳିଥାଏ। ତଥାପି, ଏହା କିଛି ଲୋକଙ୍କ ପାଇଁ ଅତ୍ୟନ୍ତ ବିପଦପୂର୍ଣ୍ଣ ହୋଇପାରେ। ତେବେ ଆସନ୍ତୁ ଜାଣିବା କିଏ ଏହାକୁ ଖାଇବାରୁ ଦୂରେଇ ରହିବା ଉଚିତ।

**ଡାଇରିଆ ରୋଗୀ:** ଅତ୍ୟଧିକ ମଟର ଖାଇବା ଦ୍ୱାରା ଡାଇରିଆ ହୋଇପାରେ। ଏହାକୁ ଅତ୍ୟଧିକ ଖାଇବା ଦ୍ୱାରା ଡାଇରିଆ ହେବାର ସମ୍ଭାବନା ବଢ଼ିପାରେ। ଏଥିରେ ପ୍ରୋଟିନ୍ ପରିମାଣ ଅଧିକ ଥାଏ। ତେଣୁ, ବ୍ରାଉନ୍ ରାଇସ୍ ଏବଂ ସୋୟା ପରି ଖାଦ୍ୟ ସହିତ ଗ୍ରୀନ୍ ମଟର ଖାଇବା ଦ୍ୱାରା ପେଟର ଶକ୍ତି ବୃଦ୍ଧି ପାଏ, ଯାହା ମଟରର ପାର୍ଶ୍ୱ ପ୍ରତିକ୍ରିୟାକୁ ହ୍ରାସ କରିପାରେ।

**ମଟର ଓଜନ ବୃଦ୍ଧି କରେ:** ଗ୍ରୀନ୍ ମଟର ଖାଇବା ଦ୍ୱାରା ଶରୀରରେ ଚର୍ବି ବୃଦ୍ଧି ହୋଇପାରେ। ମଟରରେ ଥିବା ପ୍ରୋଟିନ୍ ଏବଂ କାର୍ବୋହାଇଡ୍ରେଟ୍ ଆପଣଙ୍କ ଓଜନ ଏବଂ ମେଦବହୁଳତା ବୃଦ୍ଧି କରିପାରେ। ତେଣୁ ଗ୍ରୀନ୍ ମଟରକୁ ଭଲ ଭାବରେ ରାନ୍ଧନ୍ତୁ। ଏହା ସହିତ ଗ୍ରୀନ୍ ମଟରକୁ ରାନ୍ଧିବା ପୂର୍ବରୁ କିଛି ସମୟ ପାଇଁ ଭିଜାଇ ରଖନ୍ତୁ।

**ଗ୍ୟାସ ଏବଂ ଏସିଡିଟି ବୃଦ୍ଧି କରେ:** ଗ୍ରୀନ୍ ମଟରରେ କାର୍ବୋହାଇଡ୍ରେଟ୍ ଅଧିକ ଥାଏ। ଯାହା ହଜମକୁ ପ୍ରଭାବିତ କରିପାରେ ଏବଂ ଗ୍ୟାସ୍, ପେଟ ଫୁଲିବା କିମ୍ବା ପେଟ ଯନ୍ତ୍ରଣା ସୃଷ୍ଟି କରିପାରେ। ଗ୍ୟାଷ୍ଟ୍ରିକ୍ ସମସ୍ୟା ଥିବା ଲୋକମାନେ ମଟର ଖାଇବାରୁ ଦୂରେଇ ରହିବା ଉଚିତ। ଏଗୁଡ଼ିକ ସହଜରେ ହଜମ ହୁଏ ନାହିଁ, ଏବଂ ଏଥିରେ ଥିବା କାର୍ବୋହାଇଡ୍ରେଟ୍ ପେଟରେ ଗ୍ୟାସ କରିପାରେ ଯାହା ଫଳରେ ଗମ୍ଭୀର ଏସିଡିଟି ହୁଏ।

**ୟୁରିକ୍ ଏସିଡ୍ ରୋଗୀ:** ଯଦି ଆପଣଙ୍କର ୟୁରିକ୍ ଏସିଡ୍ ଅଛି ତେବେ ଗ୍ରୀନ୍ ମଟର ଖାଇବାରୁ ଦୂରେଇ ରୁହନ୍ତୁ। ଗ୍ରୀନ୍ ମଟରରେ ଅଧିକ ପ୍ୟୁରିନ୍ ପରିମାଣ କିଡ଼ନୀରେ ଷ୍ଟୋନ୍ ହେବାର ଆଶଙ୍କା ବଢ଼ାଇପାରେ। ଯଦି ଆପଣଙ୍କର ପୂର୍ବରୁ କିଡ଼ନୀରେ ଷ୍ଟୋନ୍ ଅଛି, ତେବେ ମଟର ଖାଇବାରୁ ଦୂରେଇ ରୁହନ୍ତୁ।

**ଡାଇବେଟିସ ରୋଗୀ:** ମଟରରେ ସୁଗାର ଏବଂ କାର୍ବୋହାଇଡ୍ରେଟ୍ ଥାଏ, ଯାହା ରକ୍ତରେ ସୁଗାର ଲେବଲ ବୃଦ୍ଧି କରିପାରେ। ତେଣୁ, ଡାଇବେଟିସ ରୋଗୀମାନେ ଏହାକୁ ସୀମିତ ପରିମାଣରେ ଖାଇବା ଉଚିତ।



# ଫିଟ୍ ପାଇଁ ଜୁମ୍ବା କରନ୍ତୁ

ଶରୀରକୁ ସୁସ୍ଥ ରଖିବା ପାଇଁ ବ୍ୟାୟାମ ଅତ୍ୟନ୍ତ ଜରୁରୀ। କିନ୍ତୁ ବାସ୍ତବରେ ବ୍ୟସ୍ତବହୁଳ ସମାଜରେ ଏହା ସମସ୍ତଙ୍କ ପକ୍ଷରେ ସମ୍ଭବ ହୋଇପାରୁ ନାହିଁ। ଅର୍ଥ ଉପାର୍ଜନକୁ ଅଧିକ ଗୁରୁତ୍ୱ ପ୍ରଦାନ କରିବା ଦିଗରେ ଯୁବପିଢ଼ି ଦିନରାତି କାମ କରୁଛନ୍ତି। ଫଳରେ ଦିନକୁ ଦିନ ବଦଳୁଥିବା ଜୀବନଶୈଳୀରେ ନିଜ ପ୍ରତି ଧ୍ୟାନ ଦେଇପାରୁ ନଥିବାରୁ ଲୋକଙ୍କ ମଧ୍ୟରେ ଅବସାଦ, ଉଚ୍ଚ ରକ୍ତଚାପ, ମଧୁମେହ, ମେଦ ବହୁଳତା ଓ ନିଦ୍ରାହୀନତା ପରି ସମସ୍ୟା ବଢ଼ିବାରେ ଲାଗିଛି। ଏଥିରୁ ମୁକ୍ତି ପାଇବା ପାଇଁ ବ୍ୟାୟାମ ବ୍ୟତୀତ ଜୁମ୍ବା ଏକ ଭଲ ଉପାୟ।

୧୯୯୦ ମସିହାରେ କଲମ୍ବୋର ଆଲବେଟୋ ନାମକ ଜଣେ ନୃତ୍ୟଶିଳ୍ପୀ ଫିଟ୍‌ନେସ୍ କାର୍ଯ୍ୟକ୍ରମ ଭାବେ ଆରମ୍ଭ କରିଥିଲେ 'ଜୁମ୍ବା ଡ୍ୟାନ୍ସ'। ଜୁମ୍ବା ଶବ୍ଦର କୌଣସି ନିର୍ଦ୍ଦିଷ୍ଟ ଅର୍ଥ ନଥିଲେ ମଧ୍ୟ ଜୁମ୍ବା ରିଦିମରୁ ଏହାର ସୃଷ୍ଟି। କାର୍ଡିଓ ଏବଂ ଲାଟିନ୍ ଡ୍ୟାନ୍ସର ଏକ ମିଳିତ ରୂପ ହେଉଛି ଜୁମ୍ବା। ବିଶ୍ୱ ସ୍ତରରେ ଏହାର ଲୋକପ୍ରିୟତା ବେଶ୍ ଅଧିକ ରହିଛି। ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଏହାର ଲୋକପ୍ରିୟତା ଅଧିକ ରହିଥିବା ବେଳେ ଓଡ଼ିଶାରେ ମଧ୍ୟ ଏହାର ଚାହିଦା ବଢ଼ିବାରେ ଲାଗିଛି। ସଂଗୀତ ଓ ନୃତ୍ୟ ପ୍ରତି ରୁଚି ରଖୁଥିବା ଯୁବପିଢ଼ି ଜୁମ୍ବା ଡ୍ୟାନ୍ସକୁ ବେଶ୍ ପସନ୍ଦ କରୁଛନ୍ତି। ଟ୍ରେନିଂ ସମୟରେ, ରିଦିମ୍, କାର୍ଡିଓ, ବିଭିନ୍ନ ଅନ୍ତର୍ଜାତୀୟ ନୃତ୍ୟ ଶୈଳୀ ସମ୍ପର୍କରେ ତାଲିମ୍ ନେବାକୁ ପଡ଼େ। ଏଥି ମଧ୍ୟରେ ସାଲସା, ସାମ୍ବା, ବେଲି, ଟାଙ୍ଗୋ, ଫ୍ଲେମିଂକୋ ,ହିପ୍ ପପ୍ ନୃତ୍ୟ ଆଦିକୁ ସାମିଲ କରାଯାଇଛି। ବ୍ୟାୟାମ କଲେ ସାଧାରଣ ଭାବେ ୨୦୦ରୁ ୩୦୦ କ୍ୟାଲୋରୀ ଖର୍ଚ୍ଚ ହେଉଥିବା ବେଳେ ମାତ୍ର ଏକ ଘଣ୍ଟାରେ ଜୁମ୍ବା ଡ୍ୟାନ୍ସରେ ୫୦୦ରୁ ୭୦୦ କ୍ୟାଲୋରୀ ପର୍ଯ୍ୟନ୍ତ ଖର୍ଚ୍ଚ ହୋଇଥାଏ। ଏହାଦ୍ୱାରା ଶୀଘ୍ର ଓଜନ ହ୍ରାସ ହେବା ସହ ଅବସାଦ ଦୂର ହୁଏ ଏବଂ ଉଚ୍ଚ ରକ୍ତଚାପ ନିୟନ୍ତ୍ରଣ ହୋଇପାରେ। ଯୋଗ ମନୁଷ୍ୟ ଜୀବନ ପାଇଁ ଅପରିହାର୍ଯ୍ୟ। ଦିନକୁ ଆମେ ୪୫ ମିନିଟ୍ ଜୁମ୍ବା ଡ୍ୟାନ୍ସ କରିବା ଦ୍ୱାରା ଶରୀରକୁ ବହୁତ ଫାଇଦା ମିଳିଥାଏ। ଖାଦ୍ୟପେୟରେ ଅନିୟମିତତା ଓ କର୍ମକ୍ଷେତ୍ରରେ ଚାପ ଯୋଗୁଁ ଲୋକେ ନିଜ ଶରୀରର ଯତ୍ନ ନେବାକୁ ଭୁଲି ଯାଇଥାନ୍ତି। ତେଣୁ ଫିଟ୍ ରହିବା ପାଇଁ ଏବେ ଯୁବପିଢ଼ିଙ୍କ ଏକମାତ୍ର ମନ୍ତ୍ର ହେଉଛି ଜିମ୍ ଯାଇ ସୁସ୍ଥ ରହିବା। ଏହା ଶୀଘ୍ର ଓଜନ କମାଇବାରେ ସାହାଯ୍ୟ କରିଥାଏ ଏବଂ ଖାଦ୍ୟ ହଜମ କରିବାରେ ମଧ୍ୟ ସାହାଯ୍ୟ କରିଥାଏ। ଏହାଦ୍ୱାରା ଜଣେ ଯେ କେବଳ ଶାରୀରିକ ସ୍ତରରେ ସୁସ୍ଥ ରହେ ତାହା ନୁହେଁ ମାନସିକ ସ୍ତରରେ ଜଣେ ଖୁସି ଅନୁଭବ କରିଥାଏ। ଯଦି ଜଣେ ଜୁମ୍ବା ଶିଖିଛି ତା'ଙ୍କୁ ନାଚିବାରେ କୌଣସି ଅସୁବିଧା ହୁଏ ନାହିଁ।

**ଫାଇଦା:** ଅବସାଦ ଦୂର କରେ। ଖାଦ୍ୟ ହଜମ କରେ। ଶୀଘ୍ର ଓଜନ କମାଏ। ଉଚ୍ଚ ରକ୍ତଚାପ ନିୟନ୍ତ୍ରଣ କରେ। ମନ ଖୁସି ରଖେ। ଶରୀର ଫୁଟ୍ ରହିଥାଏ।

## ପାନୀୟଜଳ ପ୍ରକଳ୍ପ ଅଚଳ

# ପାଣି ପାଇଁ ହଟହଟା ଗାଁ ଲୋକେ



**ଭେଡେନ,୧୨।୫(ସଂଚାର ବ୍ୟୁରୋ):** ରାଜ୍ୟ ଓ କେନ୍ଦ୍ର ସରକାର ଗ୍ରାମାଞ୍ଚଳ ଓ ସହରାଞ୍ଚଳକୁ ବିଶୁଦ୍ଧ ପାନୀୟ ଜଳ ଯୋଗାଣ କରିବା ପାଇଁ ରାଜକୋଷରୁ କୋଟି କୋଟି ଟଙ୍କା ମଞ୍ଜୁର କରି ଖର୍ଚ୍ଚ କରୁଛନ୍ତି। ମାତ୍ର ବିଭାଗୀୟ ସ୍ତରରେ ଅବହେଳା ଯୋଗୁ ବିଭିନ୍ନ ସମୟରେ ଏହାର ସୁଫଳ ଲୋକଙ୍କ ପାଖକୁ ଅପହଞ୍ଚ ହୋଇପଡୁଛି । ବରଗଡ଼ ଜିଲ୍ଲା ଭେଡେନ ବ୍ଲକ ଦେଶ ଭଟଲି ପଞ୍ଚାୟତ ଅନ୍ତର୍ଗତ ବିଶିପାଲି ଗ୍ରାମରେ ବର୍ତ୍ତମାନ ଏଭଳି ସ୍ଥିତି ଉପୁଜିଛି । ଉକ୍ତ ଗ୍ରାମକୁ ଯାଇଥିବା ପାନୀୟ ଜଳ ପ୍ରକଳ୍ପର ପାଇପ ଅଧବାଟେ ଫାଟିଯାଇଛି। ଏକ କଲଭର୍ଟ ନିର୍ମାଣ କରିବା ସମୟରେ ସେଭଳି ଘଟିଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ତେବେ ସେଥିପାଇଁ ଗତ ଏକ ସପ୍ତାହ ହେଲା ଗ୍ରାମକୁ ପାନୀୟଜଳ ପହଞ୍ଚିପାରୁନାହିଁ । ଏହାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଜନ ଅସନ୍ତୋଷ ଦେଖାଯାଇଛି। ପ୍ରଚଣ୍ଡ ଖରାତାତିରେ ଦୀର୍ଘ ଅଧ କିଲୋମିଟର ଦୂରରେ ରହିଥିବା ଭଟଲି ଗ୍ରାମକୁ ଚାଲିଚାଲି ପାନୀୟଜଳ ଆଣିବା ପାଇଁ ଗ୍ରାମର ମହିଳା, ପୁରୁଷ ଯାଉଛନ୍ତି। ଉକ୍ତ ଗ୍ରାମର ଜନସଂଖ୍ୟା ୮୦୦ରୁ ଉର୍ଦ୍ଧ୍ୱ ହେବ । ୧୦୦ ପରିବାରକୁ ନେଇ ଗଠିତ ଏହି ଗ୍ରାମରେ ଅଙ୍ଗନୱାଡି କେନ୍ଦ୍ରଟିଏ ରହିଛି । ଦୀର୍ଘ ଦିନ ହେଲା ଏଠାରେ ଥିବା ପ୍ରାଥମିକ ବିଦ୍ୟାଳୟ ବନ୍ଦ ହୋଇଯାଇଛି । ଯେଉଁ ଗୋଟିଏ ନଳକୂପ ଅଛି, ତାହା ବି ଅଚଳ ହୋଇ ପଡ଼ିଛି । ଫଳରେ ପାନୀୟଜଳ ଯୋଗାଣ ପ୍ରକଳ୍ପର ପାଇପକୁ ମରାମତି କରି ତୁରନ୍ତ ମରାମତି କରିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି । ଏ ସମ୍ପର୍କରେ ସ୍ଥାନୀୟ ସରପଞ୍ଚ ତୋଷବନ୍ତ ସାହୁଙ୍କୁ ପଚରା ଯିବାରୁ ଠିକାଦାର କଲଭର୍ଟ ନିର୍ମାଣ ସମୟରେ ମେଗା ପାନୀୟ ଜଳ ପ୍ରକଳ୍ପ ପାଇପ ଫଟାଇ ଦେଇ ଆଉ ମରାମତି ଦିଗ ପ୍ରତି ଧ୍ୟାନ ଦେଉନାହାନ୍ତି । କେଉଁ ଠିକାଦାର କେଉଁ ସମୟରେ କେଉଁ ଅନୁଦାନରୁ କାମ ଆରମ୍ଭ କରୁଛନ୍ତି, ସେ ଜାଣି ନ ଥିବା କହିଥିଲେ । ତଥାପି ଏ ଦିଗରେ ତୁରନ୍ତ ପଦକ୍ଷେପ ନିଆଯାଇ ଗ୍ରାମକୁ ପାନୀୟ ଜଳ ଯୋଗାଣର ସୁବ୍ୟବସ୍ଥା କରାଯିବ ବୋଲି ସରପଞ୍ଚ ସାହୁ କହିଥିଲେ।


## ସମସ୍ୟା ଘେରରେ କେସିଙ୍ଗା-କାଣ୍ଡେଲ ରୋଡ଼ ରେଳ ଷ୍ଟେଶନ

# ୯ ଦଫା ଦାବି ସମାଧାନ କରିବାକୁ ଆହ୍ୱାନ



**କେସିଙ୍ଗା,୧୧।୫(ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲା ରେଳ ଯାତ୍ରୀ ସଂଘ କେସିଙ୍ଗା ପକ୍ଷରୁ କେସିଙ୍ଗା ଓ କାଣ୍ଡେଲ ରୋଡ଼ ରେଳ ଷ୍ଟେଶନର ୯ ଦଫା ସମସ୍ୟାକୁ ନେଇ ରେଳ ଯାତ୍ରୀ ସଂଘର ସଭାପତି ସୁବାଷ ଜୈନଙ୍କ ସଭାପତିତ୍ୱରେ ଏକ ବୈଠକ ସ୍ଥାନୀୟ ୟଙ୍ଗ ବ୍ଲଡ଼ ପବ୍ଲିକ ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଥିଲା। ସଂଘ ପକ୍ଷରୁ ୯ଦଫା ବିଶିଷ୍ଟ ସମସ୍ୟାକୁ ଜିଏମ ଓ ଡ଼ିଆରଏମଙ୍କୁ ଅଭିଯୋଗ କରିଛନ୍ତି। ମୁଖ୍ୟ ଅଭିଯୋଗ ଯେ,ଜୁନାଗଡ଼ରୁ ହାୱାଡ଼ ଯାଉଥିବା ଇସ୍ପାତ ଟ୍ରେନଟି ମାସକୁ ପ୍ରାୟ ୨୦ଦିନ ୬ରୁ ୮ଘଣ୍ଟା ବିଳମ୍ବରେ ଯାଉଥିବାରୁ ଯାତ୍ରୀମାନେ ବହୁତ ହଇରାଣ ହେଉଛନ୍ତି। ଏହି ଇସ୍ପାତ ଟ୍ରେନ ଜୁନାଗଡ଼ରୁ ସକାଳେ ବାହାରି ନିର୍ଦ୍ଦିଷ୍ଟ ଏକ ଷ୍ଟେଶନ ୬ରୁ ୮,କେବେ କେବେ ୧୦ରୁ ୧୬ ଘଣ୍ଟା ବିଳମ୍ବ କରୁଛି। ରେଳ ବିଭାଗ ଏହା ଜାଣି ଶୁଣି ବିଳମ୍ବ କରୁଥିବାର ଜଣାପଡ଼ିଛି। ଜୁନାଗଡ଼ରୁ କେସିଙ୍ଗାକୁ ୮୭କିମି ପାଇଁ ଏତେ ବିଳମ୍ବ କାହିଁକି ହେଉଛି ବୋଲି ସଂଘ କ୍ଷୋଭ ପ୍ରକାଶ କରିଛି।ତେଣୁ କେସିଙ୍ଗା ଷ୍ଟେଶନକୁ ନିର୍ଦ୍ଧାରିତ ସମୟରେ ପହଞ୍ଚିବା ପାଇଁ ସଂଘ ଦାବି କରିଛି। କେସିଙ୍ଗା ରେଲୱେ ଷ୍ଟେଶନର ପ୍ଲାଟ ଫାର୍ମ ନ. ୧ ଓ ୪ରେ ନୂତନ ଶୌଚାଳୟ ତିଆରି ହୋଇଛି। ତାକୁ ଶୀଘ୍ର କାର୍ଯ୍ୟକ୍ଷମ କରିବା ପାଇଁ ଦାବି କରାଯାଇଛି। କେସିଙ୍ଗା ଓ ଟିଟିଲାଗଡ ସୀମାନ୍ତ ଅଞ୍ଚଳରେ ଥିବା ଲୁଥରବନ୍ଧ ଗ୍ରାମଠାରେ ଏକ ନୂତନ ରେଲୱେ ଷ୍ଟେଶନ ସ୍ଥାପନ କରା ପାଇଁ ସଂଘ ଦାବି କରିଛି। ସମସ୍ତ ଯାତ୍ରୀବାହୀ ଦ୍ରୁତଗାମୀ ଟ୍ରେନ ୨ ମିନିଟ ରହିବା ପରିବର୍ତ୍ତେ ୫ ମିନିଟ ପାଇଁ ଦାବି ହୋଇଛି। ସମତା ଏକ୍ସପ୍ରେସ ଡାଉନ ଟ୍ରେନ ନ.୧୨୮୦୭ ବିଶାଖାପାଟଣାଠାରୁ ବାହାରି ନିଜାମୁଦ୍ଦିନ ଯାଉଛି।ସେହି ଟ୍ରେନକୁ ଫିରୋଜପୁର ପର୍ଯ୍ୟନ୍ତ ସମ୍ପ୍ରସାରଣ କରାଯାଉ। ଯାହା ଫଳରେ ପଞ୍ଜାବ ଓ ହରିୟାଣାର ଯାତ୍ରୀମାନେ ସୁବିଧା ପାଇ ପାରିବେ । ଉକ୍ତ ଟ୍ରେନଟି ବିଶାଖାପାଟଣାରୁ ସକାଳ ୬ ଘଣ୍ଟାରେ ଛାଡୁ ଏବଂ ନର୍ଲା ରୋଡ,ରୁପ୍ରା ରୋଡ ରେଳ ଷ୍ଟେଶନରେ ୨ ମିନିଟ ରହଣି ପାଇଁ ସଂଘ ଦାବି କରିଛି। କେସିଙ୍ଗା ରେଳ ଷ୍ଟେଶନରେ ଜିଆରପି ପୁଲିସ ନ ଥିବାରୁ ବିଭିନ୍ନ ସମୟରେ ଚୋରି ଡକାୟତି ହେଉଛି । ତେଣୁ ଯଥାଶୀଘ୍ର ରେଳ ଷ୍ଟେଶନରେଏକ ନୂତନ ରେଲୱେ ପୋଲିସ ଫାଣ୍ଡି ଖୋଲିବାକୁ ଦାବି କରିବା ସହ କେସିଙ୍ଗାରୁ ଭୁବନେଶ୍ୱରକୁ ସିଧାଏକ ନୂତନ ଟ୍ରେନ ଚଳାଚଳ କରିବାକୁ ଦାବି ହୋଇଛି।

## ଡହଡହ ଖରାରେ ଘଣ୍ଟା ଘଣ୍ଟା ବିଦ୍ୟୁତ୍ କାଟ



**ଦାମନଯୋଡି,୧୨।୫(ସଂଚାର ବ୍ୟୁରୋ):** ରାଜ୍ୟରେ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ସମଗ୍ର ରାଜ୍ୟରେ ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ ପାଇଁ ସରକାର ଘୋଷଣା କରିଛନ୍ତି। କୋରାପୁଟ ଜିଲା ସେମିଳିଗୁଡ଼ା ଓ ଦାମନଯୋଡ଼ି ଅଞ୍ଚଳରେ ବିଦ୍ୟୁତ୍ ବିଭାଗ ଏହାକୁ ଖାତିର ନ କରି ବାରମ୍ବାର ବିଦ୍ୟୁତ୍ କାଟ କରୁଥିବାରୁ ଉପଭୋକ୍ତାମାନେ ଅସୁବିଧାର ସମ୍ମୁଖୀନ ହେଉଥିବା କହିଛନ୍ତି। ବିଭାଗର ଇଚ୍ଛା ମୁତାବକ ଘଣ୍ଟା ଘଣ୍ଟା ଧରି ବିଦ୍ୟୁତ୍ କାଟ କରି ଲୋକମାନଙ୍କୁ ହଇରାଣ କରୁଥିବା ଅଞ୍ଚଳବାସୀ ଅଭିଯୋଗ ଆଣିଛନ୍ତି। ଉପରିସ୍ଥ ଅଧିକାରୀଙ୍କୁ ଯୋଗାଯୋଗ କରିବାକୁ ଚେଷ୍ଟା କରି ଲୋକେ ବିଫଳ ହେଉଥିବା କହିଛନ୍ତି। ଗ୍ରାହକ ସହାୟତା ନମ୍ବରକୁ ଫୋନ କଲେ ସେଠାରୁ ସନ୍ତୋଷଜନକ ଉତ୍ତର ମିଳୁ ନ ଥିବା ଅଭିଯୋଗ ହୋଇଛି। ଭେଜାପୁଟ, ମାଥାଲପୁଟ, ମରିଚମାଳ, ଚାରାଙ୍ଗୁଲ ଓ କୁଡୁମୂଳ ଆଦି ଗ୍ରାମଗୁଡ଼ିକର ଲୋକେ ଏଭଳି ଅଘୋଷିତ ବିଦ୍ୟୁତ୍ କାଟ ଯୋଗୁ ହଇରାଣ ହେଉଥିବା କହିଛନ୍ତି। ଜିଲା ପ୍ରଶାସନ ଓ ଟାଟା ପାୱାର ଅଧିକାରୀ ଏହାକୁ ଦୃଷ୍ଟି ଦେଇ ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ ପାଇଁ ବିହିତ ପଦକ୍ଷେପ ନେବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ଓଡ଼ିଆରେ ସରକାରୀ କାର୍ଯ୍ୟ ପାଇଁ ପ୍ରଶିକ୍ଷଣ ଶିବିର



**ସୁବର୍ଣ୍ଣପୁର,୧୨।୫(ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଓଡ଼ିଆ ଭାଷାରେ ସରକାରୀ କାର୍ଯ୍ୟ ସମ୍ପାଦନ କରିବା ନିମନ୍ତେ ଏକ ପ୍ରୟୋଗାତ୍ମକ ପ୍ରଶିକ୍ଷଣ ଶିବିର ଆୟୋଜିତ ହୋଇଥିଲା। ଏହି ଦୁଇ ଦିନିଆ ପ୍ରଶିକ୍ଷଣ ଶିବିରରେ ଓଡ଼ିଆ ଭାଷା ପ୍ରତିଷ୍ଠାନର ଶ୍ରୀ ମନୋରଞ୍ଜନ ପାଣିଗ୍ରାହୀ, ଡ଼. ସଞ୍ଜୟ କୁମାର ପଣ୍ଡା ଏବଂ ଡ଼. ରମେଶ ଚନ୍ଦ୍ର ମଲ୍ଲିକ ସମ୍ବଳ ବ୍ୟକ୍ତିତ୍ୱ ଭାବେ ଉପସ୍ଥିତ ରହି ଜିଲ୍ଲାର ସମସ୍ତ ଅଧିକାରୀମାନଙ୍କୁ ପ୍ରଶିକ୍ଷଣ ଦେଇଥିଲେ। ଏହି ଶିବିର ଜିଲ୍ଲାପାଳ ଡ଼. ନୃପରାଜ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ହୋଇଥିଲା। ଏଥିରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶ୍ରୀ ରାଜେନ୍ଦ୍ର ମାଝୀ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଶ୍ରୀମତୀ ଅଞ୍ଜଳୀନା ପ୍ରଧାନଙ୍କ ସହିତ ଜିଲ୍ଲା ସ୍ତରୀୟ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ରହି ପ୍ରଶିକ୍ଷଣ ଗ୍ରହଣ କରିଥିଲେ। ଏହି ଅବସରରେ ଜିଲ୍ଲାପାଳ ଡ଼. ସାହୁ କହିଥିଲେ ଯେ ଓଡ଼ିଆ ଭାଷାର ଆନ୍ଦୋଳନକାରୀମାନଙ୍କ ବହୁ ଦିନର ଦାବି ପୂରଣ ହେବାକୁ ଯାଉଛି। ଓଡ଼ିଆ ଭାଷାରେ ଆମେ ଅନେକ କାମ କରିପାରିବା। ଆମ ପିଲାମାନେ ଓଡ଼ିଆ କହିଲେ ଆମେ ଗର୍ବିତ ହେବା ଉଚିତ। ପ୍ରତ୍ୟେକ କ୍ଷେତ୍ରରେ ଓଡ଼ିଆର ବ୍ୟବହାର କରାଯାଇପାରିବ ଏବଂ ଓଡ଼ିଆ ଭାଷାର ବ୍ୟବହାରରେ ଆମ ଜିଲ୍ଲା ରାଜ୍ୟରେ ପ୍ରତିନିଧିତ୍ୱ କରିବ ବୋଲି ଜିଲ୍ଲାପାଳ ଆଶା ପ୍ରକାଶ କରିଛନ୍ତି। ସୂଚନା ଯେ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଦ୍ୱାରା ଆୟୋଜିତ ଏହି ଶିବିର ପ୍ରତ୍ୟେକ ଜିଲ୍ଲାରେ ଆୟୋଜନ କରାଯାଉଛି ଏବଂ ସୁବର୍ଣ୍ଣପୁର ହେଉଛି ଅଷ୍ଟମ ଜିଲ୍ଲା।

# ଅବକାରୀ ବିଭାଗ ପକ୍ଷରୁ ବିପୁଳ ପରିମାଣର ପୋଚ ଓ ରନ୍ଧା ମଦ ଜବତ



**ବୈଶିଙ୍ଗା,୧୨।୫(ସଂଚାର ବ୍ୟୁରୋ):** ଅବକାରୀ ବିଭାଗ ତରଫରୁ ଅପ୍ରତ୍ୟାଶିତ ଭାବେ ଚଢ଼ାଉ କରାଯାଇ ବିପୁଳ ପରିମାଣର ପୋଚ ଓ ରନ୍ଧା ମଦ ଜବତ କରାଯାଇଛି। ଏହି ଚଢ଼ାଉରେ ଜିଲ୍ଲା ଅବକାରୀ ଅଧିକ୍ଷକ ପ୍ରଶାନ୍ତ କୁମାର କହଁର ଙ୍କ ନେତୃତ୍ୱରେ ବେତନଟୀ ଅବକାରୀ ଇନିସପେକଟର ପ୍ରଦୀପ କୁମାର ବେହେରା, ଖୁଣ୍ଟା ଅବକାରୀ ଅଧିକାରୀ କୃଷ୍ଣ ଚନ୍ଦ୍ର ସେଠୀ ଙ୍କ ସମେତ ଅନ୍ୟ କମିଚାରୀ ମାନେ ସହଯୋଗ କରିଥିଲେ।ବଡସାହି ଥାନା ଅଧିନ ଅସ୍ତଝରଣ ଗ୍ରାମରୁ ୪୮୦୦ କିଗ୍ରା ପୋଚ ସମେତ ୪୨୦ ଲିଟର ରନ୍ଧା ମଦ ଜବତ କରା ଯାଇଛି। ସେହିଭଳି ଏହି ଥାନା ଅଧିନ କମଳାଶୋଳ ଗ୍ରାମରୁ ୩୯୦୦ କିଗ୍ରା ପୋଚ ସମେତ ୩୮୦ ଲିଟର ରନ୍ଧା ମଦ ଜବତ କରାଯାଇଛି। ବାରମ୍ବାର ଅବକାରୀ ବିଭାଗ ଦ୍ୱାରା ବେଆଇନ ଦେଶୀ ମଦ ପ୍ରସ୍ତୁତ ଅଞ୍ଚଳରୁ ବିପୁଳ ପରିମାଣର ରନ୍ଧା ମଦ ଓ ପୋଚ ନଷ୍ଟ କରାଯାଉଥିଲେ ମଧ୍ୟ ଲାଭ ଖୋର ମଦ ବେପାରୀ ମାନେ ଏଥିରୁ ନିବୃତ ହେଉନାହାନ୍ତି।

# ରୁଷ୍ଣା ରାସ୍ତା ଅବରୋଧ ମାମଲା: ଅଭିଯୁକ୍ତ ମାନେ ଫେରାର



**ବୈଶିଙ୍ଗା,୧୨।୫(ସଂଚାର ବ୍ୟୁରୋ):** ଓଡ଼ିଶାରେ ଡବଲ ଇଞ୍ଜିନ ସରକାର ସମୟରେ ସାରା ରାଜ୍ୟରେ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡିଥିବାର ଅଭିଯୋଗ ହେଉଛି। ଏହାର ନମୁନା ବିଭିନ୍ନ ଥାନା ଇଲାକାରେ ଦେଖିବାକୁ ମିଳୁଛି। ପୁରୁଣିଆ ପଞ୍ଚାୟତର ପଥରା ସାହି ଗ୍ରାମ୍ୟ ଜଙ୍ଗଲ ଜମିରେ ଲଗାଯାଇଥିବା ଇଉକାଲିପଟାସ ଏବଂ ଆକାଶିଆ ଗଛ କଟାକୁ ନେଇ ବିବାଦ ସୃଷ୍ଟି ହେବା ସହିତ ଗ୍ୟାଙ୍ଗୱାର ମାଧ୍ୟମରେ ହତ୍ୟା ଧମକ ପାଇଁ ଗତ କାଲି ବୈଶିଙ୍ଗା -ରୁଷ୍ଣା ରାସ୍ତାର ମହୁଲପାଟଣା ଠାରେ ଟାୟାର ଜାଳି ରାସ୍ତା ଅବରୋଧ କରାଯାଇଥିଲା। ଶାସକ ଦଳର ଦୁଇ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳର ତୀବ୍ର ରୂପ ଧାରଣ କରିଥିଲା। ଏସଡିପିଓ ମିନତୀ ବିଶ୍ୱାଳ ଘଟଣା ସ୍ଥଳରେ ପହଞ୍ଚି ଗ୍ରାମବାସୀ ମାନଙ୍କୁ ବୁଝା ଶୁଝା କରିବା ପରେ ରାତି ୯ ଘଟିକାରେ ରାସ୍ତା ଅବରୋଧ ହଟିଥିଲା। ମାତ୍ର ଘଟଣାର ୨୪ ଘଣ୍ଟା ବିତି ଯାଇଥିଲେ ମଧ୍ୟ ଉଭୟ ଗୋଷ୍ଠୀର ଅଭିଯୁକ୍ତ ମାନଙ୍କୁ ଗିରଫ କରାଯାଇ ପାରିନାହିଁ। ଏଥିପାଇଁ ଏସଡିପିଓ ଶ୍ରୀମତୀ ବିଶ୍ୱାଳ ଙ୍କୁ ଯୋଗାଯୋଗ କରିବା ପରେ ଆସାମୀ ମାନେ ଫେରାର ହୋଇଯାଇଥିବା ପ୍ରକାଶ କରିଥିଲେ। ତେବେ ପଥରା ସାହି ଗ୍ରାମବାସୀ ଙ୍କ କହିବାନୁଯାଇ ଘଟଣା ପୂର୍ବ ଦିନ ବୈଶିଙ୍ଗା ଥାନାରେ ଏତଲା ଦେଇଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ନ ନେବା ଯୋଗୁଁ ଏଭଳି ଏକ ସ୍ପର୍ଶକାତର ଘଟଣା ଘଟିବାକୁ ଯାଉଥିଲା ଓ ତେବେ ଉଭୟ ଗୋଷ୍ଠୀ ଆମ ଲୋକପ୍ରୀୟ ଙ୍କ ର ପାଖ ଲୋକ ହୋଇଥିବାରୁ ପୋଲିସ କଣ କରିବ ବା ନ କରିବ ସେଥିପାଇଁ ସନ୍ଦିହାନ ହୋଇ ପଡ଼ିଥିଲା। ଏହାର ତୁରନ୍ତ ସମାଧାନ ନ ହେଲେ ଆଗକୁ ରକ୍ତପାତ ଆଶଙ୍କାକୁ ଏଡାଇ ଦିଆଯାଇନପାରେ।

## ଆମପାଣିଠାରେ ଅବକାରୀ ପୁଲିସର ଚଢ଼ାଉ

# ୧୮ ଲିଟର ଦେଶୀ ହାତରନ୍ଧା ମଦ, ଜଣେ ଗିରଫ

**କୋକସରା,୧୨।୫(ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲା କୋକସରା ଅବକାରୀ ଥାନା ଓଆଇସି ଗୁପ୍ତେଶ୍ୱର ପୁଟେଲଙ୍କ ନେତୃତ୍ୱରେ ମଙ୍ଗଳବାର ଆମପାଣିଠାରେ ଚଢ଼ାଉ କରି ଜଣକୁ ଗିରଫ କରାଯାଇଛି। ଗିରଫ ବ୍ୟକ୍ତି ହେଲେ ଆମପାଣିର ରିକ୍ଷୀରାମ ମାଝୀ। ତାଙ୍କଠାରୁ ୧୮ ଲିଟର ଦେଶୀ ହାତରନ୍ଧା ମଦ ଜବତ କରାଯାଇଛି ଏବଂ ରିକ୍ଷିରାମକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଏହି ଚଢ଼ାଉ ସମୟରେ ଓଆଇସି ଗୁପ୍ତେଶ୍ୱର ପୁଟେଲଙ୍କ ସମେତ ଇନ୍ସପେକ୍ଟର ଅରୁଣ ଯୋଷୀ, ଓଆଇସି ସୁରେଶ ଭୋଇ, ଖୁସିଦେବ କଟା, ମହାଦେବ ମାଝୀ, ବଳଭଦ୍ର ପାତ୍ର, ଅରୁଣାକ୍ଷ ଧଙ୍ଗଡାମାଝୀ, କିର୍ତ୍ତୀ ଜେନା ପ୍ରମୁଖ କର୍ମଚାରୀ ସାମିଲ ଥିଲେ।

# ଜାତୀୟ ପ୍ରଯୁକ୍ତି ବିଜ୍ଞାନ ଦିବସ ପାଳିତ



**ନୀଳଗିରି,୧୧।୫,(ସଂଚାର ବ୍ୟୁରୋ):** ଭାରତ ସରକାର ଙ୍କର ମେରା ଯୁବ ଭାରତ ବାଲେଶ୍ୱର ଶାଖା ଓ ହଜାରି ମାମି ଫାଉଣ୍ଡେସନ ର ମିଳିତ ଆନୁକୁଲ୍ୟରେ ରେ ନୀଳଗିରି ମଛୁଆ ପଞ୍ଚାୟତ ସାନକାଳିଆପଦା ଖେଳ ପଡ଼ିଆରେ ଜାତୀୟ ପ୍ରଯୁକ୍ତି ବିଜ୍ଞାନ ଦିବସ ପାଳନ କରାଯାଇଛି।ଫାଉଣ୍ଡେସନର ସଭାପତି ହଜାରି ଲାଲ୍ ମହାନ୍ତି ଉପସ୍ଥିତ ଥାଇ ବିଜ୍ଞାନ ଦିବସ କୁ ଶୁଭାରମ୍ଭ କରିଥିଲେ। ଏଥିରେ ବିଭିନ୍ନ ଅଞ୍ଚଳରୁ ଆସିଥିବା ବହୁ କୁନି କୁନି ପ୍ରତିଯୋଗୀ ମାନେ ସାଧାରଣ ଜ୍ଞାନ ପ୍ରତିଯୋଗିତା ରେ ଅଂଶ ଗ୍ରହଣ କରିଥିଲେ। ଏଥିରେ କୃତି ପ୍ରତିଯୋଗୀ ମାନଙ୍କୁ ମୁଖ୍ୟ ଅତିଥି ରୂପେ ମଧୁସୂଦନ ନାୟକ ଏବଂ ଅନ୍ୟ ଅତିଥି ତଥା ବଂଶୀ ଧର ପଣ୍ଡା, ଅଭିରାମ ସିଂ, କମଳା କାନ୍ତ ସିଂ ପୁରସ୍କାର ବିତରଣ କରିଥିଲେ। ସଭା ଶେଷରେ ଉପସ୍ଥିତ ଥିବା ସମସ୍ତ ଙ୍କୁ ଖାଦ୍ୟ ପୁଡ଼ିଆ ବଣ୍ଟନ କରାଯାଇଥିଲା।

# ନାହିଁ ବିଶ୍ରାମାଗାର, ଖରାରେ ଛଟପଟ ହେଉଛନ୍ତି ଯାତ୍ରୀ



**କଲ୍ୟାଣସିଂହପୁର,୧୨।୫(ସଂଚାର ବ୍ୟୁରୋ):** ରାୟଗଡା ଜିଲା କଲ୍ୟାଣସିଂହପୁର ସହରରୁ ପ୍ରତ୍ୟେକ ଦିନ ବହୁ ସଂଖ୍ୟାରେ ଯାତ୍ରୀ ବସ୍, ଅଟୋ ରିକ୍ସାଠାରୁ ଆରମ୍ଭ କରି ବିଭିନ୍ନ ଭଡା ଗାଡିରେ ବିଭିନ୍ନ ସ୍ଥାନକୁ ଯିବା ପାଇଁ ରାସ୍ତା କଡରେ ଅପେକ୍ଷା କରୁଛନ୍ତି। କଲ୍ୟାଣସିଂହପୁର ସହରରେ କୌଣସି ସ୍ଥାନରେ ଯାତ୍ରୀ ବିଶ୍ରାମାଗାର ନ ଥିବାରୁ ଖରାରେ ଯାତ୍ରୀମାନେ ଛଟପଟ ହେଉଥିବା ଦେଖିବାକୁ ମିଳିଛି। କଲ୍ୟାଣସିଂହପୁର ସଦର ଗୁଣ୍ଡିଚା ମନ୍ଦିର ଛକ, ଜଗନ୍ନାଥ ମନ୍ଦିର ଛକ, ରାମ ମନ୍ଦିର ଛକ, ହନୁମାନ ମନ୍ଦିର ଛକ, ପୁରୁଣା ବସ୍‌ଷ୍ଟାଣ୍ଡ ଛକ, କାଳୀ ସୁନ୍ଦରୀ ମନ୍ଦିର ଛକ ଭଳି ଜନଗହଳି ପୂର୍ଣ୍ଣ ସ୍ଥାନରେ ଯାତ୍ରୀ ବିଶ୍ରାମଗାର ସୁବିଧା ନାହିଁ । ପୂର୍ବରୁ ପୁରୁଣା ବସ୍‌ଷ୍ଟାଣ୍ଡ ଛକରେ ଏକ ଯାତ୍ରୀ ବିଶ୍ରାମାଗାର ରହିଥିବାବେଳେ ରାସ୍ତା ପ୍ରଶସ୍ତିକରଣ ସମୟରେ ତାକୁ ମଧ୍ୟ ଭାଙ୍ଗି ଦିଆଯାଇଛି। ଫଳରେ ଯାତ୍ରୀମାନେ ନିଜ ଗନ୍ତବ୍ୟସ୍ଥଳକୁ ଯିବା ପାଇଁ ବସ୍, ଅଟୋକୁ ଡହଡହ ଖରାରେ ଅପେକ୍ଷା କରିବାକୁ ପଡୁଛି। ଏଭଳି ଜନଗହଳି ପୂର୍ଣ୍ଣ ଛକ ନିକଟରେ ବିଶ୍ରାମାଗାର ନ ଥିବାରୁ ଯାତ୍ରୀମାନେ ବର୍ଷା କିମ୍ବା ଖରା ହେଲେ ଲୋକଙ୍କ ଦୋକାନ ପିଣ୍ଡାରେ ଠିଆ ହେବାକୁ ବାଧ୍ୟ ହେଉଛନ୍ତି। ନ ହେଲେ ଓଦା ହେବାକୁ ପଡୁଛି। ତେଣୁ ବ୍ଲକ ପ୍ରଶାସନ ପକ୍ଷରୁ ପଦକ୍ଷେପ ନେବାକୁ ଅଞ୍ଚଳବାସୀ ଦାବି କରୁଛନ୍ତି। ଏ ସମ୍ପର୍କରେ କଲ୍ୟାଣସିଂହପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ମନୀଷା ଦାସଙ୍କୁ ପଚାରିବାରୁ ସହରର କେଉଁ କେଉଁ ଛକରେ ଯାତ୍ରୀ ବିଶ୍ରାମଗାର ଆବଶ୍ୟକତା ରହିଛି ସେ ଦିଗରେ ପ୍ରଥମେ ଅନୁଧ୍ୟାନ କରାଯିବ। ପରବର୍ତ୍ତୀ ସମୟରେ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି।

## ବିଭିନ୍ନ ସମସ୍ୟା ନେଇ ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ସାଂସଦ



**ବରଗଡ,୧୨।୫(ସଂଚାର ବ୍ୟୁରୋ):** ବରଗଡ଼ ଏମ୍‌ପି ପ୍ରଦୀପ ପୁରୋହିତ ସୋମବାର ଭୁବନେଶରସ୍ଥିତ ବାସଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସାକ୍ଷାତ କରିଥିଲେ। ସାକ୍ଷାତ ସମୟରେ ସେ ବରଗଡ଼ ସଂସଦୀୟ କ୍ଷେତ୍ରର ବହୁ ସମସ୍ୟା ଓ ପ୍ରସଙ୍ଗ ଉପରେ ଦୀର୍ଘ ସମୟ ଧରି ଆଲୋଚନା କରିଥିଲେ ବୋଲି ଏମ୍‌ପି ପୁରୋହିତ ସୂଚନା ଦେଇଛନ୍ତି। ବିଶେଷ ଭାବରେ ବରଗଡ଼ - ନୂଆଁପଡ଼ା ରେଲୱେ ଲାଇନ ପାଇଁ ଜମି ଅଧିଗ୍ରହଣ ଓ କାର୍ଯ୍ୟ ତ୍ୱରାନ୍ୱିତ କରିବା, ବରଗଡ଼ କ୍ୟାନ୍ସର ହସ୍ପିଟାଲ ତୁରନ୍ତ ସଚଳ କରିବା, ଝାରସୁଗୁଡ଼ା ଜିଲାରେ ପ୍ରତିଷ୍ଠିତ ସମସ୍ତ ଶିଳ୍ପାନୁଷ୍ଠାନରେ ସ୍ଥାନୀୟ ଯୁବତୀଯୁବକ ମାନଙ୍କୁ ଅଗ୍ରଧିକାର ଭିତ୍ତିରେ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା, ରାଜ୍ୟର ଅନ୍ୟାନ୍ୟ ସ୍ଥାନ ପରି ବରଗଡ଼ ଚିନି କାରଖାନାକୁ ପୁନଃ ଉଦ୍ଧାର କରିବା, ନୃସିଂହନାଥ - ହରିଶଙ୍କର ମଧ୍ୟରେ ରୋପ ୱେ ନିର୍ମାଣ କରିବା, ଧାନ ସଂଗ୍ରହ ନୀତି, କେନ୍ଦୁପତ୍ର ତୋଳାଳୀ ଓ କର୍ମଚାରୀଙ୍କ ସମସ୍ୟା ଆଦି ପ୍ରସଙ୍ଗରେ ଆଲୋଚନା ହୋଇଥିବା ସେ ସୂଚନା ଦେଇଛନ୍ତି। ସେହିପରି ଆଗାମୀ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ଉପରେ ମଧ୍ୟ ବରଗଡ଼ ଲୋକସଭା କ୍ଷେତ୍ରର ସ୍ଥିତି ଉପରେ ମୁଖ୍ୟମନ୍ତ୍ରୀ ସମୀକ୍ଷା ମଧ୍ୟ କରିଥିଲେ ବୋଲି ପୁରୋହିତ ଏକ ବିବୃତ୍ତିରେ ଜଣାଇଛନ୍ତି।

# ସେବାରେ ସମର୍ପଣ ମନୋଭାବ ରଖିବାକୁ ଆହ୍ୱାନ

**ବରଗଡ଼,୧୨।୫(ସଂଚାର ବ୍ୟୁରୋ):** ବରଗଡ଼ ମାହେଶ୍ୱରୀ ନର୍ସିଂ କଲେଜର ବାର୍ଷିକ ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇ ଯାଇଛି । ଆନ୍ତର୍ଜାତୀୟ ନର୍ସିଂ ଦିବସ ଅବସରରେ ସ୍ଥାନୀୟ ବିଜୁ ପଟ୍ଟନାୟକ ଟାଉନ ହଲ ପରିସରରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ନର୍ସିଂ ଛାତ୍ରୀଛାତ୍ରମାନଙ୍କ ଶପଥ ପାଠ ଉତ୍ସବ ମଧ୍ୟ ଅନୁଷ୍ଠିତ ହୋଇଥିଲା। ଉତ୍ସର୍ଗୀକୃତ ସେବାରେ ବ୍ରତୀ ହୋଇ କାର୍ଯ୍ୟ କରିବାକୁ କଲେଜର ଛାତ୍ରୀଛାତ୍ର ଶପଥ ନେଇଥିଲେ। ଉକ୍ତ ସମାରୋହରେ ସୋନପୁର ଜିଲାପାଳ ନୃପରାଜ ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ସେବାରେ ସବୁବେଳେ ସମର୍ପଣ ମନୋଭାବ ରଖିବାକୁ ସେ ଆହ୍ୱାନ କରିଥିଲେ । ବରଗଡ଼ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଲଲାଟ କୁମାର ଲୁହା ସମ୍ମାନିତ ଅତିଥି, ଆନ୍ତର୍ଜାତୀୟ ମାନ୍ୟତାପ୍ରାପ୍ତ ପ୍ରଶିକ୍ଷକ ତଥା ଲେଖକ ଜୟ ପ୍ରକାଶ ଶତପଥୀ ମୁଖ୍ୟବକ୍ତା ଏବଂ ଭାଜପା ଜିଲା ସଭାପତି ଡ଼ା. ଅରୂପାନନ୍ଦ ସାହୁ ସମ୍ମାନିତ ଅତିଥିଭାବେ ଯୋଗଦାନ କରିଥିଲେ। ବରଗଡ଼ ମାହେଶ୍ୱରୀ ନର୍ସିଂ କଲେଜର ନିର୍ଦ୍ଦେଶକ ତଥା ପ୍ରତିଷ୍ଠାତା ଫକୀର କର୍ଣ୍ଣ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିବା ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ସମ୍ପାଦିକା ସନ୍ତୋଷିନୀ କର୍ଣ୍ଣ ଉପସ୍ଥିତ ବିଦ୍ୟାର୍ଥୀଙ୍କୁ ସମ୍ବୋଧିତ କରିଥିଲେ । କଲେଜର ଅଧ୍ୟକ୍ଷା ଜାଗୃତି ଦିଶିରୀ ବାର୍ଷିକ ବିବରଣୀ ପାଠ କରିଥିଲେ। ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଅତିଥିମାନେ ଉତ୍ସବକୁ ଉଦଘାଟନ କରିଥିଲେ। କୃତୀ ପ୍ରତିଯୋଗୀଙ୍କୁ ମାନପତ୍ର ଓ ଟ୍ରଫି ଦେଇ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମରେ ବେଷ୍ଟ ଷ୍ଟୁଡେଣ୍ଟ ଅଫ ଦ ଇୟରଭାବେ ଦୀପକ ନାଗଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସେହିପରି ଏହି ଅନୁଷ୍ଠାନରୁ ନର୍ସିଂ ପାଠ୍ୟକ୍ରମ ସାରିଥିବା ସମସ୍ତ ଛାତ୍ରୀଛାତ୍ରମାନେ ଉତ୍ସର୍ଗୀକୃତ ସେବା ପାଇଁ ସଂକଳ୍ପ ନେବା ସହ ଶପଥ ପାଠ କରିଥିଲେ । ସେମାନଙ୍କୁ କଲେଜର ସମ୍ପାଦିକା ସନ୍ତୋଷିନୀ କର୍ଣ୍ଣ କେଣ୍ଡେଲ ପ୍ରଜ୍ୱଳନ କରାଇ ନର୍ସିଂ କେପ ଧାରଣ କରାଇଥିଲେ ।

# ୩୩% ମହିଳା ସଂରକ୍ଷଣ ଦାବିରେ ମଶାଲ ଶୋଭାଯାତ୍ରା




**ବାଲିପାଟଣା,୧୨।୫(ସଂଚାର ବ୍ୟୁରୋ):** ୩୩% ମହିଳା ସଂରକ୍ଷଣ ବିଲ ଦାବିରେ ଖୋର୍ଦ୍ଧା ଜିଲ୍ଲା ମହିଳା କଂଗ୍ରେସ ପକ୍ଷରୁ ଜିଲ୍ଲା ସଭାନେତ୍ରୀ ଅପସାନା ବେଗମଙ୍କ ନେତୃତ୍ୱରେ ଗତକାଲି ସନ୍ଧ୍ୟାରେ ବାଲିପାଟଣା ବ୍ଲକ କଂଗ୍ରେସ କାର୍ଯ୍ୟାଳୟ ଠାରୁ ବାଲିପାଟଣା ଛକ ପର୍ଯ୍ୟନ୍ତ ଏକ ମଶାଲ ଶୋଭାଯାତ୍ରା ବାହାର କରାଯାଇଥିଲା । ଏହି ମଶାଲ ଶୋଭାଯାତ୍ରାରେ ଓଡିଶା ପ୍ରଦେଶ ମହିଳା କଂଗ୍ରେସର ରାଜ୍ୟ ସଭାନେତ୍ରୀ ଶ୍ରୀମତୀ ମିନାକ୍ଷୀ ବାହିନୀପତି, ଉପ-ସଭାନେତ୍ରୀ ଶ୍ରୀମତୀ ଜୟଶ୍ରୀ ପଟ୍ଟନାୟକ, ମହିଳା କଂଗ୍ରେସ ସୋସିଆଲ ମିଡ଼ିଆ ଅଧ୍ୟକ୍ଷ ଶ୍ରୀୟାସ୍ମିତା ମହାନ୍ତି, ପୂର୍ବତନ ପିସିସି ସାଧାରଣ ସମ୍ପାଦକ ଶ୍ରୀ ପ୍ରକାଶ ମିଶ୍ର, ଖୋର୍ଦ୍ଧା ଜିଲ୍ଲା କଂଗ୍ରେସ କମିଟିର ଉପସଭାପତି ଶ୍ରୀ ବଟକୃଷ୍ଣ ରାଉତରାୟ, ଜିଲ୍ଲା କଂଗ୍ରେସ କମିଟିର ସାଧାରଣ ସମ୍ପାଦକ ଶ୍ରୀ ପୁଲିନ ମହାପାତ୍ର, ସନ୍ତୋଷ ଭୋଳ, ଜୟନ୍ତ ଭୋଇ, ନଳିନୀ ବେହେରା, ରତ୍ନମଞ୍ଜରୀ ସାହୁ, ଶୈଳେନ୍ଦୁ ଦାସ, ଜନ୍ମଜୟ ସ୍ୱାଇଁ, ଦିଲ୍ଲୀପ ସ୍ୱାଇଁ, ପବିର ସାମନ୍ତରାୟ, ବିଜୟ ମଲ୍ଲିକ, ପବିତ୍ର ବେହେରା, ରମାକାନ୍ତ ସାହାଣୀ, ଅଜୟ ମହାନ୍ତି, ବିଶ୍ୱନାଥ ବେହେରା, ସୁକାନ୍ତ ଭୋଇ, ଗୁଣନିଧି ବସ୍ତିଆ ଆଦି ଯୋଗଦେଇଥିଲେ । ଏହି ଶୋଭାଯାତ୍ରା ବାଲିପାଟଣା ବ୍ଲକ କଂଗ୍ରେସ କାର୍ଯ୍ୟାଳୟ ଠାରୁ ବାହାରି ବଜାର ପରିକ୍ରମା କରି ବାଲିପାଟଣା ଛକ ସ୍ଥିତ ଗୋପବନ୍ଧୁ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହିତ ଶୋଭାଯାତ୍ରା ସମାପ୍ତ କରିଥିଲେ ।

# ଇଚ୍ଛାମୃତ୍ୟୁ ପାଇଁ ଜିଲ୍ଲାପାଳଙ୍କୁ ଆବେଦନ କରିଥିବା ଚାଷୀଙ୍କୁ ଭେଟିଲା ବିଜେଡି ପ୍ରତିନିଧି ଦଳ

**ବରଗଡ଼,୧୨।୫(ସଂଚାର ବ୍ୟୁରୋ):** ବରଗଡ଼ ଜିଲା ଭେଡେନ ବ୍ଲକ ଅନ୍ତର୍ଗତ ତାଲମେଣ୍ଡା ଗ୍ରାମର ଚାଷୀ ରୋହିତ ଭୋଇ ଗତବର୍ଷ ଖରିଫରେ ଅମଳ ଧାନ ବିକ୍ରି କରି ନ ପାରି ଇଚ୍ଛାମୃତ୍ୟୁ ପାଇଁ ଆବେଦନ କରିବା ଘଟଣା ଆଲୋଡ଼ନ ଖେଳାଇ ଦେଇଛି। ଏହି ଘଟଣାର ଖବର ପାଇ ମଙ୍ଗଳବାର ବରଗଡ଼ ଜିଲା ବିଜେଡି ସଭାପତି ସୁଶାନ୍ତ ମହାପାତ୍ରଙ୍କ ନେତୃତ୍ୱରେ ଦଳର ଏକ ପ୍ରତିନିଧି ଦଳ ଚାଷୀ ରୋହିତ ଭୋଇଙ୍କ ତଲମେଣ୍ଡାସ୍ଥିତ ଘରକୁ ଯାଇ ଭେଟିଥିଲେ । ତାଙ୍କ ବୃଦ୍ଧା ମା' ଶଯ୍ୟାଶାୟୀ ଥିବାବେଳେ ତାଙ୍କ ପାଇଁ ଔଷଧ କିଣି ପାରୁ ନ ଥିବା ଏବଂ ବୃଦ୍ଧ ମା', ବାପା ଠିକ୍ ସମୟରେ ବାର୍ଦ୍ଧକ୍ୟ ଭତ୍ତା ପାଇ ପାରି ନ ଥିବା ନେଇ ରୋହିତ ବିଜେଡି ପ୍ରତିନିଧି ଦଳ ସମ୍ମୁଖରେ ଅଭିଯୋଗ କରିଥିଲେ । ସେହିପରି ସହିତ ଧାର କରଜ କରି ଚାଷ କରିଥିବା ବେଳେ ଧାନ ବିକ୍ରୟ କରି ନ ପାରିବାରୁ ନିଜକୁ ଅସହାୟ ମନେ କରି ଭାଙ୍ଗି ପଡିଥିବାରୁ ବିଜେଡି ପ୍ରତିନିଧି ଦଳ ରୋହିତଙ୍କୁ ସମବେଦନା ଜ୍ଞାପନ କରିବା ସହ ଧୈର୍ଯ୍ୟ ଧରିବା ପାଇଁ ବୁଝାଇଥିଲେ । ବିଜେଡି ଚାଷୀମାନଙ୍କ ଦୁଃଖସୁଖ ସହିତ ଜଡ଼ିତ ଅଛି ଏବଂ ଆଗକୁ ମଧ୍ୟ ରହିବ ବୋଲି ଉଲ୍ଲେଖ କରି ବିଜେଡି ଏ ବିଷୟରେ ଜିଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରି ଚାଷୀଙ୍କୁସନ୍ୟାୟ ପ୍ରଦାନ ପାଇଁ ଲଢେଇ କରିବ ବୋଲି ବିଜେଡି ପ୍ରତିନିଧି ଦଳ ଆଶ୍ୱାସନା ଦେଇଥିଲେ। ଏହି ପ୍ରତିନିଧି ଦଳରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ବିଧାୟକ ତଥା ରାଜ୍ୟ ବିଜେଡି ବରିଷ୍ଠ ସାଧାରଣ ସମ୍ପାଦକ ଦେବେଶ ଆଚାର୍ଯ୍ୟ, ବିଜେଡି ରାଜ୍ୟ ପରିଷଦ ସଦସ୍ୟ ଗୌର ହରି ମିଶ୍ର, ଭେଡେନ ବ୍ଲକ ବିଜେଡି ସଭାପତି ହରିଶଙ୍କର ବେହେରା, ସ୍ଥାନୀୟ ଜିଲା ପରିଷଦ ସଦସ୍ୟା ପଦ୍ମିନୀ ଗଡତିଆ, ପୂର୍ବତନ ସରପଞ୍ଚ ବିଜୟ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ।